

"ଭୋଟ ଦେଲି, ତମେ ବି ଦିଅ"
ବଲ୍‌ବୀର୍ କୌର (୧୧୭)
ସିର୍‌ସା, ହରିୟାଣା


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-294 ♦BHUBANESWAR ♦SATURDAY ♦20 APRIL 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୯୪ ♦ଭୁବନେଶ୍ୱର ♦ଶନିବାର ♦୨୦ ଏପ୍ରିଲ୍ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


# ପ୍ରଥମ ପର୍ଯ୍ୟାୟ | ୧୦୨ ଆସନରେ ୬୭% ଭୋଟ୍

## ମଣିପୁରରେ ଉଗ୍ରବାଦୀଙ୍କ ଗୁଳିଚାଳନା ■ ଛତିଶଗଡ଼ରେ ଗ୍ରେନେଡ୍ ମାଡ଼, ଯବାନ ସହିଦ

■ **ନୂଆଦିଲ୍ଲୀ, ୧୯।୪ (ଏଜେନ୍ସି):** ଦେଶରେ ଗଣତନ୍ତ୍ର ମହାପର୍ବର ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ମତଦାନ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୭ଟି ରାଜ୍ୟ ଓ ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୧୦୨ ଲୋକସଭା ଆସନ ପାଇଁ ମତଦାନ ହୋଇଛି। ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏଁ ମୋଟ ୬୬.୯୨ ପ୍ରତିଶତ ଭୋଟର୍ ସେମାନଙ୍କର ମତଦାନ ଅଧିକାର ସାବ୍ୟସ୍ତ କରିଥିବା ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ, ତ୍ରିପୁରାରେ ସର୍ବାଧିକ ୮୦ ପ୍ରତିଶତ ଏବଂ ବିହାରରେ ସର୍ବନିମ୍ନ ୪୮ ପ୍ରତିଶତ ଭୋଟିଂ ହୋଇଛି। ଆସନ ହିସାବରେ ଏହା ସବୁଠାରୁ ବଡ଼ ପର୍ଯ୍ୟାୟ ଥିଲା। ଏହି ପର୍ଯ୍ୟାୟରେ ସିକ୍କିମ ବିଧାନସଭାର ୩୨ ଆସନ ଓ ଅରୁଣାଚଳ ପ୍ରଦେଶ ବିଧାନସଭାର ୫୦ଟି ଆସନ ନିମନ୍ତେ ମଧ୍ୟ ମତଦାନ ହୋଇଛି। ଅରୁଣାଚଳରେ ୬୪ ପ୍ରତିଶତ ଏବଂ ସିକ୍କିମରେ ୬୮ ପ୍ରତିଶତ ଲୋକ ନୂଆ ସରକାର ବାଛିବା ପାଇଁ ଭୋଟ ଦେଇଛନ୍ତି। ତେବେ ନିର୍ବାଚନ ସମୟରେ ବିଭିନ୍ନ ସ୍ଥାନରେ ହିଂସା, ବୁଥ୍ ଦଖଲ, ଇଭିଏମ୍ ଅଚଳ ଭଳି ଅଭିଯୋଗ ହୋଇଛି। କେତେକ ସ୍ଥାନରେ ଗୁଳିଚାଳନା, ପଥର ଫିଙ୍ଗା, ମାରପିଟ୍ ମଧ୍ୟ ହୋଇଛି। ପଶ୍ଚିମବଙ୍ଗ ଏବଂ ମଣିପୁରରେ ହିଂସା ହୋଇଛି। ଛତିଶଗଡ଼ ବିଜାପୁରର ଅଲଗା ଅଲଗା ସ୍ଥାନରେ ଗ୍ରେନେଡ୍ ଆକ୍ରମଣ ହୋଇଛି। ଏଥିରେ ସିଆରପିଏଫ କନଷ୍ଟେବଲ ଦେବେନ୍ଦ୍ର କୁମାର (୩୨) ସହିଦ ହୋଇଥିବା ବେଳେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମନୁ ଏଚ୍‌ସି ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ ମତଦାନ କେନ୍ଦ୍ରର ୫୦୦ ମିଟର ଦୂରରେ ଥିବା ୟୁବିଜିଏଲ ସେଲ୍‌ରେ ପ୍ରଥମ ବିସ୍ଫୋରଣ ହୋଇଥିଲା। ଏଥିରେ ଦେବେନ୍ଦ୍ର କୁମାର ଆହତ ହୋଇଥିଲେ। ତାଙ୍କୁ ଏୟାର ଆମ୍ବୁଲାନ୍ସ ଯୋଗେ ▶ପୃଷ୍ଠା-୯


**ତ୍ରିପୁରାରେ ସର୍ବାଧିକ ୮୦%**
**ବିହାରରେ ସର୍ବନିମ୍ନ ୪୮%**

# ଅସହ୍ୟ, ଅସମ୍ଭାଳ

## ୪୪.୩ ଡିଗ୍ରୀ ସହ ବୌଦ୍ଧ ଦେଶର ସବୁଠୁ ଉତ୍ତପ୍ତ ସହର

■ **ଭୁବନେଶ୍ୱର, ୧୯।୪ (ସମିସ):** ପ୍ରଚଣ୍ଡ ତାତି। ଜନଜୀବନ ଅସହ୍ୟ। ସାରା ଓଡ଼ିଶା ଝାଞ୍ଜି, ଗରମ, ଗୁଳୁଗୁଳିରେ କଲବଲ। ଦିନ ତ ଦିନ, ରାତିରେ ବି ପ୍ରଚଣ୍ଡ ଗରମରେ ଲୋକଙ୍କ ଜୀବନ ଦୁର୍ବିସହ ହୋଇଛି। ଶୁକ୍ରବାର ସ୍ଥିତି ଅସମ୍ଭାଳ ହୋଇଥିବା ବେଳେ ଏ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ତାପମାତ୍ରା ୪୪ ଡିଗ୍ରୀ ଅତିକ୍ରମ କରିଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁସାରେ ଶୁକ୍ରବାର ୪୪.୩ ଡିଗ୍ରୀ ସହ ବୌଦ୍ଧ ଦେଶର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ସେହିପରି ବାରିପଦାରେ ମଧ୍ୟ ତାପମାତ୍ରା ୪୪ ଡିଗ୍ରୀ ଡେଇଁ ଦିନର ସର୍ବୋଚ୍ଚ ତାପମାତ୍ରା ୪୪.୨ ଡିଗ୍ରୀ ରେକର୍ଡ କରିଛି। ଆଜି ରାଜ୍ୟରେ ୩୨ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ସେଥିରୁ ୧୦ଟି ସହରର ତାପମାତ୍ରା ୪୩ ଡିଗ୍ରୀ ଟପିଛି। ଏଭଳି ସ୍ଥିତି ଆହୁରି ଆଉ ୨୪ ଘଣ୍ଟା ଲାଗି ରହିବ ଓ ରବିବାର କିଛି ମାତ୍ରାରେ ତାତି ହ୍ରାସ ପାଇବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। କାଳବୈଶାଖୀ ପ୍ରଭାବରେ ୨-୩ ଦିନ କିଛି ମାତ୍ରାରେ ଆଶ୍ୱସ୍ତି ମିଳିବ, ମାତ୍ର ଏପ୍ରିଲ୍ ୨୫ ପରେ ତାପମାତ୍ରା ପୁଣି ବୃଦ୍ଧି ପାଇ ମାସ ଶେଷ ବେଳକୁ ୪୬ ଡିଗ୍ରୀ ଅତିକ୍ରମ କରିବ ବୋଲି ସୂଚନା ମିଳିଛି।

ପାଣିପାଗ ବିଭାଗର ସୂଚନା ଅନୁସାରେ ରାଜ୍ୟରେ ଏଭଳି ସ୍ଥିତି ଆହୁରି ୨ ଦିନ ପର୍ଯ୍ୟନ୍ତ ଜାରି ରହିବ। ଶନିବାର ରାଜ୍ୟର ବିଭିନ୍ନ ଜିଲ୍ଲାରେ ଭୀଷଣ ଗ୍ରୀଷ୍ମ ଲହରୀ ଅନୁଭୂତ ହେବ। ଏହାକୁ ଦୃଷ୍ଟିରେ ▶ପୃଷ୍ଠା-୯



**୪୩ ଡିଗ୍ରୀ ଉପରେ ରାଜ୍ୟର ୧୦ ସହର**
**୩୨ ସହରର ତାପମାତ୍ରା ୪୦ ଉପରେ**
**୨ ଦିନ ବିରତି ପରେ ୨୫ରୁ ପୁଣି ତାତି**
**ମାସ ଶେଷ ସୁଦ୍ଧା ୪୬ ଡେଇଁବ ପାରଦ**

## ଜୀବନ ନେଲା ଅଂଶୁଘାତ

■ **ଭୁବନେଶ୍ୱର, ୧୯।୪ (ସମିସ):** ପ୍ରଚଣ୍ଡ ରୌଦ୍ରତାପ ଓ ଅଂଶୁଘାତ ନେଇଛି ଭୋଗରାଇ ଅଞ୍ଚଳର ଲକ୍ଷ୍ମୀକାନ୍ତ ସାହୁ (୬୨)ଙ୍କ ଜୀବନ। ଗତ ୧୫ ତାରିଖରେ ଅଂଶୁଘାତରେ ଆକ୍ରାନ୍ତ ହୋଇ ତାଙ୍କର ପରଲୋକ ଘଟିଛି। ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ସମ୍ପର୍କରେ ସୂଚନା ମିଳିଛି। ସେହିପରି ବିଭିନ୍ନ ଜିଲ୍ଲାରେ ୭୧ଜଣ ଅଂଶୁଘାତରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି ଏବଂ ଏମାନଙ୍କ ମଧ୍ୟରୁ ସର୍ବାଧିକ ୩୫ ଜଣ ସୁନ୍ଦରଗଡ଼ ଜିଲ୍ଲାର ବୋଲି ଜଣାପଡ଼ିଛି। ଏପ୍ରିଲ ପ୍ରଥମ ସପ୍ତାହରେ ଅଂଶୁଘାତରେ ବଲାଙ୍ଗିରର ଜିଲ୍ଲାର ତ୍ରିନାଥ ବକୁଳ ଓ ଗଞ୍ଜାମର ସୁରେନ୍ଦ୍ର ଗୌଡ଼ଙ୍କର ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ମାତ୍ର ଉଭୟଙ୍କର ଶବ ▶ପୃଷ୍ଠା-୯

**ବିଭିନ୍ନ ଡାକ୍ତରଖାନାରେ ୭୧ ଜଣ ଚିକିତ୍ସାଧୀନ**
**ସୁନ୍ଦରଗଡ଼ରେ ସର୍ବାଧିକ ୩୫ ଅଂଶୁଘାତର ଶିକାର**

# ମହାନଦୀରେ ଡଙ୍ଗାବୁଡ଼ି ଜଣେ ମୃତ, ୬ ନିଖୋଜ

## ନାଉରିଆ ଓ ଡଙ୍ଗା ମାଲିକ ଗିରଫ



■ **ଅମ୍ବାଭୋନା/ଝାରସୁଗୁଡ଼ା, ୧୯।୪ (ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅନ୍ତର୍ଗତ ରେମତା ପଞ୍ଚାୟତର ଶରଧା ନଦୀଘାଟ ନିକଟରେ ଡଙ୍ଗା ଓଲଟି ଜଣେ ପ୍ରାଣ ହରାଇଥିବା ବେଳେ ୭ଜଣ ନିଖୋଜ ହୋଇଛନ୍ତି। ଛତିଶଗଡ଼ରୁ ଏକ ପରିବାର ଓ ତାଙ୍କର ସମ୍ପର୍କୀୟମାନଙ୍କ ସହ ଅମ୍ବାଭୋନା ବ୍ଲକ ବାଞ୍ଜିପାଲିସ୍ଥିତ ପଥରସେନୀ ଦେବୀଙ୍କଠାରେ ପୂଜାର୍ଚ୍ଚନା କରି ଫେରୁଥିବା ସମୟରେ ଏହି ଅଘଟଣ ଘଟିଥିଲା। ମହାନଦୀ ମଝିରେ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡ଼ିଯାଇଥିଲା। ସୂଚନା ଅନୁସାରେ, ଛତିଶଗଡ଼ର ଖରସିଆ ଓ କତରଲିଆ ଅଞ୍ଚଳରୁ ଶୁକ୍ରବାର ସକାଳ ୧୧ଟାରେ ଗୋଟିଏ ପରିବାର ଓ ତାଙ୍କ ସମ୍ପର୍କୀୟ ଆସି ଲଖନପୁରର ଶରଧା ଘାଟରେ ପହଞ୍ଚିଥିଲେ। ▶ପୃଷ୍ଠା-୯

## ଶୋକବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୧୯।୪ (ସମିସ):** ମହାନଦୀରେ ନୌକା ଦୁର୍ଘଟଣା ଘଟଣାରେ ଗଭୀର ଶୋକ ପ୍ରକାଶ ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କ ନିକଟତମ ଆତ୍ମୀୟଙ୍କ ନିମନ୍ତେ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଅନୁରୂପ ଭାବରେ ଉଦ୍ଧାର କରାଯାଇଥିବା ସମସ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା ପାଇଁ ମଧ୍ୟ ▶ପୃଷ୍ଠା-୯

**୪ ଲକ୍ଷ ଲେଖାଏଁ ଅନୁକମ୍ପା ସହାୟତା ଘୋଷଣା**






## ଲୋକକଥା



ବିକାଶ ନାଆରେ ଭୋଟ ବୈତରଣୀ
ପାରି ହେବେ ଶଙ୍ଖ ବଜେଇ,
ହାତ-ଫୁଲ ଏଠି ଛଟ୍‌ପଟ୍ ହୁଅନ୍ତି
ଉଛୁଳା ନଈକୁ ଅନେଇ !
ସ୍ଥିତି ଦେଖି ହୋସ୍ ଉଡ଼ଇ,
'ଗ୍ୟାରେଣ୍ଟି' କଥାକୁ ମୁହଁ ମୋଡ଼ି ଏଠି
ଭୋଟର ଦିଅନ୍ତି ଆଡ଼େଇ !!

# ଘରେ ପଶି ଯୁବକଙ୍କୁ ଗଳା କାଟି ହତ୍ୟା

■ **ଯାଜପୁର ଟାଉନ, ୧୯।୪(ସମିସ):** ଯାଜପୁର ଟାଉନ ଥାନା ଅନ୍ତର୍ଗତ ସାନବଜାର ଅଞ୍ଚଳରେ ଆଜି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦିନ ଦ୍ୱିପ୍ରହରରେ ଘରେ ପଶି ଜଣେ ଯୁବକଙ୍କୁ ଗଳା କାଟି ହତ୍ୟା କରାଯାଇଛି। ମୃତକ ହେଲେ, ସାନବଜାର ଅଞ୍ଚଳର ଜୟଦେବ ମହାଳିକ(୨୮)। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷେ ହତ୍ୟା ପରେ ଅଭିଯୁକ୍ତ ମାନସ ରଞ୍ଜନ ପଣ୍ଡା ଥାନାରେ ଆତ୍ମସମର୍ପଣ କରିଛି।

ସୂଚନା ମୁତାବକ, ଜୟଦେବ ଆଜି ଘରେ ଶୋଇଥିବା ବେଳେ ବଡ଼ବଜାର ଜଗନ୍ନାଥ ମନ୍ଦିର ନିକଟସ୍ଥ ମାନସ ତାଙ୍କ ଘରେ ପଶି ଜୟଦେବଙ୍କ ବେକ କାଟି ଦେଇଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଦୀର୍ଘ ଦିନ ଧରି ଉଭୟଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ମାନସ ଗତ କିଛି ମାସ ତଳେ ଜୟଦେବଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ଅଭିଯୋଗକୁ ଭିତ୍ତି କରି ଯାଜପୁର ଥାନା ପୁଲିସ ଏକ ମାମଲା ରୁଜୁ କରି ଜୟଦେବକୁ କୋର୍ଟଚାଲାଣ କରିଥିଲା। କିଛି ଦିନ ତଳେ ଜୟଦେବ ଜାମିନରେ ଆସିଥିଲେ। ଜୟଦେବଙ୍କ ନାମରେ ଯାଜପୁର ଥାନାରେ ପୂର୍ବରୁ ମଧ୍ୟ ମାମଲା ରହିଛି। ▶ପୃଷ୍ଠା-୯

**ଅଭିଯୁକ୍ତର ଥାନାରେ ଆତ୍ମସମର୍ପଣ**
**ପୂର୍ବ ଶତ୍ରୁତାରୁ ହତ୍ୟା ଅଭିଯୋଗ**

# 'ବିଦ୍ରୋହ ଭଉଁରି'ରେ ରାଜ୍ୟ ବିଜେପି

■ **ଭୁବନେଶ୍ୱର, ୧୯।୪ (ସମିସ):** ନିର୍ବାଚନ ଭରା ନଈରେ ବିଦ୍ରୋହର ଭଉଁରି ରାଜ୍ୟ ବିଜେପିକୁ ଆକ୍ରାମାକ୍ରା କରିଛି। ପ୍ରାର୍ଥୀ ଘୋଷଣା ପରେ ସବୁ ନିର୍ବାଚନମଣ୍ଡଳୀରେ କର୍ମୀ ଓ ନେତାଙ୍କ ଅସନ୍ତୋଷ ଉଗ୍ର ରୂପ ରାଜ୍ୟ ନେତୃତ୍ୱଙ୍କ ଶିରପୀଡ଼ା ବଢ଼ାଇ ଦେଇଛି। ବିଜେପିର ଲଙ୍କାଗଡ଼ରେ ନିଆଁ ଲଗାଇବାକୁ ବିରୋଧୀଙ୍କ ଲୋଡ଼ାନାହିଁ; ନିଜ ଦଳର କର୍ମୀ-କର୍ମକର୍ତ୍ତା କିରାସିନି ଆଉ ଦିଆସିଲି ଧରି ପ୍ରସ୍ତୁତ ହୋଇ ରହିଛନ୍ତି। ଏବେ ରାଜ୍ୟରେ ବିଜେପି କାହା ସହ ଲଢ଼ିବ ଓ କାହାକୁ ନେଇ ଲଢ଼ିବ ତାହାର କୂଳ କିନାରା ପାଉନାହିଁ। ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥୀ ନାମାଙ୍କନ ଭରିବା ଆରମ୍ଭ କରି ସାରିଲେଣି। ହେଲେ ବିଜେପି ଏଯାଏଁ ପ୍ରସ୍ତୁତି ଆରମ୍ଭ କରି ପାରିଲା ଭଳି ମନେ ହେଉନି। ପ୍ରତିଦିନ ବିଦ୍ରୋହୀ ମେଳି ହୋଇ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ହଙ୍ଗାମା କରୁଛନ୍ତି। ଶୁକ୍ରବାର ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡିର ଦଳୀୟ କର୍ମୀ ଓ ନେତା ରାଜ୍ୟ ସଭାପତିଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣି ରାଜ୍ୟ କାର୍ଯ୍ୟାଳୟରେ ହୋ-ହଲ୍ଲା କରୁଛନ୍ତି। ଅନ୍ୟ ଦଳର ତଡ଼ାଖିଆ ଜନବିରୋଧୀ ନେତାଙ୍କୁ ଦଳ ପ୍ରାର୍ଥୀ କରିଥିବାରୁ କ୍ଷୋଭ ପ୍ରକାଶ କରି ଭଙ୍ଗାରୁଜା କରିବାକୁ ମଧ୍ୟ ବିଜେପି କର୍ମୀ ପଛାଇ ନାହାନ୍ତି। ଦକ୍ଷତା ଅପେକ୍ଷା ଟଙ୍କା ଦେଲେ ଟିକଟ ମିଳୁଛି ବୋଲି ଅଭିଯୋଗ କରି ▶ପୃଷ୍ଠା-୯





**ବାଙ୍ଗିରିପୋଷି ବିଜେପିରେ ଲାଗିଲା ବିଦ୍ରୋହ ନିଆଁ**
**ପ୍ରାର୍ଥୀ ଘୋଷଣା ପରେ ପଟ୍ଟାମୁଣ୍ଡାଇ ସଂଗଠନ ୨ ଫାଳ**
**ଗୁମର ଖୋଲିଲେ ସାନଖେମୁଣ୍ଡି ଟିକଟ ଆଶାୟୀ**
**ମନମୋହନଙ୍କ ସହଯୋଗୀ ମାଗିଥିଲେ ୫୦ ଲକ୍ଷ**

### ଖମେନେଇଙ୍କ ଜନ୍ମଦିନରେ ଇରାନକୁ ଚେତାବନୀ ଦେଲା ଇସ୍ରାଏଲ

# ପରମାଣୁ ଠିକଣା ଥିବା ସହରରେ ଆକ୍ରମଣ

ତେହରାନ, ୧୯।୪ (ଏଜେନ୍ସି)

ଇରାନ ଆକ୍ରମଣର ୬ ଦିନ ପରେ ଇସ୍ରାଏଲ ପ୍ରତି ଜବାବ ଦେଇଛି। ସର୍ବୋଚ୍ଚ ଶାସକ ଅୟତୁଲ୍ଲା ଖମେନେଇଙ୍କ ୮୫ ତମ ଜନ୍ମଦିନରେ ଶୁକ୍ରବାର ସକାଳ ୬ଟାରେ ଇରାନରେ ଆକ୍ରମଣ କରିଛି। ଏହି ଆକ୍ରମଣରେ ପରମାଣୁ ଠିକଣା ଥିବା ସହର ଇସ୍ଫହାନକୁ ନିଶାଣ କରାଯାଇଛି। ଇରାନର ଏୟାରବେସ୍‌ରେ ମଧ୍ୟ ଆକ୍ରମଣ କରାଯାଇଛି। ମାତ୍ର ଏଥିରେ କୌଣସି କ୍ଷୟକ୍ଷତି ହୋଇନାହିଁ। ୩ଟି ଡ୍ରୋନକୁ ଇରାନ ଖସାଇ ଦେଇଥିବା ଦାବି କରିଛି। ଏହାର ସୂଚନା ମିଳିବା ପରେ ସହରରେ ଥିବା ବିମାନବନ୍ଦରକୁ କିଛି ଘଣ୍ଟା ପାଇଁ ବନ୍ଦ କରିଦିଆଯାଇଥିଲା। ପରେ ଏହାକୁ ଖୋଲା ଯାଇଥିଲା। ଏହା ବ୍ୟତୀତ ଇରାକ ଏବଂ ସିରିଆରେ ମଧ୍ୟ ଇସ୍ରାଏଲ ଏୟାରଷ୍ଟ୍ରାଇକ କରିଛି। ରିପୋର୍ଟ ଅନୁଯାୟୀ ଏହି ଆକ୍ରମଣ ମାଧ୍ୟମରେ ଇରାନକୁ ଚେତାବନୀ ଦେଇଛି।



ଦେଶ ଆକ୍ରମଣ କରିବାକୁ ସକ୍ଷମ ବୋଲି ଦର୍ଶାଇ ଦେଇଛି। ଇରାନ ଗଣମାଧ୍ୟମ ଅନୁଯାୟୀ ସକାଳେ ଆକ୍ରମଣର ଜୋରଦାର ଶବ୍ଦ ଶୁଭିଥିଲା। ତେବେ ଇସ୍ରାଏଲ ଏ ପର୍ଯ୍ୟନ୍ତ ଏ ବିଷୟରେ କୌଣସି ସୂଚନା ଦେଇନାହିଁ। ଦେଶର ପ୍ରତିରକ୍ଷା ମନ୍ତ୍ରାଳୟ ଏହା ଉପରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଛି। ଏହା ପୂର୍ବରୁ ଗତ ୧୩ ତାରିଖରେ ଇରାନ ଇସ୍ରାଏଲ ଉପରେ ୩୦୦ରୁ ଅଧିକ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ କରିଥିଲେ। ମାତ୍ର ଇସ୍ରାଏଲର ପ୍ରତିରକ୍ଷା ସିଷ୍ଟମ ସବୁ ଆକ୍ରମଣକୁ ପ୍ରତିହତ କରିଦେଇଥିଲା। ଏଥିରେ ବ୍ରିଟେନ, ଫ୍ରାନ୍ସ, ଆମେରିକା ମଧ୍ୟ ସହାୟତା କରିଥିଲେ। ଏହା ପରଠାରୁ ଇସ୍ରାଏଲ ଇରାନ ଉପରେ ଜବାବୀ କାର୍ଯ୍ୟାନୁଷ୍ଠାନ ନେବାକୁ ଚାହୁଁଥିଲା। ଏଥିପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ୫ ଥର ୱାର କ୍ୟାବିନେଟ ବୈଠକ ଡାକିଥିଲେ। ଏଥିରେ ଜବାବୀ କାର୍ଯ୍ୟାନୁଷ୍ଠାନକୁ ଅନୁମୋଦନ ମିଳିଥିଲା।

ସୂଚନା ଅନୁଯାୟୀ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିବା ପୂର୍ବରୁ ଆମେରିକାକୁ ସୂଚନା ଦେଇଥିଲା। ପରେ ଇସ୍ଫହାନ ସହରରେ ଥିବା ଅନେକ ପରମାଣୁ କେନ୍ଦ୍ରକୁ ନିଶାଣ କରିଥିଲା। ଆକ୍ରମଣ ଯୋଗୁଁ ଅନେକ ବିମାନ ଇରାନ ଆକାଶମାର୍ଗରୁ ଫେରି ଆସିଥିଲେ। ଏହା ମଧ୍ୟରେ ୟୁଏଇର ଏକ ବିମାନ ଥିଲା। କିଛି ରିପୋର୍ଟରେ ଇସ୍ରାଏଲ କ୍ଷେପଣାସ୍ତ୍ର ମାଡ଼ କରିଥିବା ମଧ୍ୟ କୁହାଯାଉଛି। ଅନ୍ୟପକ୍ଷରେ ଉତ୍ତେଜନା ବୃଦ୍ଧିକୁ ଦେଖି ଏୟାର ଇଣ୍ଡିଆ ତେଲ ଆଭିଭକୁ ବିମାନ ଉଡ଼ାଣ ବନ୍ଦ କରିଦେଇଛି। ଇସ୍ରାଏଲ ଏବଂ ଇରାନ ଛାଡ଼ିବା ପାଇଁ ଅଷ୍ଟ୍ରେଲିଆ ନିଜ ନାଗରିକଙ୍କୁ କହିଛି।

# ଭାଇସ୍ ଆଡମିରାଲ୍ ଦୀନେଶ ତ୍ରିପାଠୀ ନୌସେନା ମୁଖ୍ୟ ନିଯୁକ୍ତ

ନୂଆଦିଲ୍ଲୀ, ୧୯।୪ (ଏଜେନ୍ସି)

- ଆଇପିଏସ୍ ନଳିନୀ ପ୍ରଭାତ ଏନ୍‌ଏସ୍‌ଜି ମୁଖ୍ୟ
- ଓଡ଼ିଶା କ୍ୟାଡର ଆଇପିଏସ ଅଧିକାରୀ ସପ୍ନା ତିୱାରୀ ଆଇବିର ସ୍ୱତନ୍ତ୍ର ନିର୍ଦ୍ଦେଶକ

ଭାଇସ ଆଡମିରାଲ ଦିନେଶ କୁମାର ତ୍ରିପାଠୀ (ପିଭିଏସଏମ, ଏଭିଏସଏମ, ଏନଏମ)ଙ୍କୁ ଭାରତୀୟ ନୌସେନା ମୁଖ୍ୟ ନିଯୁକ୍ତ କରାଯାଇଛି। ଗୁରୁବାର ବିଳମ୍ବିତ ରାତିରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେ ୩୦ ତାରିଖରେ ଦାୟିତ୍ୱ ଗ୍ରହଣ କରିବେ। ବର୍ତ୍ତମାନର ନୌସେନା ମୁଖ୍ୟ ଆଡମିରାଲ ଆର ହରିକୁମାରଙ୍କ ସ୍ଥାନ ନେବେ। ସେ ୩୦ ତାରିଖରେ ଅବସରଗ୍ରହଣ କରିବେ। ବର୍ତ୍ତମାନ ଭାଇସ୍ ଆଡମିରାଲ ତ୍ରିପାଠୀ ନୌସେନା ଉପମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ସେ ଏହା ପୂର୍ବରୁ ପଶ୍ଚିମ ନୌସେନା କମାଣ୍ଡର ଫ୍ଲାଗ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଥିଲେ। ୧୯୬୪ ମେ' ୧୫ରେ ଜନ୍ମଗ୍ରହଣ କରିଥିବା ଦିନେଶ କୁମାର ୧୯୮୫ ଜୁଲାଇ ୧ରେ ଭାରତୀୟ ନୌସେନାର କାର୍ଯ୍ୟନିର୍ବାହୀ ଶାଖାରେ ଯୋଗ ଦେଇଥିଲେ। ୩୯ ବର୍ଷର କ୍ୟାରିୟର ମଧ୍ୟରେ ସେ ନୌସେନାର ପ୍ରମୁଖ ପଦପଦବୀରେ କାର୍ଯ୍ୟ କରିଛନ୍ତି। ଅନ୍ୟପକ୍ଷରେ ୧୯୯୨ ବ୍ୟାଚର ଆନ୍ଧ୍ରପ୍ରଦେଶ କ୍ୟାଡର ଆଇପିଏସ ଅଧିକାରୀ ନ୍ୟାସନାଲ ସିକ୍ୟୁରିଟି ଗାର୍ଡ (ଏନ୍‌ଏସ୍‌ଜି) ମୁଖ୍ୟ ନିଯୁକ୍ତ ହୋଇଛନ୍ତି। ଏବେ ସେ ସିଆରପିଏଫ୍‌ର ଏଡିଜି ଭାବେ କାର୍ଯ୍ୟ କରୁଛନ୍ତି। ସେ ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କିମ୍ବା ୨୦୨୮ ଅଗଷ୍ଟ ୩୧ ଯାଏଁ ଏହି ପଦବୀରେ ରହିବେ। ସେହିପରି ଓଡ଼ିଶା କ୍ୟାଡରର





ଆଇପିଏସ ଅଧିକାରୀ ସପ୍ନା ତିୱାରୀଙ୍କୁ କେନ୍ଦ୍ର ଗୁଇନ୍ଦା ବିଭାଗ (ଆଇବି)ର ସ୍ୱତନ୍ତ୍ର ନିର୍ଦ୍ଦେଶକ ନିଯୁକ୍ତ କରିଛନ୍ତି। ଏବେ ସେ ଆଇବିର ସ୍ୱତନ୍ତ୍ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ସେ ୨୦୨୬ ଏପ୍ରିଲ ୩୦ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ।

# ଋଣ ପାଇଁ ମାମୁଙ୍କ ମୃତଦେହ ଧରି ବ୍ୟାଙ୍କ ପହଞ୍ଚିଲେ ମହିଳା



ରିଓ ଡି ଜେନେରିୟୋ, ୧୯।୪ (ଏଜେନ୍ସି)

ବ୍ରାଜିଲ ରାଜଧାନୀ ରିଓ ଡି ଜେନେରିଓରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍ନାକୁ ଆସିଛି। ଏଠାକାର ଜଣେ ମହିଳା ଏରିକା ଡିସୁଜା ନ୍ୟୁନ୍ସ ଟଙ୍କା ପାଇଁ ୬୮ ବର୍ଷୀୟ ବୃଦ୍ଧଙ୍କ ମୃତଦେହକୁ ହ୍ୱିଲ୍‌ଚେୟାରରେ ଧରି ମଙ୍ଗଳବାର ବ୍ୟାଙ୍କ୍‌ରେ ପହଞ୍ଚି ଯାଇଛନ୍ତି। ମୃତଦେହ ଦେଖିବା ପରେ ପୁଲିସ ମହିଳାଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ ସେ ବ୍ୟାଙ୍କରେ ପହଞ୍ଚିବା ପରେ ବୃଦ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବା ଦେଖା ଯାଇଥିଲା। ତାଙ୍କ ମୁଣ୍ଡ ବାରମ୍ବାର ଚୌକିରୁ ପଛକୁ ନଇଁ ଯାଉଥିଲା। ମହିଳା ବାରମ୍ବାର ମୁଣ୍ଡକୁ ସିଧା କରିବାକୁ ପ୍ରୟାସ କରୁଥିଲେ। ପରେ ତାଙ୍କୁ କଲମ ଧରାଇ ଦେଇଥିଲେ। ତାଙ୍କୁ ଏକ କାଗଜରେ ଦସ୍ତଖତ କରିବାକୁ କହିଥିଲେ। ଋଣ ମିଳିଲେ ସମସ୍ତ ସମସ୍ୟା ସମାପ୍ତ ହୋଇଯିବ। ବୃଦ୍ଧ କୌଣସି ପ୍ରତିକ୍ରିୟା ନ ଦେବାରୁ ବ୍ୟାଙ୍କ ଅଧିକାରୀଙ୍କ ସନ୍ଦେହ ହୋଇଥିଲା। ସେ ବୃଦ୍ଧଙ୍କୁ ନେଇ ପଳାଇ ଯିବାକୁ କହିଥିଲେ। ପରେ ମହିଳା କହିଥିଲେ ଯେ ମାମୁଁ କିଛି କହିପାରୁ ନାହାନ୍ତି। ସେ ପୁଣି ବାରମ୍ବାର ତାଙ୍କୁ ଉଠାଇବାକୁ ପ୍ରୟାସ କରିଥିଲେ। ଶେଷରେ ମହିଳା ନ ଶୁଣିବାରୁ ବ୍ୟାଙ୍କ କର୍ମଚାରୀ ପୁଲିସ ଡାକିଥିଲେ। ପୁଲିସ ବୃଦ୍ଧଙ୍କୁ ମୃତ ଘୋଷଣା କରିଥିଲେ। ଫରେନସିକ ପରୀକ୍ଷଣରୁ ଅନେକ ଘଣ୍ଟା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା।

# ଫିଲିପିନ୍ସକୁ ବ୍ରହ୍ମୋସ୍ ଦେଲା ଭାରତ

ନୂଆଦିଲ୍ଲୀ, ୧୯।୪(ଏଜେନ୍ସି)



ଫିଲିପିନ୍ସକୁ ଆଜି ଭାରତ ପ୍ରଥମ ଦଫା ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ ମିସାଇଲ ସିଷ୍ଟମ୍ ପଠାଇଛି। ୨୦୨୨ ଜାନୁଆରୀରେ ଉଭୟ ଦେଶର ସରକାର ୩୭୫ ନିୟୁତ ଡଲାରର ଏହି ବ୍ରହ୍ମୋସ ଡିଲ୍ ସ୍ୱାକ୍ଷର କରିଥିଲେ। ଡିଲ ଅନୁଯାୟୀ ବ୍ରହ୍ମୋସ୍ ଏରୋସ୍ପେସ୍ ପ୍ରା.ଲିଃଠାରୁ ଫିଲିପିନ୍ସ ୩ପ୍ରକାରର ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ ମିସାଇଲ ସିଷ୍ଟମ୍ କିଣିବ ଓ ତା'ସାଙ୍ଗକୁ ଇଣ୍ଟିଗ୍ରେଟେଡ୍ ଲଜିଷ୍ଟିକ୍ସ ସପୋର୍ଟ ପ୍ୟାକେଜ୍ ପାଇବ। ବ୍ରହ୍ମୋସ୍ ସିଷ୍ଟମର ବ୍ୟବହାର ଓ ତାହାର ରକ୍ଷଣାବେକ୍ଷଣ ପାଇଁ ଫିଲିପିନ୍ସ ସେନାର ଅଫିସରମାନଙ୍କୁ ଭାରତ ଆବଶ୍ୟକ ତାଲିମ୍ ଦେବ। ପ୍ରତ୍ୟେକ ବ୍ରହ୍ମୋସ୍ ସିଷ୍ଟମରେ ରହିଛି ଦୁଇଟି ମାସାଇଲ୍ ଲଞ୍ଚର୍, ଗୋଟିଏ ରାଡାର ୟୁନିଟ୍ ଓ ଗୋଟିଏ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସେଣ୍ଟର୍। ବ୍ରହ୍ମୋସ୍ ସିଷ୍ଟମ ୧୦ ସେକେଣ୍ଡ ବ୍ୟବଧାନରେ ବୁଡ଼ାଜାହାଜ, ଜାହାଜ, ବିମାନ କିମ୍ବା ଭୂପୃଷ୍ଠରେ ସ୍ଥାପିତ ଏକ ପ୍ଲାଟଫର୍ମରୁ ଦୁଇଟି ମିସାଇଲ୍ ଫାୟାର୍ କରିପାରିବ। ଭାରତୀୟ ବାୟୁସେନାର ଏକ ଗ୍ଲୋବମାଷ୍ଟର୍ ସି-୧୭ ଜେଟ ପରିବହନ ବିମାନରେ ବ୍ରହ୍ମୋସ୍ ସିଷ୍ଟମଗୁଡ଼ିକ ଫିଲିପିନ୍ସକୁ ପଠାଯାଇଛି। ଭାରତର ବ୍ରହ୍ମୋସ୍ ସିଷ୍ଟମ୍ ରପ୍ତାନୀ କରିବା ଏହା ପ୍ରଥମ। ଆର୍ଜେଣ୍ଟିନା ସମେତ ଅନେକ ଦେଶ ଭାରତରୁ ବ୍ରହ୍ମୋସ୍ ସିଷ୍ଟମ୍ କିଣିବାକୁ ଆଗ୍ରହ ଦେଖାଇଛନ୍ତି। ବ୍ରହ୍ମୋସ୍ ମିସାଇଲ ଶବ୍ଦର ବେଗଠାରୁ ୩ଗୁଣ ଅଧିକ ବେଗରେ ଗତିକରି ସଠିକ ଲକ୍ଷ୍ୟ ଭେଦ କରିଥାଏ। ସାଉଥ୍ ଚୀନ ସାଗରେ ଚୀନର ସାମରିକ ଉପସ୍ଥିତି ଓ ଗତିବିଧିକୁ ଦୃଷ୍ଟିରେ ରଖି ଫିଲିପିନ୍ସକୁ ସାମରିକ କ୍ଷେତ୍ରରେ ସହଯୋଗ ଦେବାକୁ ଭାରତ ସ୍ଥିର କରିଛି।

### ସୁପ୍ରିମକୋର୍ଟଙ୍କ ପ୍ରଶ୍ନ


# ନିର୍ବାଚନ ବେଳେ '୧୪୪' ଲାଗୁ କରାଯିବା ଆଇନସଙ୍ଗତ କି

ନୂଆଦିଲ୍ଲୀ, ୧୯।୪(ଏଜେନ୍ସି)



ପ୍ରତ୍ୟେକ ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନ ବେଳେ ଜିଲ୍ଲାପାଳ/ଜିଲ୍ଲା ମାଜିଷ୍ଟ୍ରେଟମାନେ ଆପେ ନିୟମିତ ଭାବେ ସିଆରପିସିର ୧୪୪ ଧାରା ଲାଗୁକରାଇବା ଆଇନସଙ୍ଗତ କି ନୁହେଁ ତାହା ବିଚାର କରିବାକୁ ସୁପ୍ରମକୋର୍ଟ ରାଜି ହୋଇଛନ୍ତି। ନ୍ୟାୟମୂର୍ତ୍ତି ବି ଆର୍ ଗାଭାଇ ଓ ନ୍ୟାୟମୂର୍ତ୍ତି ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ଆଜି ସାମାଜିକ କର୍ମୀ ଅରୁଣା ରାଏ ଓ ନିଖିଲ ଦେ'ଙ୍କ ପିଟିସନର ବିଚାର କରି ଏନେଇ ସ୍ୱପକ୍ଷ ରଖିବାକୁ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ନୋଟିସ୍ ପଠାଇଛନ୍ତି। ପିଟିସନର୍ ଦର୍ଶାଇଛନ୍ତି, କୌଣସି ନିର୍ଦ୍ଦିଷ୍ଟ କାରଣ ନଥାଇ ଆପେ ନିୟମିତ ଭାବେ ସମଗ୍ର ଦେଶରେ ମୁକ୍ତ ଓ ଅବାଧ ନିର୍ବାଚନ କରାଇବା ଆଳରେ ସିଆରପିସିର ୧୪୪ ଧାରା ଲାଗୁକରାଯିବା ଆଇନସଙ୍ଗତ ନୁହେଁ। ପିଟିସନରଙ୍କ ଓକିଲ ପ୍ରଶାନ୍ତ ଭୂଷଣ ଖଣ୍ଡପୀଠଙ୍କୁ କହିଛନ୍ତି, ଶାନ୍ତିଭଙ୍ଗର ଯଥାର୍ଥ ଆଶଙ୍କା ନଥିଲେ ସିଆରପିସିର ୧୪୪ ଧାରା ଲାଗୁକରାଯାଇ ପାରିବ ନାହିଁ। ପିଟିସନର୍ ଏକ ଗଣତନ୍ତ୍ର ଯାତ୍ର(ର୍‍ୟାଲି) ବାହାର କରିବାକୁ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଅନୁମତି ମାଗିଥିଲେ ଯାହା ପ୍ରତି କର୍ଣ୍ଣପାତ କରାଯାଇନାହିଁ। ଗଣତନ୍ତ୍ର ଯାତ୍ରା ବାହାର କରି ଭୋଟ ଦାନର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବାକୁ ନାଗରିକ ସଚେତନତା ସୃଷ୍ଟି କରିବାକୁ ପିଟିସନର୍ ଚାହିଁଥିଲେ। ର୍‍ୟାଲି ବାହାର କରିବାକୁ ରାଜସ୍ଥାନର ନିର୍ବାଚନ କମିଶନ, ମୁଖ୍ୟ ଶଶସନ ସଚିବ, ରାଜସ୍ଥାନ ସରକାର ଓ ଅନ୍ୟ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କୁ ଅନେକ ପତ୍ର ଲେଖାଯାଇ ଅନୁମତି ଲୋଡ଼ାଯାଇଥିଲା କିନ୍ତୁ ସେ ସମସ୍ତ ପତ୍ର ଅନୁତ୍ତରିତ ରହିଛି। ଏହା ଶୁଣି ଖଣ୍ଡପୀଠ ଏକ ମଧ୍ୟବର୍ତ୍ତୀ ଆଦେଶ ଦେଇଛନ୍ତି ଯେ ଯଦି କେହି ଏଭଳି ଅନୁମତି ଲୋଡ଼ନ୍ତି ତେବେ ସେ ସମ୍ପର୍କରେ ଜିଲ୍ଲା ମାଜିଷ୍ଟ୍ରେଟ୍ ବା ସଂପୃକ୍ତ ଅନ୍ୟ କର୍ତ୍ତୃପକ୍ଷ ୩ ଦିନ ଭିତରେ ନିଷ୍ପତ୍ତି ନେବେ। ଖଣ୍ଡପୀଠଙ୍କୁ ପ୍ରଶାନ୍ତ ଭୂଷଣ କହିଥିଲେ, ଶାନ୍ତିଭଙ୍ଗ ଆଶଙ୍କା ଥିଲେ, ଅସ୍ଥିରତାକୁ ଏଡ଼ାଇବା ନିମନ୍ତେ ଏକ ଅସ୍ଥାୟୀ ପଦକ୍ଷେପ ଭାବେ ୧୪୪ ଧାରା ଲାଗୁ କରାଯିବା କଥା। କିନ୍ତୁ ନିର୍ବାଚନ ବେଳେ ଆପେ ୧୪୪ ଧାରା ଲାଗ କରାଗଲେ ତାହା ନିର୍ଭୟରେ, ନିର୍ବାଧାରେ ଭୋଟ ଦେବାପାଇଁ ନାଗରିକଙ୍କ ଅଧିକାରରେ ହସ୍ତକ୍ଷେପ ଅର୍ଥ କରାଯିବ। ନିର୍ବାଚନ ବେଳେ ୧୪୪ ଧାରା ଲାଗୁକରାଗଲେ ଲୋକେ ଭୋଟ ଦେବାକୁ ଯିବା ପୂର୍ବରୁ ଜନଜୀବନକୁ ପ୍ରଭାବିତ କରୁଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଖୋଲା ଆଲୋଚନାରେ ଅଂଶଗ୍ରହଣ କରିବାକୁ, ବୈଠକ କରିବାକୁ ସୁଯୋଗ ପାଉନାହାନ୍ତି। ଖଣ୍ଡପୀଠ ଏହି ପିଟିସନର ପରବର୍ତ୍ତୀ ଶୁଣାଣି ଦୁଇ ସପ୍ତାହ ପରେ କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି।

# କୁମ୍ଭୀର ନୁହେଁ; ମିଳିଲା 'ବାସୁକୀ ନାଗ'ର ଅବଶେଷ!



ନୂଆଦିଲ୍ଲୀ, ୧୯।୪ (ଏଜେନ୍ସି): ଗୁଜରାଟ କଚ୍ଛର କୋଇଲା ଖଣିରୁ ବିରାଟକାୟ ନାଗ ସାପର ଅବେଶଷ ମିଳିଛି। ଏହା ଏ ପର୍ଯ୍ୟନ୍ତ ମିଳିଥିବା ସବୁଠାରୁ ଲମ୍ବା ଅବଶେଷ। ଏହାକୁ ପୁରାଣରେ ବର୍ଣ୍ଣିତ ବାସୁକୀ ନାଗ କୁହାଯାଉଛି। ଏହି ନାଗ ପ୍ରଜାତିର ନାମ 'ବାସୁକୀ ଇଣ୍ଡିକସ' ରହିଛି। ଆଇଆଇଟି ରୁରକୀର ବୈଜ୍ଞାନିକମାନେ ୨୦୦୫ରେ ଏହାର ସନ୍ଧାନ କରିଥିଲେ। ପ୍ରଥମେ ଏହାକୁ ଏକ ଅତିକାୟ କୁମ୍ଭୀରର ଜୀବାଶ୍ମ ବୋଲି କୁହାଯାଉଥିଲା। କିନ୍ତୁ ଏବେ ଏହା ବିଲୁପ୍ତ ହୋଇଯାଇଥିବା ଏକ ବିଶାଳକାୟ ସାପ 'ବାସୁକୀ ଇଣ୍ଡିକସ୍' ବୋଲି ଜଣାପଡିଛି। ଏହାର ଲମ୍ବ ୧୧ ମିଟରୁ ୧୫ ମିଟର (୪୯.୨୨ ଫୁଟ) ମଧ୍ୟରେ ହେବ। ଓଜନ ପ୍ରାୟ ହଜାରେ କେଜି ହୋଇଥିବ ବୋଲି ଆକଳନ କରାଯାଉଛି। ଏହି ଜୀବାଶ୍ମ ପ୍ରାୟ ୪୭ ନିୟୁତ ବର୍ଷ ତଳର। ବାସୁକୀ ଇଣ୍ଡିକସର ୨୭ଟି ପଞ୍ଜରା ହାଡ଼ରୁ ଏହି ଜୀବାଶ୍ମ ସୃଷ୍ଟି ହୋଇଛି। ଏହି ପ୍ରଜାତି ବର୍ତ୍ତମାନ ବିଲୁପ୍ତ କଲମ୍ବିଆର ଟିଟାନବୋଆ ପ୍ରଜାତି ସହ ସାମଞ୍ଜସ୍ୟ ରହୁଛି। କିଛି ଦିନ ତଳେ ଏକ ପତ୍ରିକା 'ସାଇଣ୍ଟିଫିକ ରିପୋର୍ଟ୍ସ'ରେ ଏହା ପ୍ରକାଶ ପାଇଥିଲା। ଭଗବାନ ଶିବଙ୍କ ବେକରେ ଗୁଡ଼େଇ ହୋଇଥିବା ନାଗରାଜଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଛି। ଏହି ସାପକୁ ରାଜା କୁହାଯାଇଥାଏ। ସେହିପରି 'ଇଣ୍ଡିକସ୍' ଅର୍ଥ ଭାରତର।

# ରାଉଜ୍ ଆଭେନ୍ୟୁ କୋର୍ଟରେ କେଜ୍ରିୱାଲଙ୍କ ପିଟିସନ

ନୂଆଦିଲ୍ଲୀ, ୧୯।୪(ଏଜେନ୍ସି): ଜେଲରେ ଇନସୁଲିନ୍ ମିଳିବା ଓ ଡାକ୍ତର ରବିଚନ୍ଦ୍ର ରାଓଙ୍କ ସହ ପରାମର୍ଶ ପାଇଁ ପ୍ରତିଦିନ ୧୫ମିନିଟର ଭିଡିଓ କନଫରେନ୍ସିଂର ବ୍ୟବସ୍ଥା କରିବା ନିମନ୍ତେ ତିହାର ଜେଲ କର୍ତ୍ତୃପକ୍ଷଙ୍କୁ ଆଦେଶ ଦିଆଯିବା ପ୍ରାର୍ଥନା କରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଆଜି ରାଉଜ୍ ଏଭେନ୍ୟୁ ପିଏମଏଲଏ(ମନିଲଣ୍ଡରିଂ) କୋର୍ଟରେ ନୂଆ ପିଟିସନ୍ ଦାଖଲ କରିଛନ୍ତି। କୋର୍ଟଙ୍କୁ କେଜ୍ରିୱାଲଙ୍କ ଓକିଲ କହିଛନ୍ତି ଯେ କେଜ୍ରିୱାଲଙ୍କ ଗୁରୁତର ମଧୁମେହ ବ୍ୟାଧି ରହିଛି ଓ ତାଙ୍କ ରକ୍ତ ଶର୍କରାର ସ୍ତର ଅନିୟମିତ ରହୁଛି। ପିଟିସନରେ ଏହି ପ୍ରାର୍ଥନା ମଧ୍ୟ ରହିଛି ଯେ ଡାକ୍ତରଙ୍କ ସହ ପରାମର୍ଶ ପାଇଁ ଯେଉଁ ଦୈନିକ ୧୫ ମିନିଟର ଭିଡିଓ କନଫରେନ୍ସିଂର ବ୍ୟବସ୍ଥା ହେବ ସେଥିରେ ଭାଗନେବାକୁ ତାଙ୍କ ପତ୍ନୀଙ୍କୁ ମଧ୍ୟ ଅନୁମତି ଦିଆଯାଉ। ଗତ ଫେବୃଆରୀ ପହିଲାରୁ ସେ ମଧୁମେହ(ଡାଏବେଟିସ୍ ) ବିଶେଷଜ୍ଞ ଡାକ୍ତରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇନସୁଲିନ୍ ରିଭର୍ସାଲ୍ ପ୍ରୋଗ୍ରାମ୍ ଆରମ୍ଭ କରିଥିଲେ। କିନ୍ତୁ ମାର୍ଚ୍ଚ ୨୧ରେ ଗିରଫ ହେବା ପରେ ସେ ପ୍ରୋଗ୍ରାମର ସୁଫଳ ପାଇବାରୁ ସେ ବଞ୍ଚିତ ହୋଇଛନ୍ତି। ତେଣୁ ତାଙ୍କୁ ଜେଲରେ ଇନସୁଲିନ୍ ମିଳିବା ଜରୁରୀ ହୋଇପଡ଼ିଛି। ଅଦାଲତ ଆଜି ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ସୋମବାର ଦିନ ରାୟ ପ୍ରକାଶ କରିବେ ବୋଲି ଜଜ୍ କହିଛନ୍ତି।

### କର୍ଣ୍ଣାଟକରେ କଂଗ୍ରେସ ନେତାଙ୍କ ଝିଅକୁ ହତ୍ୟା

# ୭ ଥର ଛୁରାମାଡ଼ କଲା ଫୈୟାଜ

ବେଙ୍ଗାଲୁରୁ, ୧୯।୪ (ଏଜେନ୍ସି)

କର୍ଣ୍ଣାଟକ ହୁବଳୀ ସ୍ଥିତ ବିଭିବି କଲେଜ କ୍ୟାମ୍ପସରେ କଂଗ୍ରେସ କାଉନସିଲର ନିରଞ୍ଜନ ହିରେମଥଙ୍କ ଝିଅ ନେହା ହିରେମଥ (୨୩)ଙ୍କୁ ଛୁରି ମାରି ହତ୍ୟା କରାଯାଇଛି। ସେ ଏମ୍‌ସିଏ ପ୍ରଥମ ବର୍ଷର ଛାତ୍ରୀ ଥିଲେ। ସେହି କଲେଜର ଡ୍ରପ୍‌ଆଉଟ ଛାତ୍ର ଫୈୟଜ ଖୋଣ୍ଡୁନାଇକ (୨୩) ଏହି ହତ୍ୟା କାଣ୍ଡ ଘଟାଇ ଥିଲା। ପ୍ରେମ ନିବେଦନକୁ ନେହା ପ୍ରତ୍ୟାକ୍ଷାନ କରିବାରୁ ସେ କ୍ଷୁବ୍ଧ ହୋଇ ଯାଇଥିଲା।




ପ୍ରଥମେ ତଣ୍ଟି ଚିପି ଏବଂ ପରେ ପେଟ ସହିତ ଶରୀର ବିଭିନ୍ନ ଅଙ୍ଗକୁ ୭ ଥର ଛୁରା ମାଡ଼ କରିଥିଲା। ଗୁରୁତର ଅବସ୍ଥାରେ ନେହାଙ୍କୁ ଡାକ୍ତରଖାନା ନିଆ ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ନେହାଙ୍କ ପ୍ରତି ଆକ୍ରମଣରେ ଫୈୟାଜ ମଧ୍ୟ ଆହତ ହୋଇଛି। ପୁଲିସ ତାକୁ ଗିରଫ କରି ଚିକିତ୍ସା କରାଇଛି। ପରେ ନ୍ୟାୟିକ ହେପାଜତକୁ ପଠାଇ ଦେଇଛି। ଏହି ଘଟଣାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ ଫୈୟାଜ ଛୁରା ମାଡ଼ କରୁଥିବା ଦେଖାଯାଉଛି। ପୁଲିସ ସୂଚନା ଅନୁଯାୟୀ ପୂର୍ବରୁ ଫୈୟାଜ ଏବଂ ନେହା ପରସ୍ପରକୁ ଜାଣିଥିଲେ। ଉଭୟେ ବିସିଏରେ ସହପାଠୀ ଥିଲେ।

### ପାଟିରେ ଲାଗିଛି ରକ୍ତ ନିଶା

# ଚୀନ୍‌ରେ ୨ ବର୍ଷରେ ୭୦ ଲକ୍ଷ ଗଧଙ୍କୁ ହତ୍ୟା

ବେଜିଂ, ୧୯।୪ (ଏଜେନ୍ସି)

ମନୁଷ୍ୟ ସହ ଗଧଙ୍କ ସମ୍ପର୍କ କାହିଁ କେଉଁ କାଳରୁ ଜାରି ରହିଛି। ଅତିକମ୍‌ରେ ପ୍ରାୟ ୫ ହଜାର ବର୍ଷ ହେଲା ବିଭିନ୍ନ କାର୍ଯ୍ୟ ପାଇଁ ମନୁଷ୍ୟ ଗଧଙ୍କୁ ବ୍ୟବହାର କରୁଛି। ଏବେ ବି ବିଶ୍ୱର ପ୍ରାୟ ୫୦ କୋଟି ଲୋକଙ୍କ ଜୀବିକା ଗଧଙ୍କ ଉପରେ ନିର୍ଭର କରୁଛି। ମାତ୍ର ଚୀନ୍‌ରେ ଏହି ଗଧଙ୍କ ଜୀବନ ପ୍ରତି ବଡ଼ ବିପଦ ଦେଖାଯାଇଛି। ଲୋକେ ପ୍ରତି ବର୍ଷ ସଉକ ପାଇଁ ଲକ୍ଷ ଲକ୍ଷ ଗଧଙ୍କୁ ହତ୍ୟା କରୁଛନ୍ତି। କେବଳ ଗତ ୨ ବର୍ଷରେ ୭୦ ଲକ୍ଷ ଗଧଙ୍କୁ ହତ୍ୟା କରାଯାଇଛି। ଅବାଧ ହତ୍ୟା ଯୋଗୁଁ ଦେଶରେ ଗଧ ସଂଖ୍ୟା ଅହେତୁକ ହ୍ରାସ ପାଇଛି। ସ୍ଥିତି ଏପରି ହୋଇଛି ଯେ ଲୋକଙ୍କ ସଉକ ପୂରଣ କରିବା ପାଇଁ ବିଦେଶରୁ ମଧ୍ୟ ଗଧଙ୍କୁ ରପ୍ତାନୀ କରାଯାଉଛି। ଏବେ ଗଧଙ୍କ ଅସ୍ତିତ୍ୱ ଉପରେ ସଙ୍କଟ ଦେଖାଦେଇଛି। ଏହା ପଛରେ ଚିନିମାନଙ୍କ ଏକ ଲୋକ କଥା ରହିଛି। ଏହାକୁ ପୂରଣ କରିବା ପାଇଁ ସେମାନେ ରକ୍ତମୁଖା ହୋଇଛନ୍ତି। ଚୀନ୍‌ରେ ଇ-ଜିଆଓ ନାମକ ପାରମ୍ପରିକ ଔଷଧର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି।



ଏଥିପାଇଁ ଗଧଙ୍କୁ ହତ୍ୟା କରାଯାଉଛି। ଗଧର ଚର୍ମରୁ ବାହାରୁଥିବା କୋଲେଜନ ବ୍ୟବହାର କରି ଏହି ଔଷଧ ପ୍ରସ୍ତୁତ କରାଯାଇଥାଏ। ଉକ୍ତ ଔଷଧ ରକ୍ତ ଶୁଦ୍ଧି, ଚର୍ମ ରୋଗ ଭଲ କରିବା ସହିତ ରୋଗ ପ୍ରତିରୋଧକ ଶକ୍ତି ଏବଂ ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ ବୋଲି କୁହାଯାଉଛି।

ଏହି ଔଷଧର ଚାହିଦା ଏତେ ବୃଦ୍ଧି ପାଇଛି ଯେ ଚୀନ୍‌ରେ ଗଧ ସଂଖ୍ୟା ୯୦ ଲକ୍ଷରୁ ୧୮ ଲକ୍ଷରେ ପହଞ୍ଚି ଯାଇଛି। ଏବେ ଚୀନ୍‌ର ଅନେକ ଅଞ୍ଚଳରେ ଆଉ ଗଧ ମିଳୁନାହିଁ। ତେଣୁ ଅନ୍ୟ ଦେଶରୁ ଗଧ ମଗାଯାଉଛି। ଏହି ଦେଶ ମଧ୍ୟରେ ଆଫ୍ରିକା ଆଗରେ ରହିଛି। ଗଧ ଯୋଗାଣ ପାଇଁ ଚୀନ୍‌ରେ ଏକ ଗୋଷ୍ଠୀ ସକ୍ରିୟ ରହିଛି। ପାରମ୍ପରିକ ଭାବେ ଇ-ଜିଆଓ ଏକ ବିଳାସପୂର୍ଣ୍ଣ ସାମଗ୍ରୀ ଥିଲା। ୧୬୪୪-୧୯୧୨ ପର୍ଯ୍ୟନ୍ତ ଚୀନ୍‌ରେ ଶାସନ କରୁଥିବା ରାଜବଂଶ ଏହାକୁ ବ୍ୟବହାର କରୁଥିଲେ। ମାତ୍ର ୨୦୧୧ରେ ଆରମ୍ଭ ହୋଇଥିବା ଏକ ଲୋକପ୍ରିୟ ଶୋ'ରେ ଏହି ଔଷଧ ବିଷୟରେ ଦେଖା ଯାଇଥିଲା। ଏହା ପରଠାରୁ ଚୀନ୍‌ରେ ଇ-ଜିଆଓର ଚାହିଦା ଅହେତୁକ ବୃଦ୍ଧି ପାଇଥିଲା। ମଧ୍ୟମ ବର୍ଗ ଏବଂ ବୃଦ୍ଧ ଏହାକୁ ଅଧିକ ବ୍ୟବହାର କଲେ। ଏଥିଯୋଗୁଁ ୫୦୦ ଗ୍ରାମ ପିଛା ଏହି ଔଷଧର ମୂଲ୍ୟ ୧୦୦ ରୁ ୨୯୮୬ ୟୁଆନ (ପ୍ରାୟ ୩୫ ହଜାର ଟଙ୍କା) ରେ ପହଞ୍ଚି ଯାଇଛି। ଏକ ରିପୋର୍ଟ ଅନୁଯାୟୀ ଇ-ଜିଆଓ ଉଦ୍ୟୋଗକୁ ପ୍ରତି ବର୍ଷ ୫୯ ଲକ୍ଷ ଗଧର ଚର୍ମ ଆବଶ୍ୟକ।

## ଟ୍ରକ୍ ଚାପାରେ ମା'-ପୁଅ ମୃତ

ବାଲେଶ୍ୱର, ୧୯।୪(ସମିସ): ବାଲେଶ୍ୱର ଜିଲ୍ଲା ଶିଖ୍ନାଞ୍ଚଳ ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଶାଳବଣି ନିକଟସ୍ଥ ନୂଆଗାଁ ଛକଠାରେ ଶୁକ୍ରବାର ଅପରାହ୍ନ ୩ଟାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ମା'-ପୁଅଙ୍କ ମୃତ୍ୟୁ ଘଟିଛି।

ବାଲେଶ୍ୱର ଶିଖ୍ନାଞ୍ଚଳ ଥାନା ଛଣପୁର ଗ୍ରାମର ବାସିନ୍ଦା ଲକ୍ଷ୍ମୀ ନାରାୟଣ ପତିଙ୍କର ପତ୍ନୀ ଉଷାରାଣୀ ପତି(୪୭) ଏବଂ ପୁଅ ସିଭାଂଶୁ ଶେଖର ପତି(୨୮) ଏକ ସ୍କୁଟିରେ ବାରିପଦା ଅଭିମୁଖେ ଯାଉଥିଲେ। ନୂଆଗାଁ ଛକଠାରେ ହଠାତ ସ୍କୁଟିର ଚକା ସ୍ଲିପ କରିବାରୁ ମା' ଓ ପୁଅ ରାସ୍ତା ଉପରେ ପଡ଼ିଯାଇ ଥିଲେ। ଏହି ସମୟରେ ସେମାନଙ୍କ ପଛଆଡୁ ଆସୁଥିବା ଏକ ମାଲ ବୋଝେଇ ଟ୍ରକ ମା' ଓ ପୁଅ ଉପରେ ମାଡି ଚାଲି ଯାଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ସ୍ଥାନୀୟ ଶିଖ୍ନାଞ୍ଚଳ ଥାନା ପୁଲିସ ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଥିଲେ। ପୁଲିସ ମୃତଦେହ ଦ୍ୱୟକୁ ଉଦ୍ଧାର କରି ନେବା ପରେ ରାଜପଥରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ରାଜସ୍ୱ ସହାୟକଙ୍କୁ ୨ବର୍ଷ ଜେଲ୍ ଦଣ୍ଡ

**ସରକାରୀ ଚାକିରିରୁ ବିଦା କରାଗଲା**

ଭୁବନେଶ୍ୱର, ୧୯।୪(ସମିସ): ଲାଞ୍ଚ ମାମଲାର ଶୁଣାଣି କରି ବ୍ରହ୍ମପୁର ଭିଜିଲାନ୍ସ କୋର୍ଟ ରାଜସ୍ୱ ସହାୟକ ଅଫିସର ଗଞ୍ଜାମ-କୋରାପୁଟ ସେଟେଲମେଣ୍ଟ ଅଫିସର ପ୍ରଦୀପ କୁମାର ସାହୁ ଜେଲ୍ ମିଳିଛି। ତାଙ୍କୁ ୨ବର୍ଷ ଜେଲ୍ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି କୋର୍ଟ। ଜରିମାନା ଅନାଦେୟ ହେଲେ ଅଧିକ ଦୁଇ ମାସ ଦଣ୍ଡ ଭୋଗିବାକୁ କୋର୍ଟ ଅନୁମତି ଦେଇଛନ୍ତି। ତାଙ୍କୁ ଚାକିରିରୁ ବିଦା କରିବା ପାଇଁ ଭିଜିଲାନ୍ସ ପକ୍ଷରୁ କମ୍ପିଟାଣ୍ଟ ଅଥରଟିଙ୍କ ନିକଟକୁ ଚିଠି ପଠାଯାଇଛି।

ଜମି ମାଲିକଙ୍କୁ ଯାଦଷ୍ଟାର କପି ଦେବାକୁ କହି ଲାଞ୍ଚ ମାଗିଥିଲେ ପ୍ରଦୀପ। ଲାଞ୍ଚ ଟଙ୍କା ନଦେଲେ କିଛି ଯାଦଷ୍ଟାର କପି ଦିଆଯିବ ନାହିଁ ବୋଲି କହିଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସକୁ ଜଣାଇବା ପରେ ତାଙ୍କୁ ଗିରଫ କରିବା ପାଇଁ ଜାଲ ବିଛାଯାଇଥିଲା। ପ୍ରଦୀପ ୨୦୧୪ ମସିହା ଅଗଷ୍ଟ ୧୨ତାରିଖରେ ଅଫିସ୍ ନିକଟରେ ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଥିଲେ। ତାଙ୍କ ପକେଟରୁ ଲାଞ୍ଚ ଟଙ୍କା ଜବତ ହେବା ପରେ ତାଙ୍କ ହାତକୁ ପାଣିରେ ଧୋଇବା ପରେ କେମିକାଲର ପ୍ରମାଣ ମିଳିବା ପରେ ତାଙ୍କୁ ଗିରଫ କରାଯାଇଛି।

## ଚାକିରିରୁ ବହିଷ୍କୃତ ହେଲେ ଲାଞ୍ଚୁଆ ଅଧିକାରୀ

ବ୍ରହ୍ମପୁର, ୧୯।୪(ସମିସ): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଗିରଫ ହୋଇଥିବା ବ୍ରହ୍ମପୁର ମେଜର ସେଟେଲମେଣ୍ଟ କାର୍ଯ୍ୟାଳୟର ଜୁନିୟର ରେଭେନ୍ୟୁ ଆସିଷ୍ଟାଣ୍ଟ ବା କନିଷ୍ଠ ରାଜସ୍ୱ ସହକାରୀ ପ୍ରଦୀପ କୁମାର ସାହୁଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ୨୦୧୪ରେ ପ୍ରଦୀପ ଲାଞ୍ଚ ନେଇ ଧରାପଡ଼ିଥିଲେ। ୨୦୨୩ରେ କୋର୍ଟଙ୍କ ଦ୍ୱାରା ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଗତ ୧୮ ତାରିଖଠାରୁ ଶ୍ରୀ ସାହୁଙ୍କୁ ସରକାରୀ ଚାକିରିରୁ ବହିଷ୍କୃତ କରାଯାଇଛି।

ସୂଚନାଯୋଗ୍ୟ, ପ୍ରଦୀପ କୁମାର ସାହୁ ୨୦୧୪ରେ ବ୍ରହ୍ମପୁରସ୍ଥିତ କୋରାପୁଟ-ଗଞ୍ଜାମ ମେଜର ସେଟେଲମେଣ୍ଟ କାର୍ଯ୍ୟାଳୟରେ ଜୁନିୟର ରେଭେନ୍ୟୁ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟରତ ଥିଲେ। ଏହି ସମୟରେ ଜନୈକ ବ୍ୟକ୍ତି ନିଜ ଜମିର ଯାଦାସ୍ତ କପି ବାହାର କରିବାକୁ ମେଜର ସେଟେଲମେଣ୍ଟ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ସେ ସମ୍ପର୍କିତ ଫାଇଲ ପ୍ରଦୀପ ତଦାରଖ କରୁଥିବା ବେଳେ ଯାଦାସ୍ତ କପି ବାହାର କରିବା ପାଇଁ ଲାଞ୍ଚ ଦାବି କରିଥିଲେ। ଏନେଇ ସମ୍ପୃକ୍ତ ବ୍ୟକ୍ତି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ପ୍ରଦୀପ ସାହୁଙ୍କୁ କାବୁ କରିବାକୁ ଯୋଜନା ହୋଇଥିଲା। ୨୦୧୪ ଅଗଷ୍ଟ ୧୨ ତାରିଖରେ ସମ୍ପୃକ୍ତ ବ୍ୟକ୍ତି ତଥା ଆବେଦନକାରୀ ଜଣକ ଶ୍ରୀ ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ଦାବି ମୁତାବକ ଲାଞ୍ଚ ଟଙ୍କା ଦେବାବେଳେ ଭିଜିଲାନ୍ସ ଟିମ ପ୍ରଦୀପଙ୍କୁ କାବୁ କରିଥିଲା।

■ ଖଣିଯାନ୍ତ୍ରିକ ମହାବିଦ୍ୟାଳୟର ହଷ୍ଟେଲରେ ଦୂଷିତ ପାଣି

## ଛାତ୍ରାବାସରେ ବ୍ୟାପିଲା ଜଣ୍ଡିସ; ୧୭ ଆକ୍ରାନ୍ତ

କେନ୍ଦୁଝର, ୧୯।୪(ସମିସ): କେନ୍ଦୁଝର ଖଣି ଯାନ୍ତ୍ରିକ ମହାବିଦ୍ୟାଳୟର ଗୋନାସିକା ଛାତ୍ରାବାସରେ ଜଣ୍ଡିସ ରୋଗ ବ୍ୟାପିଥିବା ଜଣାପଡ଼ିଛି। ହଷ୍ଟେଲର ୧୭ ଜଣ ଛାତ୍ର ଏଥିରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏତେ ସଂଖ୍ୟାରେ ଛାତ୍ର ହଷ୍ଟେଲରେ ଜଣ୍ଡିସ ରୋଗରେ ଆକ୍ରାନ୍ତ ହେବା ଜଣାପଡ଼ିବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଏଡିପିଏଚ୍‌ଓଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ୍ ଶୁକ୍ରବାର ସନ୍ଧ୍ୟାରେ ଯାଇ ଛାତ୍ରମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଏହାର ମୂଳ କାରଣ ଖୋଜିଛନ୍ତି। ତେବେ ହଷ୍ଟେଲରେ ବ୍ୟବହାର ହେଉଥିବା ପାଣି ଏହାର ମୂଳ କାରଣ ବୋଲି ସନ୍ଦେହ କରାଯାଉଛି। ଜଣ୍ଡିସ ଆକ୍ରାନ୍ତ ଛାତ୍ରମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ବେଳେ ଚିକିତ୍ସା ଚାଲିଥିବା ସୂଚନା ମିଳିଛି। ଗୋନାସିକା ହଷ୍ଟେଲ ଓ ଅନ୍ୟ ହଷ୍ଟେଲର ଛାତ୍ରମାନଙ୍କର ସ୍ୱାସ୍ଥ୍ୟ ମଧ୍ୟ ପରୀକ୍ଷା କରାଯାଇଛି।

**ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶଙ୍କ ମାରାଥନ ପ୍ରଚାର**

# 'ସମ୍ବଲପୁରବାସୀଙ୍କ ଆଗ୍ରହ ମତେ ଅଭିଭୂତ କରିଛି'





ସମ୍ବଲପୁର, ୧୯।୪(ସମିସ):

ସମ୍ବଲପୁର ମାଟି ବୀରମାଟି, ମାଁ ସମଲେଶ୍ୱରୀଙ୍କ ମାଟି, ବୀର ସୁରେନ୍ଦ୍ର ସାଏଙ୍କ ମାଟି। ସମ୍ବଲପୁରରୁ ପ୍ରାର୍ଥିତ୍ୱ ମିଳିବା ପରେ ଲୋକେ ମତେ ଏଭଳି ସସମ୍ମାନେ ସ୍ୱାଗତ କରିବେ, ତାହା ମୁଁ କେବେ ଆଶା କରିନଥିଲି। ସମ୍ବଲପୁରବାସୀଙ୍କ ଆଗ୍ରହ ମତେ ଅଭିଭୂତ କରିଛି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ

**ମାଁ ସମଲେଇଙ୍କ ନାମ ନେଇ ଆରମ୍ଭ ହେଲା ଲୋକସମ୍ପର୍କ ଅଭିଯାନ**

**ବିଜୁ ପଟ୍ଟନାୟକ, ଅଶୋକ ଦାସ ଖାଇଥିବା ଘରେ ମଧ୍ୟାହ୍ନ ଭୋଜନ କଲେ ପ୍ରଣବ**

ଓଡ଼ିଶାବାସୀ ଏବଂ ସମ୍ବଲପୁରବାସୀ ସବୁବେଳେ ଆଦରି ନେଇଛନ୍ତି। ମତେ ଲାଗୁଛି ମୁଖ୍ୟମନ୍ତ୍ରୀ ମୋତେ ସମ୍ବଲପୁରରୁ ପ୍ରାର୍ଥୀ କରିବାର ଯେଉଁ ନିଷ୍ପତ୍ତି ନେଇଛନ୍ତି, ସମ୍ବଲପୁରବାସୀ ଖୁବ୍ ଭଲ ଭାବରେ ତାହାକୁ ଗ୍ରହଣ କରିଛନ୍ତି। ସମ୍ବଲପୁର ଲୋକସଭା କ୍ଷେତ୍ର ଅନ୍ତର୍ଗତ ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ପ୍ରଚାର ସମୟରେ ବିଜେଡିର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଶୁକ୍ରବାର ଏପରି କହିଛନ୍ତି।

ଶୁକ୍ରବାର ସକାଳୁ ପ୍ରଣବ ରେଙ୍ଗାଲି ନିର୍ବାଚନମଣ୍ଡଳୀରେ ମାରାଥନ ପ୍ରଚାର କରିଥିଲେ। ରେଙ୍ଗାଲିର ବିଭିନ୍ନ ଗାଁକୁ ଯାଇ ପ୍ରଚାର କରିବା ସହିତ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲେଚନା କରି ତାଙ୍କର ସମସ୍ୟା ସର୍ମ୍ପକରେ ପଚାରି ବୁଝିଥିଲେ। ପ୍ରଥମେ ଧନକଉଡ଼ା ଜୋନ୍-୧ ଅନ୍ତର୍ଗତ ତାଲବ ଗାଁରେ ଥିବା ସମଲେଇ ମନ୍ଦିରର ଯାଇ ମାଁ ସମଲେଶ୍ୱରୀଙ୍କୁ ଦର୍ଶନ କରିଥିଲେ। ମା' ସମଲେଶ୍ୱରୀଙ୍କ ନାମ ନେଇ ଆରମ୍ଭ କରିଥିଲେ ଲୋକସର୍ମ୍ପକ ଅଭିଯାନ। ତାଲବରେ ଲୋକଙ୍କୁ ଭେଟି ସେଠାକାର ବିଭିନ୍ନ ସମସ୍ୟା ସର୍ମ୍ପକରେ ଆଲୋଚନା କରିଥିଲେ। ସେଠାରୁ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ତଥା ରେଙ୍ଗାଲି ଜୋନ-୧ ଅନ୍ତର୍ଗତ ଖିଣ୍ଡା ଗ୍ରାମକୁ ଯାଇଥିଲେ। ସେଠାରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମୁଣ୍ଡିଆ ମାରିଥିଲେ। ଏହାସହ ବୀର ସୁରେନ୍ଦ୍ର ସାଏଙ୍କ ପରିବାରଲୋକଙ୍କ ସହ ବସି ଜଳଖିଆ କରିଥିଲେ। ପରିବାରଲୋକେ ବିଭିନ୍ନ ସମସ୍ୟା ସର୍ମ୍ପକରେ ତାଙ୍କୁ ଜଣାଇଥିବା ବେଳେ ତାହାର ଶୀଘ୍ର ସମାଧାନ ପାଇଁ ପ୍ରଣବ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଏହା ପରେ ରେଙ୍ଗାଲିସ୍ଥିତ ଦୁର୍ଗା ମନ୍ଦିରକୁ ଯାଇ ମା' ଦୁର୍ଗାଙ୍କର ଆଶୀର୍ବାଦ ନେଇଥିଲେ ପ୍ରଣବ। ରେଙ୍ଗାଲିରେ ନାଗରିକ କମିଟି ଓ ମାରୱାଡି ସମାଜ ସଦସ୍ୟଙ୍କ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରେଙ୍ଗାଲିରେ ସ୍ଥାନୀୟ ସମସ୍ୟା ଓ ତାହାର ସମାଧାନ ନେଇ ଲୋକଙ୍କ ମତାମତ ଲୋଡିଥିଲେ। ଏହି ଅବସରରେ ଆୟୋଜିତ ବିଜେଡିର ମିଶ୍ରଣ ପର୍ବରେ ବହୁ ସଂଖ୍ୟାରେ ବିଜେପିର ଯୁବ ଓ ବରିଷ୍ଠ କର୍ମୀମାନେ ବିଜେଡିରେ ଯୋଗଦାନ କରିଥିଲେ। ସମ୍ବଲପୁର ଲୋକସଭାରୁ ପ୍ରଣବ ପ୍ରକାଶଙ୍କ ପ୍ରାର୍ଥିତ୍ୱକୁ ନେଇ ସେମାନେ ଖୁବ ଉତ୍ସାହିତ ବୋଲି ସେମାନେ କହିଥିଲେ। ଏହା ପରେ ପ୍ରଣବ ମାନେଶ୍ୱର ଯାଇଥିଲେ। ଠେମରାଠୋରେ ଆୟୋଜିତ ଏକ ସଭାରେ ଯୋଗଦେଇ ଲୋକଙ୍କ ସହିତ ମିଶିଥିଲେ। ମଧ୍ୟାହ୍ନରେ ଠେମରା ବାସିନ୍ଦା ଗୋପୀ ବାବୁଙ୍କ ଘରେ ମଧ୍ୟାହ୍ନଭୋଜନ କରିଥିଲେ। ଏଠାରେ ପ୍ରକାଶ ଯେ ଗୋପୀବାବୁଙ୍କ ଘରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ତାଙ୍କର ବାପା ଅଶୋକ ଦାସ ମଧ୍ୟ ଭୋଜନ କରିଥିଲେ। ପ୍ରଣବଙ୍କ ଏତାଦୃଶ୍ୟ କାର୍ଯ୍ୟକୁ ଲୋକେ ପ୍ରଶଂସା କରିଥିବା ଦେଖାଯାଇଥିଲା। ଏହାପରେ ସେ ଠେମରାସ୍ଥିତ ମହିମା ଧର୍ମାବଲମ୍ବୀଙ୍କ ସହିତ ଆଲୋଚନା କରିଥିଲେ। ଶେଷରେ ଧନକଉଡା ଜୋନ-୨ ସ୍ଥିତ ଚିପିଲିମା ଠାରେ ସଭା କରି ମାଁ ଘଣ୍ଟେଶ୍ୱରୀଙ୍କ ଦର୍ଶନ କରି ମାରାଥନ ପ୍ରଚାର କାର୍ଯ୍ୟକ୍ରମକୁ ଶେଷ କରିଥିଲେ।

ସକାଳ ୬ଟାରୁ ଅପରାହ୍ଣ ୫ଟା, ଦୀର୍ଘ ୧୧ ଘଣ୍ଟା ଧରି ୯ ଟି ଭିନ୍ନ ଭିନ୍ନ ସ୍ଥାନକୁ ଯାଇ ଲୋକସର୍ମ୍ପକ ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ସମୟରେ ପ୍ରଣବ ନିଜର ପ୍ରତିକ୍ରିୟା ରଖି କହିଥିଲେ, ରାଜ୍ୟ ସରକାର ଉନ୍ନତ ଶିକ୍ଷା ଓ ସ୍ୱାସ୍ଥ୍ୟସେବାକୁ ଆଖି ଆଗରେ ରଖି କାମ କରୁଛନ୍ତି। ଯେଉଁଭଳି ଭାବରେ ରୂପାନ୍ତରଣ କାମ ଚାଲିଛି, ତାହା ସମସ୍ତଙ୍କ ଆଖି ସାମ୍ନାରେ। ଲୋକଙ୍କ ଛୋଟରୁ ଛୋଟ ଦାବିକୁ ମଧ୍ୟ ପୂରଣ କରାଯିବ। ତେଣୁ କରି କିଏ ବିକାଶ କରୁଛି, ତାହା ଆପଣମାନେ ବିଚାର କରି ଅନ୍ୟମାନଙ୍କ ପ୍ରଲୋଭନରେ ନପଡ଼ିବାକୁ ଲୋକଙ୍କୁ ଆହ୍ୱାନ କରିଥିଲେ। ପ୍ରଣବ ପ୍ରକାଶ ଦାସଙ୍କ ଏଭଳି ମାରାଥନ ପ୍ରଚାର ଦେଖି ବିରୋଧୀଙ୍କ ମନରେ ଛନକା ପଶିଥିବା କୁହାଯାଉଛି। ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି ଏ ସଂପର୍କରେ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

### ନବ ଦାସଙ୍କୁ ମନେପକାଇ ପ୍ରଣବ ଭାବପ୍ରବଣ

ସମ୍ବଲପୁର, ୧୯।(ସମିସ): ରେଙ୍ଗାଲି ନିର୍ବାଚନମଣ୍ଡଳୀ ଖିଣ୍ଡାଠାରେ ଅନୁଷ୍ଠିତ ସାଧାରଣ ସଭାରେ ପୂର୍ବତନ ମନ୍ତ୍ରୀ ନବକିଶୋର ଦାସଙ୍କୁ ମନେ ପକାଇ ପ୍ରଣବ ଭାବବିହ୍ୱଳ ହୋଇଥିଲେ। ଗତ ପଞ୍ଚାୟତ ନିର୍ବାଚନ କଥାକୁ ମନେ ପକାଇ କହିଥିଲେ, ଏହି ବୀର ମାଟିରେ ଛିଡ଼ା ହୋଇ ଗର୍ବ ଅନୁଭବ କରୁଛି। କେଉଁ ଜନ୍ମର ପୁଣ୍ୟ ଥିଲା ଯେ ମୁଖ୍ୟମନ୍ତ୍ରୀ ମୋତେ ଏହି ସୁଯୋଗ ଦେଇଛନ୍ତି। ଏହି ପବିତ୍ର ମାଟିରେ ବିକାଶ ହେଉଛି, ଆହୁରି ବିକାଶ ହେବ। ଏହି ଅବସରରେ ପ୍ରଣବ ନିଜ ପାଇଁ ଓ ବିଧାୟକ ପ୍ରାର୍ଥୀ ସୁଦର୍ଶନ ହରିପାଲଙ୍କ ପାଇଁ ଭୋଟ୍ ଭିକ୍ଷା କରିଥିଲେ। ସେ ଆହୁରି କହିଥିଲେ, ରେଙ୍ଗାଲିବାସୀ ମୁଖ୍ୟମନ୍ତ୍ରୀଙ୍କୁ ପଞ୍ଚାୟତ ନିର୍ବାଚନରେ ବିପୁଳ ମାତ୍ରାରେ ଭୋଟ ଦେଇ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ ଶ୍ରୀ ଦାସ ଓ ଭଟିଲି ବିଧାୟକ ସୁଶାନ୍ତ ସିଂଙ୍କ ପ୍ରମୁଖ ଭୂମିକା ରହିଥିଲା। ମୁଖ୍ୟମନ୍ତ୍ରୀଙ୍କୁ ହାତମୁଠାକୁ ଆହୁରି ଟାଣ କରିବାକୁ ସେ ଅନୁରୋଧ କରିଥିଲେ।

■ ପୁଲିସ ଅଧିକାରୀଙ୍କୁ ସାଂସଦ ଭର୍ତ୍ତୃହରିଙ୍କ ଦୁର୍ବ୍ୟବହାର ଘଟଣା

## ଜେଏମଏଫସି ଅଦାଲତରେ ପୁଲିସ ଏସିପିଙ୍କୁ ଜେରା ଅସମ୍ପୂର୍ଣ୍ଣ

**ମାମଲାର ଶୁଣାଣି ୩୦ରେ**

କଟକ, ୧୯।୪(ସମିସ): ଜଣେ କର୍ତ୍ତବ୍ୟରତ ପୁଲିସ ଅଧିକାରୀଙ୍କୁ ଦୁର୍ବ୍ୟବହାର ସହ କର୍ତ୍ତବ୍ୟ ସମ୍ପାଦନରେ ବାଧା ତଥା ମାଡ଼ ମାରିବା ଭଳି ଅଭିଯୋଗରେ କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ ବିରୋଧରେ ରୁଜୁ ମାମଲାର ଶୁଣାଣି କରିଛନ୍ତି କଟକ ଜେଏମଏଫସି ଅଦାଲତ। ଏହି ମାମଲାରେ ଆଜି ଜେଏମଏଫସି ଅଦାଲତରେ ଅଭିଯୋଗକାରୀ ପୁଲିସ ଏସିପି ଅମିତାଭ ମହାପାତ୍ର ହାଜର ହୋଇଥିଲେ। ତାଙ୍କର ଜମାନ ବନ୍ଦୀ ରେକର୍ଡ କରାଯିବା ପରେ ପ୍ରତିପକ୍ଷଙ୍କ ପକ୍ଷରୁ ଜେରା କରାଯାଇଥିଲା। ଏହି ଜେରା ଅସମ୍ପୂର୍ଣ୍ଣ ରହିଥିବା ଜଣାପଡ଼ିଛି। ଅଭିଯୋଗକାରୀଙ୍କ ପକ୍ଷରୁ ଅଦାଲତରେ ନୂତନ ଦସ୍ତାବିଜ ଦାଖଲ କରାଯାଇଥିବାରୁ ଏହାର କପି ପ୍ରଦାନ ପାଇଁ ସାଂସଦ ଭର୍ତ୍ତୃହରିଙ୍କ ଓକିଲ ପ୍ରାର୍ଥନା କରିଥିଲେ। କଟକ ଜେଏମ୍ଏଫସି ଅଦାଲତ ଏହି ମାମଲାର ଶୁଣାଣିକୁ ଆସନ୍ତା ୩୦ ତାରିଖକୁ ଧାର୍ଯ୍ୟ କରିଛନ୍ତି। ପରବର୍ତ୍ତୀ ତାରିଖରେ ଏତଲା ଦେଇଥିବା ସମ୍ପୃକ୍ତ ପୁଲିସ ଅଧିକାରୀ ଅମିତାଭ ମହାପାତ୍ର ଓ ଅନ୍ୟମାନଙ୍କ ସାକ୍ଷ୍ୟ ଗ୍ରହଣ ହେବ। ଆଜି ଭର୍ତ୍ତୃହରି ବ୍ୟକ୍ତିଗତ ଭାବେ ନ ଆସି ନିଜ ଓକିଲଙ୍କ ଜରିଆରେ ହାଜର ହୋଇଥିଲେ।

ସୂଚନା ଥାଉକି ଗତ ମାର୍ଚ୍ଚ ୨୧ରେ ଜେଏମ୍ଏଫ୍ସି ଅଦାଲତରେ ଶ୍ରୀ ମହତାବ ବ୍ୟକ୍ତିଗତ ଭାବେ ହାଜର ହୋଇଥିବା ବେଳେ ଏହି ମାମଲାରେ ତାଙ୍କ ବିରୋଧରେ ଚାର୍ଜଫ୍ରେମ ହୋଇଥିଲା। ମାମଲାରୁ ପ୍ରକାଶ ଯେ ଗତ ୨୦୧୧, ଜାନୁଆରି ୨୩ରେ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ଆୟୋଜିତ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବାକୁ ଆସିଥିବା ବେଳେ ଭିଡ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳାରେ ରକ୍ଷା କାର୍ଯ୍ୟରେ ନିୟୋଜିତ ଥିଲେ ତତ୍କାଳୀନ ପୁଲିସ୍ ଏସ୍ଆଇ ବର୍ତ୍ତମାନର ଏସିପି ଅମିତାଭ ମହାପାତ୍ର। ସେହି ସମୟରେ ଶ୍ରୀ ମହାତାବ ସମ୍ପୃକ୍ତ ଅଧିକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ତଥା ମାଡ ମାରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଦରଘାବଜାର ଥାନାରେ ଶ୍ରୀ ମହାପାତ୍ର ଏତଲା ଦେଇଥିଲେ। ଏପରିକି ୨୦୧୮, ମାର୍ଚ୍ଚ ୧୯ରେ ଶ୍ରୀ ମହତାବଙ୍କ ବିରୋଧରେ ପୁଲିସ ଚାର୍ଜସିଟ ଦାଖଲ କରିଥିଲା। ସରକାରଙ୍କ ପକ୍ଷରୁ ଏପିପି ଅଫ୍ରୋଜ୍ ଅହମ୍ମଦ ମାମଲା ପରିଚାଳନା କରୁଥିବା ବେଳେ ଭର୍ତ୍ତୃହରିଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

■ ନିର୍ବାଚନ ପ୍ରଚାରରେ ଶିଶୁଙ୍କୁ ବ୍ୟବହାର

## ଅପରାଜିତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜେଡି




ଭୁବନେଶ୍ୱର, ୧୯।୪ (ସମିସ): ପୂର୍ବରୁ ନିର୍ବାଚନ ରାଲି ଓ ବୈଠକରେ ଛୋଟ ଛୋଟ ପିଲାଙ୍କୁ ସାମିଲ କରି ବିବାଦ ଘେରରେ ପଡ଼ିଥିବା ବିଜେପି ସାଂସଦ ପ୍ରାର୍ଥୀ ଅପରାଜିତା ପୁଣିଥରେ ଏପରି ବେଆଇନ କାର୍ଯ୍ୟକୁ ଦୋହରାଇଛନ୍ତି। ଆଚରଣ ବିଧି ଉଲ୍ଲଙ୍ଘନ କରି ବେଆଇନ କାର୍ଯ୍ୟ କରିଥିବା ଅପରାଜିତାଙ୍କ ବିରୋଧରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ଫେରାଦ ହୋଇ ଦୃଢ଼ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଦଳର ଏକ ପ୍ରତିନିଧିମଣ୍ଡଳୀ ଏ ସଂକ୍ରାନ୍ତରେ ନିର୍ବାଚନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ବିଜେଡି ଅଭିଯୋଗ କରିଛି ଯେ କିଛି ଦିନ ପୂର୍ବେ ଖୋର୍ଦ୍ଧାରେ ଶ୍ରୀମତୀ ଷଡ଼ଙ୍ଗୀ ଏବଂ ବିଜେପି ବିଧାୟକ ପ୍ରାର୍ଥୀ ନିର୍ବାଚନ ପ୍ରଚାର କାର୍ଯ୍ୟରେ ଛୋଟ ପିଲାମାନଙ୍କୁ ନିୟୋଜିତ କରିଥିବା ଦେଖିବାକୁ ମିଳିଥିଲା। ଏବେ ଏକାମ୍ର ଭୁବନେଶ୍ୱର ନିର୍ବାଚନମଣ୍ଡଳୀରେ ଅନୁରୂପ ଘଟଣାର ପୁନରାବୃତ୍ତି ହୋଇଛି। ଆଜି ଶ୍ରୀମତୀ ଷଡ଼ଙ୍ଗୀ ଏବଂ ଭୁବନେଶ୍ୱର ଏକାମ୍ର ବିଜେପି ବିଧାୟକ ପ୍ରାର୍ଥୀ ବାବୁ ସିଂ ଏକ ଛୋଟ ପିଲା ବେକରେ ବିଜେପି ଉତ୍ତରୀୟ ପକାଇ ନିର୍ବାଚନ ପ୍ରଚାର କରୁଥିବା ଦେଖାଯାଇଛି। ପିଲାମାନେ ଅତ୍ୟନ୍ତ ସମ୍ବେଦନଶୀଳ ବର୍ଗର ହୋଇଥିବା ବେଳେ ରାଜନୈତିକ ଫାଇଦା ପାଇଁ ସେମାନଙ୍କ ବ୍ୟବହାର ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି ବିଜେଡି କହିଛି। ନିର୍ବାଚନ ରାଲି ଓ ବୈଠକରେ ପିଲାମାନଙ୍କୁ ସାମିଲ କରିବା ଦ୍ୱାରା ସେମାନଙ୍କ ପ୍ରତି ବିପଦ ରହିଥିବା ବେଳେ ସେମାନଙ୍କୁ ଶୋଷଣ କରାଯିବାର ଯଥେଷ୍ଟ ଆଶଙ୍କା ରହିଛି। ଏହା ସମ୍ପୂର୍ଣ୍ଣ ବେଆଇନ ଓ ପିଲାମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଛି। ଭୁବନେଶ୍ୱର ବିଜେପି ସାଂସଦ ପ୍ରାର୍ଥୀ ଅତ୍ୟନ୍ତ ବେପରୁଆ ଭାବେ ବାରମ୍ବାର ପିଲାମାନଙ୍କୁ ନିର୍ବାଚନ ପ୍ରଚାର ପାଇଁ ବ୍ୟବହାର କରି ଚାଲିଛନ୍ତି। ତେଣୁ ଶ୍ରୀମତୀ ଷଡ଼ଙ୍ଗୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି ବିଜେଡି ଦାବି କରିଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ ପାଇଁ ଯାଇଥିବା ବିଜେଡି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଏବଂ ଡ଼ ସସ୍ମିତ ପାତ୍ର, ଓମ୍ ପ୍ରକାଶ ସାହୁ, ତୁମ୍ବନାଥ ପଣ୍ଡା, ଡ଼ ପ୍ରିୟବ୍ରତ ମାଝୀ, ଇପ୍ସିତା ସାହୁ, ମଧୁସ୍ମିତା ନାୟକ, ମାହିକ୍ଷୀତା ମିଶ୍ର, ଡ଼ ପ୍ରିୟବ୍ରତ ମାଝୀ, ସ୍ୱୟମ୍ ପ୍ରକାଶ ମହାପାତ୍ର, ମିହିର ରାୟ, ଡ଼ ସୁରେଶ କୁମାର ବାରିକ ପ୍ରମୁଖ ସାମିଲ ହୋଇଥିଲେ।

**କେନ୍ଦ୍ରମନ୍ତ୍ରୀଙ୍କ ଅପାରଗତାକୁ ବିଜେଡି ସାଂସଦ ସସ୍ମିତଙ୍କ କଟୁ ସମାଲୋଚନା**

## ଲୋକଙ୍କୁ 'ଲକ୍ଷ୍ମୀଛଡ଼ା' କରିବାକୁ ଶପଥ ନେଇଛନ୍ତି ଧର୍ମେନ୍ଦ୍ର

**ସମଗ୍ର ଦେଶରେ 'ଲକ୍ଷ୍ମୀ' ବସ୍ ଯୋଜନା ଏକନମ୍ବର କାର୍ଯ୍ୟକ୍ରମ**

**ଅନୁଗୁଳ, ସମ୍ବଲପୁର, ଢ଼େଙ୍କାନାଳ ବାସିନ୍ଦା ଲକ୍ଷ୍ମୀ ବସ୍ ସେବାରୁ ବଞ୍ଚିତ**

ଭୁବନେଶ୍ୱର, ୧୯।୪(ସମିସ):

ଓଡ଼ିଶାରେ ଗ୍ରାମୀଣ ଗମନାଗମନ ବ୍ୟବସ୍ଥାରେ ନୂଆ ଆଶା ସଞ୍ଚାର କରିଛି ରାଜ୍ୟ ସରକାରଙ୍କର ମହତ୍ୱାକାଂକ୍ଷୀ ଯୋଜନା 'ଲକ୍ଷ୍ମୀ'ବସ୍। ମହିଳା, ଦିବ୍ୟାଙ୍ଗ, ଛାତ୍ରଛାତ୍ରୀ, କୃଷକ, ବ୍ୟବସାୟୀ, ମିଶନ୍ ଶକ୍ତି ମା'ମାନଙ୍କ ପାଇଁ ଲକ୍ଷ୍ମୀ ବସ୍ ସମୃଦ୍ଧିର ପ୍ରତୀକ ହୋଇଛି। ସେଥିପାଇଁ ଏହାକୁ ଦେଶର ଶ୍ରେଷ୍ଠ ଯୋଗାଯୋଗ ବ୍ୟବସ୍ଥା ବୋଲି କୁହାଯାଉଛି; କିନ୍ତୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅପରାଗତା ପାଇଁ ସମ୍ବଲପୁର, ଅନୁଗୁଳ ଓ ଢ଼େଙ୍କାନାଳ ଜିଲ୍ଲାର ଲୋକେ ଲକ୍ଷ୍ମୀ ବସ୍‌ର ଶତପ୍ରତିଶତ ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଲୋକଙ୍କୁ 'ଲକ୍ଷ୍ମୀଛଡ଼ା' କରିବାକୁ କେନ୍ଦ୍ରମନ୍ତ୍ରୀ ଶପଥ ନେଇଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି।

ଆଜି ଶଙ୍ଖ ଭବନରେ ବିଜେଡି ରାଜ୍ୟସଭା ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଡ଼ ସସ୍ମିତ ପାତ୍ର କହିଛନ୍ତି ଯେ ରାଜ୍ୟ ସରକାରଙ୍କର ଲକ୍ଷ୍ମୀ ସେବା ଓଡ଼ିଶାର ୧୦୦% ଜିଲ୍ଲାକୁ ସଂଯୋଗ କରୁଛି। ବ୍ଲକ ଓ ଜିଲ୍ଲାରେ ଏବେ ୧୬୦୦ରୁ ଅଧିକ ବସ୍ ଏବଂ ୧୨୨ଟି ଅତ୍ୟାଧୁନିକ ଜଗନ୍ନାଥ ଏକ୍ସପ୍ରେସ୍ ଏବଂ ଲକ୍ଷ୍ମୀ ଏକ୍ସପ୍ରେସ୍ ବସ୍ ଚାଲୁଛି। ହେଲେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅବହେଳା ପାଇଁ ତିନି ଜିଲ୍ଲା ସମ୍ବଲପୁର, ଅନୁଗୁଳ ଓ ଢେଙ୍କାନାଳ ଲୋକେ ଏହାର ସମ୍ପୂର୍ଣ୍ଣ ସୁଫଳ ପାଇପାରୁ ନାହାନ୍ତି।

ଡକ୍ଟର ପାତ୍ର କହିଛନ୍ତି ଯେ ୬୨, ୦୦୦ରୁ ଅଧିକ ଶିକ୍ଷାନୁଷ୍ଠାନକୁ ସଂଯୋଗ କରି ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସ୍ୱପ୍ନକୁ ସାକାର କରିବାରେ ଲକ୍ଷ୍ମୀ ବସ୍ ସାହାଯ୍ୟ କରୁଛି। ଯୁବକମାନଙ୍କ ପାଇଁ ୩୨, ୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ମହିଳା ଏବଂ ବରିଷ୍ଠ ନାଗରିକମାନଙ୍କ ପାଇଁ ୯୦୦୦ ବସ୍ ରହଣି ଆଶ୍ରୟସ୍ଥଳୀ ସ୍ଥାପନ କରିଛି। ମାତ୍ର ୫ ଟଙ୍କାରେ ମହିଳା, ଛାତ୍ର ଓ ଦିବ୍ୟାଙ୍ଗମାନେ ଏବେ ଗ୍ରାମୀଣ ଓଡ଼ିଶାରେ ଅତି ଆରାମରେ ଯାତ୍ରା କରିପାରୁଛନ୍ତି। ଜଗନ୍ନାଥ ଏକ୍ସପ୍ରେସ ଓ ଲକ୍ଷ୍ମୀ ଏକ୍ସପ୍ରେସରେ ମହିଳାମାନେ ୫୦% ରିହାତି ପାଇପାରୁଛନ୍ତି। କିନ୍ତୁ ପରିତାପର ବିଷୟ ଶ୍ରୀ ପ୍ରଧାନଙ୍କ ଅବହେଳା ପାଇଁ ତିନି ଜିଲ୍ଲାର ଲୋକେ ଏତେ ଭଲ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏନ୍ଏଚ୍-୫୫ର ଅତ୍ୟନ୍ତ ଖରାପ ସ୍ଥିତି ଯୋଗୁଁ ସମ୍ବଲପୁର, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ ଏହି ସବୁ ଭଲ କାମ ସମ୍ଭବ ହୋଇପାରୁ ନାହିଁ। ୫୫ ନମ୍ବର ଜାତୀୟ ରାଜପଥରେ ଲକ୍ଷ୍ମୀ ବସ୍‌ର ସୁବିଧା ସତ୍ତ୍ୱେ କିପରି ସେମାନଙ୍କ ପିଠି ଯନ୍ତ୍ରଣା ଓ ଦୁର୍ଘଟଣା ଭୟ ରହୁଛି ତାହା ଯାତ୍ରୀମାନେ ଅଭିଯୋଗ କରୁଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ବିଫଳତା କାରଣରୁ ଏଭଳି ସ୍ଥିତି ଉପୁଜିଛି। ଦୀର୍ଘ ୧୦ ବର୍ଷ ଧରି କେନ୍ଦ୍ରମନ୍ତ୍ରୀ ହୋଇଥିଲେ ମଧ୍ୟ ସେ ରାସ୍ତା କାମ ଶେଷ କରିପାରିନାହାନ୍ତି। ଯଦି ୫୫ ନମ୍ବର ଜାତୀୟ ରାଜପଥ କାମ ସମ୍ପୂର୍ଣ୍ଣ ହୋଇଥାନ୍ତା, ତେବେ ଦୁର୍ଘଟଣା ଓ ପିଠି ଯନ୍ତ୍ରଣା ନେଇ ଲୋକଙ୍କ ମନରେ ଭୟ ନଥାନ୍ତା। ଦୁଃଖର ବିଷୟ ଶ୍ରୀ ପ୍ରଧାନ ଏଥିପ୍ରତି ଅବହେଳା କରି ଚାଲିଛନ୍ତି। ରାଜ୍ୟ ପକ୍ଷରୁ ଯୋଗାଇ ଦିଆଯାଉଥିବା ସର୍ବୋତ୍ତମ ଲକ୍ଷ୍ମୀ ବସ୍ ସେବା ସତ୍ତ୍ୱେ ଜାତୀୟ ରାଜପଥ-୫୫ର ଖରାପ ସ୍ଥିତି ଯୋଗୁଁ ଲକ୍ଷ ଲକ୍ଷ ମହିଳା, ଛାତ୍ର ଓ ବୟସ୍କ ଲୋକେ ହଇରାଣ ହେଉଛନ୍ତି। ବୋଧହୁଏ ଶ୍ରୀ ପ୍ରଧାନ ଏନ୍ଏଚ୍-୫୫ ନୁହେଁ, ଅନ୍ୟ କୌଣସି ରାସ୍ତା ଦେଇ ଯାତାୟାତ କରୁଛନ୍ତି ବୋଲି ଡକ୍ଟର ପାତ୍ର କହିଛନ୍ତି।

## ଆକାଶବାଣୀ ଓ ଦୂରଦର୍ଶନରେ ନିର୍ବାଚନ ପ୍ରଚାର କରିବେ ରାଜନୈତିକ ଦଳ

**ଚିରକୁଟ ଉଠାଣ ମାଧ୍ୟମରେ ସମୟ ନିର୍ଘଣ୍ଟ ଚୂଡ଼ାନ୍ତ**

ଭୁବନେଶ୍ୱର, ୧୯।୪(ସମିସ): ଆସନ୍ତା ସାଧାରଣ ନିର୍ବାଚନ ପାଇଁ 'ଆକାଶବାଣୀ' ଓ 'ଦୂରଦର୍ଶନ' ମାଧ୍ୟମରେ ସ୍ୱୀକୃତିପ୍ରାପ୍ତ ଜାତୀୟ ରାଜନୈତିକ ଦଳ ଓ ରାଜ୍ୟ ରାଜନୈତିକ ଦଳମାନେ ଦେୟମୁକ୍ତ ନିର୍ବାଚନ ପ୍ରଚାର କରିବାର ବ୍ୟବସ୍ଥା ରହିଛି। ଏଥିପାଇଁ ଆଜି ସମୟ ନିର୍ଘଣ୍ଟ କରାଯିବା ସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚିରକୁଟ ଉଠାଣ ମାଧ୍ୟମରେ ସ୍ଥିରୀକୃତ ହୋଇଛି। ଏଥିରେ ଆକାଶବାଣୀ, କଟକ କେନ୍ଦ୍ର ଓ ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱରଙ୍କ ଆନୁକୂଲ୍ୟରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡକଫର ଏନ୍. ତିରୁମାଲା ନାୟକଙ୍କ ପୌରୋହିତ୍ୟରେ ଏହି ଚିରକୁଟ ଉଠାଣ ପ୍ରକ୍ରିୟା କରାଯାଇଥିଲା। ଏଥିରେ ଭାରତୀୟ ଜନତା ପାର୍ଟି, ଭାରତୀୟ ଜାତୀୟ କଂଗ୍ରେସ, ଆମ୍ ଆଦ୍‌ମି ପାର୍ଟି, ସିପିଆଇ(ଏମ୍) ଓ ବହୁଜନ ସମାଜ ପାର୍ଟିର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଆକାଶବାଣୀ, କଟକ ପକ୍ଷରୁ କାର୍ଯ୍ୟକ୍ରମ ପ୍ରମୁଖ ତରୁଣ କାନ୍ତି ରାଉତ ଓ ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱର ପକ୍ଷରୁ କାର୍ଯ୍ୟକ୍ରମ ପ୍ରମୁଖ ଦେବାଶିଷ ହାଲ୍‌ଦାର ଚିରକୁଟ ଉଠାଣ ପ୍ରକ୍ରିୟା ସମ୍ପାଦନ କରିଥିଲେ। ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଥର ଥର କରି ଚିରକୁଟ ଉଠାଣ କରିଥିଲେ ଓ ଚିରକୁଟରେ ନାମ ଥିବା ରାଜନୈତିକ ଦଳର ପ୍ରତିନିଧିମାନେ ନିଜ ନିଜ ପସନ୍ଦର ସମୟ ନିର୍ଘଣ୍ଟ ବାଛିଥିଲେ। ଏହି ସମୟ ନିର୍ଘଣ୍ଟ ମଧ୍ୟରେ ସମ୍ପୃକ୍ତ ଦଳମାନେ ଆଦର୍ଶ ଆଚରଣ ବିଧି ଅନୁସାରେ ନିର୍ବାଚନ ପ୍ରଚାର ପାଇଁ ସୁଯୋଗ ପାଇବେ।

**ସଂକେତ ବଦଳିଛି; ବଦଳିନି ଲକ୍ଷ୍ୟ**

# ଅପହରଣ ପ୍ରତିବାଦରେ ବିଧାୟକ ପ୍ରାର୍ଥୀ

**ବ୍ରହ୍ମପୁର, ୧୯ ।୪(ସମିସ):** ଛାତ୍ର ରାଜନୀତି ପରେ ଗାଁ ରାଜନୀତିରେ ପ୍ରବେଶ କରିଥିଲେ। ସମିତି ସଭ୍ୟ ହୋଇ ପଞ୍ଚାୟତ ପ୍ରଜାଙ୍କ ସେବା କରିବେ ବୋଲି ଭାବିଥିଲେ। ହେଲେ ତାଙ୍କ ଲକ୍ଷ୍ୟ ସାଧନ ହୋଇପାରି ନଥିଲା। ସମିତି ସଭ୍ୟ ପଦ ଲାଗି ପ୍ରାର୍ଥିପତ୍ର ଦାଖଲ କରିବାକୁ ଗଲା ବେଳକୁ ଅପହରଣର ଶିକାର ହୋଇଥିଲେ। ଫଳରେ ସେ ଆଉ ନିଜ ପ୍ରାର୍ଥିତ୍ୱ ବଞ୍ଚାଇ ପାରି ନଥିଲେ। ଏହାର ପ୍ରତିବାଦରେ ୨୦୦୯ ମସିହାଠାରୁ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ବିଭୁଧେନ୍ଦ୍ର ପାଢ଼ୀ। ବହୁଜନ ସମାଜ ପାର୍ଟି, ସ୍ୱାଧୀନ, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ଭଳି ବିଭିନ୍ନ ପାର୍ଟି ଓ ସାଂକେତିକ ଚିହ୍ନରୁ ସେ ନିର୍ବାଚନ ଲଢ଼ି ସବୁଥର ପରାଜିତ ହୋଇଛନ୍ତି ସତ, କିନ୍ତୁ ଏଥିରେ ବିଚଳିତ ହୋଇ ନିଜ ଲକ୍ଷ୍ୟ ବଦଳାଇ ନାହାନ୍ତି। ଏଥର ବି ସେ ବିଧାୟକ ପ୍ରାର୍ଥୀ ଭାବେ ଚିକିଟିରୁ ଲଢ଼ିବେ ବୋଲି ସ୍ଥିର କରିଛନ୍ତି।



ବ୍ରହ୍ମପୁର ଲୋକସଭା ଅନ୍ତର୍ଗତ ଚିକିଟି ନିର୍ବାଚନ ମଣ୍ଡଳୀର ବିଭୁଧେନ୍ଦ୍ର ପାଢ଼ୀ ପେସାରେ ଜଣେ ସାମ୍ବାଦିକ। ଏହାସହ କୌଳିକ ବୃତ୍ତିକୁ ମଧ୍ୟ ଆଦରି ଧରିଛନ୍ତି। କୁଳ ପୁରୋହିତ ଭାବେ ବିଭିନ୍ନ ଗ୍ରାମରେ ଅନେକ କର୍ମକାଣ୍ଡ କରିଥାନ୍ତି। ବିଭୁଧେନ୍ଦ୍ରଙ୍କ କହିବାନୁସାରେ, ୧୯୯୦ ମସିହାରେ ସେ ପ୍ରଥମେ ଛାତ୍ର

**୧୫ ବର୍ଷ ହେଲା ଲଢ଼ି ଆସୁଛନ୍ତି, କେବେ ବି ଦେଖିନାହାନ୍ତି ବିଜୟର ମୁହଁ**

ରାଜନୀତିରେ ପାଦ ଥାପିଥିଲେ। ପାରଳାଖେମୁଣ୍ଡି କଲେଜରେ ପ୍ରଥମେ ଉପସଭାପତି ପଦ ଲାଗି ପ୍ରତିଦ୍ୱନ୍ଦ୍ୱିତା କରି ଅସଫଳ ହୋଇଥିଲେ। ତା' ପରେ ଖଲ୍ଲିକୋଟ କଲେଜରେ ପଢ଼ିବା ବେଳେ ଅଖିଳ ଭାରତ ଛାତ୍ର ସଂଘର ଆଗଧାଡ଼ିର ସାଥୀ ଥିଲେ ବିଭୁଧେନ୍ଦ୍ର। ଏଠାରେ ମଧ୍ୟ ସେ ସହଯୋଗୀ ସମ୍ପାଦକ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ବିଫଳ ହୋଇଥିଲେ। ପାଠପଢ଼ା ସରିବା ପରେ ଗାଁ ରାଜନୀତିରେ ସାମିଲ ହୋଇଥିଲେ। ୨୦୦୭ ମସିହା ପଞ୍ଚାୟତ ନିର୍ବାଚନରେ ସମିତି ସଭ୍ୟ ହେବାର ଆଶା ମଧ୍ୟ ତାଙ୍କର ମଉଳି ଯାଇଥିଲା। ହେଲେ ତାଙ୍କ ଲକ୍ଷ୍ୟକୁ ନେଇ ସେ ଅଟଳ ଥିଲେ। ଅପହରଣକୁ ବିରୋଧ କରି ସେ ୨୦୦୯ ମସିହାରେ ବହୁଜନ ସମାଜ ପାର୍ଟିରେ ଚିକିଟି ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ପରେ ୨୦୧୪ ମସିହାରେ ସେ ପୁନଃ ନିର୍ବାଚନ ଲଢ଼ିବାକୁ ମନ ବଳାଇଥିଲେ। ୨୦୧୪ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ସେହିଭଳି ୨୦୧୯ ରେ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ଜିଲ୍ଲା ସଭାପତି ହେବା ପରେ ଏହି ଦଳରୁ ସେ ନିର୍ବାଚନ ଲଢ଼ିଥିଲେ। ଏଥର ନିର୍ବାଚନରେ ମଧ୍ୟ ବିଭୁଧେନ୍ଦ୍ର ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକରୁ ନିଜ ନାମାଙ୍କନ ଭରିଛନ୍ତି। ଚିକିଟି ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି। ନିଜ ରାଜନୈତିକ ଜୀବନ ଯାତ୍ରାରେ ଦିନେ ମଧ୍ୟ ସଫଳ ହୋଇ ନଥିବା ବିଭୁଧେନ୍ଦ୍ରଙ୍କ ଇଚ୍ଛାଶକ୍ତି ଅନେକ ପରାଜିତ ରାଜନେତାଙ୍କ ଲାଗି ପ୍ରେରଣା ନିଶ୍ଚୟ। ବୃତ୍ତିଗତ ଜୀବନରେ କୁଳ ପୁରୋହିତ, ଜ୍ୟୋତିର୍ବିତ୍, କର୍ମକାଣ୍ଡ ଆଦି ସେ କରନ୍ତି। ଏହିକ୍ରମରେ ଲୋକଙ୍କ ସହିତ ଭଲ ସମ୍ପର୍କ ରହିଆସିଛି। ସେହିଭଳି ଚିକିଟି ବ୍ଲକରେ ସେ ସାମ୍ବାଦିକତା କରୁଥିବା ବେଳେ ଲୋକଙ୍କ ସମସ୍ୟାକୁ ନେଇ ସ୍ୱର ଉତ୍ତୋଳନ କରିଆସୁଛନ୍ତି। ଏନେଇ ବିଭୁଧେନ୍ଦ୍ର କହିଛନ୍ତି ଯେ ଅନେକ ନିର୍ବାଚନରେ ବହୁ ବଡ଼ ନେତା ପରାଜିତ ହୋଇଥା'ନ୍ତି। ନିର୍ବାଚନରେ ହାରିବା ମୋ ପାଇଁ ବଡ଼ କଥା ନୁହେଁ କିମ୍ବା ଏଥିରେ ମୁଁ ବିଚଳିତ ହୋଇନି। ନିଜ ଲକ୍ଷ୍ୟ ଯାତ୍ରାରେ ଅଗ୍ରସର ହେବା ଜଣେ ବିପ୍ଳବୀ ପକ୍ଷରେ ହିଁ ସମ୍ଭବ।

## କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀ

# ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବା ପରେ ବିରୋଧୀ ଶିବିରରେ ଛନକା



**ବଲାଙ୍ଗିର, ୧୯।୪ (ସମିସ):**

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା ଆସନରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡିରୁ ପ୍ରାର୍ଥୀ ହେବା ନେଇ ଘୋଷଣା ହେବା ପରେ ଏବେ ଅନ୍ୟ ଦୁଇ ରାଜନୈତିକ ଦଳ କଂଗ୍ରେସ ଓ ବିଜେପିର ଅଙ୍କ ବିଗିଡ଼ି ଯାଇଥିବା ଚର୍ଚ୍ଚା ହେଉଛି। ଏହି ଆସନ ପାଇଁ କଂଗ୍ରେସ ଓ ବିଜେପି ପ୍ରାର୍ଥୀ ଘୋଷଣା କରିଥିବା ବେଳେ ବିଜେଡିର ଏହି ମାଷ୍ଟର୍‌ଷ୍ଟ୍ରୋକ୍ ସମସ୍ତଙ୍କୁ ଚକିତ କରିଛି। ସବୁବେଳେ ନୂଆ ସମୀକରଣ ସୃଷ୍ଟି ହେଉଥିବା ଏହି ନିର୍ବାଚନମଣ୍ଡଳୀରେ ଚଳିତଥର ପାଇଁ ପୁଣି ଏକ ନୂଆ ସମୀକରଣ ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି।

କଣ୍ଟାବାଞ୍ଜି ଆସନଟି ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନମଣ୍ଡଳୀ। ପ୍ରତି ନିର୍ବାଚନରେ ଏଠାରେ ନୂଆ ସମୀକରଣ ଦେଖିବାକୁ ମିଳିଥାଏ। ଏମିତିରେ ଚଳିତ ନିର୍ବାଚନରେ ଏହି ଆସନରୁ ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ହେବା ଘୋଷଣା ପରେ ବିଜେଡିରେ ଉତ୍ସାହ ଦେଖିବାକୁ ମିଳିଛି। କିନ୍ତୁ ବିରୋଧୀ ଶିବିରରେ ଏବେ ଭାଳେଣି ପଡ଼ିଥିବା ଚର୍ଚ୍ଚା ହେଉଛି। ଏହି ଆସନରୁ ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ କଂଗ୍ରେସର ସନ୍ତୋଷ ସିଂ ସାଲୁଜା ଓ ବିଜେପିର ଲକ୍ଷ୍ମଣ ବାଗ। ଦୁଇଜଣ ଯାକ ରାଜ୍ୟ ରାଜନୀତିରେ ବରିଷ୍ଠ ନେତା।

**ସାଲୁଜା ଓ ଲକ୍ଷ୍ମଣଙ୍କ ପାଇଁ ଅଗ୍ନିପରୀକ୍ଷା**



କିନ୍ତୁ ମୁଖ୍ୟମନ୍ତ୍ରୀଙ୍କୁ ନିର୍ବାଚନ ମଇଦାନରେ ଟକ୍କର୍ ଦେବା ସେମାନଙ୍କ ପାଇଁ ଅଗ୍ନିପରୀକ୍ଷା ହେବ ବୋଲି କୁହାଯାଉଛି।

କଣ୍ଟାବାଞ୍ଜି ଏନଏସି, ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକ୍‌କୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀରେ ୩୩୪ଟି ମତଦାନ କେନ୍ଦ୍ର ରହିଛି। ନିର୍ବାଚନମଣ୍ଡଳୀରେ ସମୁଦାୟ ୨ଲକ୍ଷ ୭୪ ହଜାର ୬୯ ମତଦାତା ରହିଥିବା ବେଳେ ଏଥିରେ ୧ଲକ୍ଷ ୩୮ ହଜାର ୭୫୦ ପୁରୁଷ, ୧ ଲକ୍ଷ ୩୫ ହଜାର ୨୪୭ ମହିଳା ଓ ୭୨ ଭିନ୍ନ ବର୍ଗର ଭୋଟର ରହିଛନ୍ତି। ଚଳିତ ନିର୍ବାଚନରେ ୬୩୮୮ଜଣ ନୂଆ ଭୋଟର ରହିଥିବା ବେଳେ ୩୮୫୬ଜଣ ଭିନ୍ନକ୍ଷମ ଭୋଟର ରହିଛନ୍ତି। ଗତ ନିର୍ବାଚନଗୁଡ଼ିକରେ ଏହି ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରତି ନିର୍ବାଚନରେ ଭିନ୍ନ ସମୀକରଣ ଦେଖିବାକୁ ମିଳିଥାଏ। ୧୯୬୧ରୁ ୨୦୧୯ ମଧ୍ୟରେ ହୋଇଥିବା ନିର୍ବାଚନରେ କଂଗ୍ରେସର ଦବଦବା ରହି ଆସିଛି।

୨୦୧୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ସିଂ ସାଲୁଜା ୬୪୨୪୬ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ବିଜେପି ପ୍ରାର୍ଥୀ ଲକ୍ଷ୍ମଣ ବାଗ ପାଇଥିଲେ ୬୪୧୧୮ ଖଣ୍ଡ ଭୋଟ। ସେହିପରି ବିଜେଡି ପ୍ରାର୍ଥୀ ଅଜୟ ଦାସ ୫୪୫୨୭ ଖଣ୍ଡ ଭୋଟ ପାଇଥିଲେ। ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଆୟୁବ ଖାନ ଏଠାରେ ବାଜି ମାରିଥିଲେ। ୨୦୦୯ ନିର୍ବାଚନରେ ଏହି ଆସନ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ସିଂ ସାଲୁଜାଙ୍କ ହାତରେ ରହିଥିଲା। ଏହା ପୂର୍ବରୁ ୨୦୦୪ରେ ସ୍ୱାଧୀନ ଭାବେ ଲଢ଼ି ଆୟୁବ ଖାନ ବିଧାୟକ ହୋଇଥିବା ବେଳେ ୨୦୦୦ ଓ ୧୯୯୫ ନିର୍ବାଚନରେ ସନ୍ତୋଷ ସିଂ ସାଲୁଜା କଂଗ୍ରେସ ଦଳରୁ ବିଜୟୀ ହୋଇ ବିଧାୟକ ହୋଇଥିଲେ। ୧୯୯୦ରେ ପ୍ରସନ୍ନ ପାଲ ଜନତା ଦଳରୁ ବିଧାୟକ ହୋଇଥିବା ବେଳେ ୧୯୮୫ ରେ ଚୈତନ୍ୟ ପ୍ରଧାନ ସ୍ୱାଧୀନ ଭାବେ ବିଧାୟକ ହୋଇଥିଲେ। ୧୯୭୭ ଓ ୧୯୮୦ ନିର୍ବାଚନରେ ପ୍ରସନ୍ନ ପାଲ କଂଗ୍ରେସରୁ ବିଧାୟକ ହୋଇଥିବା ବେଳେ ୧୯୭୪ରେ ସ୍ୱତନ୍ତ୍ର ପାର୍ଟିରୁ ରାମ ପ୍ରସାଦ ମିଶ୍ର, ୧୯୭୧ରେ ଅଚ୍ୟୁତାନନ୍ଦ ମହାନନ୍ଦ ଓ ୧୯୬୭ରେ ଲୋକନାଥ ରାଏ ବିଧାୟକ ହୋଇଥିଲେ। ସେହିପରି ଏହି ନିର୍ବାଚନମଣ୍ଡଳୀର ପ୍ରଥମ ବିଧାୟକ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ। ସେ ଗଣତନ୍ତ୍ର ପରିଷଦରୁ ନିର୍ବାଚନ ଲଢ଼ିଥିଲେ। ଏବେ ପୁଣି ଏହି ଆସନରୁ ଆଉ ଜଣେ ମୁଖ୍ୟମନ୍ତ୍ରୀ ନିର୍ବାଚନ ଲଢ଼ିବାକୁ ଯାଉଥିବାରୁ ସ୍ୱାଭାବିକ ଭାବେ ସମସ୍ତଙ୍କ ନଜର ଏହି ଆସନ ଉପରେ ରହିଛି।


## ଲୋଇସିଂହା ନିର୍ବାଚନମଣ୍ଡଳୀ

# ବଢ଼ିଛି ଶଙ୍ଖ; ଖସିଛି ପଦ୍ମ-ହାତ ସ୍ଥିର

**ବଲାଙ୍ଗିର, ୧୯ ।୪ (ସମିସ):** ବଲାଙ୍ଗିରରେ ଖରା ତାତି ସହ ତାଳ ଦେଇ ବଢ଼ି ଚାଲିଛି ରାଜନୀତି ତାତି। କିଏ ବିଜୟୀ ହେବ ଏବଂ କାହା ସଂଗଠନ କେତେ ସୁଦୃଢ଼ ରହିଛି, ବିଜୟ ଓ ପରାଜୟରେ କ'ଣ ସାଜିବ ମୁଖ୍ୟ ପ୍ରସଙ୍ଗ; ଏଭଳି ଅନେକ କିଛି ଆଲୋଚନା ଭିତରେ ଦଳୀୟ ପ୍ରାର୍ଥୀ ଓ ରାଜନୈତିକ ସମୀକ୍ଷକମାନେ ନିର୍ବାଚନୀ ଅଙ୍କ କଷିବାରେ ବ୍ୟସ୍ତ। ତେବେ

**ବିଜେଡି ହାତରେ ୭ ରୁ ୬ ଜିଲ୍ଲା ପରିଷଦ**

**ତିନି ବ୍ଲକରେ ୬୫ ପଞ୍ଚାୟତରୁ ଅର୍ଦ୍ଧାଧିକ ସରପଞ୍ଚ ବିଜେଡି ହାତରେ**



ଏଥର ନିର୍ବାଚନରେ ଲୋଇସିଂହା ଆସନରେ ବିଜେଡି ପାଇଁ ବଡ଼ ସୁଯୋଗ ରହିଥିବା ଆଲୋଚନା ହେଉଛି। ସରପଞ୍ଚଠାରୁ ଆରମ୍ଭ କରି ଜିଲ୍ଲା ପରିଷଦ ପର୍ଯ୍ୟନ୍ତ, ସବୁଠି ବିଜେଡିର ପ୍ରଭାବ ରହିଥିବା ବେଳେ ଏହାକୁ ମୁକାବିଲା କରିବା ବିଜେପି ଓ କଂଗ୍ରେସ ପାଇଁ ଏକ ବଡ଼ ସମସ୍ୟା ସାଜିଥିବା ଆଲୋଚନା ହେଉଛି।

ବଲାଙ୍ଗିର ଜିଲ୍ଲା ଲୋଇସିଂହା, ଆଗଲପୁର ଓ ପୁଇଁନ୍ତଲା ବ୍ଲକକୁ ନେଇ ଗଠିତ ଲୋଇସିଂହା ବିଧାନସଭା ନିର୍ବାଚନମଣ୍ଡଳୀ। ଲୋଇସିଂହା ଓ ଆଗଲପୁରରେ ୨୦ଟି ଲେଖାଏଁ ପଞ୍ଚାୟତ ରହିଥିବା ବେଳେ ପୁଇଁନ୍ତଲା ବ୍ଲକରେ ୨୫ଟି ପଞ୍ଚାୟତ ରହିଛି। ଏହି ତିନି ବ୍ଲକରେ ୭ଟି ଜିଲ୍ଲାପରିଷଦ ଜୋନ୍ ରହିଛି। ତେବେ ଏହି ତିନି ବ୍ଲକରେ କେଉଁ ଦଳର ସଂଗଠନ କେତେ ସୁଦୃଢ଼ ତାହା ସବୁବେଳେ ଏକ ଆଲୋଚନାର ବିଷୟ ରହିଥାଏ। ଗତ ପଞ୍ଚାୟତ ନିର୍ବାଚନରେ ଏହି ତିନି ବ୍ଲକରେ ବିଜେଡି ଦମଦାର ପ୍ରଦର୍ଶନ କରିଥିଲା।

ଲୋଇସିଂହା ବ୍ଲକର ୨ଟି ଜିଲ୍ଲା ପରିଷଦ ଜୋନରେ ବିଜେଡି ବିଜୟୀ ହୋଇଥିବା ବେଳେ ଆଗଲପୁର ବ୍ଲକର ମଧ୍ୟ ଦୁଇ ଜିଲ୍ଲା ପରିଷଦ ଜୋନ୍‌ରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିଲେ। ସେହିପରି ପୁଇଁନ୍ତଲା ବ୍ଲକରେ ଥିବା ୩ଟି ଜିଲ୍ଲା ପରିଷଦ ଜୋନ୍‌ରୁ ୨ଟି ଜୋନ୍‌ରେ ବିଜେଡି ବିଜୟୀ ହୋଇଥିବା ବେଳେ ଗୋଟିଏ ଜୋନ୍‌ରେ ବିଜେପି ପ୍ରାର୍ଥୀ ବିଜୟୀ ହୋଇଥିଲେ। ଲୋଇସିଂହା ବ୍ଲକରେ ବିଜେଡି ସମର୍ଥିତ ଅଧ୍ୟକ୍ଷ ନିର୍ବାଚିତ ହୋଇଥିବା ବେଳେ ପୁଇଁନ୍ତଲା ବ୍ଲକରେ ମଧ୍ୟ ବିଜେଡି ସମର୍ଥିତ ବ୍ଲକ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ଆଗଲପୁର ବ୍ଲକରେ ମଧ୍ୟ ବିଜେଡି ସମର୍ଥନରେ ବ୍ଲକ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ଆଗଲପୁର ବ୍ଲକ ଉପାଧ୍ୟକ୍ଷ ପଦ ବିଜେଡି ନେତାଙ୍କ ପାଖରେ ରହିଛି। ସେହିପରି ସରପଞ୍ଚମାନେ ମଧ୍ୟ ଅଧିକ ସଂଖ୍ୟାରେ ବିଜେଡି ପାଖରେ ରହିଥିବା ଜଣାପଡ଼ିଛି। ଏହି ୩ବ୍ଲକ୍‌ର ୬୫ପଞ୍ଚାୟତରୁ ଅର୍ଦ୍ଧାଧିକ ସରପଞ୍ଚ ବିଜେଡି ସମର୍ଥିତ ରହିଥିବା ବେଳେ ବିଜେପିର ସ୍ଥିତି ତୁଳନାତ୍ମକ ଭାବେ ଭଲ ନାହିଁ। ତେଣୁ ତୃଣମୂଳସ୍ତରରେ ବିଜେଡି ଅଧିକ ସଶକ୍ତ ରହିଥିବା ବେଳେ ନିଜ ସଂଗଠନକୁ ସୁଦୃଢ଼ କରିବା ପାଇଁ ବିଜେପି ବିଧାୟକ ମୁକେଶ ମହାଲିଙ୍ଗ ଓ ଓମ୍‌ପ୍ରକାଶ କୁମ୍ଭାର ଉଦ୍ୟମ ଜାରି ରଖିଥିବା ଜଣାପଡ଼ିଛି। ତେଣୁ ଏହା ବିଜେଡିକୁ ଆଗାମୀ ନିର୍ବାଚନରେ ଫାଇଦା ଦେଇପାରେ ବୋଲି ରାଜନୈତିକ ସମୀକ୍ଷକମାନଙ୍କ କହିବା କଥା।

## ■ କଟକ ଲୋକସଭା ଆସନରେ କଂଗ୍ରେସ ପ୍ରାର୍ଥୀ କିଏ

# 'ହାତ'ରୁ ଖସି ଚାଲିଛି ପାରମ୍ପରିକ ଭୋଟ

**କଟକ, ୧୯ ।୪(ସମିସ):** କଟକ ଲୋକସଭା ଆସନରେ ପ୍ରାର୍ଥୀ ଘୋଷଣା କରି ବିଜୁ ଜନତା ଦଳ ଓ ବିଜେପି ଏବେ ପ୍ରଚାର ମଇଦାନରେ ଲମ୍ଫ ମାରିସାରିଛନ୍ତି। ହେଲେ ଏହି ନିର୍ବାଚନମଣ୍ଡଳୀରେ ଏପର୍ଯ୍ୟନ୍ତ କଂଗ୍ରେସ ଦଳ ପ୍ରାର୍ଥୀ ଘୋଷଣା କରିପାରିଲା ନାହିଁ। ଏଠାରେ ଦଳ ବିଗତ ନିର୍ବାଚନ ଭଳି ପୁଣି ନୂଆ ଚେହେରାଙ୍କୁ ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ହେଉଛି। ଦଳ ଏପର୍ଯ୍ୟନ୍ତ ପ୍ରାର୍ଥୀ ଚୂଡ଼ାନ୍ତ କରି ନପାରିବାରୁ ଏହି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବିଧାନସଭା ନିର୍ବାଚନମଣ୍ଡଳୀଗୁଡ଼ିକର ବିଧାୟକ ପ୍ରାର୍ଥୀମାନେ ପ୍ରଚାର ପାଇଁ ଅଡୁଆରେ ପଡ଼ିଛନ୍ତି।



**ପ୍ରଚାର ପାଇଁ ଅଡୁଆରେ ବିଧାୟକ ପ୍ରାର୍ଥୀ**

କଟକ ଲୋକସଭା ପାଇଁ ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କ ନିର୍ବାଚନ ପ୍ରଚାର ବେଶ୍ ପ୍ରଭାବୀ ହୋଇପାରିଛି। ସଭା, ଶୋଭାଯାତ୍ରା, କର୍ମୀ ସମ୍ମିଳନୀ ଓ ଜନସମ୍ପର୍କ କାର୍ଯ୍ୟକ୍ରମ କଟକ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ କରିଲେଣି ସଂତୃପ୍ତ। ବିଳମ୍ବରେ ବିଜେପି ପ୍ରାର୍ଥୀ ଭର୍ତ୍ତୃହରି ପ୍ରଚାର ଆରମ୍ଭ କରିଥିଲେ ମଧ୍ୟ କେତେ ବିଧାନସଭା ନିର୍ବାଚନମଣ୍ଡଳୀର ତାଙ୍କୁ ଅସନ୍ତୁଷ୍ଟ ବିଜେପି କର୍ମୀ ବିରୋଧ କରୁଥିବାରୁ ସେ ଏବେ ପ୍ରଚାରରେ ବ୍ୟାକଫୁଟ୍‌ରେ ରହିଥିବା ଆଲୋଚନା ହେଉଛି। ୧୯୫୧-୫୨ରୁ ୧୯୯୮ ପର୍ଯ୍ୟନ୍ତ ୬ଥର କଂଗ୍ରେସ ଦଖଲରେ ରହିଛି ଏହି ନିର୍ବାଚନମଣ୍ଡଳୀ। ତେବେ କଂଗ୍ରେସର ଯେଉଁ ପାରମ୍ପରିକ ଭୋଟ ରହିଥିଲା, ଏବେ ତାହା ଦଳ ଖାତାକୁ ଖସି ଖସି ଯାଉଥିବା ଦେଖିବାକୁ ମିଳିଛି।

ବିଜେଡି-ବିଜେପି ମେଣ୍ଟ ସମୟରେ ୨୦୦୪ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଜୟନ୍ତୀ ପଟ୍ଟନାୟକ ପାଇଥିଲେ ୩, ୨୩, ୫୫୨ଖଣ୍ଡ ଭୋଟ। ୨୦୦୯ରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ବିଭୂତି ଭୂଷଣ ମିଶ୍ରଙ୍କୁ ମିଳିଥିଲା ୨, ୨୮, ୭୯୭ଖଣ୍ଡ ଭୋଟ। ସେହି ନିର୍ବାଚନରେ ବିଜେପି ମାତ୍ର ୭୫୧୧୮ଭୋଟ ପାଇଥିଲା। ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ଅପରାଜିତା ମହାନ୍ତି ୨, ୧୯, ୩୨୩ଭୋଟ ପାଇ ଦଳର ଭୋଟ ବ୍ୟାଙ୍କ ବହୁ କଷ୍ଟରେ ବଜାୟ ରଖିପାରିଥିଲେ। ହେଲେ ୨୦୧୯ ରେ କଂଗ୍ରେସ ପୁଣି ପ୍ରାର୍ଥୀ ପରିବର୍ତ୍ତନ କରିଥିଲା। ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ କଂଗ୍ରେସ ପ୍ରାର୍ଥୀ ହୋଇ ମାତ୍ର ୯୯, ୮୪୭ଖଣ୍ଡ ଭୋଟ ପାଇଥିଲେ। ଦଳର ପ୍ରାୟ ୧ଲକ୍ଷରୁ ଅଧିକ ପାରମ୍ପରିକ ଭୋଟ ହରାଇଥିଲେ ପଞ୍ଚାନନ। ଏବେ ୨୦୨୪ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ପରିବର୍ତ୍ତନର ଟ୍ରେଣ୍ଡ ଜାରି ରଖିବାର ଯଥେଷ୍ଟ ସମ୍ଭାବନା ରହିଛି। କଟକ ସାଂସଦ ପ୍ରାର୍ଥୀ ଭାବେ ବରିଷ୍ଠ ନେତା ତଥା ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ର ଓ ମାନସ ଚୌଧୁରୀଙ୍କ ନାମ ଚର୍ଚ୍ଚାରେ ରହିଛି।୧୯୯୮ରୁ ଅଦ୍ୟାବଧି କଟକ ଲୋକସଭା ଆସନଟି ଅଣକଂଗ୍ରେସ ଗଡ଼ ପାଲଟିଥିବା ବେଳେ ପ୍ରତି ନିର୍ବାଚନରେ ଦଳର ଭୋଟ ହାର କମି କମି ଚାଲିଛି। କଂଗ୍ରେସ ଏଥର ତାର ପାରମ୍ପରିକ ଭୋଟ ହାତେଇ କିପରି ବିଜେଡି ଓ ବିଜେପି ପ୍ରାର୍ଥୀଙ୍କ ସହ ମୁକାବିଲା କରୁଛି, ତାହା ଦେଖିବା ବାକି ରହିଲା।

**ମୋରଡ଼ା ନିର୍ବାଚନ ମଣ୍ଡଳୀ**

# ଦୁଇ ମହାପାତ୍ରଙ୍କ ସହ ଲଢ଼ିବେ ପ୍ରୀତିନନ୍ଦା

**ମୋରଡ଼ା, ୧୯ ।୪(ସମିସ):**

ମୟୂରଭଞ୍ଜ ଜିଲ୍ଲାର ଏକମାତ୍ର ଅଣସଂରକ୍ଷିତ ମୋରଡ଼ା ନିର୍ବାଚନ ଆସନରେ କିଏ ମାରିବ ବାଜି; ତାକୁ ନେଇ ଏବେ ସବୁଠି ଜୋରଦାର୍ ଚର୍ଚ୍ଚା। ଭୌଗୋଳିକ ଦୃଷ୍ଟିରୁ ମୟୂରଭଞ୍ଜ ଜିଲ୍ଲାର ପଶ୍ଚିମବଙ୍ଗ ସୀମାନ୍ତରେ ରହିଛି ମୋରଡ଼ା ନିର୍ବାଚନ ମଣ୍ଡଳୀ। ୨୦୦୯ରୁ ୨୦୧୯ ନିର୍ବାଚନ ପର୍ଯ୍ୟନ୍ତ ଫଳାଫଳକୁ ଦେଖିଲେ, ଏହି ନିର୍ବାଚନମଣ୍ଡଳୀରେ ବିଜେଡିର ଦବ୍‌ଦବା ରହିଆସିଛି। ଲୋକଙ୍କ କହିବା କଥା, ବିକାଶ ଯେଉଁଠି, ସମର୍ଥନ ସେଇଠି। ସ୍ଥାନୀୟ ଅଞ୍ଚଳର ବିକାଶର ପ୍ରସଙ୍ଗ ବିଗତ ନିର୍ବାଚନଗୁଡ଼ିକର ଫଳାଫଳକୁ ପ୍ରଭାବିତ କରିବାରେ ସଫଳ ହୋଇଛି। ତେଣୁ ଆସନ୍ତା ନିର୍ବାଚନରେ ମଧ୍ୟ ଏହି ଅଞ୍ଚଳର ପ୍ରମୁଖ ପ୍ରସଙ୍ଗଗୁଡ଼ିକ ମୁଦ୍ଦା ଭାବେ ନେତାଙ୍କ ସାମ୍ନାକୁ ଆସିବ। କଂଗ୍ରେସ ଓ ବିଜେପି ଏଠାରେ ନିଜର ସ୍ଥିତି ଜାହିର କରିବାକୁ ଆରମ୍ଭ କରି ଦେଇଥିବା ବେଳେ ବିକାଶର ବାର୍ତ୍ତା ଦେଇ ଲୋକଙ୍କ ନିକଟରେ ପହଞ୍ଚିଛି ବିଜେଡି।

**କୁଡୁମୀ ଭୋଟ ଉପରେ ସମସ୍ତଙ୍କ ନଜର**

୨୦୦୯ ଓ ୨୦୧୪ ନିର୍ବାଚନରେ ଏହି ବିଧାନସଭା ଆସନରୁ ବିଜେଡିର ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ବିଜୟୀ ହୋଇଥିଲେ। ୨୦୦୯ରେ ଜେଏମ୍‌ଏମ୍‌ର ବିମଳ ଲୋଚନ ଦାସ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ବିଜେଡିର ରାଜକିଶୋର ଦାସ ତୃତୀୟ ସ୍ଥାନରେ ଥିଲେ। ୨୦୧୪ରେ ମୋଟ ଭୋଟ ପୋଲିଂର ୩୨.୦୩ ପ୍ରତିଶତ ଭୋଟ ହାସଲ କରି ପ୍ରବୀଣ ଭଞ୍ଜଦେଓ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏଥର



ରାଜକିଶୋର ଦାସ ବିଜେପି ପ୍ରାର୍ଥୀ ଭାବେ ଦ୍ୱିତୀୟ ସ୍ଥାନରେ ଥିବା ବେଳେ କଂଗ୍ରେସରୁ ପ୍ରଭାସ କର ମହାପାତ୍ର ତୃତୀୟ ସ୍ଥାନରେ ଥିଲେ। କିନ୍ତୁ ୨୦୧୯ରେ ଏହି ଆସନରେ ବିଜେପିରୁ ଆସି ବିଜେଡିରୁ ଟିକଟ ନେଇ ରାଜକିଶୋର ଦାସ ୬୮ ହଜାର ୫୫୧ଖଣ୍ଡ ଭୋଟ ପାଇ ବିଜେପିର ପ୍ରାର୍ଥୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ହରାଇଥିଲେ। ପ୍ରଭାସ କର ମହାପାତ୍ର ତୃତୀୟ ସ୍ଥାନରେ ଥିଲେ। ତେବେ ଚଳିତ ନିର୍ବାଚନରେ ବିଜେପି ଓ କଂଗ୍ରେସ ଦଳ ପୂର୍ବ ପ୍ରାର୍ଥୀମାନଙ୍କୁ ଭରସା କରିଛି। ଦ୍ୱିତୀୟଥର ପାଇଁ ବିଜେପି କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଏବଂ ତୃତୀୟଥର ପାଇଁ କଂଗ୍ରେସ ପ୍ରଭାସ କର ମହାପାତ୍ରଙ୍କୁ ଟିକଟ ପ୍ରଦାନ କରିଛି। ଅପରପକ୍ଷରେ ବିଜୁ ଜନତା ଦଳ ଏଥର ମହିଳା କାର୍ଡ ଖେଳି ବିଧାୟକ ରାଜକିଶୋର ଦାସଙ୍କ ଧର୍ମପତ୍ନୀ ପ୍ରୀତିନନ୍ଦା କାନୁନଗୋଙ୍କୁ ଟିକଟ ପ୍ରଦାନ କରିଛି। ଠିକ୍ ସେହିପରି ଆଞ୍ଚଳିକ ସ୍ଲୋଗାନ ଦେଇ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ତରଫରୁ କୃଷ୍ଣଚନ୍ଦ୍ର ଦାସ ଏବଂ ଭଞ୍ଜସେନା ତରଫରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ସଞ୍ଜୀବ ରାଉତ ମଇଦାନକୁ ଓହ୍ଲାଇବେ ବୋଲି ଆଲୋଚନା ହେଉଛି।

ଅନ୍ୟପକ୍ଷରେ ମହାନ୍ତ କୁଡୁମୀ ସମ୍ପ୍ରଦାୟର ଭୋଟକୁ ନିଜ ଆଡକୁ ଆଣିବା ପାଇଁ ଲାଗି ପଡ଼ିଛନ୍ତି ଦୁଇ ଅସନ୍ତୁଷ୍ଟ ଆଶାୟୀ ଛୋଟଲାଲ ମହାନ୍ତ ଏବଂ କମଳେନ୍ଦୁଲାଲ ମହାନ୍ତ। ଯଦି କୁଡୁମୀ ସମ୍ପ୍ରଦାୟରୁ କେହି ପ୍ରାର୍ଥୀ ହୁଅନ୍ତି, ତେବେ ସେହି ଭୋଟ ଭାଗ ହେବାର ସମ୍ଭାବନା ରହିଛି। ତେବେ ଦଳୀୟ ପ୍ରାର୍ଥୀମାନେ କୁଡୁମୀ ଭୋଟରଙ୍କୁ ମନାଇ



ପାରିଲେ, ତାହା ସେମାନଙ୍କ ବିଜୟୀ ପଥକୁ ସୁଗମ କରିବ ବୋଲି ଚର୍ଚ୍ଚା ହେଉଛି।

## ଭବାନୀପାଟଣା ବିଧାନସଭା ଆସନ

# ଏଥର ତ୍ରିମୁଖୀ ଲଢ଼େଇ


ଲଳିତା ନାଏକ


ପ୍ରଦୀପ୍ତ ନାଏକ


ସାଗର ଦାସ

ଭବାନୀପାଟଣା, ୧୯।୪ (ସମିସ):

ପ୍ରଚଣ୍ଡ ରୌଦ୍ରତାପ ଭିତରେ ନିର୍ବାଚନ ପ୍ରଚାରର ତାତି ମଧ୍ୟ ତାଳ ଦେଇ ଚାଲିଛି। ତିନି ପ୍ରମୁଖ ରାଜନୈତିକ ଦଳ ଭିନ୍ନ ଭିନ୍ନ ଢଙ୍ଗରେ ପ୍ରଚାର କରୁଛନ୍ତି। କିଏ ଲୋକଙ୍କ ନିକଟତର ହେଉଛି ତ କିଏ ବିଭିନ୍ନ ଅଞ୍ଚଳରେ ନିର୍ବାଚନ ସଭା କରି ଭୋଟ ପାଇଁ ଆଶୀର୍ବାଦ ମାଗୁଛନ୍ତି। ବିଜେଡି ପ୍ରାର୍ଥୀ ଲଳିତା ନାଏକ, କଂଗ୍ରେସର ସାଗର ଦାସ ଓ ବିଜେପିର ପ୍ରଦୀପ୍ତ ନାଏକଙ୍କ ମଧ୍ୟରେ ଏଥର ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଭୋଟର୍ ମହଲରେ ଚର୍ଚ୍ଚା ହେଉଛି।

ବିଜେଡିରୁ ନିର୍ବାଚନ ଲଢୁଥିବା ଲଳିତା ପୂର୍ବରୁ ଭବାନୀପାଟଣା ପୌର ପରିଷଦର ଅଧ୍ୟକ୍ଷା ଥିଲେ। ତାଙ୍କ ସ୍ୱାମୀ ଦୁଷ୍ମନ୍ତ ନାୟକ ପୂର୍ବରୁ କଂଗ୍ରେସରୁ ଥରେ ବିଧାୟକ ହୋଇଥିଲେ। କିନ୍ତୁ ଗତ ନିର୍ବାଚନରେ ଦୁଷ୍ମନ୍ତ ବିଜେଡି ପ୍ରାର୍ଥୀ ରହି ବହୁତ କମ୍ ଭୋଟ ବ୍ୟବଧାନରେ ପରାଜୟର ସାମ୍ନା କରିଥିଲେ। ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସଙ୍କ ପୁଅ ସାଗର ମଧ୍ୟ ଚଳିତଥର କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି। ଗତ ନିର୍ବାଚନରେ ସେ

### ସମ୍ପର୍କ, ବ୍ୟବହାର ହେବ ମୁଖ୍ୟ ମାପକାଠି

ପ୍ରତିଦ୍ୱନ୍ଦ୍ୱିତା କରି ତୃତୀୟ ସ୍ଥାନରେ ଥିଲେ। ବିଜେପିରୁ ପ୍ରାର୍ଥୀ ହୋଇଛନ୍ତି ପ୍ରଦୀପ୍ତ ନାଏକ। କଂଗ୍ରେସ ପ୍ରାର୍ଥୀ ଯୁବସୁଲଭ ଢଙ୍ଗରେ ନିର୍ବାଚନର ପ୍ରଚାର ପ୍ରକ୍ରିୟା ଚଳାଇଛନ୍ତି। ସବୁପିଢ଼ିର ଲୋକଙ୍କୁ ଭେଟି ଆଶୀର୍ବାଦ ନେବାର କୌଶଳ ବୁଝିବାଠାରୁ ସେ ଦୂରରେ ଥିବା ଅନୁଭବ ହେଉଛି। ସବୁ ପିଢ଼ିର ଲୋକଙ୍କୁ ଭେଟି ଆଶୀର୍ବାଦ ନେବାର କୌଶଳ ବୁଝିବାଠାରୁ ସେ ଦୂରରେ ଥିବା ଅନୁଭବ ହେଉଛି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

ସମସ୍ତଙ୍କ ସହିତ ସମ୍ପର୍କ ଯୋଡି ରହିବାର କଳା ବିଜେପି ପ୍ରାର୍ଥୀ ପ୍ରଦୀପ୍ତ ନାଏକ ଜାଣିଥିଲେ। ଉତ୍ତମ ଜନସମ୍ପର୍କ ପାଇଁ ଗତ ନିର୍ବାଚନରେ ବିଜୟୀ ମଧ୍ୟ ହୋଇଥିଲେ। ଏବେ ପ୍ରଦୀପ୍ତଙ୍କ ଅବସ୍ଥା ସମ୍ପୂର୍ଣ୍ଣ ଭିନ୍ନ। କାରଣ କରୋନାରେ ସେ ଆକ୍ରାନ୍ତ ହେବା ପରେ ଗୁରୁତର ଅସୁସ୍ଥ ହୋଇ ଭବାନୀପାଟଣା ନିର୍ବାଚନମଣ୍ଡଳୀଠାରୁ ପ୍ରାୟ ୩ବର୍ଷ ଦୂରେଇ ରହିଲେ। ଉନ୍ନୟନ କାର୍ଯ୍ୟ ବି ବନ୍ଦ ହୋଇଗଲା। ଜନସମ୍ପର୍କ ନଷ୍ଟ ହେଲା। ସାମାନ୍ୟ ସୁସ୍ଥ ହେବା ପରେ ପୁଣି ଅଣ୍ଟା ଭିଡ଼ିଛନ୍ତି। ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ ସୁଦ୍ଧା ପୂର୍ବର ସେହି ଜୋର୍ ତାଙ୍କ ନିକଟରେ ଦେଖିବାକୁ ମିଳୁନାହିଁ। ସ୍ୱରଭଙ୍ଗ ଯୋଗୁଁ କଥା କହିବାରେ ସମସ୍ୟା ସୃଷ୍ଟି ହେଉଛି। ସମଗ୍ର ନିର୍ବାଚନମଣ୍ଡଳୀ ବୁଲି ଭୋଟରଙ୍କ ନିକଟତର ନ ହେଲେ ନିର୍ବାଚନ ବୈତରଣୀ ପାର୍ ହେବା ତାଙ୍କ ପାଇଁ ସହଜ ହେବ ନାହିଁ ବୋଲି କୁହାଯାଉଛି। ବିଜେଡି ପ୍ରାର୍ଥୀ ଲଳିତା ନାଏକ ନିଜର ସମର୍ଥକଙ୍କ ଗହଣରେ ନିର୍ବାଚନ ପ୍ରଚାର ଜାରି ରଖିଛନ୍ତି। ସେ ଘରକୁ ଘର ବୁଲି ଭୋଟ ପାଇଁ ନିଆରା ଢଙ୍ଗରେ ପ୍ରଚାର ଚଳାଇଛନ୍ତି। ତେବେ ଏଥର ସମ୍ପର୍କ ଓ ବ୍ୟବହାରକୁ ମାପକାଠି କରି ଭୋଟର ମତଦାନ କରିବେ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଛି।

ଏହି ନିର୍ବାଚନମଣ୍ଡଳୀର କେସିଙ୍ଗା ଓ ଭବାନୀପାଟଣା ବ୍ଲକ ରହିଛି। ନିର୍ବାଚନମଣ୍ଡଳୀର ୨୩୨୭୮୦ ଭୋଟରଙ୍କୁ କିଏ କେଉଁମତେ ହାତେଇବେ, ତାହା ଦେଖିବା ବାକି ରହିଲା।

# ଚିକିଟିରେ ପ୍ରଦୀପଙ୍କୁ ଦୃଢ଼ ବିରୋଧ

ବ୍ରହ୍ମପୁର, ୧୯।୪ (ସମିସ): ବ୍ରହ୍ମପୁର ଲୋକସଭା ଆସନରେ ବିଜେପିର ସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଏଠାକାର ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କୁ ସମର୍ଥନ ବଦଳରେ ଦୃଢ଼ ବିରୋଧ କରାଯାଉଥିବା ଲକ୍ଷ୍ୟ କରାଯାଇଛି। ବିଗତ ଦିନରେ ଏହି ଲୋକସଭା ଅନ୍ତର୍ଗତ ବିଭିନ୍ନ ବିଧାନସଭା କ୍ଷେତ୍ରରେ ପ୍ରଦୀପଙ୍କ ପ୍ରତି ବିରୋଧର ସ୍ୱର ଜାଗ୍ରତ ହୋଇଥିବା ବେଳେ ସମ୍ପ୍ରତି ଚିକିଟି ନିର୍ବାଚନମଣ୍ଡଳୀରେ ମଧ୍ୟ ପ୍ରଦୀପ ବିରୋଧୀ ନାରା ଦିଆଯାଉଛି। ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜରଡ଼ା ଅଞ୍ଚଳର କିଛି ଯୁବପିଢ଼ି ଓ ଆଗଧାଡ଼ିର ନେତା ପ୍ରଦୀପଙ୍କୁ ବିରୋଧ କରିବା ଆରମ୍ଭ କରି ଦେଇଛନ୍ତି। ଏନେଇ ଗଣମାଧ୍ୟମ ସାମ୍ନାରେ ଖୁଲମଖୁଲା ମନ୍ତବ୍ୟ ମଧ୍ୟ ଦେଉଛନ୍ତି। ଯାହାକୁ ନେଇ ବିଜେପି ଏବେ ଚିନ୍ତାରେ ପଡ଼ିଛି।

**ଠକେଇର ଜବାବ ଭୋଟ୍‌ରେ ଦେବୁ**




ସୂଚନାନୁସାରେ, ପ୍ରଦୀପ ପାଣିଗ୍ରାହୀଙ୍କୁ ପାତ୍ରପୁର, ସାମନ୍ତିଆପଲ୍ଲୀ, ଜରଡ଼ା ପଞ୍ଚାୟତର ବିଭିନ୍ନ ଗାଁରେ ବିରୋଧ ହୋଇଛି। ବିଭିନ୍ନ ସ୍ଥାନରେ ଲୋକେ ମେଳି ବାନ୍ଧି ପ୍ରଦୀପଙ୍କୁ ବିରୋଧ କରୁଥିବା ଦେଖିବାକୁ ମିଳିଛି। ସେମାନଙ୍କ କହିବା ଅନୁସାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ରାଣ୍ଡରେ ପ୍ରଦୀପଙ୍କୁ ଗଞ୍ଜାମରେ ଲୋକେ ଜାଣୁଥିଲେ। କିନ୍ତୁ ସେ ଦଳ ବିରୋଧୀ ଓ ଜନବିରୋଧୀ କାର୍ଯ୍ୟ କରି ବିଜେଡିରୁ ତଡ଼ା ଖାଇବା ପରେ ଲୋକେ ତାଙ୍କୁ ପ୍ରତ୍ୟାଖ୍ୟାନ କରୁଛନ୍ତି। ଲୋକଙ୍କ ସୁଖ ଦୁଃଖର ସାଥୀ ବୋଲି ଡିଣ୍ଡିମ ପିଟୁଥିବା ପ୍ରଦୀପ କୋଭିଡରେ ସମସ୍ତଙ୍କୁ ଭୁଲି ଯାଇଥିଲେ। ସେ କଥା ଗଞ୍ଜାମବାସୀ ପାସୋରି ନାହାନ୍ତି। ଚାକିରି ନାଁରେ ଠକେଇ ସହ ବାଲି, ମଦ ମାଫିଆଙ୍କ ସହ ସମ୍ପର୍କ ରଖି ସେ ବିଜେଡିର ପ୍ରତିଷ୍ଠାକୁ ନିନ୍ଦିତ କରିବାର ଅପଚେଷ୍ଟା କରିଥିଲେ। ତେଣୁ ଏସବୁର ଜବାବ ଭୋଟ୍‌ରେ ଦେବୁ ବୋଲି ସେମାନେ କହିଛନ୍ତି। ଆଉ କିଛି ଭୋଟର କହିଛନ୍ତି ଯେ, ଚିଟ୍‌ଫଣ୍ଡ ଟଙ୍କା ଖାଇଥିବା ଜନବିରୋଧୀ ନେତାଙ୍କ ଲେଖା ଏଥର ଛିଡ଼ାଇଦେବୁ। ଚାକିରି ନାଁରେ ଲୋକଙ୍କୁ ଠକିଥିବା ବ୍ୟକ୍ତିଙ୍କୁ ବରଦାସ୍ତ କରାଯିବ ନାହିଁ। ଜରଡ଼ା ପଞ୍ଚାୟତ ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମର ବରିଷ୍ଠ, ବୟୋଜ୍ୟେଷ୍ଠ ବାପୁଜୀ ବିଷୋୟୀ କହିଛନ୍ତି ଯେ ପ୍ରଦୀପଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଣିଷ କରିଥିଲେ। କିନ୍ତୁ ବିଧାୟକ ହେବା ପରେ ମାଫିଆମାନଙ୍କ ସହ ସମ୍ପର୍କ ରଖି ଚାକିରି କରାଇଦେବା ନାଁରେ ଲୋକଙ୍କୁ ଠକିଛନ୍ତି ବୋଲି ସେ କହିଛନ୍ତି। ତେଣୁ ଏଥର ଲୋକେ ଏହାର ଜବାବ ଭୋଟ୍‌ରେ ଦେବେ ବୋଲି ସେ କହିଛନ୍ତି।

## ବାଙ୍ଗିରିପୋଷି ବିଜେପିରେ ବିଦ୍ରୋହ

# ବିଧାୟିକା ପ୍ରାର୍ଥିନୀଙ୍କ ବିରୋଧରେ ମେଳି ବାନ୍ଧିଲେ ଅସନ୍ତୁଷ୍ଟ

ବାରିପଦା, ୧୯।୪ (ସମିସ): ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ବିଜେପି ବିଧାୟିକା ପ୍ରାର୍ଥିନୀ ସଞ୍ଜଳି ମୁର୍ମୁଙ୍କୁ ପରିବର୍ତ୍ତନ କରିବା ପାଇଁ ଦାବି ହୋଇଛି। ବିଜେପି ପକ୍ଷରୁ ଜଣେ ଅନୁପଯୁକ୍ତ ଓ ଅନଭିଜ୍ଞଙ୍କୁ ବିଧାୟିକା ଭାବେ ପ୍ରାର୍ଥିନୀ କରାଯାଇଛି। ଏହାକୁ ନେଇ ବାଙ୍ଗିରିପୋଷି ବିଜେପିରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ପ୍ରାର୍ଥୀ ପରିବର୍ତ୍ତନ ଦାବି କରି ବିଜେପି କର୍ମୀମାନେ ସ୍ଥାନୀୟ ମୁର୍ଗାବାଡ଼ିଠାରେ ଆହୂତ ସାମ୍ବାଦିକ ସମ୍ମିଳନୀରେ ଅସନ୍ତୋଷ ପ୍ରକାଶ କରିଛନ୍ତି।



ବିଜେପି ନେତା ତଥା ପୂର୍ବତନ ସାଂସଦ ଲକ୍ଷ୍ମଣ ଟୁଡୁ ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ କହିଛନ୍ତି ଯେ ନିର୍ବାଚନମଣ୍ଡଳୀରେ ବହୁ ପୁରୁଖା ନେତା ଥିବା ବେଳେ ଜଣେ ଅନଭିଜ୍ଞ ପ୍ରାର୍ଥୀଙ୍କୁ ଦଳ କାହିଁକି ଓ କିଭଳି ପ୍ରାର୍ଥୀ କରିଛି। ଗତ ୨୦୧୯ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ସୁଗୁଦା ମୁର୍ମୁ ନିର୍ବାଚନ ସମୟରେ କେଉଁଆଡ଼େ ଉଭାନ ହୋଇଯାଇଥିଲେ। ନିର୍ବାଚନ ବେଳେ ଦଳୀୟ ଖର୍ଚ୍ଚ ଟଙ୍କାରେ ପଥର ଖାଦାନ କିଣିବା, ଗାଡ଼ି କିଣିବା ଭଳି ଜଘନ୍ୟ କାଣ୍ଡ କରିଛନ୍ତି ବୋଲି ଅଭିଯୋଗ ହୋଇଥିଲା। ଏବେ ସଞ୍ଜଳିଙ୍କୁ ପ୍ରାର୍ଥୀ କରି ରାଜ୍ୟ ନେତୃତ୍ୱ ପୁଣି କର୍ମୀମହଲରେ ଅସନ୍ତୋଷ ସୃଷ୍ଟି କରିଛନ୍ତି। ତେଣୁ ଏଠାରେ ପ୍ରାର୍ଥୀ ବଦଳାନଗଲେ, ନେତା ଓ କର୍ମୀ ବିକଳ୍ପ ପନ୍ଥା ଗ୍ରହଣ କରିବେ ବୋଲି ସେ କହିଛନ୍ତି।

ବିଜେପି ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଭାପତି ଫାଗୁ ହାଁସଦା କହିଥିଲେ, ଗତ ୨୦୧୯ର ପ୍ରାର୍ଥୀ ସୁଗୁଦା ମୁର୍ମୁ ବହୁ ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ ଉପେକ୍ଷା କରିବା ସହ ଆର୍ଥିକ ଅନିୟମିତତା କରିଥିଲେ। ଫଳସ୍ୱରୂପ ବିଜେପି ଅଳ୍ପ ଭୋଟ ବ୍ୟବଧାନରେ ହାରିଥିଲା। ଖାଲି ସେତିକି ନୁହେଁ, ନିର୍ବାଚନ ସରିବା ପରେ ପରେ ସେ ନୂଆ ସ୍କର୍ପିଓ, ୨୦ ଏକର ଜମି, ନୂତନ କ୍ରସର ଓ ଅନ୍ୟାନ୍ୟ ବହୁ ସମ୍ପତ୍ତି କଲେ। ନିର୍ବାଚନ ପରେ ମଧ୍ୟ ସଞ୍ଚୟ ଖାତାରେ ଥିବା ପଚିଶ ଲକ୍ଷ ଟଙ୍କା ଉଠାଇ ଆମ୍‌ସାତ୍ କରିଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ସୁଗୁଦା ମୁର୍ମୁଙ୍କ ସ୍ତ୍ରୀ ଓ ବର୍ତ୍ତମାନର ପ୍ରାର୍ଥିନୀ ସଞ୍ଜଳି ସମିତିସଭ୍ୟା ଲଢ଼ି ଅମାନତ ହରାଇଥିଲେ। ପରବର୍ତ୍ତୀ ସମୟରେ ସୁଗୁଦା ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀର ସାଂଗଠନିକ ଦାୟିତ୍ୱ ଦିଆଯାଇଥିବା କହି ଏକତରଫା ସଂଗଠନ କରିବା ସହ ଦଳୀୟ ବଳିଷ୍ଠ, ଦକ୍ଷ ଓ ଯୋଗ୍ୟ କର୍ମକର୍ତ୍ତାଙ୍କୁ ଅଣଦେଖା କରି ଚାଲିଛନ୍ତି। ଫଳ ସରୂପ ଗତ ଜିଲ୍ଲା ପରିଷଦ ନିର୍ବାଚନରେ ୭ଟି ଯାକ ଜିଲ୍ଲା ପରିଷଦ ଆସନରେ ବିଜେପି ହାରିଲା। ସୁଗୁଦା ପ୍ରକୃତରେ ବିଜେପିକୁ ଜିତାଇବାକୁ ଚାହୁଁନାହାନ୍ତି। ବେପାର ଉଦ୍ଦେଶ୍ୟରେ ସେ ସଞ୍ଜଳିଙ୍କୁ ପ୍ରାର୍ଥୀ କରାଇଛନ୍ତି। ବିଜେପି ପକ୍ଷରୁ ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀରୁ ପରିବାରବାଦ ରାଜନୀତିରୁ ଦୂରରେ ରହି ପୁନର୍ବିଚାର କରି ଉଚିତ ପ୍ରାର୍ଥୀ ଦେବାକୁ ଫାଗୁ ଦାବି କରିଛନ୍ତି।

ବୈଠକରେ ପୂର୍ବତନ ସାଂସଦ ଲକ୍ଷ୍ମଣ ଟୁଡୁ, ଫାଗୁ ହାଁସଦା, ବାସନ୍ତୀ ଟୁଡୁ, ମକରଧ୍ୱଜ ମୁର୍ମୁ, ଭୀମ ସୋରେନ, ଗୀତା ହେମ୍ବ୍ରମ, କାହ୍ନୁ ସିଂ, ସଞ୍ଜୟ ଅଗ୍ରୱାଲ, ବିଶ୍ୱନାଥ ବସା, ବାସୁଦେବ ମହାରଣା, ପ୍ରଦୀପ ମହାନ୍ତି, ସୁମନ୍ତ ବେହେରା, ବ୍ରଜ ପାଳବାବୁ, ବିଜୟ କୁମାର ମହାନ୍ତ, ଅଶ୍ୱିନି ମହାନ୍ତ, ସୁଶାନ୍ତ ବେହେରା, ହରିଷ ମହାନ୍ତ, ସରୋଜିନୀ ନାଏକ, ଜୟନ୍ତୀ ସିଂ ଓ ଅନ୍ୟ ବିଜେପି କର୍ମୀମାନେ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ା ଓ ଅନୁଗୋଳ ବିଜେପିକୁ ଧକ୍କା

## ସମର୍ଥକଙ୍କ ସହ ବିଜେପି ବିଧାୟକ ପ୍ରାର୍ଥୀ ବିଜୟକେତନ ସ୍ୱାଇଁ ବିଜେଡିରେ ସାମିଲ



ଭୁବନେଶ୍ୱର, ୧୯।୪(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ନିର୍ବାଚନମଣ୍ଡଳୀର ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ବିଜୟକେତନ ସ୍ୱାଇଁଙ୍କ ସହ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଆଜି ବିଜେଡିରେ ଯୋଗ ଦେଇଛନ୍ତି। ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଓ ରାଜନଗର ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ପ୍ରମୁଖ ଶ୍ରୀ ସ୍ୱାଇଁ ଓ ତାଙ୍କର ସହଯୋଗୀଙ୍କୁ ଦଳକୁ ସ୍ୱାଗତ କରିଛନ୍ତି।

ଅନ୍ୟପକ୍ଷରେ ଶ୍ରୀ ସ୍ୱାଇଁ ଦଳରେ ତାଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କୁ ଯେଉଁ ଦାୟିତ୍ୱ ଦେବେ ତାହାକୁ ସେ ନିଷ୍ଠାର ସହ ତୁଲାଇବେ ବୋଲି ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ ପ୍ରଫେସର ଉମେଶ ଚନ୍ଦ୍ର ପରିଡ଼ା ଓ ପଟ୍ଟାମୁଣ୍ଡାଇ ନଗର ବିଜେପି ଉପସଭାପତି ଦିବ୍ୟକାନ୍ତ ବିଶ୍ୱାଳଙ୍କ ସହ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।

## ବିଜେଡିରେ ଯୋଗଦେଲେ ବିଜେପି ନେତା ଭାଗୀରଥି ପ୍ରଧାନ

ଭୁବନେଶ୍ୱର, ୧୯।୪ (ସମିସ): ଅନୁଗୁଳ ଜିଲ୍ଲା ପୂର୍ବତନ ବିଜେପି ଜିଲ୍ଲା ସଭାପତି ତଥା ଆଠମଲ୍ଲିକ ଆସନରୁ ୩ ଥର ବିଧାୟକ ପ୍ରାର୍ଥୀ ଭାଗିରଥି ପ୍ରଧାନ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଭାଗିରଥୀ ଓ ତାଙ୍କ ସହଯୋଗୀଙ୍କ ଯୋଗଦାନ ଫଳରେ ଆଠମଲ୍ଲିକ ଅଞ୍ଚଳରେ ବିଜେଡି ଅଧିକ ମଜବୁତ ହୋଇଛି। ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ, ଅନୁଗୁଳ ଜିଲ୍ଲା ସହ-ପର୍ଯ୍ୟବେକ୍ଷକ କୁନାବିହାରୀ ଦାସ, ଆଠମଲ୍ଲିକ ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ପ୍ରମୁଖ ନବାଗତଙ୍କୁ ଦଳରେ ସ୍ୱାଗତ କରିଛନ୍ତି।



ଏହି ଅବସରରେ ଭାଗୀରଥୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଛନ୍ତି। ନୂତନ ଓଡ଼ିଶା ଗଠନରେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ଭାବେ ତୁଲାଇବେ। ସମସ୍ତ ବିଜେପି କର୍ମୀଙ୍କୁ ଦଳରେ ଗ୍ରହଣ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କ ସମେତ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଦଳୀୟ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ପରମାନନ୍ଦ ସାହୁ, ବନ୍ଧୁଆ ବେହେରା, ଯଶୋବନ୍ତ ଭୋଇ, ନୀଳାଦ୍ରି ପ୍ରଧାନ, ଦୁର୍ଯୋଧନ ମୁଣ୍ଡା, ଆଶିଷ ବେହେରା, ସୁଜିତ ମହାପାତ୍ର, ଗିରୀଶ ନାୟକ, ଅଭିରାମ ଦେହୁରୀ, ସିପନ୍ ବେହେରା, ହିମାଂଶୁ ବାଘ, ଭବାନୀ ମେହେର, ରାଜକିଶୋର ବାଘ, ପ୍ରାଣବନ୍ଧୁ ଗୁରୁ, ପାଣ୍ଡୁ ଗୁରୁ, ଭଗବାନ ବେହେରା, ସଞ୍ଜୀବ ସାହୁ, କଷ୍ଟୁ ସାହୁ, ଅବିନାଶ ସାହୁ, ନିରଞ୍ଜନ ରାଉଳ, ପ୍ରଦୀପ ପ୍ରଧାନ, ଆଲୋକ ପ୍ରଧାନ, ଅବନୀ ପ୍ରଧାନ, ସୁଶାନ୍ତ ପ୍ରଧାନ, ସନ୍ତୋଷ ସାହୁ, ସତ୍ୟବାନ ସାହୁ, ଶାନ୍ତନୁ ବାଘ, ସୁରେଶ ପ୍ରଧାନ, ଅଜିତ ବିଶ୍ୱାଳ, ପ୍ରସନ୍ନ ସ୍ୱାଇଁ, ନକୁଳ ଦେହୁରୀ, ତ୍ରିଲୋଚନ ଜେନା, ରଘୁନାଥ ଗଡ଼ତିଆ, ସଞ୍ଜିବ ମିର୍ଦ୍ଧା ଓ ହରି ନାୟକଙ୍କ ସହ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଡଃ ପ୍ରିୟବ୍ରତ ମାଝୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।


୧


୩


୨

୧. ଚିକିଟି ବିଧାନସଭା ପାଇଁ ଅଲ୍ ଇଣ୍ଡିଆ ଫରୱାଡ ବ୍ଲକ୍ ପ୍ରାର୍ଥୀ ବିଭୁଧେନ୍ଦ୍ର ପାଢ଼ୀ ପ୍ରାର୍ଥିପତ୍ର ଦାଖଲ ପାଇଁ ଯାଉଛନ୍ତି

୨. ବ୍ରହ୍ମପୁର ଲୋକସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭି. ଚନ୍ଦ୍ରଶେଖର ନାଇଡୁଙ୍କ ନାମାଙ୍କନପତ୍ର ଦାଖଲ

୩. କୋରାପୁଟ ଲୋକସଭା ଆସନ ପାଇଁ ସପ୍ତଗିରି ଉଲାକା ଓ ପଟାଙ୍ଗି ବିଧାନସଭା ଆସନ ପାଇଁ ରାମଚନ୍ଦ୍ର କାଡ଼ାମ ନାମାଙ୍କନ ଦାଖଲ କରୁଛନ୍ତି

# ମନ୍ମଥଙ୍କ ବିଜୟ ନିଶ୍ଚିତ, ଶଙ୍ଖ ଧ୍ୱନିରେ ହଜିଯିବେ ଅପରାଜିତା: ସୁର

ଭୁବନେଶ୍ୱର, ୧୯।୪(ସମିସ): ଓଡ଼ିଶାରେ ଆଜି ଯେଉଁ ବିକାଶ ହୋଇଛି, ଓଡ଼ିଶାକୁ ଯେଉଁ ସମ୍ମାନ ମିଳୁଛି; ତାହା କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ। ତାଙ୍କ ନେତୃତ୍ୱରେ ମୋ ପୁଅ ମନ୍ମଥ ରାଉତରାୟ ଭୁବନେଶ୍ୱର ଲୋକସଭା ଆସନରୁ ନିର୍ବାଚନ ଲଢୁଛି। ମନ୍ମଥ ନିର୍ବାଚନ ରଣାଙ୍ଗନରେ ଓହ୍ଲାଇବା ପରଠାରୁ ଅପରାଜିତାଙ୍କର ଆଉ ସ୍ଥାନ ନାହିଁ। ମନ୍ମଥ ରାଉତରାୟଙ୍କୁ ଲୋକେ ଭୁବନେଶ୍ୱର ସାଂସଦ କହିବା ଆରମ୍ଭ କଲେଣି। ନିର୍ବାଚନ ଫଳାଫଳ ଘୋଷଣା ପରେ ସବୁ ସ୍ପଷ୍ଟ ହୋଇଯିବ। ନନ୍ଦିଘୋଷ ଟିଭିକୁ ସାକ୍ଷାତକାର ଦେବା ଅବସରରେ ଏହା କହିଛନ୍ତି ବରିଷ୍ଠ କଂଗ୍ରେସ୍ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ଓରଫ ସୁର ରାଉତରାୟ।

**କଂଗ୍ରେସ ମୋତେ ଯେପରି ବାହାର କଲା ତାହା ଠିକ୍ ନୁହେଁ**

**ମୋ ପୁଅ ସପକ୍ଷରେ ପ୍ରଚାର ପାଇଁ ମୁଁ ଏବେ ସମ୍ପୂର୍ଣ୍ଣ ମୁକ୍ତ**



ସୁର କହିଛନ୍ତି ଯେ ଅପରାଜିତା ଭୁବନେଶ୍ୱରର ସାଂସଦ ଅଛନ୍ତି ସତ; କିନ୍ତୁ ଏଥର ବିଜେଡି ଆଗରେ ତାଙ୍କର ପ୍ରଭାବ ସମ୍ପୂର୍ଣ୍ଣ ଫିକା। ମନ୍ମଥକୁ ଖୋଦ୍ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ସାଂସଦ ପ୍ରାର୍ଥୀ ଚୟନ କରିଛନ୍ତି। ମନ୍ମଥ ଯେଉଁ ଆଡ଼େ ଯାଉଛନ୍ତି ସବୁଠି ତାଙ୍କୁ ବିପୁଳ ଜନସମର୍ଥନ ମିଳୁଛି। ମନ୍ମଥ ନିର୍ବାଚନରେ ଲଢ଼ିବା ପରଠାରୁ ଅପରାଜିତାଙ୍କର ଆଉ ସ୍ଥାନ ନାହିଁ। ଲୋକେ ଏଥର ବିଜେଡିକୁ ଭୋଟ ଦେବେ ବୋଲି ମନସ୍ଥ କରି ସାରିଛନ୍ତି। ସମସ୍ତେ କହୁଛନ୍ତି ଆମ ପୁଅ ଏଥର ସାଂସଦ ହେବ। ତେଣୁ ମନ୍ମଥର ବିଜୟକୁ କେହି ରୋକିପାରିବେ ନାହିଁ। ଓଡ଼ିଶାରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପରେ ଯାହା ସବୁ ବିକାଶ ହୋଇଛି ତାହା ନବୀନ ପଟ୍ଟନାୟକ କରିଛନ୍ତି। ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟାଳୟ, ସ୍ୱାସ୍ଥ୍ୟ, ଶିକ୍ଷା ସବୁଠି ନବୀନ ବାବୁଙ୍କ ସଫଳତାର ସ୍ୱାକ୍ଷର ରହିଛି। ଓଡ଼ିଶାରେ ଯେଉଁ ରୂପାନ୍ତରଣ ହୋଇଛି ତାହା ସମସ୍ତଙ୍କୁ କିମିଆ କରିଛି। ତେଣୁ ବିପୁଳ ସଂଖ୍ୟାରେ ଜନତା ବିଜୁ ଜନତା ଦଳକୁ ସମର୍ଥନ ଦେବେ ବୋଲି ସେ କହିଛନ୍ତି।

ଶ୍ରୀ ରାଉତରାୟ ଆହୁରି କହିଛନ୍ତି, ଏତେ ଦିନ ଧରି ମୁଁ କଂଗ୍ରେସ୍‌ରେ ରହି କାମ କଲି; କିନ୍ତୁ ମୋତେ ଯେପରି ଭାବେ ଦଳରୁ ବାହାର କରାଗଲା ତାହା ଠିକ୍ ନୁହେଁ। ମୋ ପୁଅ ସପକ୍ଷରେ ପ୍ରଚାର ପାଇଁ ମୁଁ ଏବେ ସମ୍ପୂର୍ଣ୍ଣ ମୁକ୍ତ। ଦୀର୍ଘ ବର୍ଷ ଧରି ମୁଁ ଭୁବନେଶ୍ୱର, ଜଟଣୀ, ଖୋର୍ଦ୍ଧା ଏବଂ ଆଖପାଖ ଅଞ୍ଚଳରେ କାମ କରିଛି। ଲୋକଙ୍କ ସହିତ ମିଶି ଆସୁଛି, ସେମାନଙ୍କ ସୁଖ ଦୁଃଖରେ ଛିଡ଼ା ହୋଇଛି। ସେହିମାନଙ୍କ ପାଖକୁ ଏବେ ମୋ ପୁଅ ପାଇଁ ଭୋଟ ମାଗିବାକୁ ଯାଉଛି ଆଉ ଲୋକେ ମନ୍ମଥକୁ ନିଶ୍ଚୟ ଆଶୀର୍ବାଦ କରିବେ। କଂଗ୍ରେସ ସହ ବିଜେପି ଭୋଟ ବି ଏଥର ମନ୍ମଥ ଖାତାକୁ ଯିବ। ତା'ର ବିଜୟକୁ କେହି ରୋକିପାରିବେ ନାହିଁ ବୋଲି ଶ୍ରୀ ରାଉତରାୟ କହିଛନ୍ତି।

# ସିଭିଲ ସର୍ଭିସ କୃତୀ ପରୀକ୍ଷାର୍ଥୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା




**ବାରିପଦା, ୧୯।୪(ସମିସ):** ଚଳିତ ବର୍ଷ ସର୍ବ ଭାରତୀୟ ସିଭିଲ ସର୍ଭିସ ପରୀକ୍ଷା ଫଳ ପ୍ରକାଶ ପାଇଛି। ମୟୂରଭଞ୍ଜ ଜିଲ୍ଲାରୁ କୃତକାର୍ଯ୍ୟ ହୋଇଥିବା ତିନି ଜଣ କୃତୀ ଆକାଂକ୍ଷୀମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ୨୪ ତମ ର୍ୟାଙ୍କ୍‌ରେ ଥିବା ପ୍ରଜ୍ଞା ନନ୍ଦନ ଗିରି, ୩୪୩ ର୍ୟାଙ୍କ୍‌ରେ ଥିବା ବିଶ୍ୱଜିତ ପଣ୍ଡା ଏବଂ ୪୬୬ ର୍ୟାଙ୍କ୍‌ରେ ଥିବା ସୌରଭ ଦାସ। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ଶିନ୍ଦେ ଏହି ସମ୍ମାନିତ ସଭାରେ ଅଧ୍ୟକ୍ଷତା କରି ସମସ୍ତ କୃତୀ ଅଧିକାରୀମାନଙ୍କୁ ସମ୍ମାନିତ କରିବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟ କାମନା କରିଥିଲେ। ଏହି ସଭାର ସ୍ୱାଗତ ଭାଷଣ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଯୋଗଦେଇ କହିଥିଲେ ଯେ ପରିଶ୍ରମ ଏବଂ କଠିନ ଅଧ୍ୟବସାୟର ପରିଣତି ହେଉଛନ୍ତି ଏହି କୃତୀ ପରୀକ୍ଷାର୍ଥୀ ଏବଂ ଆମ ଦେଶ ତଥା ରାଜ୍ୟର ଭବିଷ୍ୟତ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ସର୍ବ ଭାରତୀୟ ପ୍ରଶାସନିକ ସେବାରେ ନିଜର କଠିନ ପରିଶ୍ରମ, ବାସ୍ତବଧର୍ମୀ ଏବଂ ଅଙ୍ଗେ ନିଭେଇ ଥିବା ସଂଘର୍ଷ ବିଷୟରେ କହିଥିଲେ। ଜିଲ୍ଲାପାଳ ଶ୍ରୀ ଶିନ୍ଦେ କହିଥିଲେ ଯେ, ସେ ଓଡ଼ିଶାସ୍ତରରେ ହେଉ କିମ୍ବା ସର୍ବଭାରତୀୟ ସ୍ତରରେ ହେଉ ପ୍ରତ୍ୟେକ ପ୍ରତିଯୋଗିତା ମୂଳକ ପରୀକ୍ଷାର ନିଷ୍କର୍ଷରେ ଥାଏ କଠିନ ପରିଶ୍ରମ ଏବଂ ସମର୍ପଣ। ନିଜନିଜ ବକ୍ତବ୍ୟରେ ଶ୍ରୀ ପଣ୍ଡା, ଶ୍ରୀ ଦାସ ଏବଂ ଶ୍ରୀ ଗିରି ଏହି ସଫଳତାର ଶ୍ରେୟ ନିଜ ପରିବାରକୁ ଦେବା ସହିତ କଠିନ ପରିଶ୍ରମ ଏବଂ ଅହେତୁକ ଇଚ୍ଛାଶକ୍ତିକୁ ଦେଇଥିଲେ। ସୂଚନା ଥାଉକି, ଏହି ତିନି ଜଣ କୃତୀ ପରୀକ୍ଷାର୍ଥୀ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ବିଗତ ବର୍ଷରେ କୃତିତ୍ୱ ପାଇଲା ପରେ ନିଜନିଜ ଚାକିରୀରେ ଅବସ୍ଥାପିତ ହୋଇ ମଧ୍ୟ କଠିନ ପରିଶ୍ରମ କରି ଆଜି ଭାରତର ସର୍ବ ବୃହତ ସେବା କରିବାର ସୁଯୋଗ ପାଇଛନ୍ତି। ଏଥିପାଇଁ ଜିଲ୍ଲା ପ୍ରଶାସନ ସେମାନଙ୍କୁ ସାଧୁବାଦ ଦେବା ସହିତ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲପାଳ ଦୌଲତ ଚନ୍ଦ୍ରକାର, ପ୍ରତିନିଧି ଜିଲ୍ଲାପାଳ ଶ୍ରଦ୍ଧା ସୁମନ, ପ୍ରତିନିଧି ଜିଲ୍ଲାପାଳ ଡ. ଶୁଭଙ୍କରୀ ଦାଶ, ପ୍ରତିନିଧି ଜିଲ୍ଲାପାଳ ବସୁନ୍ଧରା ଭିତିରିଆ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଗଣମାଧ୍ୟମ ପ୍ରତିନିଧି ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟର ଦ୍ୱିତୀୟ ଉତ୍ତପ୍ତ ସହର ହେଲା ବାରିପଦା

ବାରିପଦା, ୧୯।୪(ସମିସ)

ରାଜ୍ୟର ଉତ୍ତପ୍ତ ସହର ଭାବେ ବାରିପଦା ବାରମ୍ବାର ନିଜ ରେକର୍ଡ ନିଜେ ଭାଙ୍ଗିବାରେ ଲାଗିଥିବା ବେଳେ ଶୁକ୍ରବାର ୪୪.୨ଡିଗ୍ରୀ ତାପମାତ୍ରାରେ ଦ୍ୱିତୀୟ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଛି। ଯାହାକି ଚଳିତ ବର୍ଷ ଗ୍ରୀଷ୍ମ ଋତୁ ବାରିପଦାର ସର୍ବାଧିକ ତାପମାତ୍ରା ରେକର୍ଡ଼ କରାଯାଇଛି। ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ସକାଳୁ

- ସର୍ବୋଚ୍ଚ ଦିନ ତାପମାତ୍ରା ଛୁଇଁଲା ୪୪.୨ ଡିଗ୍ରୀ
- ହିଟ୍‌ୱେଭ୍ ପାଇଁ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି

ଖରାର ପ୍ରକୋପ ନେଇ ତାତିର ପ୍ରକୋପ ଅନେକ ମାତ୍ରାରେ ରହିଥିଲା। ଅସହ୍ୟ ଗୁଳୁଗୁଳି ସହ ରୌଦ୍ର ତାପ ଅନୁଭୂତ ହୋଇଛି। ଇତି ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ହସ୍ପିଟାଲରେ ଅଂଶୁଘାତ ପାଇଁ ୭ଜଣ ବ୍ୟକ୍ତି ଭର୍ତ୍ତି ହୋଇଥିବା ନେଇ ସୂଚନା ମିଳିଛି। ତେବେ ହିଟୱେଭ



ନେଇ ଶନିବାର ଓ ରବିବାର ମୟୂରଭଞ୍ଜ ଜିଲ୍ଲାକୁ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପ୍ରଦାନ ରିପୋର୍ଟ ଅନୁଯାୟୀ, ବାରିପଦା ରାଜ୍ୟର ସବୁଠୁ ତତଲା ସହର ଭାବେ ପରିଗଣିତ ହୋଇଥିଲା। ପ୍ରତିଦିନ ତାପମାତ୍ରା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଥିଲା। ତାପମାତ୍ରା ବୃଦ୍ଧି ପାଇ ଦିନ ୧୧ପରେ ଘରୁ ବାହାରିବା ଏକ ପ୍ରକାରର ଅସମ୍ଭବ ହୋଇପଡ଼ିଛି। ଯାହାକୁ ନେଇ ରାସ୍ତାଘାଟ ଦିନ ବେଳେ ଶୁନଶାନ ପଡ଼ିଥିବା ବେଳେ ବାରିପଦା ସହରରେ ଅଘୋଷିତ କର୍ଫ୍ୟୁ ଲାଗିଲା ଭଳି ଲାଗୁଛି। ତେବେ ଆଗକୁ ଟାଣ ଖରାରୁ ନିସ୍ତାର ମିଳିବାକୁ ଯାଉଛି। ପାଣିପାଗ କେନ୍ଦ୍ରର ଆକଳନ ଅନୁସାରେ ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ଖରା ବୃଦ୍ଧି ପାଇବା ପରେ ପାଗରେ ସାମାନ୍ୟ ପରିବର୍ତ୍ତନ ଆସିପାରେ। କାଳବୈଶାଖୀ ପ୍ରଭାବରୁ ତାପମାତ୍ରା ଟିକେ ହ୍ରାସ ପାଇପାରେ। କିନ୍ତୁ ଏପ୍ରିଲ ୨୫ ତାରିଖରୁ ପୁଣି ତାତି ବଢ଼ିବ। ଅନ୍ୟପଟେ ରୌଦ୍ର ତାପକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସତନ୍ତ୍ର ଦୃଷ୍ଟି ଦିଆଯାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜରୁରୀ କାମ ନ ଥିଲେ ଦିନ ୧୧ ପରେ ଘରୁ ନ ବାହାରିବାକୁ କୁହାଯାଇଛି। ଅଂଶୁଘାତ ଚିକିତ୍ସା କରିବା ପାଇଁ ଜିଲ୍ଲାର ସମସ୍ତ ସିଏଚସି ସତନ୍ତ୍ର ଚିକିତ୍ସା ବ୍ୟବସ୍ଥା ସହ ବାରିପଦା ପିଆରଏମ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ବ୍ୟବସ୍ଥା କରାଯାଇଛି। ଛୋଟ ପିଲା, ଗର୍ଭବତୀ ମହିଳା ଓ ବୟସ୍କ ବ୍ୟକ୍ତିଙ୍କୁ ଖରାରେ ବାହାରକୁ ଯିବାକୁ ବାରଣ କରିଛି ଜନସ୍ୱାସ୍ଥ୍ୟ ବିଭାଗ। ପୌରପାଳିକା ପକ୍ଷରୁ ବିଭିନ୍ନ ୱାର୍ଡରେ ଜଳଛତ୍ର ଖୋଲିବା ପାଇଁ ବ୍ୟବସ୍ଥା ମଧ୍ୟ ହୋଇଛି। ଏଥି ସହିତ ଘର ଅଗଣା ଓ ଛାତରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ପାତ୍ରରେ ପାଣି ରଖିବାକୁ ଅନୁରୋଧ କରାଯାଇଛି।

# ଏମ୍‌ପିସି ସ୍ୱୟଂଶାସିତ କଲେଜ ଏନ୍‌ଏସ୍‌ଏସ୍ ପକ୍ଷରୁ ଜଳଛତ୍ର




**ବାରିପଦା, ୧୯।୪(ସମିସ):** ବୃଦ୍ଧି ପାଉଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ଥାନୀୟ ତକତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଜଳଛତ୍ର ଆରମ୍ଭ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ମହାବିଦ୍ୟାଳୟ ନିକଟରେ ଜଳଛତ୍ର ଆରମ୍ଭ ହୋଇଛି। ଅତିଶୟ ଗରମ ହେତୁ ପଥଚାରୀମାନଙ୍କୁ ଦହି ପାଣି ଏବଂ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ସାହୁ ଜଳଛତ୍ରକୁ ଉଦଘାଟିତ କରିଥିଲେ। ଏନ୍‌ଏସଏସର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ. ଅନାମ ଚରଣ ରାଉଳ ଏବଂ କଲେଜର ଏନ୍‌ଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡ. ପ୍ରିୟବ୍ରତ ବେହେରା, କୁମାରୀ ରଞ୍ଜନା ରାଣୀ ସିଂ ମଧ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟାନ୍ୟ ଅଧ୍ୟାପକ/ଅଧ୍ୟାପିକାଙ୍କ ମଧ୍ୟରେ ଡ. ଆଲବର୍ଟିନା ତିର୍କୀ, ଡ. ଦୀପକ କୁମାର ବେହେରା ଏବଂ ରତନୀ ହାଁସଦା ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶଂସା କରିବା ସହିତ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଜାତୀୟ ସେବା ଯୋଜନାର ଉକ୍ତ ପ୍ରୟାସକୁ ପଥଚାରୀମାନେ ବହୁତ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମ ଆଦର୍ଶ, ରିଙ୍କୁ, ଶୁଭମ, ସନ୍ଦୀପ, ମନାଲ, କେପି, ସୌମ୍ୟ, ରିତୁ, ଦିୟା, ନିବେଦିତା, ଚିନ୍ମୟ, ଦିପୁ ଓ ସମସ୍ତ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଐତିହ୍ୟ ଦିବସ ପାଳିତ



**ବାରିପଦା, ୧୯।୪(ସମିସ):** ବିଶ୍ୱ ଐତିହ୍ୟର ଗୁରୁତ୍ୱ ଓ ତାର ରକ୍ଷଣାବେକ୍ଷଣ ପାଇଁ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗୁରୁବାର ମୟୂରଭଞ୍ଜ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱ ବିଦ୍ୟାଳୟର ଜନଜାତି ଅଧ୍ୟୟନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନୃତତ୍ୱ ଓ ଜନଜାତି ବିଭାଗ, ଇତିହାସ ବିଭାଗ ଓ ଝୁମର ସାର୍ଟିଫିକେଟ କୋର୍ସର ସହଯୋଗରେ ଆୟୋଜିତ ଏହି ସମ୍ମିଳନୀରେ କାନାଡ଼ା ସ୍ଥିତ ଚଳଚିତ୍ର ନିର୍ମାତା ଓ ଅଧ୍ୟାପକ କିଶଳୟ ରାୟ ଓ ଯାମିନୀ ମାକେଶ୍ୱର ବକ୍ତା ଭାବେ ଓ ଇନ୍‌ଟାକ ମୟୂରଭଞ୍ଜର ଡ. ତରୁଣ କୁମାର ଓଝା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ରାୟଗଡ଼ାରେ ସଉରା ଜନଜାତିଙ୍କ ଚିତ୍ରକଳା ପରମ୍ପରା ଉପରେ ଯାମିନୀଙ୍କ ନିର୍ମିତ କ୍ଷୁଦ୍ର ବୃତ୍ତଚିତ୍ର 'ଇଡି ତାଳ' ପ୍ରଦର୍ଶନ କରାଯାଇଥିଲା। ନୃତତ୍ୱ ଓ ଜନଜାତି ବିଭାଗର ମୁଖ୍ୟ ଡ. ବସନ୍ତ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆସରରେ ଅତିଥି ଡ. ତରୁଣ କୁମାର ଓଝା ମୟୂରଭଞ୍ଜର ଅତୁଲ୍ୟ ଐତିହ୍ୟ ଉପରେ ଆଲୋକପାତ କରିଥିବା ବେଳେ କିଶଳୟ ରାୟ ବାରିପଦା ଛଉ ଉପରେ ନିର୍ମାଣ କରୁଥିବା ସମୟର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ବିଭାଗୀୟ ଅଧ୍ୟାପିକା ଡ.ମନାଲି ଗୋସ୍ୱାମୀ ତାଙ୍କର ବକ୍ତବ୍ୟରେ ସ୍ଥାନୀୟ ଐତିହ୍ୟର ସଂରକ୍ଷଣରେ ଛାତ୍ରଛାତ୍ରୀଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ସମ୍ମିଳନୀରେ ଝୁମର ବିଭାଗର ଅଧ୍ୟାପକ କ୍ଷିରୋଦ ଚନ୍ଦ୍ର ମହାନ୍ତ ଛଉ ଓ ଝୁମରର ମାଟି ମୟୂରଭଞ୍ଜର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନାରେ ନୃତତ୍ୱ ଓ ଜନଜାତି ବିଭାଗର ଅଧ୍ୟାପକ ମନୁ ନାୟକ ଓ ସୁଭୋଜିତ ସେନ ତଥା ନୃତତ୍ୱ ଓ ଜନଜାତି ବିଭାଗ, ଇତିହାସ ବିଭାଗର ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଶେଷରେ ଅଧ୍ୟାପିକା ପ୍ରିୟଙ୍କା ଦାସ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀ ଶିରିଡ଼ି ସାଇ ସତ୍‌ସଙ୍ଗ ପାଇଁ ପ୍ରସ୍ତୁତି ବୈଠକ

**ବାରିପଦା, ୧୯।୪(ସମିସ):** ସ୍ଥାନୀୟ ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା ପଡ଼ିଆରେ ୧୩ ତମ ଶ୍ରୀ ଶିରିଡି ସାଇ ସତସଙ୍ଗ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଆୟୋଜକ କମିଟିର ସଭାପତି ପୁରୁଷୋତ୍ତମ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପ ସଭାପତି ତଥା ପୂର୍ବତନ କାଉନସିଲର ଦେବାଶିଷ ଦାସ, ସାଧାରଣ ସମ୍ପାଦକ ବେଣୁଧର ମହାନ୍ତ, ଉପଦେଷ୍ଟା ସତ୍ୟନାରାୟଣ ଜୀ, ସହ ସମ୍ପାଦକ ପଦ୍ମଲୋଚନ ମହାନ୍ତ କୋଷାଧ୍ୟକ୍ଷ ଅବନୀ ଷଡ଼ଙ୍ଗୀ ତଥା ମୁଖ୍ୟ ଆୟୋଜକ କୁନା ବେଜ ଓ ମନୋଜ ମହାନ୍ତିଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ। ଆସନ୍ତା ମେ ମାସ ୧୧ ତାରିଖ ଦିନ ସାଇବାବାଙ୍କ ସତସଙ୍ଗ କାର୍ଯ୍ୟକ୍ରମ ଅବସରରେ ସକାଳ ୫ ଟା ୩୦ ମିନିଟରେ କାକଟ ଆରତୀ, ଦିନ ୧୨ ଟା ୩୦ ରେ ମଧ୍ୟାହ୍ନ ଆରତୀ, ୬ଟା ୩୦ରେ ସନ୍ଧ୍ୟା ଆରତୀ, ୮ ଟାରୁ ସର୍ବସାଧାରଣଙ୍କ ପାଇଁ ପ୍ରସାଦସେବନ ଏବଂ ରାତି ୧୦ ଟା ୩୦ରେ ଶେଯ ଆରତୀ କାର୍ଯ୍ୟକ୍ରମ ରହିଛି ବୋଲି ସମ୍ପାଦକ ଶ୍ରୀ ମହାନ୍ତ ଜଣାଇଛନ୍ତି ଓ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାରମାନଙ୍କୁ ମଧ୍ୟ ସୁଯୋଗ ଦିଆଯିବ ବୋଲି ସ୍ଥିର କରାଯାଇଛି। ଗାୟକମାନେ ମେ ୧୦ ତାରିଖ ଦିନ ଭଞ୍ଜପୁର ସାଇବାବା କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରିପାରିବେ ଓ ବହୁ ସଂଖ୍ୟାରେ ଉପସ୍ଥିତ ରହି ବାବାଙ୍କ ସାନିଗ୍ଧ ଲାଭ କରିବାକୁ କମିଟି ତରଫରୁ ଅନୁରୋଧ କରାଯାଇଛି।

# ଯୁବତୀଙ୍କୁ ଆକ୍ରମଣ ସହ ହତ୍ୟା ଧମକ

**ବାରିପଦା, ୧୯।୪(ସମିସ):** ଯୁବତୀଙ୍କୁ ଆକ୍ରମଣ ସହ ଜୀବନରୁ ମାରିଦେବାକୁ ଧମକ ଦେବାକୁ ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି। ଏନେଇ ବାରିପଦା ଟାଉନ ଥାନା ଅନ୍ତର୍ଗତ ତୁଳସୀଚୌରା ଅଞ୍ଚଳର ସାବିତ୍ରୀ ଘଡ଼େଇ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସାବିତ୍ରୀଙ୍କ ଝିଅ କୁନୁ ଧଡ଼ାକୁ ତାଙ୍କ ଜ୍ୱାଇଁ ମୁନା ଧଡ଼ା ପିଟାମରା କରିବା ସହ ପଥରରେ ଆକ୍ରମଣ କରି ମୁଣ୍ଡ ଫଟେଇ ଦେଇଥିଲେ। ଏନେଇ ସେ ପ୍ରତିବାଦ କରିବାକୁ ତାକୁ ମଧ୍ୟ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ବାରିପଦା ଟାଉନ ଥାନାରେ ଅଭିଯୋଗକ୍ରମେ ପୁଲିସ ପକ୍ଷରୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଛି।

# ନାବାଳିକା ନିଖୋଜ ନେଇ ଥାନାରେ ଅଭିଯୋଗ

**ବାରିପଦା, ୧୯।୪(ସମିସ):** ନାବାଳିକା ନିଖୋଜ ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବାରିପଦା ଟାଉନ ଥାନା ଅନ୍ତର୍ଗତ କାଳିକାପୁର ଅଞ୍ଚଳର ପୂଜା ମୁଖୀଙ୍କ ଝିଅ ମୋନାଲିସା ମୁଖୀ ବୁଧବାର ଠାରୁ ନିଖୋଜ ଅଛନ୍ତି। ତେବେ ବହୁ ସ୍ଥାନରେ ଖୋଜାଖୋଜି କରିବା ପରେ କୋଣସି ଖବର ନ ପାଇବାରୁ ବାରିପଦା ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ବାରିପଦା ଟାଉନ ଥାନାରେ ମାମଲା ରୁଜୁ କରିବା ସହ ଅଭିଯୋଗକ୍ରମେ ତଦନ୍ତ ଆରମ୍ଭ କରାଯାଇଛି।

## 'ଫେରିଆସ ପକ୍ଷୀ' ବାର୍ତ୍ତା ନେଇ ଆମେ ମଣିଷ ସଂଗଠନ ଗଠିତ

# ପକ୍ଷୀ ସୁରକ୍ଷା ପାଇଁ ହେବ ସଚେତନତା କାର୍ଯ୍ୟକ୍ରମ




**ବାରିପଦା, ୧୯।୪(ସମିସ):** ପ୍ରାକୃତିକ ସୁଷମାରାଜିରେ ଭରପୁର ତଥା ଏସିଆ ମହାଦେଶର ଦ୍ୱିତୀୟ ବୃହତ ଜୈବମଣ୍ଡଳ ଶିମିଳିପାଳ ଅଭୟାରଣ୍ୟ ମୟୂରଭଞ୍ଜ ଜିଲ୍ଲାରେ ଥାଇ ମଧ୍ୟ ବାରିପଦା ରାଜ୍ୟର ଉତ୍ତପ୍ତ ସହର ଭାବେ ପରିଗଣିତ ହେଉଛି। ଯାହାକି ମନୁଷ୍ୟ ସମାଜ ସହ ପଶୁପକ୍ଷୀଙ୍କ ନିତିଦିନିଆ ଜୀବନରେ ଅସୁବିଧା ସୃଷ୍ଟି କରିଛି। ଅସହ୍ୟ ଗ୍ରୀଷ୍ମପ୍ରବାହ ପାଇଁ ପକ୍ଷୀକୂଳରେ ଏହାର କୁପ୍ରଭାବ ପଡ଼ିଛି। ପୂର୍ବ ତୁଳନାରେ ପକ୍ଷୀମାନଙ୍କ ସଂଖ୍ୟା ଅନେକ ମାତ୍ରାରେ ହ୍ରାସ ପାଇବାରେ ଲାଗିଛି। ଯାହାର ସୁରକ୍ଷା ନିମନ୍ତେ ପଦକ୍ଷେପ ଗ୍ରହଣ ପାଇଁ ଏକ ମାନବବାଦୀ ଆଭିମୁଖ୍ୟ ନେଇ ବାରିପଦାରେ 'ଆମେ ମଣିଷ' ନାମରେ ଏକ ନୂତନ ସାମାଜିକ ସଂଗଠନ ଗଠନ କରାଯାଇଛି। ଯାହାକି ପ୍ରାଥମିକ ଭାବେ ପକ୍ଷୀ ସୁରକ୍ଷା ନିମନ୍ତେ ଜନସଚେତନତା ସୃଷ୍ଟି ନେଇ କାର୍ଯ୍ୟ କରିବ। ଏନେଇ ଶୁକ୍ରବାର ବାରିପଦା ସ୍ଥିତ ଲାଏନ୍ସ କ୍ଲବ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସବିଶେଷ ଉପସ୍ଥାପନ କରାଯାଇଛି। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିଶ୍ୱ ବ୍ୟାଙ୍କର ପ୍ରାକ୍ତନ ପରାମର୍ଶଦାତା ତଥା ଫକୀରମୋହନ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ବିଖ୍ୟାତ ଅର୍ଥନିତୀଜ୍ଞ ପ୍ରଫେସର ଡ. କୁମରବର ଦାସ, ଅନୁଷ୍ଠାନର ପ୍ରତିଷ୍ଠାତା ଖ୍ୟାତି ସମ୍ପନ୍ନ ବନ୍ୟଜୀବ ଜଙ୍ଗଲ ସୁରକ୍ଷା ଓ ପରିବେଶକର୍ମୀ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିରଜା ପ୍ରସାଦ ନାୟକ, ଶିଳ୍ପଦ୍ୟୋଗୀ ତଥା ସମାଜସେବୀ ଅନୁଷ୍ଠାନର ଯୁଗ୍ମ ନିର୍ଦ୍ଦେଶକ ରୋଟାରିଆନ୍ କମଲ କୁମାର ଜେନା, ସମାଜସେବୀ ଦୀନେଶ ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ସମୟରେ ଜଙ୍ଗଲର ଅବକ୍ଷୟ ପାଇଁ ପକ୍ଷୀମାନଙ୍କ ବଂଶ ଲୋପ ପାଇବାରେ ଲାଗିଛି। ସଂଗଠନ ଆଞ୍ଚଳିକ, ଜାତୀୟ ତଥା ଅନ୍ତର୍ଜାତୀୟ ବିଭିନ୍ନ ବିଷୟ ଉପରେ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ପିଢ଼ି, ସଚେତନ ନାଗରିକଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ପ୍ରସାର ସାଙ୍ଗକୁ ଏକ ବିଚାର ପ୍ରତିଷ୍ଠା କରିବା ପକ୍ଷୀ ବଂଶ ସୁରକ୍ଷା ଦିଗରେ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ନେଇଛନ୍ତି। ଏନେଇ 'ଫେରିଆସ ପକ୍ଷୀ' ବାର୍ତ୍ତା ନେଇ ୨୧ ତାରିଖ ସକାଳ ୭ଟାରେ ବାରିପଦା ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରୁ ଏକ ପଦଯାତ୍ରା ହେବ। ଏଥିରେ ଛାତ୍ରଛାତ୍ରୀ, ଯୁବକ, ଜନସାଧାରଣ ଓ ପ୍ରକୃତିପ୍ରେମି ଅଂଶଗ୍ରହଣ କରିବେ ବୋଲି କୁହାଯାଇଛି। ସମ୍ପ୍ରତି ବାରିପଦା ୪୩ ଡିଗ୍ରୀରୁ ଅଧିକ ତାପମାତ୍ରା ସହ ରାଜ୍ୟର ସର୍ବାଧିକ ଉତ୍ତପ୍ତ ସହର ପାଲଟିଥିବାରୁ ଏଠାରେ ପକ୍ଷୀକୂଳ ପ୍ରଭାବିତ ମଧ୍ୟ। ଅତ୍ୟଧିକ ଗ୍ରୀଷ୍ମ ଦାଉରୁ ରକ୍ଷା ପାଇବା ପାଇଁ ଅଜଣା ସ୍ଥାନକୁ ଚାଲି ଯାଉଛନ୍ତି। ସେଦିନ ସକାଳ ୮ଟା ବେଳେ ବିଜୁ ପଟ୍ଟନାୟକ ଛକରେ ଜନସାଧାରଣଙ୍କୁ ନିଃଶୁଳ୍କ ମାଟି ଓ ପ୍ଲାଷ୍ଟିକ୍ ଜଳପାତ୍ର ଏବଂ ଫଳଚାରା ବଣ୍ଟନର କାର୍ଯ୍ୟକ୍ରମ ହେବ। ପୂର୍ବାହ୍ନ ୧୧ଟାରୁ ୬ଟା ପର୍ଯ୍ୟନ୍ତ ବାରିପଦାର ତକତପୁର ସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ମୁଖ୍ୟ ସଭାଗୃହରେ 'ଫେରିଆସ ପକ୍ଷୀ' ଶୀର୍ଷକ ଏକ ରାଜ୍ୟସ୍ତରୀୟ ବହୁଭାଷୀ କବିତା ପାଠୋତ୍ସବ ଓ ଆଲୋଚନା ଚକ୍ର ଆୟୋଜନ କରାଯାଉଛି। ଏହି ସମସ୍ତ କାର୍ଯ୍ୟକ୍ରମ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଜିଲ୍ଲା ପ୍ରଶାସନ, ଜିଲ୍ଲା ଜରୁରୀକାଳୀନ ବିଭାଗ, ବାରିପଦା ବନଖଣ୍ଡ ଓ ବାରିପଦା, ବାଲେଶ୍ୱର ତଥା କଟକର ବିଭିନ୍ନ ବ୍ୟବସାୟିକ ତଥା ଶିକ୍ଷାନୁଷ୍ଠାନର ମିଳିତ ସହଯୋଗରେ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି।

## ବଳାଙ୍ଗୀ ମହୋତ୍ସବ ଉଦ୍‌ଯାପିତ

# ଦର୍ଶକଙ୍କୁ ମତୁଆଲା କଲା ପାରମ୍ପରିକ ଝୁମର ନୃତ୍ୟ

ବାରିପଦା, ୧୯।୪(ସମିସ)



ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଠାରୁ ବାରିପଦା ଠାରେ ଆରମ୍ଭ ହୋଇଥିବା ମୟୂରଭଞ୍ଜ ଜିଲ୍ଲାର ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀ, ବିଶିଷ୍ଟ ଅତିଥି ଭାବରେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ସଞ୍ଜୀବ କୁମାର ମହାନ୍ତି, ସାମ୍ବାଦିକ ସୌରଭ ପଟ୍ଟନାୟକ, ସମାଜସେବୀ ରଜତ କୁମାର ପଣ୍ଡା, ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ବଳାଙ୍ଗୀ ମହୋତ୍ସବର ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ କଳା ଓ ସଂସ୍କୃତିର ଅବକ୍ଷୟକୁ ନ ରୋକିଲେ ସାମାଜିକ ଅବକ୍ଷୟ ଅବଶ୍ୟମ୍ଭାବୀ ବୋଲି କହିବା ସହିତ ବାରିପଦାରେ ବୁଢ଼ାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳୀରେ ଦୀର୍ଘ ୨୨ବର୍ଷ ଧରି ପାଳିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ ମୟୂରଭଞ୍ଜ ଜିଲ୍ଲାରେ କଳା ସଂସ୍କୃତିର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଏକ ସାଂସ୍କୃତିକ ଆନ୍ଦୋଳନ ଭାବରେ ପ୍ରତିଷ୍ଠିତ ହୋଇ ପାରିଛି ବୋଲି କହିଥିଲେ। ସହ ସମ୍ପାଦକ ଡ଼. ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବାବେଳେ, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅତୀଶ କୁମାର ବେହେରା, ପ୍ରଶାନ୍ତ କୁମାର ପରୀକ୍ଷା, ଜନାର୍ଦ୍ଦନ ମହାନ୍ତ, ରଞ୍ଜନ କୁମାର ଦାଶ, ନରେନ୍ଦ୍ର ମୋହନ ସେନାପତି, ବଳରାମ ବେହେରା, ସନ୍ଦୀପ କୁମାର ନାୟକ, ସଞ୍ଜୟ କୁମାର ନାୟକ, ରାଜୀବ ଲୋଚନ ସେନାପତି, ସାଗରିକା ସେନାପତି, ରଜତ କୁମାର ପଣ୍ଡା, ପ୍ରକାଶ କାଣ୍ଡି, ଡ. ଶଶୀଧର ବିଶ୍ୱାଳ, ଡ. ଭାଗବତ ଲେଙ୍କା, ସମ୍ବିଧାନ ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବଳାଙ୍ଗୀ ଟ୍ୟାଲେଣ୍ଟ ହଣ୍ଟର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମହୋତ୍ସବର ଶେଷ ଦିନରେ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଯଜ୍ଞର ପୂର୍ଣ୍ଣାହୁତି ସହିତ ବିଭିନ୍ନ ବର୍ଗର ସ୍ଥାନୀୟ ନୃତ୍ୟ କଳାକାରମାନଙ୍କ ନୃତ୍ୟ ପ୍ରତିଯୋଗିତା ଏବଂ ଜିଲ୍ଲା ତଥା ବାହାରୁ ବହୁ ସାଂସ୍କୃତିକ ଦଳ ଯୋଗଦେଇ ସେମାନଙ୍କର କଳାକୌଶଳ ପ୍ରଦର୍ଶନ କରିଥିଲେ। ମୟୂରଭଞ୍ଜର ପାରମ୍ପରିକ ଝୁମର ନୃତ୍ୟ ଦର୍ଶକଙ୍କୁ ମତୁଆଲା କରିଥିଲା। ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେଶ ନାୟକ, ସମ୍ପାଦକ ମିଥୁନ ବାରିକ, ପଦ୍ମନାଭ ମହାପାତ୍ର, କିଶୋର ମହାନ୍ତି, ଦିଲ୍ଲୀପ ପାତ୍ର ଓ ରମାକାନ୍ତ ରାଉତ ପ୍ରମୁଖଙ୍କ ନେତୃତ୍ୱରେ ବହୁ ସ୍ୱେଚ୍ଛାସେବୀ ମେଳା ପରିଚାଳନାରେ ସହଯୋଗ କରିଥିଲେ।

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ଣ୍ଡ ରବୀନ୍ଦ୍ର ନାଥ ଦାସ

(ପ୍ରାକ୍ତନ ଓଡ଼ିଶା ବରିଷ୍ଠ ସେବା ପ୍ରଶାସନିକ ଅଧିକାରୀ, ପ୍ରାକ୍ତନ ଓଡିଶା ସାହିତ୍ୟ ଏକାଡେମୀ ସଂପାଦକ)

ଆର୍ବିଭାବ- ୧୭.୦୫.୧୯୪୨

ତିରୋଧାନ: ୨୦.୦୪.୨୦୨୨

ଚାହିଁ ଚାହିଁ ଦୁଇ ବର୍ଷ ବିତିଗଲାଣି। ଏମିତି ଗୋଟିଏ ଦିନ ନାହିଁ, ଯେଉଁ ଶୂନ୍ୟସ୍ଥାନ କରିଯାଇଛ, ତାହା ଅପୂରଣୀୟ । ତୁମେ ଯେଉଁଠି ଥାଅ ଭଲରେ ଥାଅ, ଏହା ନୃସିଂହ ନାଥଙ୍କ ନିକଟରେ ପ୍ରାର୍ଥନା।

-: ଶ୍ରଦ୍ଧାଞ୍ଜଳି ସହ :-

ହତଭାଗିନୀ ପତ୍ନୀ- ଡଲି, ପୁଅ- ପୁପୁନ୍, କନ୍ୟା-ପିଙ୍କୁ, ଜ୍ୱାଇଁ-ବୁଲୁ, ନାତି/ନାତୁଣୀ- ନୂତନ, ନୂପୁର ଓ ବନ୍ଧୁ ପରିଜନ



# କାଠପାଳ ଶାଗୁଆନ ଜଙ୍ଗଲରେ ଭୟାବହ ଅଗ୍ନିକାଣ୍ଡ





**ସନ୍ଦିଗ୍ଧ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ ନିଆଁ ଲଗାଇଥିବା ଅନୁମାନ**

**ବେତନଟୀ, ୧୯।୪(ସମିସ)**

ବେତନଟୀ ଥାନା ବାରିପଦା ରେଞ୍ଜ ଅଧୀନ କାଠପାଳ ସ୍ପିନିଂମିଲ ଅପରପାର୍ଶ୍ୱରେ ଥିବା ମୂଲ୍ୟବାନ ଶାଗୁଆନ ଜଙ୍ଗଲରେ ଶୁକ୍ରବାର ଅପରାହ୍ଣରେ ଭୟାବହ ଅଗ୍ନିକାଣ୍ଡ ଘଟିଥିବା ବେଳେ ଏହାକୁ ଆୟତ୍ତ କରିବା ପାଇଁ ବନବିଭାଗ ଏବଂ ଅଗ୍ନିଶମ ବାହିନୀକୁ ବେଶ୍ କିଛିଘଣ୍ଟାର କସରତ କରିବାକୁ ପଡ଼ିଥିଲା। କାଠପାଳ ଶାଗୁଆନ ଜଙ୍ଗଲର ତିନିଗୋଟି ସ୍ଥାନରେ ନିଆଁ ଲାଗିଥିବା ବେଳେ ଏହା କ୍ରମଶଃ ବ୍ୟାପିବାରେ ଲାଗିଥିଲା। ଶୁଖିଲାପତ୍ରର ଆସ୍ତରଣ ସାଙ୍ଗକୁ ଝାଞ୍ଜିପବନ ପାଇଁ ନିମିଶକ ମଧ୍ୟରେ ନିଆଁ ହୁହୁ ହୋଇ ଚାରିଆଡ଼କୁ ବ୍ୟାପିଥିଲା। ଖବରପାଇ ବନବିଭାଗର ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ବିଫଳ ହୋଇଥିଲେ। ଫାୟାର ବ୍ଲୋୟର ସହାୟତାରେ ନିଆଁକୁ ଆୟତ୍ତ କରିବା ସମ୍ଭବପର ହୋଇପାରିନଥିବା ବେଳେ ଶେଷରେ ଅଗ୍ନିଶମ ବାହିନୀର ସହାୟତା ନେଇଥିଲା ବନବିଭାଗ। ଶେଷରେ ଅଗ୍ନିଶମବାହିନୀ, ସ୍ଥାନୀୟଲୋକ ଏବଂ ବନବିଭାଗର କର୍ମଚାରୀଙ୍କ ଦୀର୍ଘ ଘଣ୍ଟାର ଉଦ୍ୟମପରେ ନିଆଁକୁ ଆୟତ୍ତ କରାଯାଇଥିବା ନେଇ ବାରିପଦା ସଦର ରେଞ୍ଜ ଅଧିକାରୀ ଶ୍ରଦ୍ଧେୟ କୁମାର ମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ କୌଣସି ସନ୍ଦୀଗ୍ଧ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବରେ ନିଆଁ ଲଗାଇଦେଇଥିବା ନେଇ ବନବିଭାଗ ଅନୁମାନ କରୁଛି। ବନାଗ୍ନି ଉପରେ ବନବିଭାଗ ପକ୍ଷରୁ ବ୍ୟାପକ ଜନସଚେତନତା ସାଙ୍ଗକୁ ବିଭିନ୍ନ ପ୍ରକାର ଗଠନମୂଳକ ପଦକ୍ଷେପ ଗ୍ରହଣ ସତ୍ତ୍ୱେ ଉଦ୍ଦେଶ୍ୟମୂଳକ ଭାବରେ ଜଙ୍ଗଲରେ ନିଆଁ ଲଗାଇବା ବନ ବିଭାଗ ପାଇଁ ଚିନ୍ତାର କାରଣ ପାଲଟିଛି।

# ମା' କୀଚକେଶ୍ୱରୀଙ୍କ ଆଶୀର୍ବାଦ ନେଲେ ବିଜେଡି ପ୍ରାର୍ଥୀ



**ଖିଚିଂ, ୧୯।୪(ସମିସ):** ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବିଜେଡି ତରଫରୁ ମୟୁରଭଞ୍ଜ ସଂରକ୍ଷିତ ଲୋକସଭା ଆସନ ପାଇଁ ବାଙ୍ଗିରିପୋଷି ବିଧାୟକ ତଥା ରାଜସ୍ୱ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ଯଶିପୁର ବିଧାନସଭା ମଣ୍ଡଳୀ ପାଇଁ ଚକ୍ରଧର ହେମ୍ବ୍ରମଙ୍କୁ ପ୍ରାର୍ଥୀ କରାଯାଇଛି। ଚଳିତ ନିର୍ବାଚନ ପାଇଁ ଦଳରୁ ଟିକଟ ପାଇବାପରେ ଏହା ହେଉଛି ମନ୍ତ୍ରୀ ସୁଦାମଙ୍କ ପ୍ରଥମ ଖିଚିଂ ଗସ୍ତ। ଏ ଅବସରରେ ଉଭୟ ବିଧାୟକ ଓ ଲୋକସଭା ପ୍ରାର୍ଥୀ ଦିବା ୧୧ ଘଟିକା ସମୟରେ ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ସିଂ, ସଂଯୋଜକ ଦେବାଶିଷ ମହାନ୍ତି, ପୂର୍ବତନ ବିଧାୟକ ମଙ୍ଗଲ ସିଂ ମୁଦି, ବରିଷ୍ଠ ନେତା ମହେଶ ହେମ୍ବ୍ରମ, ଗୋଲକ ନାୟକ, ଜିଲ୍ଲା ପରିଷଦ ସଭ୍ୟ ବିକାଶ ରଞ୍ଜନ ସି ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଓ ସମର୍ଥକଙ୍କ ସହିତ ମୟୂରଭଞ୍ଜର ଅଧିଷ୍ଠାତ୍ରୀ ଦେବୀ କୀଚକେଶ୍ୱରୀଙ୍କ ଦର୍ଶନ କରି ଆଶିଷ ଲାଭ କରିଛନ୍ତି। ଏହାପରେ ଉଭୟ ପ୍ରାର୍ଥୀ ଦଳର ହଜାରହଜାର ସମର୍ଥକଙ୍କ ସହ ଏକ ବିଶାଳ ଶୋଭାଯାତ୍ରାରେ ଶୁକୁଳି ବ୍ଲକ ଛକଠାରୁ ଡାହାଣିଗଡ଼ିଆ ଯାଏଁ ଯାଇଥିଲେ। ତେବେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ପ୍ରାର୍ଥୀଙ୍କ ପ୍ରତି ଏତାଦୃଶ ଅଭୁତପୂର୍ବ ସମର୍ଥନ ବିଜୟଆଶାକୁ ଦ୍ୱିଗୁଣିତ କରୁଥିବା କଥା ସାଧାରଣରେ ଚର୍ଚ୍ଚା ହେଉଛି।

## ବିପୁଳ ମହୁଲ ପୋଚ ଓ ଦେଶୀ ମଦ ଜବତ, ୨ ଗିରଫ

**କରଞ୍ଜିଆ, ୧୯।୪(ସମିସ):** କରଞ୍ଜିଆ ପୁଲିସ ବ୍ୟାପକ ଚଢ଼ଉରେ କରଞ୍ଜିଆ ଥାନା ଅର୍ନ୍ତଗତ ବଡ଼ରାମଚନ୍ଦ୍ରପୁର ଗ୍ରାମ ଜଙ୍ଗଲରୁ ୧୦ ହଜାର ଲିଟର ମହୁଲ ପୋଚ ଓ ୩୦୦ ଲିଟର ଦେଶୀ ମଦ ଜବତ କରି ପୋଚ ଗୁଡ଼ିକୁ ସେହି ଜଙ୍ଗଲରେ ନଷ୍ଟ କରିଥିଲେ।



ତେବେ ଏହି ଚଢ଼ଉ ସମୟରେ ମଦ ତିଆରି କରୁଥିବା ୨ ଜଣଙ୍କୁ ପୁଲିସ ଧରିବାରେ ସଫଳ ହୋଇଛି। ସେମାନେ ହେଲେ କରଞ୍ଜିଆ ବ୍ଲକ ଦୁଧିଆଣୀ ପଞ୍ଚାୟତ ବଡ଼ରାମଚନ୍ଦ୍ରପୁର ଗାଁର ସୁନାରାମ ହାଁସଦା ଓ ରଙ୍ଗାମାଟିଆ ଗାଁର ସିରିଓ ଚାତାର। ସେଠାରୁ ଦେଶୀ ମଦ ତିଆରି ସାଜ ସରଞ୍ଜାମ ପୁଲିସ ଜବତ କରିଛି। ତେବେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧୦ରୁ ୧୫ ଲକ୍ଷ ଟଙ୍କା ହେବ ବୋଲି ପୁଲିସ ସୂଚନା ଦେଇଛି। କରଞ୍ଜିଆ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। କରଞ୍ଜିଆ ଅବକାରୀ ବିଭାଗ ସ୍ଥାଣୁ ଥିବାରୁ ଆଜି ପୁଲିସ ବିଭାଗକୁ ତାର କାର୍ଯ୍ୟ କରିବାକୁ ପଡୁଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏହା ଯେପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୁଏ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ଉ ଜାରି। କରଞ୍ଜିଆ ଆଇଆଇସି ନିରଜ କୁମର ମଲ୍ଲିକଙ୍କ ନେତୃତ୍ୱରେ ଏସଆଇ ବଳରାମ ମହାରଣା, ଦୁର୍ଯ୍ୟୋଧନ ମହନ୍ତ ଓ ଅଶ୍ୱନି ପ୍ରଧାନ ଚଢ଼ଉରେ ସାମିଲ ଥିଲେ।

## ସିଭିଲ୍ ସର୍ଭିସ୍ ପ୍ରାପ୍ତ ସୌରଭଙ୍କୁ ସମ୍ବର୍ଦ୍ଧନା

**ବେତନଟୀ, ୧୯।୪(ସମିସ):** ସର୍ବ ଭାରତୀୟ ପ୍ରଶାସନିକ ସେବା (ସିଭିଲ ସର୍ଭିସ) ପରୀକ୍ଷାରେ ଯୋଗ୍ୟ ବିବେଚିତ ବେତନଟୀ ମାଟିର ଗର୍ବ ଓ ଗୌରବ ସୌରଭ ଦାସଙ୍କୁ ସିଭିଲ ସୋସାଇଟି ବେତନଟୀ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ୧୮ ତାରିଖ ସନ୍ଧ୍ୟାରେ ତାଙ୍କ ବାସଭବନଠାରେ ସୋସାଇଟିର ସଭାପତି ଚୂଡ଼ାମଣି ମହାପାତ୍ର ଓ ସମ୍ପାଦକ ସଚିଦାନନ୍ଦ ମହାନ୍ତି ଏବଂ ମିଡିଆସେଲର ଅରୁଣ କୁମାର



ଓତାଙ୍କ ନେତୃତ୍ୱରେ ସି ଭି ଲି ଆ ନ ଗ ଣ ଏକତ୍ରିତ ହୋଇ ଶୁ ଭ । ର୍ଶୀ ବା ଦ ଜ୍ଞାପନ କରିଥିଲେ। ନେତୃମଣ୍ଡଳୀରେ ବାସୁଦେବ ନାପିତ, ବିଜୟ କୁମାର ଦ୍ୱିବେଦୀ, ଯତିନ୍ଦ୍ରନାଥ ସାହୁ, ସହଦେବ ଗିରି, ଶ୍ରୀକୃଷ୍ଣ ମହାନ୍ତ, ରବୀନ୍ଦ୍ର ନାଥ ପ୍ରଧାନ, କମଳଲୋଚନ କର ଓ ଜୟଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ସମ୍ବର୍ଦ୍ଧନା ପରେ ଆଲୋଚନାକ୍ରମେ ସୌରଭ ଦାସ କଠିନ ପରିଶ୍ରମ ଓ ଅଧ୍ୟବସାୟ, ଲକ୍ଷ୍ୟ ହାସଲ ନିମନ୍ତେ ଏକଗ୍ରତା ଏବଂ ପିତାମାତା, ଗୁରୁଜନ ତଥା ଶିକ୍ଷକମାନଙ୍କ ଶୁଭାଶିଷ ହିଁ ତାଙ୍କ ସଫଳତାର ମୂଳମନ୍ତ୍ର ବୋଲି ପ୍ରକାଶ କରିଥିଲେ। ସୌରଭ ଜଣେ ଇଞ୍ଜିନିଅର ଏବଂ ପିତା ମୀନକେତନ ଦାସ ଅବସରପ୍ରାପ୍ତ ଡାଏଟ୍ ପ୍ରିନସପାଲ ଓ ମାତା ଅବସରପ୍ରାପ୍ତ ବେତନଟୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଅଟନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ ଓ ନାମସଂକୀର୍ତ୍ତନ ଉଦ୍‌ଯାପିତ



**ବିଶୋଇ, ୧୯।୪(ସମିସ):** ବିଶୋଇ ବଜରଙ୍ଗ ପୀଠ ସ୍ଥିତ ରାଧାକୃଷ୍ଣ ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଗତ ୬ ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଓ ମହାମନ୍ତ୍ର ହରିନାମ ସଂକୀର୍ତ୍ତନ ଆଜି ଉଦଯାପିତ ହୋଇଯାଇଛି। ଗତ ୧୪ ତାରିଖ ଦିନ ପୀଠରେ ଅବସ୍ଥିତ ହନୁମାନ ମନ୍ଦିରରେ ମହାଆଡ଼ମ୍ବରରେ ହନୁମାନ ଜୟନ୍ତୀ ପାଳନ ହେବା ପରେ ରାଧାକୃଷ୍ଣ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳନ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୫ ତାରିଖ ସୋମବାର ଅଙ୍କୁରାରୋପଣ ଓ ମଙ୍ଗଳବାର ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ୧୦୮ କଳସ ଯାତ୍ରା ମନ୍ଦିର ପ୍ରାଙ୍ଗଣରେ ଥିବା ଯଜ୍ଞମଣ୍ଡପକୁ ଅଣାଯାଇଥିଲା। ପରେ ଯଥା ରୀତିନୀତି ଅନୁସାରେ ସୂର୍ଯ୍ୟପୂଜା, ଗୋ-ପୂଜା ଓ ଯଜ୍ଞ ଆରମ୍ଭ କରାଯାଇଥିଲା। ଦୁଇ ଦିନ ଧରି ମହାଯଜ୍ଞ ଅନୁଷ୍ଠିତ ହେବାପରେ ଗତକାଲି ଅପରାହ୍ଣ ସମୟରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ପରେ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟମପ୍ରହରୀ ମହାମନ୍ତ୍ର ସଂକୀର୍ତ୍ତନ ଆରମ୍ଭ ହୋଇ ଶୁକ୍ରବାର ଉଦଯାପିତ ହୋଇଥିଲା। ପ୍ରତିଷ୍ଠା ଉତ୍ସବ ଅବସରରେ ଦୁଇ ଦିନ ଧରି ଆଧ୍ୟାତ୍ମିକ ପ୍ରବଚନ ସେବକ ପଣ୍ଡିତ ବିବେକ ପ୍ରସାଦ ଭଟ୍ଟଙ୍କ ଦ୍ୱାରା ପ୍ରବଚନ ପରିବେଷଣ ହୋଇଥିଲା। ଗତ ୬ ଦିନ ଧରି ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁମାନେ ପୀଠରେ ଏକତ୍ରିତ ହେବାସହିତ ବିଶୋଇ ବଜରଙ୍ଗ ପୀଠ କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ସବୁଦିନ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

## ବାଲି ବୋଝେଇ ଟ୍ରାକ୍ଟର ଜବତ

**କୁଆମରା, ୧୯।୪(ସମିସ):** ବାଲେଶ୍ୱର ଅଞ୍ଚଳରୁ ବାଲି ବୋଝେଇ କରି ଏକ ଟ୍ରାକ୍ଟରରେ ଗୋପବନ୍ଧୁ ନଗର ବ୍ଲକ ଆରପଟା ଗ୍ରାମକୁ ଆସୁଥିବା ବେଳେ କୁଆମରା ଫାଣ୍ଡି ପୁଲିସ ହାତରେ ଧରା ପଡ଼ିଛି। ଟ୍ରାକ୍ଟରରେ ବେଆଇନ ବାଲି ବୋଝେଇ କରି ଆଣୁଥିବା ଅଭିଯୋଗରେ ଖୁଣ୍ଟା ଥାନାରେ ଏକ ମାମଲା ରୁଜୁ ହୋଇଛି। ଜବତ ହୋଇଥିବା ଟ୍ରାକ୍ଟର କୁଆମରା ଫାଣ୍ଡିରେ ଅଟକ ରହିଛି। ଜବତ ସମୟରେ ସମ୍ପୃକ୍ତ ଡ୍ରାଇଭର ଫେରାର ହୋଇଯାଇଛି।

## ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା



**ମୋରଡ଼ା/ଶୁଳିଆପଦା, ୧୯।୪(ସମିସ):** ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା ବ୍ଲକ ଦେଉଳିରେ ଥିବା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକେସିପୁର ବିସ୍ଥାପିତ ଅଞ୍ଚଳରେ ଥିବା ଲୋକମାନେ ପ୍ଲାକାର୍ଡ ଧରି ତହତହ ଖରାରେ ଧାରଣାରେ ବସିଥିବାର ଦେଖିବାକୁ ମିଳିଛି। ଡ୍ୟାମ ତଳମୁଣ୍ଡରେ ଥିବା ଗ୍ରାମର ଅଧିବାସୀମାନେ ନାହିଁ ନଥିବାର ହଇରାଣ ହେଉଥିବା ବେଳେ ତଦନ୍ତ କରାଯାଇ ସେମାନଙ୍କୁ ବିସ୍ଥାପିତ କରାଯାଇ ପ୍ରଶାସନ ତରଫରୁ ଅନ୍ୟତ୍ର ବିସ୍ଥାପିତ କରିବା ପାଇଁ ଦାବି କରି ଆସୁଛନ୍ତି। ତେବେ ବାରମ୍ବାର ପ୍ରଶାସନ ତଥା ଜିଲାପାଳଙ୍କୁ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ ତାଙ୍କ କଥା ନଶୁଣିବାରୁ ଆଜି ବାଧ୍ୟ ହୋଇ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି ବୋଲି କହିଛନ୍ତି ନମିତା ମହାନାଏକ, ରବୀନ୍ଦ୍ରନାଥ ସି ଏବଂ ଅନ୍ୟ ଗ୍ରାମବାସୀ। ଏବାବଦରେ ଅଧୀକ୍ଷଣ ଯନ୍ତ୍ରୀ ସୁରେଶ କୁମାର ବେହେରାଙ୍କୁ ପଚାରିବାରୁ ଡ୍ୟାମର ତଳମୁଣ୍ଡ ଗ୍ରାମଗୁଡ଼ିକୁ ଆରଆର ପଲିସିରେ ବିସ୍ଥାପିତ କରିବାର ନିୟମ ନାହିଁ ଏବଂ ଯଦି ବର୍ଷା ଦିନେ ଡ୍ୟାମ ଦ୍ୱାରା ଗାଁରେ ପାଣି ଜମୁଛି ଓ ଡ୍ରେନ ନିର୍ମାଣ କରି ଜଳ ନିଷ୍କାସନର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ମୟୂରଭଞ୍ଜ ସଂସ୍କୃତି ଓ ଲୋକକଳା ବିକାଶ ପରିଷଦର କାର୍ଯ୍ୟାଳୟ ଉଦ୍‌ଘାଟିତ





**ବାରିପଦା, ୧୯।୪(ସମିସ):** ଶାମାଖୁଣ୍ଟା ବ୍ଲକ ଧନପୁରରେ ମୟୂରଭଞ୍ଜ ସଂସ୍କୃତି ଓ ଲୋକକଳା ବିକାଶ ପରିଷଦର ବ୍ଲକ କାର୍ଯ୍ୟାଳୟ ଓ ଲୋକକଳାକାର ମହାସମ୍ମିଳନୀ ମୁଖ୍ୟଅତିଥି ଝୁମର ଗବେଷକ ବିଶିଷ୍ଟ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷାବିତ ଡ. ଭକ୍ତହରି ମହାନ୍ତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ମୟୂରଭଞ୍ଜ ସଂସ୍କୃତି ଓ ଲୋକକଳା ବିକଶ ପରିଷଦର ଉପସଭାପତି ଗଣେଶ୍ୱର ମହାନ୍ତଙ୍କ ସଂଯୋଜନା ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କଳାକାର ମହାସମ୍ମିଳନୀରେ ମୁଖ୍ୟବକ୍ତା ଭାବେ କୁଡୁମାଲୀ କାଲରାଲ ଆସୋସିଏସନ୍, ବାରିପଦାର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ, ସମ୍ମାନିତ ଅତିଥି ଭାବେ ସିନ୍ଦୁରଗୌରା ପଞ୍ଚାୟତ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର କୁମାର ମହାନ୍ତ, ଝୁମର ଗୁରୁ କ୍ଷୀରୋଦ ଚନ୍ଦ୍ର ମହାନ୍ତ, ସମାଜସେବୀ ମୋହନ କୁମାର ମହାନ୍ତ, ବରିଷ୍ଠ ସାମ୍ବାଦିକ କାଶିନାଥ ସିଂ, ବିଶିଷ୍ଟ ଝୁମର ମାଷ୍ଟର ଅକ୍ଷୟ କୁମାର ମହାନ୍ତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀନିବାସ ମହାନ୍ତ, କୀର୍ତ୍ତନ ଗୁରୁ ଦିବାକର ମହାନ୍ତ ପ୍ରମୁଖ ଯୋଗଦେଇ ଅବଲୁପ୍ତ ଲୋକକଳାର ପୁନରୁଦ୍ଧାର, ବିକାଶ ଓ ଗବେଷଣା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଆଦିବାସୀ ଓ ମୂଳବାସୀଙ୍କ କଳାର ବିକାଶ ପାଇଁ ସମସ୍ତ କଳାକାରଙ୍କୁ ସରକାରୀ ପ୍ରୋତ୍ସାହନ ସହିତ ଶାମାଖୁଣ୍ଟା ବ୍ଲକରେ ଏକ ସଂସ୍କୃତି ଭବନ ସ୍ଥାପନ ନିମନ୍ତେ ପ୍ରଶାସନ ନିକଟରେ ପ୍ରସ୍ତାବ ରଖାଯାଇଥିଲା। ଅନୁଷ୍ଠିତ ହୋଇଥିବା କଳାକାରମାନଙ୍କ ଶୋଭାଯାତ୍ରା ସୁମନ୍ତ କୁମାର ମହାନ୍ତ, ସବିତା ମହାନ୍ତ ଓ ବୁଧୁ ବିନ୍ଧାଣୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ମହାସମ୍ମିଳନୀର ପ୍ରାରମ୍ଭରେ ଅତିଥିମାନଙ୍କୁ କଳାକରଙ୍କ ଦ୍ୱାରା କଳା ନୈପୁଣ୍ୟ ପ୍ରଦର୍ଶନ କରି ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମ୍ମିଳନୀରେ ଚନ୍ଦନପୁର ଗ୍ରାମର କାଠିନାଚ, ଜଗନ୍ନାଥପୁରର ଚୁନୁ ସିଂଙ୍କ ଟୁଇଲା ବାଦ୍ୟ, ରଙ୍ଗଭୋଳର ସାନ୍ତଳୀ ଡାଣ୍ଡା ନୃତ୍ୟ, ଶାଳବଣୀର ଯାଦୁର ନୃତ୍ୟ, ଶାମାଖୁଣ୍ଟା ଓ ଜୋତିପୁର ଏବଂ ସିନ୍ଦୁରଗୌରାର ପୂର୍ବ ଭାରତ, ସପନଚୁଆ ଓ ରଙ୍ଗାମାଟିଆର ଝୁମର ନୃତ୍ୟ, ଇଟାମୁଣ୍ଡିଆ ଓ ଆମ୍ବଡାଳିର ସଂକୀର୍ତ୍ତନ, ରଙ୍ଗାମାଟିଆର କାରାମଜଦୁର ନୃତ୍ୟ, ଜାମୁବଣୀ ଓ ଭୁଣ୍ଡାପାଳର ମୁଣ୍ଡାରୀ ଝୁମର, କିସନଡାହିର ମୁଣ୍ଡାରୀ କାରାମ ନୃତ୍ୟ, କେନ୍ଦୁସାହି ସିନ୍ଦୁରଗୌରା ଝୁମର ନୃତ୍ୟ, ଭୋଲାଗଡ଼ିଆ ଓ ଚନ୍ଦନପୁରର ଝୁମର ନୃତ୍ୟ ଓ ଶିବଜାମବଣୀର ସଂକୀର୍ତ୍ତନ ଆଦି ଲୋକକଳା ପ୍ରଦର୍ଶିତ ହେଇଥିଲା।

## ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ



**ଉଦଳା, ୧୯।୪(ସମିସ):** ଉଦଳାରେ ତିନି ଦିନ ଧରି ମହାଆଡ଼ମ୍ବରରେ ଚାଲିଥିବା ହନୁମାନ ମନ୍ଦିରର ୨୫ତମ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗତ ବୁଧବାର ଅଠନ ଗାଁ ନିକଟ ସୋନ ନଦୀଘାଟରୁ ୧୦୮ କଳସ ଧରି ଏକ ବିରାଟ ପଟୁଆରରେ ସହର ପରିକ୍ରମା ପୂର୍ବକ ଘଣ୍ଟଘଣ୍ଟା, ସଂକୀର୍ତ୍ତନ ଓ ଧୂମସାମାଦଳର ତାଳେତାଳେ ଅଣାଯାଇଥିଲା। ମନ୍ଦିର ପରିସରରେ ଯଜ୍ଞକାର୍ଯ୍ୟ ଓ ପୂଜାର୍ଚ୍ଚନା ରୀତିନୀତି ଅନୁଯାୟୀ ଆରମ୍ଭ କରାଯାଇଥିଲା। ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣରେ ସମଗ୍ର ଅଞ୍ଚଳରେ ଆଧ୍ୟତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ତେବେ ପ୍ରସାଦସେବନ ଓ ଆଜି ପୂର୍ଣ୍ଣାହୁତି ହୋଇ ଯଜ୍ଞ କାର୍ଯ୍ୟ ସମାପନ ହୋଇଛି। ଏହି ଅବସରରେ ତିନି ଦିନ ଧରି ସନ୍ଧ୍ୟାରେ ବିଶିଷ୍ଟ ରାମକଥା ପ୍ରବଚକ ପଣ୍ଡିତ ପ୍ରଫୁଲ ଜୀ ମହାରାଜ ରାମକଥା ଓ ହନୁମାନ କଥା ପ୍ରବଚନ ଦେଇଥିଲେ। ଏହି ପ୍ରତିଷ୍ଠା ଉତ୍ସବକୁ ରାମଚନ୍ଦ୍ର ବେହେରା, କାହ୍ନୁଚରଣ ପରିଡ଼ା, ବିଜନ ନାୟକ, ମୁନା ଜେନା, ବୁବୁ ମହାନ୍ତି, ମୁନା ମହାନ୍ତି, ମୁରଲୀଧର ସିଅଳ, ମହେନ୍ଦ୍ର ସାହୁ, ହରିଶ୍ଚନ୍ଦ୍ର ଦାସ, ବିଶ୍ୱଜିତ ନାୟକ ଓ ମଧୁସୁଦନ ରାୟ ପ୍ରମୁଖ ପରିଚାଳନା କରିଥିବାବେଳେ ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ ସିଦ୍ଧେଶ୍ୱର ମିଶ୍ର ପୂଜା ଓ ଯଜ୍ଞ କାର୍ଯ୍ୟ ବିଶିଷ୍ଟ ପଣ୍ଡିତଙ୍କୁ ନେଇ ତୁଲାଇଥିଲେ।

## ମତଦାତା ସଚେତନତା କାର୍ଯ୍ୟକ୍ରମ



**ବେତନଟୀ, ୧୯।୪(ସମିସ):** ରାଗ୍ଡାସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ଡିଗ୍ରୀକଲେଜରେ ମତଦାତା ସଚେତନତା ସମ୍ପର୍କୀତ କାର୍ଯ୍ୟକ୍ରମ ଶୁକ୍ରବାର ଆୟୋଜିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡ. ଅସୀମା ସାହୁଙ୍କ ପୌରୋହିତରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଇଶ୍ୱରଚନ୍ଦ୍ର ନାଏକ, ମୁଖ୍ୟବକ୍ତା ଭାବେ ବାରିପଦା ସଦର ତହସିଲଦାର ଦିନମଣୀ ନାଏକ, ସମ୍ମାନିତ ଅତିଥି ଭାବେ ସଦରବ୍ଲକ ବିଡିଓ ଐଶ୍ୱର୍ଯ୍ୟା ଭୂୟାଁ, ଜିପିଡିଓ ଅନନ୍ତ କିଶୋର ମହାରଣା, କନିଷ୍ଠ ଯନ୍ତ୍ରୀ ଇଂ. ସୁବାଷ ଚନ୍ଦ୍ର ଜିଦ୍ଦାବୁଙ୍କ ସମେତ ବୁଥ୍‌ସ୍ତରୀୟ କର୍ମଚାରୀଙ୍କ ମଧ୍ୟରେ ପ୍ରଦୀପ କୁମାର ଆଚାର୍ଯ୍ୟ ମଞ୍ଚାସୀନ ହୋଇ ନିଜନିଜର ବକ୍ତବ୍ୟ ରଖିଥିଲେ। ମୁଖ୍ୟତଃ ନୂତନ ଏବଂ ଯୁବ ମତଦାତାମାନଙ୍କୁ ଆକର୍ଷିତ ତଥା ସଚେତନ କରିବା ଉଦ୍ଦେଶ୍ୟରେ ଶୀର୍ଷକ 'ନିର୍ବାଚନ ପର୍ବ ଆମଦେଶର ଗର୍ବ' ଏବଂ 'ସତର ପୁରି ମୋତେ ହେଲା ଅଠର, ନିଶ୍ଚିତ ହେବି ମୁଁ ନୂଆ ଭୋଟର' ସମ୍ପର୍କୀତ ନାରା ଦେଇ ନୂତନ ତଥା ଯୁବ ଭୋଟରମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରାଯାଇଥିଲା। ରଙ୍ଗୋଲି ଏବଂ ଚିତ୍ରାଙ୍କନ ସାଙ୍ଗକୁ ଦେଶର ସପ୍ତମ ପର୍ଯ୍ୟାୟ ମଧ୍ୟରୁ ଶେଷ ପର୍ଯ୍ୟାୟ ଅର୍ଥାତ ଜୁନ ୧ତାରିଖରେ ମୟୂରଭଞ୍ଜରେ ହେବାକୁ ଥିବା ମତଦାନ ସମ୍ପର୍କୀତ ମାନବଶୃଙ୍ଖଳ କରାଯାଇଥିଲା। ମତଦାନ ସମୟରେ ବ୍ୟବହୃତ ଭିଭିପାଟ୍ ଏବଂ ବାଲାଟ ୟୁନିଟ, ଇଭିଏମ, କଣ୍ଟ୍ରୋଲ ୟୁନିଟ ଉପରେ ଯୁବ ଭୋଟରମାନଙ୍କୁ ସଚେତନ କରାଯାଇଥିଲା। ଅବାଧ ଏବଂ ମୁକ୍ତ ନିର୍ବାଚନ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଭାରତୀୟ ସମ୍ବିଧାନରେ ନିର୍ବାଚନ ଆୟୋଗଙ୍କ ସ୍ଥିତି, ଭୂମିକା ଏବଂ କାର୍ଯ୍ୟ ସନ୍ଦର୍ଭରେ ମଧ୍ୟ ସମ୍ୟକ ବିବରଣୀ ପ୍ରଦାନ କରାଯାଇଥିଲା। କୌଣସି ପ୍ରକାର ପ୍ରଭାବିତ କିମ୍ବା ପ୍ରଲୋଭିତ ହୋଇ ନିଜର ବହୁମୂଲ୍ୟ ଭୋଟ ଦେବା ପୂର୍ବରୁ ଭାବିଚିନ୍ତି ନିଜର ମତ ସାବ୍ୟସ୍ତ କରିବାକୁ ପରାମର୍ଶ ଦିଆଯାଇଥିଲା। ଏଥିରେ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ସ୍ୱଚ୍ଛ ଏବଂ ମୁକ୍ତ ନିର୍ବାଚନ ପାଇଁ ମଞ୍ଚାସୀନ ଅତିଥି, ଅଧିକାରୀ, ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ/ଅଧ୍ୟାପିକାଙ୍କ ସମେତ ଅଣଶିକ୍ଷା କର୍ମଚାରୀ ପ୍ରମୁଖ ସାମୂହିକ ଶପଥପାଠ କରିଥିଲେ। ପରିଚାଳନାରେ ଅଧ୍ୟାପକ ତ୍ରିଲୋଚନ ମିଶ୍ର, ଅଧ୍ୟାପିକା ସୁଚିତ୍ରା ବେହେରାଙ୍କ ସମେତ ସମସ୍ତ ଅଧ୍ୟାପକ/ଅଧ୍ୟାପିକା, ସକ୍ରୀୟ ଦାୟୀତ୍ୱ ସମ୍ପାଦନ କରିଥିଲେ। ଶେଷରେ ରାଜନୀତୀ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଗୋପାଳକୃଷ୍ଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ମହୁଲ ବିକ୍ରି ପାଇଁ ନାହିଁ ମଣ୍ଡି

**କୁଆମରା, ୧୯।୪(ସମିସ)**


ଗୋପବନ୍ଧୁ ନଗର ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠାରେ ୭୦ ପ୍ରତିଶତ ଆଦିବାସୀ ସମ୍ପ୍ରଦାୟର ଲୋକ ଅଛନ୍ତି। ଆଦିବାସୀଙ୍କ ଏକମାତ୍ର ଜୀବିକା କୃଷି ସହ ସାମାଜିକ ଜୀବନଯାପନ ଓ ଅର୍ଥନୈତିକ ଅବସ୍ଥା ଜଙ୍ଗଲ ସହ ଜଡ଼ିତ। ଆଦିବାସୀ ସମ୍ପ୍ରଦାୟର ଲୋକେ ଜଙ୍ଗଲ ଜାତ ଦ୍ରବ୍ୟ ବିକ୍ରି କରି ଗୁଜୁରାଣ ମେଣ୍ଟାଇଥାନ୍ତି। ମାର୍ଚ୍ଚ ଓ ଏପ୍ରିଲ ମାସରେ ଜଙ୍ଗଲରେ ମିଳୁଥିବା ଲଘୁଜାତ ପଦାର୍ଥ ମହୁଲ ଆଦିବାସୀଙ୍କର ଆୟର ଏକ ମାଧ୍ୟମ। ପ୍ରତି ପରିବାର କାମ ଧନ୍ଦା ଛାଡି ଜଙ୍ଗଲରେ ଥିବା ମହୁଲ ଗଛରୁ ମହୁଲ ସଂଗ୍ରହ କରିଥାନ୍ତି। ମାତ୍ର ମହଲରୁ ଯେତିକି ରୋଜଗାର ମିଳିବା କଥା ତାହା ସେମାନେ ପାଉ ନାହାଁନ୍ତି। ଫଳରେ ସେମାନଙ୍କର ଆର୍ଥିକ ଅବସ୍ଥା ବଦଳୁ ନାହିଁ। ମଣ୍ଡିର ବ୍ୟବସ୍ଥା ନଥିବା ଯୋଗୁଁ ଗାଁ ଗହଳିର ବେପାରୀମାନେ ସରଳତାର ସୁଯୋଗ ନେଇ ସେମାନଙ୍କ ଠାରୁ କମ୍ ମୂଲ୍ୟରେ ଏହି ଦ୍ରବ୍ୟକୁ କିଣି ବାହାରକୁ ପଠାଇବା ଯୋଗୁଁ ବେପାରୀମାନେ ମାଲେମାଲ ହେଉଛନ୍ତି। ଅନ୍ୟ ପଟେ ଶୋଷଣର ଶିକାର ହୋଇଛନ୍ତି ଆଦିବାସୀ। ଉକ୍ତ ଦ୍ରବ୍ୟ ଘରେ ପଡ଼ିଖତ ହେବା ଅପେକ୍ଷା ବାଧ୍ୟ ହୋଇ କମ୍ ମୂଲ୍ୟରେ ବେପାରୀମାନଙ୍କୁ ବିକ୍ରି କରେ ଦେଉଥିବାର କହିଛନ୍ତି ରମେଶ ଚନ୍ଦ୍ର ସିଂ, ଖୁଦିରାମ ସିଂ, ଦଶରଥ ସିଂ, ଲାଲ୍ ମୋହନ ପାତ୍ର ପ୍ରମୁଖ। ଅନେକ ସ୍ଥାନରେ ବେପାରୀମାନେ ଓଜନ ବଦଳରେ ଟୋକେଇ ପିଛା ମାପକରି ଠକି ନେଉଥିବାର ଦେଖିବାକୁ ମିଳୁଛି। ତେବେ ଯଦି ପ୍ରସାସନ ପକ୍ଷରୁ ମଣ୍ଡି ଖୋଲା ଯାଆନ୍ତା ତେବେ ଆଦିବାସୀମାନେ ଅନେକ ଉପକୃତ ହୁଅନ୍ତେ ବୋଲି କୁହାଯାଇଛି। ଯାହାଫଳରେ ସେମାନଙ୍କ ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ଘଟି ପାରନ୍ତା।



## ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବେତନଟୀ, ୧୯।୪(ସମିସ):** ହାତୀକୋଟ ପଞ୍ଚାୟତ ଅଧୀନ ଭଦୁଶୋଳ ସଂରକ୍ଷିତ ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ବେତନଟୀ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ବଡ଼ସାହି ଥାନା ଅଧୀନ ଉଠାଣି ନୂଆଗାଁ ଗ୍ରାମର ସଦାନନ୍ଦ ସାହୁଙ୍କ ପୁଅ ପ୍ରଫୁଲ୍ଲ ଓରଫ କାଠିଆ(୪୨)। ଶୁକ୍ରବାର ସକାଳେ କାଠିଆ ଓରଫ ପ୍ରଫୁଲ୍ଲଙ୍କ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକେ ବେତନଟୀ ପୁଲିସକୁ ଖବର ଦେଇଥିଲେ। କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ଏଏସଆଇ ସୂତାର କୁମାର ମହାନ୍ତ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତକଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛନ୍ତି।

ଭାଷା ଚାରିସ୍ତରର ବୋଲି ସିଦ୍ଧଜ୍ଞାନୀ ଜାଣନ୍ତି । ଏଥିରୁ ତିନିଟି ସାଧାରଣ ଲୋକଙ୍କ ପାଇଁ ଅଗମ୍ୟ ।
ସେମାନେ କେବଳ ଧ୍ୱନି ଉଚ୍ଚାରଣ କରି ଚତୁର୍ଥ ସ୍ତର ଭାଷା ବ୍ୟବହାର କରିଥା'ନ୍ତି !
-(ଋଗବେଦ )



ସକାଳ
THE SAKALA

## ଇରାନ୍ ଉପରେ ଇସ୍ରାଏଲ୍‌ର ପ୍ରତିଆକ୍ରମଣ

# ବିଗୁଡୁଛି ପଶ୍ଚିମ ଏସିଆ ସ୍ଥିତି, ବିଶ୍ୱକୁ ବିପଦ

ମଧ୍ୟପ୍ରାଚ୍ୟରେ ଏକ ବଡ଼ଧରଣର ଯୁଦ୍ଧକୁ ଏଡ଼ାଇ ଦେବାର ଯେଉଁ ସମ୍ଭାବନା ଦେଖାଦେଇଥିଲା, ତାହା ବିଫଳ ହେବାକୁ ଯାଉଥିବା ମନେହେଉଛି । ନିଜ ଉପରେ ଇରାନର ଆକ୍ରମଣର ପ୍ରତିଶୋଧ ନେବାକୁ ଶୁକ୍ରବାର ସକାଳୁ ଇସ୍ରାଏଲ୍ ପାଲଟା ଆକ୍ରମଣ କରିଛି । ଏହି ଲଢ଼େଇକୁ ଭୀଷଣ ଯୁଦ୍ଧର ରୂପ ନ ଦେବା ପାଇଁ ଆମେରିକା ଓ ତାହାର ମିତ୍ର ରାଷ୍ଟ୍ରମାନେ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି । ଇସ୍ରାଏଲ୍‌ର ଏକନମ୍ବର ମିତ୍ର ତଥା ସମର୍ଥକ ଆମେରିକାର ଚାପ ସତ୍ତ୍ୱେ ତେଲ ଆଭିଭ ପକ୍ଷରୁ ଏହି ଯେସା କୁ ତେସା ନୀତି ଅନୁସରଣ କରାଯାଇଛି । ଏଥିସହିତ ଦୁଇଦେଶ ମଧ୍ୟରେ ଦଶନ୍ଧି ଦଶନ୍ଧିରୁ ଅଧିକ ସମୟ ଧରି ଚାଲିଥିବା ଛାୟା ଯୁଦ୍ଧ ଏବେ ପ୍ରତ୍ୟକ୍ଷ ଯୁଦ୍ଧରେ ପରିଣତ ହେବାକୁ ଯାଉଛି ।

ଏକଦା ମିତ୍ର ଥିବା ଦୁଇ ରାଷ୍ଟ୍ର ଏବେ ଶତ୍ରୁତା ଆଚରଣ କରିବା ପଛରେ ରହିଛି ହମାସ ଓ ପାଲେଷ୍ଟାଇନ ଉପରେ ଇସ୍ରାଏଲର ଆକ୍ରମଣ ଏବଂ ସେଠାରେ ଚାଲିଥିବା ଏକାଧିପତ୍ୟ । ଏହାପଛରେ ଇରାନର ଇସଲାମ ଭ୍ରାତୃଭାବ କାର୍ଯ୍ୟ କରୁଛି ଏବଂ ଆରବର ଇସଲାମୀୟ ରାଷ୍ଟ୍ରମାନେ ସେହି ଦେଶକୁ ଭିତିରି ସମର୍ଥନ କରୁଛନ୍ତି । ଏକଦା ଇରାକ ରାଷ୍ଟ୍ରପତି ସଦ୍ଦାମ ହୁସେନ ଇରାନ ଉପରେ ଆକ୍ରମଣ କରିବା ପରେ ଚାଲିଥିବା ଲମ୍ବା ଲଢ଼େଇ ସମୟରେ ତେହେରାନ୍‌କୁ ଇସ୍ରାଏଲ୍ ସାମରିକ ଓ ଅନ୍ୟାନ୍ୟ ସହାୟତା ଯୋଗାଉଥିଲା । ଏବେ ସେଠାରେ ମୌଳବାଦୀ ଶାସନ ବ୍ୟବସ୍ଥାରେ ସମୀକରଣ କେବଳ ବଦଳି ନାହିଁ, ଇରାନ ମଧ୍ୟ ପାକିସ୍ତାନ, ଚୀନ୍, ରୁଷିଆ ଓ ଉତ୍ତରକୋରିଆ ଆଦି ରାଷ୍ଟ୍ରଙ୍କ ସହାୟତାରେ ଆଣବିକ କାର୍ଯ୍ୟକ୍ରମ ଚଳାଇଛି । ଏଥିରେ ଧନୀ ଆରବ ରାଷ୍ଟ୍ରଙ୍କର ଗୁପ୍ତ ଅର୍ଥ ସହାୟତା ରହିଛି । ଇରାନର ଆଣବିକ କାର୍ଯ୍ୟକ୍ରମ ପଛରେ ରହିଛି ପରମାଣୁ ଅସ୍ତ୍ରଶସ୍ତ୍ର ଉତ୍ପାଦନ କରିବା । ପାକିସ୍ତାନ ପରେ ଇରାନର ଏହି ପ୍ରୟାସକୁ ଅନେକ ସମରିକ ବିଶେଷଜ୍ଞ- 'ଇସଲାମିକ ବମ୍-୨' ଭାବେ ଦେଖୁଛନ୍ତି । ସେମାନଙ୍କ ମତରେ ଇରାନ ଗୁପ୍ତରେ ପରମାଣୁ ଅସ୍ତ୍ର ହାସଲ କରିଛି ଏବଂ ଆରବ ଅଞ୍ଚଳର ନୂଆ ନେତା ଓ ରକ୍ଷାକର୍ତ୍ତା ଭାବେ ନିଜକୁ ପ୍ରତିଷ୍ଠିତ କରିବାକୁ ଚାହୁଁଛି । ଇସ୍ରାଏଲ ସହିତ ବଳ କଷିବା ଅର୍ଥ ନିଜର ସାମରିକ ସାମର୍ଥ୍ୟକୁ ପରଖିବା ବୋଲି ଇରାନର ଏହି କାମକୁ ସାମରିକ ବିଶେଷଜ୍ଞ ମତ ଦେଉଛନ୍ତି । ଶୁକ୍ରବାର ଇସ୍ରାଏଲ ଯେଉଁ କ୍ଷେପଣାସ୍ତ୍ର ଓ ଡ୍ରୋନ ଆକ୍ରମଣ କରିଥିଲା ଇରାନ ତାହାକୁ ସଫଳତାର ସହିତ ପ୍ରତିହତ କରିଥିବା ଦାବି କରୁଛି । ଦୁଇ ପକ୍ଷଙ୍କର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା (ଏୟାର ଡିଫେନ୍ସ ସିଷ୍ଟମ) ଯେ ଠିକ୍‌ଠାକ୍ ଅଛି, ତାହା ଏହି ଆକ୍ରମଣ ଓ ପ୍ରତିଆକ୍ରମଣରୁ ସ୍ପଷ୍ଟ ହୋଇଯାଉଛି । ସୂଚନାଯୋଗ୍ୟ, ଇରାନ ପ୍ରଥମେ ଯେଉଁ ଆକ୍ରମଣ କରିଥିଲା ତାହାର ୯୫ ଶତାଂଶ କ୍ଷେପଣାସ୍ତ୍ର ଓ ଡ୍ରୋନ୍‌କୁ ଇସ୍ରାଏଲ ପଣ୍ଡ କରିଦେଇଥିଲା । ସାମରିକ ବିଶେଷଜ୍ଞଙ୍କ କହିବା କଥା ଯେ ଇସ୍ରାଏଲର ପ୍ରତିରକ୍ଷା ବ୍ୟବସ୍ଥା ଓ ଏୟାର ଡିଫେନ୍ସ ସିଷ୍ଟମ ଇରାନଠାରୁ ଶକ୍ତିଶାଳୀ । ଏଥିରେ ଆମେରିକା ଇସ୍ରାଏଲ୍‌କୁ ସମ୍ପୂର୍ଣ୍ଣ ସହାୟତା ଯୋଗାଉଛି । ଦ୍ୱିତୀୟତଃ ଇସ୍ରାଏଲ୍‌ର 'ଆଇରନ୍ ସିଲ୍ଡ' ସୁରକ୍ଷା ବ୍ୟବସ୍ଥା ଅତ୍ୟନ୍ତ ସୁଦୃଢ଼ ଏବଂ ଉନ୍ନତ । ଏହି ପ୍ରତିରକ୍ଷା ବଳୟ ଭେଦ କରି ଗଣସଂହାରକାରୀ ଅସ୍ତ୍ର ଇସ୍ରାଏଲ ମାଟିରେ ପ୍ରବେଶ କରିବା ପ୍ରାୟ ଅସମ୍ଭବ ।

ଇସ୍ରାଏଲ୍ ମଧ୍ୟ ଗୁପ୍ତରେ ଆଣବିକ ଅସ୍ତ୍ରଶସ୍ତ୍ରର ଅଧିକାରୀ ଏବଂ ତା'ପାଖରେ ଅନେକ ଆଣବିକ ବୋମା ଓ ଏହି ବୋମାଖଚିତ କ୍ଷେପଣାସ୍ତ୍ରମାନ ରହିଛି । ଏ ସବୁର ପ୍ରୟୋଗ କୌଶଳ ମଧ୍ୟ ତାରକା ଯୁଦ୍ଧ ପଦ୍ଧତିରେ ତେଲ ଆଭିଭ ହାସଲ କରିଛି । ତା'ପାଖରେ କିଛି ଆଣବିକ କ୍ଷେପଣାସ୍ତ୍ର ରହିଛି, ଯାହା ଅତିବଡ଼ ବିପର୍ଯ୍ୟୟ ନ ଘଟାଇ ନିର୍ଦ୍ଦିଷ୍ଟ ସହରର ବଛା ବଛା ସ୍ଥାନ ଉପରେ ପ୍ରୟୋଗ କରିହେବ । ଇସ୍ରାଏଲ୍‌ର ଯେଉଁ ୱାର କ୍ୟାବିନେଟ୍ ବସିଥିଲା ସେଥିରେ ତେହେରାନ୍‌କୁ ଉଚିତ ଜବାବ ଦେବାକୁ ନିଷ୍ପତ୍ତି ନିଆଯାଇଛି । ହମାସ୍ ସହିତ ଲଢ଼େଇ କରି କ୍ଳାନ୍ତ ହୋଇଥିବା ଇସ୍ରାଏଲ ଇରାନର ଏହି ଦୁଃସାହସକୁ ପ୍ରତିହତ କରିବାକୁ ପ୍ରଧାନମନ୍ତ୍ରୀ ବେନଜାମିନ ନେତାନ୍ୟାହୁଙ୍କୁ କ୍ଷମତା ଦେଇଛି । ଇସ୍ରାଏଲ ମଧ୍ୟ ତାହାର ପରମ ମିତ୍ର ଆମେରିକାକୁ ଜଣାଇ ଦେଇଛି ଯେ ଆଉ ସଂଯମ ରକ୍ଷା ସମ୍ଭବ ନୁହେଁ । ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ ହେବ । ଇସ୍ରାଏଲ ଆହୁରି ମଧ୍ୟ ନିଷ୍ପତ୍ତି ନେଇଛି ଯେ ପ୍ରଥମେ ଇରାନର ଆଣବିକ କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ ହେବ । ଇରାନର ଇଶଫାହାନ ପ୍ରଦେଶରେ ଦେଶର ଅଧିକାଂଶ ଆଣବିକ କେନ୍ଦ୍ର ଅବସ୍ଥିତ । ସେଥିରେ ନାଟାନ୍‌ଜ ସହର ଅନ୍ତର୍ଭୁକ୍ତ, ଯେଉଁଠି ଇରାନର ୟୁରାନିୟମ ତେଜସ୍କରଣ କେନ୍ଦ୍ର ରହିଛି । ଅପରପକ୍ଷେ ଇରାନ ଇସ୍ରାଏଲର ସମ୍ଭାବ୍ୟ ଆକ୍ରମଣର ମୁକାବିଲା ପାଇଁ ନିଜର ଏୟାର ଡିଫେନ୍ସ ସିଷ୍ଟମକୁ କ୍ରିୟାଶୀଳ କରିଛି ।

ପଶ୍ଚିମ ଏସିଆରେ ଏବେ 'ଅହଂ' ଅଧିକ କାମ କରୁଛି । ଏହି ଭୂଖଣ୍ଡର ପ୍ରକୃତ ଶକ୍ତିଶାଳୀ ଦେଶ କିଏ ହେବ, ତାହା ପ୍ରମାଣିତ କରିବାକୁ ଅହଙ୍କାରର ଲଢ଼େଇ ଆରମ୍ଭ ହୋଇଯାଇଛି । ଆରବରେ ସବୁଦୃଷ୍ଟିରୁ ଇରାନ ଏବେ ଏକ ଉନ୍ନତ ଦେଶ ଭାବେ ଆତ୍ମପ୍ରକାଶ କରିଥିଲେ ମଧ୍ୟ ଏହା ଇସ୍ରାଏଲର ମୁକାବିଲା କରିବାକୁ ସଫଳ ହେବ ନାହିଁ । ଇରାନ୍‌ର ଆଣବିକ କାର୍ଯ୍ୟକ୍ରମକୁ ଆମେରିକା ଓ ପାଶ୍ଚାତ୍ୟ ରାଷ୍ଟ୍ର ବିରୋଧ କରୁଥିବା ବେଳେ ଇସ୍ରାଏଲ ଉପରେ ଆକ୍ରମଣ ପରଠାରୁ ତେହେରାନ ବିରୋଧରେ ଅଧିକାଂଶ ପାଶ୍ଚାତ୍ୟ ରାଷ୍ଟ୍ର କଟକଣା ଜାରି କଲେଣି । ଏହି ସମୟରେ ରୁଷିଆ ନିଜେ ୟୁକ୍ରେନ ଯୁଦ୍ଧରେ ବ୍ୟସ୍ତ । ଚୀନ ଓ ଉତ୍ତରକୋରିଆ ଆପଣା ସ୍ୱାର୍ଥ ଦୃଷ୍ଟିରୁ ତେହେରାନ୍‌କୁ ସିଧାସଳଖ ସାହାଯ୍ୟ କରିବାକୁ ଅନାଗ୍ରହୀ । କେବଳ ସେତିକି ନୁହେଁ, ଆରବର ଅଧିକାଂଶ ରାଷ୍ଟ୍ର ନିଜର ତୈଳ କାରବାର, ଆନ୍ତର୍ଜାତିକ ଅର୍ଥ ବଜାରରେ ଲଗେଇଥିବା ବିପୁଳ ପୁଞ୍ଜି ଓ ଆମଦାନୀ ବାଣିଜ୍ୟର ସୁରକ୍ଷା ପାଇଁ ଇରାନକୁ ଖୋଲା ସମର୍ଥନ ଦେବାକୁ ପ୍ରସ୍ତୁତ ନୁହନ୍ତି ।

ଇରାନର ବଡ଼ ସମ୍ବଳ ତୈଳ । ଯଦି ଯୁଦ୍ଧ ହୁଏ ଏବଂ ଇସ୍ରାଏଲ ଏହାର ତୈଳଖଣି ଓ ଆଣବିକ କେନ୍ଦ୍ରକୁ ନିଶାଣ କରେ, ତେବେ ତେହେରାନ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବ । ଏବେ ତ ତା'ବିରୋଧରେ ଆମେରିକା ଏବଂ ତାହାର ମିତ୍ର ରାଷ୍ଟ୍ରମାନେ ଅର୍ଥନୈତିକ ବାସନ୍ଦ ନୀତି ଲାଗୁ କରି ସାରିଲେଣି । ସେଠି ଏବେ ଯେଉଁ ଅବସ୍ଥା, ତାହାକୁ ରୋକିବାକୁ ବୋଧହୁଏ ପଛଦ୍ୱାର କୂଟନୀତି ସଫଳ ହେବ ନାହିଁ । ଏହା ବିଶ୍ୱଯୁଦ୍ଧ ନ ହେଲେ ବି ଏକ ବଡ଼ଧରଣର ଯୁଦ୍ଧର ରୂପ ନେଇପାରେ । ଏହାର ପ୍ରଭାବ ବିଶ୍ୱର ତୈଳ, ଖାଦ୍ୟ, ପଣ୍ୟ କାରବାର ଓ ଅର୍ଥ ବ୍ୟବସ୍ଥା ଉପରେ ପଡ଼ିବା ନିଶ୍ଚିତ । ଭାରତ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହେବ । ଏହି ଉତ୍ତେଜନା ଫଳରେ ବିଶ୍ୱ ତୈଳ ବଜାର ଉପର ମୁହାଁ । ଏହା ଫଳରେ ବିଶ୍ୱରେ ଅର୍ଥନୈତିକ ମାନ୍ଦାବସ୍ଥା ଅଧିକ ଖରାପ ହେବ । ଇସ୍ରାଏଲ ମଧ୍ୟ ଆର୍ଥିକ ଓ ସାମରିକ ଦୃଷ୍ଟିରୁ ପ୍ରଚୁର କ୍ଷତି ସହିବ । ତଥାପି ତା'ପାଇଁ ଏହା ସ୍ଥିତି ରକ୍ଷାର ପ୍ରଶ୍ନ ହୋଇଥିବାରୁ ସେ ଆକ୍ରମଣରୁ ଓହରିବ ନାହିଁ । ବିଶ୍ୱ ପାଇଁ ପ୍ରକୃତରେ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ।

# ଚଳିତ ନିର୍ବାଚନରେ ଏ.ଆଇର ସୀମିତ ପ୍ରଭାବ



ଡକ୍ଟର ପ୍ରଦୀପ ମହାପାତ୍ର
ବ୍ରହ୍ମପୁର, ମୋ: ୯୪୩୭୦୯୬୯୪୪

ଭାରତରେ ଆରମ୍ଭ ହୋଇସାରିଥିବା ସାତପର୍ଯ୍ୟାୟ ବିଶିଷ୍ଟ ସାଧାରଣ ନିର୍ବାଚନ ୨୦୨୪ ପ୍ରାକ-ନିର୍ବାଚନ ପ୍ରଚାର ଅଭିଯାନରେ କୃତ୍ରିମ ବୁଦ୍ଧିମତ୍ତା(ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ବା 'ଏଆଇ' ବ୍ୟାପକ ବ୍ୟବହାର ହୋଇଥିଲା । କିନ୍ତୁ ଏହା ନିର୍ବାଚନରେ ଯେଉଁ ପ୍ରଭାବ ପକାଇବ ବୋଲି ଆକଳନ କରାଯାଇଥିଲା, ତାହା ବାସ୍ତବ କ୍ଷେତ୍ରରେ ପ୍ରତିଫଳିତ ହେଉ ନ ଥିବା ଲକ୍ଷ୍ୟ କରାଯାଇଛି । ନିର୍ବାଚନୀ ପ୍ରଚାରରେ ଏଆଇ ଉପଯୋଗ ମୁଖ୍ୟତଃ 'ଡିପ୍‌ଫେକ' ବୈଷୟିକ କୌଶଳରେ ପ୍ରସ୍ତୁତ ନକଲି ଭିଡିଓ ଓ ଅଡିଓ ଅପପ୍ରଚାରର ମୁଖ୍ୟ ସାଧନ ହେବ ବୋଲି ଆଶଙ୍କା ନିର୍ବାଚନ ବର୍ଷ ଆରମ୍ଭରୁ ଘନୀଭୂତ ହୋଇଥିଲା । ବିଶ୍ୱ ଅର୍ଥନୀତି ମଞ୍ଚ 'ୱାଲର୍ଡ ଇକନୋମିକ ଫୋରମ' ପକ୍ଷରୁ ଡାଭୋସ୍ ଠାରେ ଆୟୋଜିତ ସମ୍ମିଳନୀରେ ପ୍ରକାଶିତ 'ଗ୍ଲୋବାଲ ରିସ୍କ ରିପୋର୍ଟ ୨୦୨୪' ଅନୁଯାୟୀ, ଆଗାମୀ ଦଶନ୍ଧିରେ ବିଶ୍ୱବ୍ୟାପୀ ସମସ୍ୟା ତାଲିକାରେ ବିସମ୍ବାଦ(ମିସ ଆଣ୍ଡ ଡିସ-ଇନଫରମେସନ)କୁ ସର୍ବାଗ୍ରେ ସ୍ଥାନିତ କରାଯାଇଥିଲା । ବିସମ୍ବାଦ ଦ୍ୱାରା ଆକ୍ରାନ୍ତ ରାଷ୍ଟ୍ର ତାଲିକାରେ ଭାରତ ଶୀର୍ଷ ସ୍ଥାନରେ ରହିଛି । କିନ୍ତୁ ବିଭିନ୍ନ ଉପାୟରେ ସମ୍ଭାବ୍ୟ ବିପଦକୁ ଏଡ଼ାଇ ଦିଆଯାଇ ପାରିଥିବା ଆଶ୍ୱସ୍ତିର ବିଷୟ ।

ଏକ ସୂଚନା ଅନୁସାରେ ଭାରତରେ ସାଧାରଣ ନିର୍ବାଚନ ୨୦୨୪ରେ ଏଆଇ ଦୁରୁପଯୋଗ ଆଶଙ୍କା ଦୂର ହେବା ପଛରେ ଯେଉଁ ପ୍ରମୁଖ କାରଣ ରହିଛି, ତାହା ହେଉଛି ଏଆଇ ବୈଷୟିକ କୌଶଳ ପ୍ରଭାବଶାଳୀ ମାତ୍ରାରେ ବିକଶିତ ହୋଇପାରିନାହିଁ । ଆବଶ୍ୟକ ସଂଖ୍ୟକ ତାଲିମପ୍ରାପ୍ତ ବିଶେଷଜ୍ଞଙ୍କ ଅଭାବ ମଧ୍ୟ ଏଆଇ କ୍ଷେତ୍ରରେ ରହିଛି । ଅପରପକ୍ଷରେ ଯେଉଁ ସଂସ୍ଥାଗୁଡ଼ିକ ଏଆଇ କ୍ଷେତ୍ରରେ ଅଗ୍ରଣୀ, ସେମାନେ ନିର୍ବାଚନ ପ୍ରଚାର/ଅପପ୍ରଚାରରେ ସେତେଟା ମନୋନିବେଶ କରୁନାହାନ୍ତି । କାରଣ ପାଞ୍ଚବର୍ଷରେ ଥରେ ଆସୁଥିବା ନିର୍ବାଚନ ପାଇଁ ନିବେଶରୁ ବିଶେଷ ଆର୍ଥିକ ଲାଭ ସମ୍ଭବ ନୁହେଁ । ନିୟମିତ ଭାବେ ଯେଉଁ ନିର୍ଭରଶୀଳ ବ୍ୟାବସାୟିକ କାର୍ଯ୍ୟରେ ସେମାନେ ସମ୍ପୃକ୍ତ, ସେଥିରୁ ସାମୟିକ ଭାବେ ଓହରିବା ନିମନ୍ତେ ସେମାନେ ଅନିଚ୍ଛୁକ । ଏତଦ୍‌ବ୍ୟତୀତ ଦେଶର ପ୍ରଦ୍ୟୋଗିକ ଆଇନ ସଶକ୍ତ ଓ ଦଣ୍ଡବିଧାନ କଠୋର ଥିବା ହେତୁ ନିର୍ବାଚନ କାର୍ଯ୍ୟରେ ହାତ ଦେଇ ଆଇନଗତ ଜଞ୍ଜାଳରେ ପ୍ରତିଷ୍ଠିତ ସଂସ୍ଥାମାନେ ପଶିବାକୁ ଅମଙ୍ଗ । ସାଧାରଣ ନିର୍ବାଚନ ୨୦୨୪ ପୂର୍ବରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ତତ୍ପରତା ଏବଂ ଟେକ କମ୍ପାନୀଗୁଡ଼ିକୁ ଡିପଫେକ ପ୍ରସାରଣରେ ସତର୍କ ରହିବା ନିମନ୍ତେ ତାଗିଦ ପ୍ରକାରନ୍ତେ ରାଜନୈତିକ ଅପପ୍ରଚାରରେ ଏଆଇ ଉପଯୋଗରେ ରୋକ ଲଗାଇବାରେ ସମର୍ଥ ହୋଇଥିବା ଅନୁମାନ କରାଯାଏ । ଫଳରେ ତଳସ୍ତରରେ ପ୍ରସ୍ତୁତ ନିର୍ବାଚନ ପ୍ରଚାର ବିଷୟବସ୍ତୁରେ ଏଆଇର ଯେଉଁ କାଁ ଭାଁ ଉପଯୋଗ ହେଉଛି ତାହା ଗୁଣାତ୍ମକ ଦୃଷ୍ଟିରୁ ପର୍ଯ୍ୟାପ୍ତ ହୋଇପାରୁ ନାହିଁ । ଏଆଇ ପ୍ରଯୁକ୍ତି କୌଶଳ ପାଶ୍ଚାତ୍ୟ ସଭ୍ୟତା-କୈନ୍ଦ୍ରିକ ରୂପରେ ବିକାଶ ଲାଭ କରିଥିବା ହେତୁ ଭାରତୀୟ ସଂସ୍କୃତିରେ ଠିକ୍ ରୂପେ ଖାପ ଖାଇପାରୁନାହିଁ । ଉଦାହରଣସ୍ୱରୂପ, ଡିପଫେକ ବୈଷୟିକ କୌଶଳ ଉପଯୋଗରେ କୌଣସି ଭାରତୀୟ ବ୍ୟକ୍ତିର ମୁଖମଣ୍ଡଳର ନକଲ ପ୍ରସ୍ତୁତ କଲେ ସନ୍ତୋଷଜନକ ପ୍ରତିରୂପ ପ୍ରସ୍ତୁତିରେ ସମସ୍ୟା ଦେଖା ଦେଉଛି ।

ନିର୍ବାଚନ ପ୍ରଚାରରେ ଏଆଇର ପ୍ରୟୋଗ ସ୍ଥାନୀୟ ଭୋଟରମାନଙ୍କୁ କେଉଁମାତ୍ରାରେ ପ୍ରଭାବିତ କରୁଛି, ତାହା ଚଳିତ ସାଧାରଣ ନିର୍ବାଚନରେ ଏ ପର୍ଯ୍ୟନ୍ତ ପ୍ରମାଣିତ ହୋଇପାରି ନାହିଁ । ଫଳରେ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ଏଆଇ ପ୍ରଚାରକୁ ଭରସା କରିପାରୁନାହାନ୍ତି । ହୁଏତ ସାଧାରଣ ନିର୍ବାଚନ ୨୦୨୪ର ପ୍ରଚାର ଅଭିଯାନରେ ସୀମିତ ମାତ୍ରାରେ ଏଆଇ ପ୍ରୟୋଗର ଫଳାଫଳ ଭବିଷ୍ୟତ ନିର୍ବାଚନଗୁଡ଼ିକରେ ସମ୍ପ୍ରସାରଣରେ ସହାୟକ ହୋଇପାରେ । ମୁଖ୍ୟତଃ ଏଆଇ ବୈଷୟିକ କୌଶଳରେ ଭାରତ-କୈନ୍ଦ୍ରିକ ତଥ୍ୟାବଳୀ(ଡାଟାସେଟ) ଦ୍ୱାରା ତାଲିମପ୍ରାପ୍ତ ହେବା ପରେ ଡିପଫେକ ଉତ୍ପାଦ ପ୍ରସ୍ତୁତିରେ ଗୁଣାତ୍ମକ ବିକାଶ ସମ୍ଭବ ।

ନିର୍ବାଚନ ପ୍ରଚାର ଆରମ୍ଭ ହେବା ପୂର୍ବରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଭାରତରେ ଇଣ୍ଟରନେଟ ଉପଭୋକ୍ତାଙ୍କ ସଂଖ୍ୟା ଅନ୍ୟ ରାଷ୍ଟ୍ରଗୁଡ଼ିକ ତୁଳନାରେ ଢେର ଅଧିକ ଥିବା ହେତୁ ଏଠାରେ ଅନଲାଇନ ଅପରାଧିକ କାରବାରରେ ବିପର୍ଯ୍ୟୟ ଆଶଙ୍କା ଅଧିକ । ଏହି କାରଣରୁ ସତର୍କତା ଜରୁରୀ । ଟେକ କମ୍ପାନୀ, ମୁଖ୍ୟତଃ ସୋସିଆଲ ମିଡିଆ ମଞ୍ଚ ମାଧ୍ୟମରେ ଡିପଫେକ ପ୍ରସାରଣ ସମ୍ଭାବନା ଅଧିକ ଥିବା କାରଣରୁ କୌଣସି ନକଲି ଅଡିଓ ବା ଭିଡିଓ ଚିହ୍ନଟ ହେବାର ୩୬ ଘଣ୍ଟା ମଧ୍ୟରେ ଅପସାରଣ ନିମନ୍ତେ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା । କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୨୧ରେ ପ୍ରକାଶିତ ନିୟମାବଳୀରେ ଏହି ଦିଗରେ ପର୍ଯ୍ୟାପ୍ତ ସତର୍କତାମୂଳକ ପଦକ୍ଷେପର ପ୍ରାବଧାନ ରହିଛି ।

ବିଶ୍ୱବ୍ୟାପୀ ୬୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରର ଅର୍ଦ୍ଧେକ ଜନସଂଖ୍ୟା ୨୦୨୪ରେ ନିର୍ବାଚନର ସମ୍ମୁଖୀନ ହେଉଥିବା ଏବଂ ପରିବର୍ତ୍ତିତ ପରିବେଶରେ ନିର୍ବାଚନ ପ୍ରଚାରରେ ସାମାଜିକ ଗଣମାଧ୍ୟମ ପ୍ରମୁଖ ମାଧ୍ୟମ ପାଲଟୁଥିବା ହେତୁ ଟେକ କମ୍ପାନୀଗୁଡ଼ିକ ସତର୍କତା ଅବଲମ୍ବନ କରିଛନ୍ତି । ଭାରତୀୟ ନିର୍ବାଚନ ଅପପ୍ରଚାର କ୍ଷେତ୍ରରେ ଆଗୁଆ ଥିବା ଏବଂ ବିଶୃଙ୍ଖଳା ପୂର୍ବାନୁମାନ ଆଧାରରେ ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକ କଠୋର ପଦକ୍ଷେପ ନେଇଥିଲେ । ଉଦାହରଣସ୍ୱରୂପ ୨୦୨୩ରେ ଅନୁଷ୍ଠିତ କେତେକ ରାଜ୍ୟର ବିଧାନସଭା ନିର୍ବାଚନ ସମୟରେ 'ୟୁଟ୍ୟୁବ' ପକ୍ଷରୁ ୭୩ ଲକ୍ଷ ବିଜ୍ଞାପନ ଭିଡିଓ ହଟାଇ ଦିଆଯାଇଥିଲା । ତେଣୁ ୟୁଟ୍ୟୁବ ସହ ଫେସବୁକ ଓ ହ୍ୱାଟସଆପ ମଞ୍ଚରେ ପ୍ରଦର୍ଶିତ ଯେକୌଣସି ଭିଡିଓରେ ଏଆଇ ଉପଯୋଗ ହୋଇଥିଲେ ତାହା ସ୍ୱୀକାରୋକ୍ତି ମାଧ୍ୟମରେ ପ୍ରଦର୍ଶନ କରିବା ବାଧ୍ୟତାମୂଳକ କରାଯାଇଛି । ଫେସବୁକ ପକ୍ଷରୁ ଓଡ଼ିଆ ସମେତ ୧୬ ଗୋଟି ଆଞ୍ଚଳିକ ଭାଷାରେ ନିଜସ୍ୱ ମଞ୍ଚରେ ପ୍ରଦର୍ଶିତ ପୋଷ୍ଟଗୁଡ଼ିକର ସତ୍ୟତା ପରଖିବା ନିମନ୍ତେ ବ୍ୟବସ୍ଥା(ଫାକ୍ଟଚେକ) ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି ।




ଅବଶ୍ୟ ନିର୍ବାଚନୀ ପ୍ରଚାରରେ ଏଆଇର ସମୁଚିତ ପ୍ରୟୋଗ କ୍ଷେତ୍ରରେ ପରୀକ୍ଷାନିରୀକ୍ଷା ଜାରି ରହିଛି । ଜାତୀୟ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଭାରତୀୟ ଜନତା ପାର୍ଟି ଏହି ଦିଗରେ ଆଗୁଆ ରହିଥିବା ଜଣାଯାଏ । ଡିସେମ୍ବର ୨୦୨୩ରେ ବାରଣାସୀଠାରେ ଆୟୋଜିତ ସମାବେଶରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ହିନ୍ଦୀ ଭାଷଣ ତତ୍‌କ୍ଷଣାତ ତାମିଲ ଭାଷାରେ ଅନୂଦିତ ହୋଇ ପ୍ରସାରଣର ବ୍ୟବସ୍ଥା କରାଯାଇଥିଲା । ଭାରତ ସରକାରଙ୍କ ଦ୍ୱାରା ବିକଶିତ ଏଆଇ ଅନୁବାଦ ପ୍ରଯୁକ୍ତି କୌଶଳ 'ଭାଷୀଣୀ' ଉପଯୋଗରେ ପ୍ରଧାନମନ୍ତ୍ରୀଙ୍କ ହିନ୍ଦୀ ଭାଷଣଗୁଡ଼ିକ ଓଡ଼ିଆ ସମେତ ବଙ୍ଗଳା, ତାମିଲ, ମାଲାୟାଲାମ୍ ଇତ୍ୟାଦି ଭାଷାରେ ଭାରତୀୟ ଜନତା ପାର୍ଟିର ୟୁଟ୍ୟୁବ ଚ୍ୟାନେଲରେ ଉପଲବ୍ଧ । କଂଗ୍ରେସ ପକ୍ଷରୁ ଅନୁରୂପ ଭାଷଣ ଅନୁବାଦ ଉଦ୍ୟମ କରାଯାଉଥିବା ବେଳେ ପଶ୍ଚିମବଙ୍ଗରେ ସିପିଆଇ (ଏମ) ପକ୍ଷରୁ ସାମାଜିକ ଗଣମାଧ୍ୟମ ଭିଡିଓ ପ୍ରସ୍ତୁତି ଲାଗି ଏଆଇ ଉପଯୋଗ ହେଉଥିବା ଜଣାଇଥିଲା । ତେଲଙ୍ଗାନା ବିଧାନସଭା ନିର୍ବାଚନ ବେଳେ ୩୦ ନଭେମ୍ବର ୨୦୨୩ ପ୍ରଭାତରେ ଭୋଟ ଗ୍ରହଣ ଆରମ୍ଭ ହେବା ପରେ ସାତସେକେଣ୍ଡ ବିଶିଷ୍ଟ ଏକ ଭିଡିଓ କ୍ଲିପ ଭାଇରାଲ ହୋଇଥିଲା । ସାମାଜିକ ଗଣମାଧ୍ୟମ ମଞ୍ଚ 'ଏକ୍ସ' ଓ 'ହ୍ୱାଟସଆପ'ରେ ଶାସକ ଦଳର ମୁଖ୍ୟମନ୍ତ୍ରୀ ପ୍ରମୁଖ ବିରୋଧୀ ଦଳକୁ ଭୋଟ ଦେବା ଲାଗି ଅନୁରୋଧ କରିଥିବା 'ଡିପଫେକ' ପ୍ରସାରଣ ଦେଖିବାକୁ ମିଳିଥିଲା । ମୁଖ୍ୟମନ୍ତ୍ରୀଙ୍କ ଦଳ ପକ୍ଷରୁ ଏହାର ପ୍ରତିବାଦ ବା ପ୍ରତିରୋଧ କରିବା ନିମନ୍ତେ ସମୟ ନଥିଲା । ଏହି ପୋଷ୍ଟଟି ପାଞ୍ଚ ଲକ୍ଷ ଦର୍ଶକ ଦେଖିଥିବା ହିସାବ କରାଯାଇଥିଲା । ସେହିପରି ଗୁଜରାଟରେ ନଭେମ୍ବର ୨୦୨୩ ବିଧାନସଭା ନିର୍ବାଚନ ଅବସରରେ ପୁଷ୍କର-କୈନ୍ଦ୍ରିକ 'ଦି ଇଣ୍ଡିଆନ ଡିପଫେକର' ଏଜେନ୍ସି ମାଧ୍ୟମରେ ଶାସକ ମୁଖ୍ୟମନ୍ତ୍ରୀଙ୍କ ସ୍ୱର ନକଲ(କ୍ଲୋନ) କରାଯାଇ ଭୋଟରମାନଙ୍କ ନାମ ସମ୍ବୋଧନରେ ନିର୍ବାଚନୀ ବାର୍ତ୍ତା 'ହ୍ୱାଟସଆପ' ମଞ୍ଚରେ ବାର୍ତ୍ତା ଆକାରରେ ପ୍ରେରଣ କରାଯାଇଥିଲା । ସେହି ସଂସ୍ଥା ପକ୍ଷରୁ ସିକିମର ମୁଖ୍ୟମନ୍ତ୍ରୀଙ୍କ 'ହାଲୋଗ୍ରାମ' ପ୍ରତିଛବି ପ୍ରସ୍ତୁତ କରି ଏକାଦିକ୍ରମେ ଏକାଧିକ ସ୍ଥାନରେ ଭୋଟରଙ୍କୁ ଉଦବୋଧନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ୨୦୨୦ ଫେବୃଆରୀରେ ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପି ନେତା ତଥା ଟେଲିଭିଜନ ତାରକା ମନୋଜ ତିୱାରୀଙ୍କ ହିନ୍ଦୀ ଭାଷଣ ଏଆଇ ଉପଯୋଗରେ ହରିଆଣା ଓ ଇଂରାଜୀ ଭାଷାକୁ ଅନୁବାଦ ତଥା ତାମିଲନାଡୁ ଡିଏମକେ ଯୁବ ସମାବେଶରେ ପରଲୋକଗତ ନେତା କରୁଣାନିଧିଙ୍କ ସାମ୍ପ୍ରତିକ ପ୍ରସଙ୍ଗରେ ଭାଷଣ ନିର୍ବାଚନୀ ପ୍ରଚାରରେ ଏଆଇ ଉପଯୋଗର ଉଲ୍ଲେଖନୀୟ ଉଦାହରଣ ।

ଭାରତୀୟ ସାଧାରଣ ନିର୍ବାଚନ ପ୍ରଚାରରେ ଏଆଇ ଉପଯୋଗ ସୀମିତ ରହିବା ଅନ୍ୟାନ୍ୟ କାରଣଗୁଡ଼ିକ ମଧ୍ୟରେ ଦେଶର ନିର୍ବାଚନ ପ୍ରଚାର କେନ୍ଦ୍ର ଓ ରାଜ୍ୟ ଉଭୟସ୍ତରରେ ବ୍ୟକ୍ତି-କୈନ୍ଦ୍ରିକ ହୋଇପଡ଼ିଛି । ଫଳରେ ରାଜନୈତିକ ଦଳଗୁଡ଼ିକର କେନ୍ଦ୍ରୀୟ କର୍ମକର୍ତ୍ତାଙ୍କ ନିଷ୍ପତ୍ତି ଉପରେ ନିର୍ବାଚନ ପ୍ରଚାର ନିର୍ଭର କରୁଛି । ଏହି କାରଣରୁ ଅପପ୍ରଚାର ପ୍ରସାର ମଧ୍ୟ ସତର୍କ ବଳୟରେ ରହୁଛି । ତୃଣମୂଳ ସ୍ତରରେ ନିର୍ବାଚନ ପ୍ରଚାରରେ ପ୍ରାର୍ଥୀ-କୈନ୍ଦ୍ରିକ ପ୍ରଚାର ବିଷୟବସ୍ତୁର ସଂଖ୍ୟା କମ । ଏ କ୍ଷେତ୍ରରେ ଅପପ୍ରଚାରରେ ଡିପଫେକ ବ୍ୟବହାରର ଆଶଙ୍କା ରହିଛି । ତେବେ ପ୍ରସ୍ତୁତ ଉତ୍ପାଦଗୁଡ଼ିକର ଗୁଣବତ୍ତା ନିମ୍ନମାନର ରହୁଥିବା ହେତୁ ଅନେକ କ୍ଷେତ୍ରରେ କେବଳ ଆମୋଦଦାୟକ ଓ ହାସ୍ୟୋଦ୍ଦୀପକ ହେଉଛି । କୁହାଯାଉଛି ଯେ ତୃଣମୂଳ ସ୍ତର ନିର୍ବାଚନ ପ୍ରଚାରରେ ଗୋଟିଏ ପକ୍ଷ ଡିପଫେକ ପ୍ରସ୍ତୁତ କରି ପ୍ରସାର କରିବା ସଙ୍ଗେ ସଙ୍ଗେ ଅପରପକ୍ଷ ଅନୁରୂପ ଉତ୍ପାଦ ଛାଡ଼ିବ । ତେଣୁ ନିର୍ବାଚନର ଶେଷପର୍ଯ୍ୟାୟରେ ଡିପଫେକର ପ୍ରସାର ଘଟିପାରେ ।

## ଲୋକମତ

### ଟ୍ରାଫିକ୍ ପୁଲିସ୍‌ଙ୍କୁ ତାପ ନିୟନ୍ତ୍ରିତ ହେଲମେଟ୍

ରାଜ୍ୟର ଅଧିକାଂଶ ସ୍ଥାନରେ ଅଗ୍ନିବର୍ଷା ଜାରି ରହିଛି । ରାଜ୍ୟର ୩୦ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବା ବେଳେ କିଛି ସ୍ଥାନରେ ତାପମାତ୍ରା ୪୩ ଡିଗ୍ରୀ ଉପରେ ରହୁଛି । ବିଗତ କିଛି ବର୍ଷ ହେଲା ଏପ୍ରିଲ୍‌ରୁ ଜୁନ୍ ମାସ ପର୍ଯ୍ୟନ୍ତ ଏହିଭଳି ପରିସ୍ଥିତି ଦେଖିବାକୁ ମିଳୁଛି । ଘରେ ବା ଅଫିସ୍‌ରେ କାମ କରିବା ଲୋକଙ୍କର ବିଶେଷ ଅସୁବିଧା ହୋଇନଥାଏ । ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ ଇତ୍ୟାଦିରେ ଗ୍ରୀଷ୍ମ ଛୁଟି କିମ୍ବା ସକାଳୁଆ ହେବାର ଅବକାଶ ଥାଏ । ଶ୍ରମିକମାନଙ୍କୁ ଖରାରେ କାମ କରିବାକୁ ବାରଣ କରାଯାଇଥାଏ । କିନ୍ତୁ ଖରାରେ ସିଝି ଟ୍ରାଫିକ୍ ପୁଲିସ୍‌ଙ୍କୁ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ପଡ଼ିଥାଏ । ଫଳରେ ସେମାନଙ୍କ ପାଇଁ ଉତ୍ତାପ ଜନିତ କ୍ଳାନ୍ତି ଓ ଉତ୍ତାପ ଜନିତ ସନ୍‌ଷ୍ଟ୍ରୋକ୍ ହେବାର ଯଥେଷ୍ଟ ଆଶଙ୍କା ଥାଏ । ଭଦୋଦରା ସ୍ଥିତ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଦ୍ୱାରା ବିକଶିତ ତାପ ନିୟନ୍ତ୍ରିତ ହେଲମେଟ୍ କେତେକ ରାଜ୍ୟରେ ଟ୍ରାଫିକ ପୁଲିସଙ୍କୁ ବିତରଣ କରାଯାଇଛି ଏବଂ ଏହାର ସଂଖ୍ୟା କ୍ରମାଗତ ଭାବେ ବଢ଼ି ଚାଲିଛି । ଏହି ପରିପ୍ରେକ୍ଷୀରେ, ଯଦି ଆମ ରାଜ୍ୟରେ ଟ୍ରାଫିକ୍ ପୁଲିସ୍‌ଙ୍କୁ ସମ୍ପୃକ୍ତ ଅଞ୍ଚଳର ତାପମାତ୍ରାକୁ ଦୃଷ୍ଟିରେ ରଖି ସେହିଧରଣର ହେଲମେଟ୍ ଯୋଗାଇ ଦିଆଯାଆନ୍ତା ତେବେ ଟ୍ରାଫିକ୍ ପୁଲିସ କର୍ମଚାରୀମାନେ ଉପକୃତ ହେବା ସହିତ ସେମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ସହାୟକ ହୁଅନ୍ତା ।

**ନବ୍‌ନିତ୍ ପାଣିଗ୍ରାହୀ**
**ରାୟଗଡ଼ା, ମୋ: ୯୮୬୧୧୩୮୮୩୬**

### ରାଜପଥରେ ଭ୍ରାମ୍ୟମାଣ ପଶୁ ଚିକିତ୍ସା ସୁବିଧା

ପ୍ରାୟ ପ୍ରତିଦିନ ଜାତୀୟ ରାଜପଥ କିମ୍ବା ରାଜ୍ୟ ରାଜପଥମାନଙ୍କରେ ଛୋଟ ବଡ଼ ଦୁର୍ଘଟଣାମାନ ଘଟିଥାଏ । ଯେତେବେଳେ ଦୁର୍ଘଟଣାଗ୍ରସ୍ତ ଲୋକମାନେ ଆଘାତପ୍ରାପ୍ତ କିମ୍ବା ମୃତାହତ ହୋଇ ଥିବାର ସୂଚନା ମିଳେ, ତତକ୍ଷଣାତ୍ ଉଭୟ ସ୍ୱେଚ୍ଛାସେବୀ ଏବଂ ସରକାରୀ କଳ ତତ୍ପରତା ଦେଖାଇ ସେମାନଙ୍କୁ ବିଭିନ୍ନ ହସ୍ପିଟାଲମାନଙ୍କୁ ପଠାଇ ସେମାନଙ୍କର ଚିକିତ୍ସାର ସୁବନ୍ଦୋବସ୍ତ କରାଇ ଥାଆନ୍ତି । କିନ୍ତୁ ପଶୁମାନେ ଦୁର୍ଘଟଣାଗ୍ରସ୍ତ ହେଲେ ସେମାନଙ୍କ ପାଇଁ ଆହା ପଦେ କହିବାକୁ କାହା ପାଖରେ ସତେଯେପରି ସମୟ ଓ ସୁବିଧା ନଥାଏ । ଯେଉଁମାନେ ମାନବିକତା ତଥା ଦୟା ପରବଶ ହୋଇ ସେମାନଙ୍କୁ ସେବା କରିବାକୁ ଚାହିଁ ଥାଆନ୍ତି ସେମାନଙ୍କ ପାଖରେ ପ୍ରାୟତଃ ପଶୁ ଚିକିତ୍ସକ କିମ୍ବା ପଶୁ ହସ୍ପିଟାଲ ପାଖରେ ପହଞ୍ଚାଇବାର ସୂଚନା କିମ୍ବା ସୁବିଧା ନଥାଏ । ତେଣୁ ପଶୁମାନଙ୍କୁ ଦୁର୍ଘଟଣା ଜନିତ ଚିକିତ୍ସା ସେବା ଯୋଗାଇବା ପାଇଁ ଭ୍ରାମ୍ୟମାଣ ଚିକିତ୍ସା ସୁବିଧା ଯୋଗାଇବା ସହିତ ଜରୁରୀ ସେବା ନମ୍ବର୍‌ରେ ଉକ୍ତ ସୁବିଧାକୁ ସଂଲଗ୍ନ କରାଯାଉ । ଏତଦବ୍ୟତୀତ ଉକ୍ତ ଜରୁରୀ ନମ୍ବର୍ ରାଜପଥମାନଙ୍କରେ ନିର୍ଦ୍ଦିଷ୍ଟ ଦୂରତାରେ ଲୋକମାନଙ୍କ ଅବଗତି ନିମନ୍ତେ ବିଜ୍ଞାପିତ କରାଯାଉ ।

**ଡ. ସୀତାକାନ୍ତ ତ୍ରିପାଠୀ, ଅର୍ଣ୍ଣପାଳ, ଭଦ୍ରକ**

### ଯୁଦ୍ଧଖୋର ବିଶ୍ୱ ଓ ଶାନ୍ତିପ୍ରିୟ ଭାରତ

ବିଶ୍ୱର ପ୍ରାୟ ସବୁ ରାଷ୍ଟ୍ର ବର୍ତ୍ତମାନ କେବଳ ବ୍ୟସ୍ତ ନିଜନିଜର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଦ୍ୱାରା ପ୍ରତିଯୋଗିତାମୂଳକ ସମରସଜ୍ଜାର ପରାକ୍ରମ ପ୍ରଦର୍ଶନ କରିବାରେ । ସାରା ବିଶ୍ୱ ଏବେ ଯୁଦ୍ଧ ବିଭୀଷିକାରେ ଆତଙ୍କିତ । ଏପରିକି ସମ୍ଭାବ୍ୟ ଆଣବିକ ଯୁଦ୍ଧ ଆଶଙ୍କାରେ ବିଶ୍ୱ ଆଜି ଧ୍ୱଂସର ଦ୍ୱାରଦେଶରେ । ବିଶ୍ୱର ଶାନ୍ତି, ସଂହତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବନ୍ଧୁତ୍ୱ ବାତାବରଣ ଏବେ ଆଉ ପ୍ରାୟ ନାହିଁ । ଏ କ୍ଷେତ୍ରରେ ଶାନ୍ତିପ୍ରିୟ ଭାରତ ନିରପେକ୍ଷତା ଅବଲମ୍ବନ କରିବା ପୂର୍ବକ ଯୁଦ୍ଧ ସପକ୍ଷରେ ବା ବିପକ୍ଷରେ କୌଣସି ଟିପ୍ପଣୀ ଦେବାରୁ ବିରତ ରହିବା ବୁଦ୍ଧିମାନ୍‌ର କାର୍ଯ୍ୟ ହେବ । ଏବେ ଇସ୍ରାଇଲ, ଇରାନ, ଇରାକ, ସିରିଆ, ଲେବାନନ, ପାଲେଷ୍ଟାଇନ, ଜୋର୍ଡାନରେ ଥିବା ଭାରତୀୟ ଦୂତାବାସ ସବୁକୁ ସୁରକ୍ଷିତ ରଖିବାରେ ପଦକ୍ଷେପ ନେବା ସହିତ ସେଠାରେ ବସବାସ କରୁଥିବା ଅନ୍ୟ ସମସ୍ତ ଭାରତୀୟ ନାଗରିକଙ୍କୁ ଯଥାଶୀଘ୍ର ସୁରକ୍ଷିତ ଭାବେ ସ୍ୱଦେଶକୁ ଫେରାଇ ଆଣିବା ଉପରେ ଜରୁରିକାଳୀନ ପଦକ୍ଷେପ ନେବା ଉଚିତ । ରୁଷ-ୟୁକ୍ରେନ ଯୁଦ୍ଧ ଚାଲିଥିବା ବେଳେ ଭାରତ ସରକାର ପ୍ରବାସୀ ଭାରତୀୟମାନଙ୍କୁ ଫେରାଇ ଆଣିବାକୁ ଦୁଇଦେଶକୁ କିଛି ଘଣ୍ଟାର ଯୁଦ୍ଧ ବିରତି କରିବାକୁ ଅନୁରୋଧ କରି ସଫଳତା ହାସଲ କରିଥିଲେ । ତେଣୁ ଯଦି ଯୁଦ୍ଧ ହୁଏ ଭାରତ ସରକାର ନିଶ୍ଚିତରୂପେ ଭରତୀୟମାନଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ବିହିତ ପଦକ୍ଷେପ ନେବେ ଏଥିରେ ସନ୍ଦେହନାହିଁ । ତଥାପି ସେ ଦେଶମାନଙ୍କରେ ରହୁଥିବା ଭାରତୀୟମାନଙ୍କୁ ଅନୁରୋଧ ସେମାନେ ସ୍ୱଦେଶକୁ ଫେରିବା ପାଇଁ ଭାରତୀୟ ବିମାନସେବାକୁ ମାଗଣାରେ ଉପଲବ୍ଧ ପାଇଁ ଅପେକ୍ଷା କରିବା ପରିବର୍ତ୍ତେ ନିଜସ୍ୱ ଖର୍ଚ୍ଚରେ ଫେରି ଆସିବାର ପ୍ରଚେଷ୍ଟା ଦେଶପ୍ରେମ-ପ୍ରତୀକର ନିଚ୍ଛକ ଉଦାହରଣ ହେବ ।

**ଅଶୋକ କୁମାର ଆଚ୍ଚ୍ୟ**
**ପୁରୀ, ମୋ: ୯୦୪୦୨ ୯୪୫୬୮**

### ଛାତ୍ରଛାତ୍ରୀ ସହନଶୀଳ ହୁଅନ୍ତୁ

ଓଡ଼ିଆରେ ଏକ ପ୍ରବାଦ ଅଛି - 'କହିବା ଲୋକ ବଡ଼ ନୁହେଁ, ସହିବା ଲୋକ ବଡ଼ ।' ସହନଶୀଳତା ମନୁଷ୍ୟର ଏକ ବିଶିଷ୍ଟ ଗୁଣ । ଏହି ଗୁଣ ଊଣାଅଧିକେ ସମସ୍ତଙ୍କ ପାଖରେ ଥାଏ । ଉତ୍ତମ ଚରିତ୍ର ଗଠନ ପାଇଁ ଏହି ଗୁଣଟି ଅପରିହାର୍ଯ୍ୟ । ଯେଉଁ ବ୍ୟକ୍ତି ଯେତେ ସହିଷ୍ଣୁ ସେ ସେତେ ଉଦାର ଓ ଶାଳୀନ ଭାବେ ପରିଗଣିତ ହୁଏ । ଗୋପବନ୍ଧୁ ଦାସ, ମହାତ୍ମା ଗାନ୍ଧୀ ଓ ଯୀଶୁ ଖ୍ରୀଷ୍ଟ ଆଦି ମହାମନୀଷୀମାନେ ସମାଜରେ ଅସୀମ ଧୈର୍ଯ୍ୟ, ଅସାଧାରଣ ସହିଷ୍ଣୁତା ପ୍ରଦର୍ଶନ ପୂର୍ବକ ଆଦର୍ଶ ଜୀବନ ଯାପନ କରି ଦାରୁଣ କଷ୍ଟକୁ ସହ୍ୟ କରି ଯେଉଁ କଲ୍ୟାଣ ସାଧନ କରି ଯାଇଛନ୍ତି ତାହା ଅଭୂତପୂର୍ବ । ବର୍ତ୍ତମାନ ବିଶ୍ୱରେ ଯେତେ ଅଶାନ୍ତି, ସଂଗ୍ରାମ, ହିଂସା ଓ ଦ୍ୱେଷ ଦେଖା ଯାଉଛି, ସେ ସବୁର ମୂଳରେ ସହନଶୀଳତାର ଅଭାବ ପରିଲକ୍ଷିତ ହେଉଛି । ସମାଜରେ କିଛି ମୁଷ୍ଟିମେୟ ଲୋକ ଗରିବଙ୍କ ଉପରେ ଅତ୍ୟାଚାର କରନ୍ତି । ତେଣୁ ଜୀବନ ସଂଗ୍ରାମ ଦିନକୁ ଦିନ ତୀବ୍ରତର ହୁଏ । ଯେକୌଣସି ସଂଗ୍ରାମ ବା ସଂଘର୍ଷରେ ଜୟ ପରାଜୟ ତ ନିଶ୍ଚିତ ଥାଏ । ଏଣୁ ଦୁଃଖ, ଦୁର୍ବିପାକ, ଜୟ, ପରାଜୟ ପ୍ରତି ଖାତିର ନ କରି ଧୈର୍ଯ୍ୟର ସହ ଈଶ୍ୱରଙ୍କଠାରେ ସଶ୍ରଦ୍ଧଭକ୍ତି ରଖି ନିଜ କର୍ତ୍ତବ୍ୟ ପଥରେ ଅଗ୍ରସର ହେବା ଉଚିତ । ଅତଏବ ମନରୁ ସର୍ବଦା କ୍ରୋଧ, ଦ୍ୱେଷ, ଗର୍ବ, ଅହଂକାର, ଈର୍ଷା ଆଦି ଦୂର କରିବାକୁ ପଡ଼ିବ । ଯାହାର ସାଧନ ଯେତେ ଦୃଢ଼ ସେ ସେତେ ଶୀଘ୍ର ସିଦ୍ଧି ଲାଭ କରିପାରିବ । ଭଲ କାର୍ଯ୍ୟଟିଏ କରିବାକୁ ହେଲେ ଅନେକ ବାଧା ବିଘ୍ନ ଉପୁଜିବା ସ୍ୱାଭାବିକ । କିନ୍ତୁ 'ଶ୍ରେୟାଂଶୀ ବହୁ ବିଘ୍ନାନି'କୁ ଦୃଷ୍ଟିରେ ରଖି ଆମେ କର୍ତ୍ତବ୍ୟ କରିବା ଆବଶ୍ୟକ । ସମାଜ ସଂସ୍କାରକମାନେ ନିଜର କର୍ମମୟ ଜୀବନରେ ଯେଉଁ ଦାରୁଣ କଷାଘାତ ଭିତରେ ଆମକୁ ଆଲୋକ ପ୍ରଦାନ କରିଛନ୍ତି, ତାହା ଉଦାହରଣୀୟ ।

ତେଣୁ ବର୍ତ୍ତମାନର ଛାତ୍ରଛାତ୍ରୀମାନେ ଏହି ସହନଶୀଳତା ଗୁଣକୁ ଆହରଣ କରିବା ଉଚିତ । ଶିଶୁଟିଏ ଭ୍ରୂଣ ଅବସ୍ଥାରେ ମଧ୍ୟ କ୍ରୋଧାନ୍ୱିତ ହୋଇଥାଏ । ଏହି ପ୍ରବୃତ୍ତି ଧୀରେ ଧୀରେ ବଢ଼ିଥାଏ । ଅଭିଭାବକମାନେ ଏ ଦିଗରେ ସଚେତନ ହେବା ଆବଶ୍ୟକ । ଶିଶୁମାନଙ୍କୁ ଦୟା, କ୍ଷମା, ଉଦାରତା ଗୁଣ ସମ୍ବନ୍ଧୀୟ କାହାଣୀ କହିବା ଦ୍ୱାରା ତା'ର ମନୋବୃତ୍ତିରେ ପରିବର୍ତ୍ତନ ହୋଇଥାଏ । ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମଧ୍ୟ ଏଥିପ୍ରତି ଧ୍ୟାନ ଦେଲେ ଅନେକ ସୁଫଳ ମିଳିପାରିବ । ମନରେ କ୍ରୋଧ ଜାତ ହେଲେ ପ୍ରତିକ୍ରିୟାଶୀଳ ନ ହୋଇ କିଛି ସମୟ ପାଇଁ ଈଶ୍ୱରଙ୍କ ନାମ ସ୍ମରଣ କରିବା ଦରକାର । ବିଜ୍ଞ ବ୍ୟକ୍ତିମାନେ କ୍ରୋଧଠାରୁ ଦୂରରେ ରହିବାକୁ ସର୍ବଦା ଚେଷ୍ଟା କରନ୍ତି । ଏହିକ୍ରମରେ ବିଶ୍ୱର ସମସ୍ତ ଜନତାଙ୍କ ମଧ୍ୟରେ ସ୍ନେହ, ମୈତ୍ରୀ ଓ ପ୍ରୀତି ଭାବ ପ୍ରତିଷ୍ଠିତ ହୋଇ ପାରିଲେ 'ବସୁଧୈବ କୁଟୁମ୍ବକମ୍'ର ଉଦ୍ଦେଶ୍ୟ ଚରିତାର୍ଥ ହୋଇପାରିବ ।

**ବୈଷ୍ଣବ ଚରଣ ଦାଶ**
**ବୁଗୁଡ଼ା(ଗଞ୍ଜାମ), ମୋ: ୯୭୭୬୫୩୪୯୩୦**

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# କଏଦୀଙ୍କ ପାଇଁ ବରଦାନ ସାଜିଛି ନ୍ୟାୟିକ ସେବା ପ୍ରାଧିକରଣ

**୫ ବର୍ଷରେ ୧୪ହଜାର ୬୪୬ଜଣ ବନ୍ଦୀଙ୍କୁ ଆଇନ ସହାୟତା**

**ସଚେତନ ଅଭାବରୁ ଦଳିତମାନେ ପାଇପାରୁନାହାନ୍ତି ସୁବିଧା**

**ମହିଳା ଏବଂ ଏସ୍‌ଟି/ଏସ୍‌ସିଙ୍କ ପାଇଁ ରହିଛି ସୁବିଧା**

**ଜାମିନ୍ ସତ୍ତ୍ୱେ ମୁକୁଳି ପାରୁ ନାହାନ୍ତି ୩୩ଜଣ କଏଦୀ**

**ଭୁବନେଶ୍ୱର, ୧୯।୪(ସମିସ):** ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାର ବିଭିନ୍ନ ଜେଲ୍‌ରେ ୭୦ ପ୍ରତିଶତ ବିଚାରାଧୀନ କଏଦୀ ଅଛନ୍ତି। ସେମାନଙ୍କ ମଧ୍ୟରେ ଅନେକ ଗରିବ ଶ୍ରେଣୀର ହୋଇଥିବାରୁ ଓକିଲ(ଆଇନଜୀବୀ) କରି ମାମଲା ଲଢ଼ିବା ସମାନଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି। ତେଣୁ ସେମାନେ ଅଦାଲତରେ ଓକିଲ ଦେଇ ନ ପାରି ଜେଲ୍ ଭିତରେ ଦୀର୍ଘଦିନ ରହି ଯାଉଛନ୍ତି। କିନ୍ତୁ ସେମାନେ ଯେପରି ମାଗଣା ଆଇନ ସହାୟତା ପାଇପାରିବେ, ସେଥିପାଇଁ ସରକାର ୧୯୮୭ରେ ଏକ ଆଇନ ଲାଗୁ କରି ଆଇନ ସେବା ପ୍ରାଧିକରଣ(ଲିଗାଲ୍ ସର୍ଭିସ ଅଥରିଟି)ର ବ୍ୟବସ୍ଥା କରିଛନ୍ତି। ଉକ୍ତ ଆଇନର ଧାରା ୧୨ ଅନୁସାରେ ଗରିବ ଶ୍ରେଣୀର ମହିଳା, ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଲୋକ ଏହି ସୁବିଧା ପାଇ ପାରିବେ। ଏଥିଲାଗି ପ୍ରତି ଜିଲ୍ଲା ଏବଂ କୋର୍ଟରେ ନ୍ୟାୟିକ ପ୍ରାଧିକରଣର ବ୍ୟବସ୍ଥା ରହିଛି। ସେମାନଙ୍କ ପାଇଁ ସେଠାରେ ଥିବା ଓକିଲ ମାମଲା ପରିଚାଳନା କରିବେ। ହେଲେ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଥିବାରୁ କଏଦୀମାନେ ଏହାର ସୁବିଧା ପାଇ ପାରୁନାହାନ୍ତି। ବିଶେଷକରି ବିଭିନ୍ନ ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ମଧ୍ୟରେ ଅଧିକାଂଶ ଅଶିକ୍ଷିତ ଥିବାରୁ ଏହି ସୁବିଧା ବିଷୟରେ ଜାଣି ପାରୁ ନାହାନ୍ତି।

ମିଳିଥିବା ତଥ୍ୟ ଅନୁସାରେ, ଗତ ଡିସେମ୍ବର ସୁଦ୍ଧା ମୋଟ ୧୫୫ଜଣ ବିଚାରାଧୀନ ବନ୍ଦୀଙ୍କୁ ଜାମିନ ମିଳିଥିବା ବେଳେ ସେମାନେ ଜେଲ୍‌ରୁ ମୁକୁଳି ପାରି ନ ଥିଲେ। ୧୫୫ ଜଣଙ୍କ ମଧ୍ୟରୁ ୧୨୨ଜଣ ବନ୍ଦୀ ପରବର୍ତ୍ତୀ ସମୟରେ ଜାମିନ୍‌ରେ ବାହାରିଥିଲେ। କିନ୍ତୁ ଅନ୍ୟ ୩୩ଜଣ ବନ୍ଦୀ ଜାମିନ୍ ମଞ୍ଜୁର ପରେ ବି ଜେଲ୍‌ରେ ରହିଛନ୍ତି। ଜାମିନ ପାଇଁ ଧାର୍ଯ୍ୟ ସର୍ତ୍ତ ପୂରଣ କରି ନ ପାରିବା ଏବଂ ଅନ୍ୟାନ୍ୟ କାରଣରୁ ଏହି ବନ୍ଦୀମାନେ ଜାମିନ ପାଇବା ପରେ ବି ମୁକୁଳି ପାରିନାହାନ୍ତି। ତେଣୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଏହି ୩୩ ଜଣ ବନ୍ଦୀ ଏବେ ମୁକୁଳିବାର ବାଟ ଫିଟିଛି।

୨୦୧୮-୧୯ ଆର୍ଥିକ ବର୍ଷରେ ରାଜ୍ୟରେ ୩ ହଜାର ୫୯୦ ଜଣ ମହିଳା ମାଗଣା ଆଇନ ସେବା ନେଇଥିବା ବେଳେ ୯୫୮ ଅନୁସୂଚିତ ଜାତି ଏବଂ ୬୨୧ଜଣ ଅନୁସୂଚିତ ଜନଜାତି ବର୍ଗର ଲୋକ ଏହି ସୁବିଧା ନେଇଛନ୍ତି। ସେହିପରି ୨୦୧୯-୨୦ ବର୍ଷରେ ୨ହଜାର ୬୩୯ ଜଣ ମହିଳା ଏବଂ ୭୦୨ ଏସ୍‌ଟି ଓ ୫୯୨ଜଣ ଏସ୍‌ସି ବର୍ଗର ଲୋକ ଏହି ସେବା ପାଇଛନ୍ତି। ସେହିଭଳି ୨୦୨୦-୨୧ରେ ୧ହଜାର ୬୮୯ ଜଣ ମହିଳା ଏହି ମାଗଣା ଆଇନ୍ ସେବା ନେଇଥିବା ବେଳେ ୬୬୨ଜଣ ଏସ୍‌ସି ଏବଂ ୪୧୪ ଜଣ ଏସ୍‌ଟି ଏହି ସୁବିଧା ପାଇଛନ୍ତି। ୨୦୨୧-୨୨ରେ ୯୩୯ଜଣ ମହିଳା ମାଗଣା ଆଇନ ସେବା ପାଇଥିବା ବେଳେ ୫୧୮ଜଣ ଏସ୍‌ସି ଏବଂ ୫୨୨ଜଣ ଏସ୍‌ଟି ଏହି ସେବା ପାଇଛନ୍ତି। ସେହିପରି ୨୦୨୩-୨୪ରେ ୮୦୦ ଲୋକ ମାଗଣା ଆଇନ ସେବା ପାଇଛନ୍ତି।

ଆଇନ ସେବା ଯୋଗାଇବା ପାଇଁ ପ୍ରତି ଜିଲ୍ଲା ଏବଂ କୋର୍ଟରେ ସରକାର ପକ୍ଷରୁ ଓକିଲ ନିଯୁକ୍ତି ହୋଇଛନ୍ତି। ଏହି ଓକିଲମାନେ ବିଭିନ୍ନ ଥାନାକୁ ପରିଦର୍ଶନରେ ଯାଇ ଓକିଲ ଦେଇ ପାରୁ ନ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ମାଗଣା ଆଇନ ସେବା ଯୋଗାଇବେ। ଏହାସହ ଜେଲ୍‌କୁ ଯାଇ ମଧ୍ୟ ମାଗଣା ଆଇନ ସେବାରେ ନିଯୁକ୍ତ ହୋଇଥିବା ଓକିଲ୍‌ମାନେ କଏଦୀ ଚିହ୍ନଟ କରି ସେମାନଙ୍କୁ ଆଇନ ସେବା ଯୋଗାଇବେ। ଜଣେ କଏଦୀ ମଧ୍ୟ ପରିବାର ସଦସ୍ୟଙ୍କ ଦ୍ୱାରା ଏହି ଓକିଲ୍‌ମାନଙ୍କ ସହ ଯୋଗାଯୋଗ କରି ମାଗଣା ଆଇନ୍ ସେବା ପାଇପାରିବେ। ଜେଲ୍‌ରେ ଥିବା କଏଦୀମାନେ ମଧ୍ୟ ଜେଲ୍ ଅଧୀକ୍ଷକଙ୍କ ଜରିଆରେ ଏହି ମାଗଣା ଆଇନ ସେବା ପାଇପାରିବେ। ଏହି ସେବା ଯୋଗାଇବା ପାଇଁ ସରକାର ଓକିଲମାନଙ୍କୁ ଲକ୍ଷାଧିକ ଟଙ୍କା ପ୍ରଦାନ କରୁଛନ୍ତି। କିନ୍ତୁ ଗରିବ ଶ୍ରେଣୀର କଏଦୀମାନେ ଏହାର ସୁଫଳ ନେଇ ପାରୁନାହାନ୍ତି। ଅନେକ କ୍ଷେତ୍ରରେ ଏ ବିଷୟରେ କଏଦୀମାନେ ଜାଣି ନାହାନ୍ତି। ତେଣୁ ଏହି ବ୍ୟବସ୍ଥା ବିଷୟରେ ସମସ୍ତେ ଅବଗତ ହେବା ପାଇଁ ପ୍ରତି ଥାନା ବାହାରେ ଏକ ବୋର୍ଡ ମାରିବାକୁ କୋର୍ଟ କହିଛନ୍ତି। ସମସ୍ତ ଥାନା ଆଗାରେ ଆଇନ୍‌ଜୀବୀଙ୍କ ନାମ ସହ ସେମାନଙ୍କ ଫୋନ୍ ନମ୍ବର ଉଲ୍ଲେଖ କରାଯିବାର ବ୍ୟବସ୍ଥା କରାଯାଇଛି।

## ବିଜେଡି ନେତାଙ୍କୁ ମିଳିଲା ନୂଆ ଦାୟିତ୍ୱ

**ଭୁବନେଶ୍ୱର, ୧୯।୪(ସମିସ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଦଳୀୟ ନେତାମାନଙ୍କୁ ବିଭିନ୍ନ ପଦବୀରେ ନିଯୁକ୍ତି ଦିଆଯାଇଛି। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ ତପସ୍ୱିନୀ ବିଶ୍ୱାଳଙ୍କୁ ବିଜୁ ମହିଳା ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ସେହିପରି ଅନ୍ନଦା ସାହୁଙ୍କୁ ବିଜେଡି ରାଜ୍ୟ ସମ୍ପାଦକ ଦାୟିତ୍ୱ ମିଳିଛି। ଦେବଗଡ଼ ବିଜୁ ଜନତା ଦଳ ଜିଲ୍ଲା ସହ ପର୍ଯ୍ୟବେକ୍ଷକ ଭାବେ ଅଶ୍ୱିନୀ ତ୍ରିପାଠୀ ଏବଂ ଜିଲ୍ଲା ସହ ସଂଯୋଜକ ଭାବେ ଭବାନୀ ଶଙ୍କର ଦାସଙ୍କୁ ନିଯୁକ୍ତ କରାଯାଇଛି। କଟକ ଶିଖରପୁରର ଜଗନ୍ନାଥ ପ୍ରଧାନଙ୍କୁ ରାଜ୍ୟ ଉପ-ସଭାପତି ଏବଂ ଅନୁଗୁଳର ବିଭବ ରାଉତଙ୍କୁ ଛାତ୍ର ବିଜେଡିର ରାଜ୍ୟ ସମ୍ପାଦକ ଦାୟିତ୍ୱ ମିଳିଛି। ଅପରପକ୍ଷେ ଯୁବ ବିଜେଡି ରାଜ୍ୟ ଉପ-ସଭାପତି ଭାବେ ଶିବାନୀ ଶଙ୍କର ଗୌଡ଼ ଏବଂ କେନ୍ଦ୍ରାପଡ଼ାର ସୌମ୍ୟରଞ୍ଜନ ସିଂଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ନିଯୁକ୍ତ କରାଯାଇଛି।

# ଶିମିଳିପାଳରେ ୧୦ଟି ଫାୟାର ପଏଣ୍ଟ ଚିହ୍ନଟ

**ବନାଗ୍ନିକୁ ସମ୍ପୂର୍ଣ୍ଣ ଆୟତ୍ତ କଲେ ବନ ବିଭାଗ କର୍ମଚାରୀ**

**ବାରିପଦା, ୧୯।୪(ସମିସ):** ଶୁକ୍ରବାର ଶିମିଳିପାଳ ଅଭୟାରଣ୍ୟରେ ବନାଗ୍ନି ସ୍ଥିତି ଉପୁଜିଥିବାର ସୂଚନା ମିଳିଛି। ଅଭୟାରଣ୍ୟ ମଧ୍ୟରେ ଥିବା ୧୦ଟି ସ୍ଥାନରେ ଫାୟାର ପଏଣ୍ଟ ଚିହ୍ନଟ ହୋଇଛି। ତେବେ ବନ ବିଭାଗ କର୍ମଚାରୀମାନେ ତ୍ୱରିତ ପଦକ୍ଷେପ ନେଇ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଛନ୍ତି।

ସୂଚନାନୁଯାୟୀ, ଶିମିଳିପାଳ ଅଭୟାରଣ୍ୟର ଦକ୍ଷିଣ ବନଖଣ୍ଡରେ ୪ଟି ଏବଂ ଉତ୍ତର ବନଖଣ୍ଡରେ ୬ଟି ସ୍ଥାନରେ ଫାୟାର ପଏଣ୍ଟ ଚହ୍ନଟ ହୋଇଥିଲା। ଏନେଇ ବନାଗ୍ନି ସ୍ଥିତି ନିୟନ୍ତ୍ରଣ ନିୟୋଜିତ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଫାୟାର ଲାଇନ ସୃଷ୍ଟି କରିବା ସହ ବନାଗ୍ନିକୁ ରୋକିବାରେ ସଫଳ ହୋଇଥିଲେ। ଏହାଦ୍ୱାରା ଉକ୍ତ ଅଞ୍ଚଳରେ ଜମିରେ ଥିବା ଗଛଗୁଡ଼ିକ ପୋଡ଼ି ପାଉଁଶ ହୋଇଛି। ତେବେ ନିଆଁ ଲାଗିବାର କିଛି ସମୟ ମଧ୍ୟରେ ଲିଭାଇବା ପାଇଁ ବନବିଭାଗ କର୍ମଚାରୀଙ୍କ ଉଦ୍ୟମ ଫଳରେ ବନାଗ୍ନି ଆୟତ୍ତ ହେବା ସହ ଜିରୋ ଫାୟାର ପଏଣ୍ଟ ରହିଛି।



ଜଙ୍ଗଲରେ ଶୁଖିଲା ପତ୍ର ପଡ଼ିଥିବାରୁ ଅଗ୍ନି ସଂଯୋଗ ଯୋଗୁଁ ନିଆଁ ଲାଗିବା ସହ ଖୁବଶୀଘ୍ର ବ୍ୟାପିବାରେ ଲାଗିଥାଏ। ବହୁ ଦିନ ହେବ ବର୍ଷା ହୋଇନଥିବା ବେଳେ ବର୍ଷାର ଆବଶ୍ୟକତା ରହିଛି।

**ବିଳମ୍ବରେ ଟ୍ରେନ୍ ପହଞ୍ଚିବାରୁ ମାମଲା ରୁଜୁ କଲେ ଯାତ୍ରୀ**

# ୫୫୦୭୦ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୯।୪(ସମିସ):** ବିଳମ୍ବିତ ଟ୍ରେନ୍ ଚଳାଚଳ ସମସ୍ତଙ୍କ ପାଇଁ କଷ୍ଟଦାୟକ। କିନ୍ତୁ ଏହି ସମସ୍ୟା ପାଇଁ ଜଣେ ଯାତ୍ରୀ ରେଳବାଇକୁ କୋର୍ଟକୁ ଟାଣିଲେ ଆଉ ବିଜୟ ମଧ୍ୟ ପାଇଲେ। ଏପରି ଘଟଣା ଦେଖିବାକୁ ମିଳିଛି ସମ୍ବଲପୁରରେ। ବିଳମ୍ବିତ ଟ୍ରେନ୍ ଚଳାଚଳ ପାଇଁ ଅଦାଲତ ସମ୍ପୃକ୍ତ ଯାତ୍ରୀଙ୍କୁ ୫୫ ହଜାର ଟଙ୍କା କ୍ଷତିପୂରଣ ଦେବା ପାଇଁ ରେଳବାଇକୁ ନିର୍ଦ୍ଦେଶ ଦେଇଛନ୍ତି। ଯାତ୍ରୀଙ୍କ ସମସ୍ୟା ପାଇଁ ୫୦ ହଜାର ଟଙ୍କା, ମାମଲା ଖର୍ଚ୍ଚ ବାବଦକୁ ୫ ହଜାର ଟଙ୍କା ଏବଂ ଟିକଟ ବାବଦରେ ୭୦ ଟଙ୍କା ଫେରସ୍ତ ଦେବା ଲାଗି ନିର୍ଦ୍ଦେଶ ହୋଇଛି।

ସୂଚନା ଅନୁସାରେ ପ୍ରତୀକ ମହାପାତ୍ର ନାମକ ଜଣେ ଆଇନ୍‌ଜୀବୀ ଗତବର୍ଷ ଜୁଲାଇ ୧୭ ତାରିଖରେ ଏକ ଜରୁରୀ ମାମଲା ପରିଚାଳନା ପାଇଁ ଅନୁଗୁଳ ପରିବାର ଅଦାଲତରେ ପହଞ୍ଚିବାର ଥିଲା। ସେଥିପାଇଁ ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଟ୍ରେନ୍‌ରେ ଅନୁଗୁଳ ଯିବା ଲାଗି ସେ ଏକ ଜେନେରାଲ ଟିକଟ କାଟି ସମ୍ବଲପୁର ସିଟି ଷ୍ଟେସନ୍‌ରୁ ଯାତ୍ରା ଆରମ୍ଭ କରିଥିଲେ। ତେବେ ଏହି ଟ୍ରେନ୍ ଧାର୍ଯ୍ୟ ସମୟର ତିନି ଘଣ୍ଟା ବିଳମ୍ବରେ ଅନୁଗୁଳରେ ପହଞ୍ଚିଥିଲା। ଏଥିରେ କ୍ଷୋଭ ପ୍ରକାଶ କରି ଶ୍ରୀ ମହାପାତ୍ର ସମ୍ବଲପୁର ଖାଉଟି ଅଦାଲତରେ ରେଳବାଇର ଅବହେଳାକୁ ଦାୟୀ କରି ମାମଲା ରୁଜୁ କରିଥିଲେ। କାଗଜପତ୍ର ଯୋଗାଡ଼ କରିବାରେ ସମୟ ଲାଗିବାରୁ ଶ୍ରୀ ମହାପାତ୍ର ଗତବର୍ଷ ଅକ୍ଟୋବର ମାସରେ ମାମଲା ରୁଜୁ କରିଥିଲେ। ଚଳିତ ମାସ ୧୫ ତାରିକରେ ଅଦାଲତ ମାମଲାର ରାୟ ପ୍ରକାଶ କରି ଶ୍ରୀ ମହାପାତ୍ରଙ୍କୁ ୫୫୦୭୦ ଟଙ୍କା କ୍ଷତିପୂରଣ ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସମ୍ପୃକ୍ତ ଟ୍ରେନ୍ ଯେପରି ନିର୍ଦ୍ଧାରିତ ସମୟରେ ଚଳାଚଳ କରିବ ତାହା ସୁନିଶ୍ଚିତ କରିବା ପାଇଁ ମଧ୍ୟ ପୂର୍ବତଟ ରେଳପଥକୁ ନିର୍ଦ୍ଦେଶ ଦିଆଯାଇଛି।

## ପୁତ୍ର ହତ୍ୟାକାରୀ ବାପା ଓ ସାବତ ମା'ଙ୍କୁ ଆଜୀବନ ଜେଲ୍

**ବାଲେଶ୍ୱର, ୧୯।୪(ସମିସ):** ଦିବ୍ୟାଙ୍ଗ ପୁଅକୁ ବୋଝ ଭାବି ହତ୍ୟା କରିବା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଏହି ମାମଲାର ରାୟ ଶୁଣାଇଛନ୍ତି ବାଲେଶ୍ୱର ଓପିଆଇଡି କୋର୍ଟ ଜଜ୍ ବିଶ୍ୱଜିତ ଦାସ। ହତ୍ୟାକାରୀ ବାପା ଓ ସାବତ ମାଆକୁ ଆଜୀବନ କାରାଦଣ୍ଡ ସହ ଉଭୟଙ୍କୁ ୫ ହଜାର ଟଙ୍କା ଲେଖାଏଁ ଜରିମାନା ଅନାଦେୟ ଅଧିକ ୬ ମାସ ଦଣ୍ଡାଦେଶ ହୋଇଛି। ଦିବ୍ୟାଙ୍ଗ ନାବାଳକର ବାପା ଗଣେଶ ଜେନା ଓ ସାବତ ମାଆ ପ୍ରତିମା ଜେନାକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି କୋର୍ଟ। ଗଣେଶ ଜେନାଙ୍କ ପ୍ରଥମ ପତ୍ନୀ ସ୍ୱାମୀ ଓ ଦିବ୍ୟାଙ୍ଗ ପୁଅକୁ ଛାଡି କୁଆଡ଼େ ପଳାଇଥିଲେ। ପରେ ଗଣେଶ ଜେନା ପ୍ରତିମା ଜେନାକୁ ଦ୍ୱିତୀୟ ବିବାହ କରିଥିଲେ। ଉଭୟ ସହରସ୍ଥିତ ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଚାନ୍ଦମାରୀ ପଡ଼ିଆ ଅଞ୍ଚଳରେ ରହୁଥିଲେ। ପରବର୍ତ୍ତୀ ସମୟରେ ଉଭୟ ୧୪ବର୍ଷର ଦିବ୍ୟାଙ୍ଗ ସନ୍ତାନକୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ୨୦୨୨ ମସିହା ଅଗଷ୍ଟ ୪ରେ ଗଣେଶ ଓ ପ୍ରତିମା ମିଶି ଦିବ୍ୟାଙ୍ଗ ପୁଅକୁ ଘରେ ବନ୍ଦ କରି ତଣ୍ଟି ଚିପି ହତ୍ୟା କରିଥିଲେ। ପରେ ମୃତଦେହକୁ ନେଇ ସହଦେବଖୁଣ୍ଟା ଥାନା ଅଧୀନ ନୁଣିଆ ଖୋଡ଼ି ପୋଲ ତଳକୁ ଫିଙ୍ଗି ଦେଇଥିଲେ। ଘଟଣା ନେଇ ଖନ୍ତାପଡ଼ା ଥାନା ଅଞ୍ଚଳରେ ରହୁଥିବା ମୃତ ଦିବ୍ୟାଙ୍ଗ ନାବାଳକର ଜେଜେ ମାଆ ଶାନ୍ତିଲତା ଜେନା ହତ୍ୟାକାରୀ ପୁଅ ଓ ବୋହୂ ନାମରେ ଅଭିଯୋଗ ଆଣିଥିଲେ।

# ଅବଶିଷ୍ଟାଂଶ...

### ୧୦୨ ଆସନରେ...

ଜଗଦଲପୁର ମେଡିକାଲ କଲେଜକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଉସୁର କ୍ଷେତ୍ରର ଭୈରମଗଡ଼ ଚହଟାରେ ଗ୍ରେନେଡ୍ ବିସ୍ଫୋରଣ ହୋଇଥିଲା। ଏଥିରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମନୁ ଆହତ ହୋଇଥିଲେ। ଏହାବ୍ୟତୀତ ଇନର୍ ମଣିପୁର ଲୋକସଭା ଆସନ ଅନ୍ତର୍ଗତ ଥାମନପୋକପି ଭୋଟ କେନ୍ଦ୍ରରେ ସଶସ୍ତ୍ର ଉଗ୍ରବାଦୀମାନେ ଗୁଳିଚାଳନା କରିଥିବା ଖବର ମିଳିଛି। ପ୍ରତିବାଦରେ ସ୍ଥାନୀୟ ଭୋଟରମାନେ ଇଭିଏମ୍ ମେସିନ୍ ଭାଙ୍ଗିଦେଇଛନ୍ତି। ମଣିପୁରର ଇଷ୍ଟ ଇମ୍ଫାଲର ଦୁଇଟି ଓ ୱେଷ୍ଟ ଇମ୍ଫାଲର ୩ଟି ବୁଥ୍‌ରେ ଅନିୟମିତତା ଅଭିଯୋଗରେ ଲୋକେ ହଙ୍ଗାମା କରିବାରୁ ଭୋଟ ଗ୍ରହଣ ବନ୍ଦ ରଖାଯାଇଛି। ସେହିପରି ଉତ୍ତରପ୍ରଦେଶର ନାଗିନା ଲୋକସଭା ନିର୍ବାଚନମଣ୍ଡଳୀରେ ୧୦ରୁ ଅଧିକ ବୁଥ୍‌ରେ ଇଭିଏମ୍ ମେସିନ୍ କାମ କରୁ ନ ଥିବା ଓ କେତେକ ବୁଥ୍‌ରେ ଲାଗିଥିବା ସିସିଟିଭି କ୍ୟାମେରା କାମ କରୁ ନ ଥିବା ଅଭିଯୋଗ ମିଳିଛି। ମୁଜାଫରନଗର ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଥାନ୍ଧେରା ଗ୍ରାମର ଲୋକେ ଭୋଟ ବର୍ଜନ କରିଛନ୍ତି। ଉତ୍ତରାଖଣ୍ଡର ଆଲମୋରା ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶୂନ୍ୟକୋଟ ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି। ମୁଜାଫରନଗରରେ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ସଞ୍ଜୀବ ବାଲ୍ୟାନଙ୍କ ସମର୍ଥକମାନେ ବାଲ୍ୟାନଙ୍କ ଗ୍ରାମ କୁତବା-କୁତବୀରେ ବୁଥ୍ ଜବରଦଖଲ କରିଥିବା ଅଭିଯୋଗ କରିଛନ୍ତି ସେହି ଆସନର ସମାଜବାଦୀ ପାର୍ଟି ପ୍ରାର୍ଥୀ ହାରେନ୍ଦ୍ର ମଲ୍ଲିକ। ଉତ୍ତରପ୍ରଦେଶର ରାମପୁର ଓ ମୁଜାଫରନଗର ଲୋକସଭା ନିର୍ବାଚନମଣ୍ଡଳୀର ଅନେକ ବୁଥ୍‌ରେ ଇଭିଏମ୍ ମେସିନ୍ ଖରାପ ଥିବା ତଥା ଠିକ୍ କାମ କରୁ ନ ଥିବା ସମାଜବାଦୀ ପାର୍ଟି ଅଭିଯୋଗ କରିଛି। ପଶ୍ଚିମବଙ୍ଗର କୁଚବେହାର ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚାନ୍ଦମାରିରେ ତୃଣମୂଳ କଂଗ୍ରେସ ଓ ବିଜେପି କର୍ମୀଙ୍କ ମଧ୍ୟରେ ସଂଘର୍ଷ ଓ ପଥର ଫିଙ୍ଗାରେ ତୃଣମୂଳ କଂଗ୍ରେସର ଜଣେ କାର୍ଯ୍ୟକର୍ତ୍ତା ଗୁରୁତର ଆହତ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅରୁଣାଚଳ ପ୍ରଦେଶର ନିଆଉସା ଗ୍ରାମରେ ଦୁଇ ରାଜନୈତିକ ଦଳର ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳରେ ପଥର ମାଡ଼ରେ ଅନେକ ଲୋକ ଆହତ ହୋଇଛନ୍ତି।

ଏହି ପର୍ଯ୍ୟାୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସଏସ) ମୁଖ୍ୟ ମୋହନ ଭାଗବତ, ବରିଷ୍ଠ କଂଗ୍ରେସ ନେତା ପି ଚିଦାମ୍ବରମ, ମେଘାଳୟ ମୁଖ୍ୟମନ୍ତ୍ରୀ କରନାଡ୍ ସାଙ୍ଗମା, ବିଜେପିର ତାମିଲନାଡୁ ରାଜ୍ୟ ଶାଖା ସଭାପତି କେ ଆନ୍ନାମଲାଇ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନ, ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ପନିରସେଲଭମ୍, ତେଲଙ୍ଗାନାର ପୂର୍ବତନ ରାଜ୍ୟପାଳ ଟି ସୌନ୍ଦରାରାଜନ, ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହ, ଉତ୍ତରାକଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି, ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ, ସଦଗୁରୁ ଜାଗି ବାସୁଦେବ, ଅଭିନେତା ରଜନୀକାନ୍ତ, କମଲ ହାସନ, ଅଜିଥ, ବିଜୟ, ଧନୁଷ ପ୍ରମୁଖ ଭୋଟ ଦେଇଛନ୍ତି। ଅସୁସ୍ଥ ଥିବା ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲ ଭୋଟ୍ ଫ୍ରମ୍ ହୋମ୍ ବ୍ୟବସ୍ଥାରେ ମତଦାନ କରିଛନ୍ତି।

### ଅସହ୍ୟ, ଅସମ୍ଭାଳ...

ରଖି ବିଭିନ୍ନ ଜିଲ୍ଲା ପାଇଁ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି ହୋଇଛି। ସେହିପରି ରବିବାର ତାତିର ପ୍ରକୋପ ସାମାନ୍ୟ ହ୍ରାସ ପାଇବ। ସେହିଦିନ ଅପରାହ୍ନରେ କାଳବୈଶାଖୀଜନିତ ବର୍ଷା ଆଶଙ୍କା ଥିବାରୁ ପାଗରେ ପରିବର୍ତ୍ତନ ଆସିବ ବୋଲି ଆକଳନ କରାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଶୁକ୍ରବାର ରାଜ୍ୟର ମୟୂରଭଞ୍ଜ, ବୌଦ୍ଧ, କଟକ, କେନ୍ଦୁଝର, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ନବରଙ୍ଗପୁର, ଗଞ୍ଜାମ, ଖୋର୍ଦ୍ଧା, ଦେବଗଡ଼ ଏବଂ ଢେଙ୍କାନାଳ ଜିଲ୍ଲାରେ ଗ୍ରୀଷ୍ମ ଲହରୀ ଅନୁଭୂତ ହୋଇଛି। ଏଥିସହ ଚଳିତ ଏପ୍ରିଲ୍‌ରେ ୭ ଦିନ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇସାରିଛି। ଆଗାମୀ ୨୪ଘଣ୍ଟା ମଧ୍ୟରେ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନ ଥିବା ବେଳେ ପରବର୍ତ୍ତୀ ୩ ଦିନ ମଧ୍ୟରେ ପଶ୍ଚିମା-ଝଡ଼ ଦ୍ୱାରା କାଳବୈଶାଖୀ ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ଦିନ ତାପମାତ୍ରା ୨ରୁ ୩ ଡିଗ୍ରୀ ଯାଏଁ ହ୍ରାସ ଘଟିବାରେ ସମ୍ଭାବନା ରହିଛି। ୨୧ରୁ ୨୪ ମଧ୍ୟରେ ରାଜ୍ୟରେ ତାତିରୁ ସାମୟିକ ଆଶ୍ୱସ୍ତି ମିଳିପାରେ।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ରାଜ୍ୟର ଉତ୍ତର ଆଭ୍ୟନ୍ତରର ବାରିପଦାରୁ ଝାରସୁଗୁଡ଼ା, କେନ୍ଦ୍ରୀୟ ଓଡ଼ିଶାର ଅନୁଗୁଳରୁ ବୌଦ୍ଧ, ଦକ୍ଷିଣ ଆଭ୍ୟନ୍ତରୀଣର ପାରଳାଖେମୁଣ୍ଡି, ରାୟଗଡ଼ା, ମାଲକାନଗିରି ଓ ଆଭ୍ୟନ୍ତର ଗଞ୍ଜାମରେ ଅନେକ ସ୍ଥାନରେ ମାସ ଶେଷ ପର୍ଯ୍ୟନ୍ତ ସର୍ବାଧିକ ତାପମାତ୍ରା ୪୩ରୁ ୪୫ ଡିଗ୍ରୀ ମଧ୍ୟରେ ରହିବ। ଉପକୂଳରେ ପୁରୀଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ଆସନ୍ତା ୩ଦିନ ମଧ୍ୟରେ ତାପମାତ୍ରା ପ୍ରାୟ ୨ରୁ ୩ଡିଗ୍ରୀ କମ୍ ରହିପାରେ। ତେବେ ୨୫ରୁ ପୁଣି ସାମୁଦ୍ରିକ ଦକ୍ଷିଣା-ପୂର୍ବା ପବନ ହେତୁ ଆଂଶିକ ମେଘୁଆ ସହିତ ତାପମାତ୍ରା କମିବ। ଆସନ୍ତା ଏପ୍ରିଲ ୨୨ରେ କିଛି ସ୍ଥାନରେ କାଳବୈଶାଖୀ ବର୍ଷା ହୋଇପାରେ। ସୋନପୁର, ସମ୍ବଲପୁର, ଭୁବନେଶ୍ୱର, ଖୋର୍ଦ୍ଧାରେ ଏହି ବର୍ଷା ହେତୁ ୨୨ରୁ ୨୪ ପର୍ଯ୍ୟନ୍ତ ତାପମାତ୍ରା କିଛି କମି ୪୦ ଡିଗ୍ରୀ ପାଖାପାଖି ରହିବ। ଏପ୍ରିଲ ୨୫ରୁ ସାରା ରାଜ୍ୟରେ ତାପମାତ୍ରା ଖୁବ୍ ବଢ଼ିବ। ଭୁବନେଶ୍ୱର ଅନୁଗୁଳ, ଝାରସୁଗୁଡ଼ା, ରାୟଗଡ଼ା ଆଦି କେତେକ ସ୍ଥାନରେ ତାପମାତ୍ରା ଏହି ସମୟରେ ୪୬ଡିଗ୍ରୀ ଅତିକ୍ରମ କରିପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ସେହିପରି ସୋଆ ପରିଚାଳିତ ଜଳବାୟୁ କେନ୍ଦ୍ର (ସିଇସି) ପକ୍ଷରୁ କୁହାଯାଇଛି ଯେ ବଙ୍ଗୋପସାଗରରେ ଆଣ୍ଟି ସାଇକ୍ଲୋନ ସୃଷ୍ଟି ହେବାର ସମ୍ଭାବନା କାରଣରୁ ଓଡ଼ିଶାରେ ଆସନ୍ତା ୨୧ ତାରିଖ ଠାରୁ ପ୍ରଚଣ୍ଡ ଖରା ତାତିରୁ କିଛିଟା ଆଶ୍ୱସ୍ତି ମିଳିପାରେ। ବର୍ତ୍ତମାନ ଜାରି ରହିଥିବା ଖରା ତାତି ଆଉ ଗୋଟିଏ ଦିନ ରହିବାର ସମ୍ଭାବନା ଥିବା ବେଳେ ଏପ୍ରିଲ ୨୧ ତାରିଖରୁ ସମୁଦ୍ର ଆଡୁ ଉପକୂଳ ଅଂଚଳକୁ ଦୁର୍ବଳ ବାୟୁ ପ୍ରବାହ ହେବ। ଏହା ଏପ୍ରିଲ ୨୫ ପର୍ଯ୍ୟନ୍ତ ଜାରି ରହିପାରେ ବୋଲି ସିଇସିର ନିର୍ଦ୍ଦେଶକ ଡକ୍ଟର ଶରତ ଚନ୍ଦ୍ର ସାହୁ କହିଛନ୍ତି। ଏପ୍ରିଲ୍ ୨୧ ଏବଂ ଏହାର ପରବର୍ତ୍ତୀ ଦିନ ଉପକୂଳ ଓ ଦକ୍ଷିଣ ଓଡ଼ିଶାର କେତୋଟି ଜିଲ୍ଲାରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ତେବେ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ଦିନର ତାପମାତ୍ରା ୩୮ରୁ ୪୧ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ଉପକୂଳବର୍ତ୍ତୀ ଅଂଚଳରେ ୩୭ରୁ ୩୯ ଡିଗ୍ରୀ ସେଲ୍‌ସିଅସ ମଧ୍ୟରେ ରହିପାରେ। ତେବେ ଏପ୍ରିଲ୍ ୨୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଦିନର ତାପମାତ୍ରା ବୃଦ୍ଧିପାଇ ଏପ୍ରିଲ୍ ୨୮ ତାରିଖ ପରେ ୪୪ରୁ ୪୫ ଡିଗ୍ରୀ ସେଲସିଅସ ରହିପାରେ ବୋଲି ଡଃ ସାହୁ କହିଛନ୍ତି।

### ଜୀବନ ନେଲା...

ବ୍ୟବଚ୍ଛେଦ ରିପୋର୍ଟରେ ଏହା ଅଂଶୁଘାତ ଜନିତ ମୃତ୍ୟୁ ନୁହେଁ ବୋଲି ସ୍ପଷ୍ଟ ହୋଇଥିବା ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ରଙ୍କ ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ଅଂଶୁଘାତ ଓ ହିଟ୍ ରିଲେଟେଡ ଇଲନେସ (ଗ୍ରୀଷ୍ମ ପ୍ରବାହ ଜନିତ ଅସୁସ୍ଥତା) ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ୭୧ ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୫ ଜଣ, ମୟୂରଭଞ୍ଜରେ ୭ ଓ ଅନୁଗୋଳରେ ୭ ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେହିପରି ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ୬ ଜଣ ହିଟ୍ ରିଲେଟେଡ ଇଲନେସ ପାଇଁ ଭର୍ତ୍ତି ହୋଇଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ପୂର୍ବରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଆବଶ୍ୟକ ଔଷଧ ରଖାଯିବାକୁ ବ୍ୟବସ୍ଥା ହୋଇଛି। ତେବେ ଅତି ଆବଶ୍ୟକ ନ ପଡ଼ିଲେ ବୟସ୍କ, ବିଭିନ୍ନ ରୋଗରେ ଆକ୍ରାନ୍ତ ବ୍ୟକ୍ତି ଓ ଗର୍ଭବତୀ ମହିଳାମାନେ ଖରାରେ ବାହାରକୁ ନ ଯିବାକୁ ଡାକ୍ତର ମିଶ୍ର ପରାମର୍ଶ ଦେଇଛନ୍ତି। ଯଦି ଏହି ସମୟରେ କେହି ବାହାରକୁ ଯାଉଛନ୍ତି, ତା'ହେଲେ ସାଙ୍ଗରେ ଛତା, ପାଣି ଆଦି ନେବା ସହ ମୁଣ୍ଡରେ ଓଦା କପଡ଼ା ପକାଇ ବାହାରକୁ ଯିବାକୁ ଡାକ୍ତର ମିଶ୍ର କହିଛନ୍ତି।

### ଜଣେ ମୃତ...

ସେଠାରେ ଗୋଟିଏ ଡଙ୍ଗାରେ ଦୁଇ ଥର କରି ପାରି ହୋଇଥିଲେ। ସେଠାରୁ ପୂଜାର୍ଚ୍ଚନା କରିବା ପରେ ଅପରାହ୍ନ ୩ଟା ୧୫ରେ ୫୨ଜଣ ଡଙ୍ଗାରେ ସେଠାରୁ ବାହାରିଥିଲେ। ଡଙ୍ଗାରେ ୪୦ ଜଣ ପୁରୁଷ, ୬ ଜଣ ମହିଳା ୪ ଜଣ ଶିଶୁ ଓ ଛତିଶଗଡ଼ରୁ ଆସିଥିବା ୨ ଜଣ ନାଉରିଆ ମୋଟ ୫୨ଜଣ ଉକ୍ତ ଯାତ୍ରା କରୁଥିଲେ। ଦୁଇଥର କରି ଡଙ୍ଗାରେ ନେବାକୁ ଲୋକେ କହିଥିଲେ ମଧ୍ୟ ଡଙ୍ଗାଚାଳକ ସମସ୍ତଙ୍କୁ ଏକାଥରକେ ସାଙ୍ଗରେ ନେବାକୁ ଜିଦ ଧରିଥିଲା। ଏଥିରେ କିଛି ହେବ ନାହିଁ ବୋଲି ଭରସା ଦେଇଥିଲା। ଡଙ୍ଗାରେ ୨ଟି ବାଇକ୍ ମଧ୍ୟ ରଖାଯାଇଥିଲା। କିନ୍ତୁ ଡଙ୍ଗାଟି ମଝି ନଈରେ ବୁଡ଼ିବାକୁ ଆରମ୍ଭ କରିଥିଲା। ଡଙ୍ଗା ଭିତରୁ ଜୋରରେ ପାଣି ବାହାରିବା ସହ ଦେଖୁ ଦେଖୁ ବୁଡ଼ିଯାଇଥିଲା। ଡଙ୍ଗାରେ ଅଧିକାଂଶ ମହିଳା ଓ ଶିଶୁ ରହିଥିଲେ। ଏହା ଦେଖି ଆଖପାଖରେ ଥିବା ମତ୍ସ୍ୟଜୀବୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

ଏହି ଅଘଟଣରେ ରାୟଗଡ଼ ଜିଲ୍ଲା ଖରସିଆ ଅଞ୍ଜୁରୀପାଲିର ରାଧିକା ନିଶାଦ(୪୦)ଙ୍କର ମୃତ୍ୟୁ ହୋଇଛି। ମାନସିକ ପାଇଁ ଆସିଥିବା ଯାତ୍ରୀଙ୍କ ମଧ୍ୟରେ ଥିବା ଏକ ତିନି ମାସର ଶିଶୁ ମାଁ ପଥରସେନୀଙ୍କ କୃପାରୁ ବଞ୍ଚି ଯାଇଥିବା ଜଣାପଡ଼ିଛି। ଏହି ଦୁର୍ଘଟଣାରେ ଏବେ ମଧ୍ୟ ୭ ଜଣ ଯାତ୍ରୀ ନିଖୋଜ ରହିଛନ୍ତି। ଖବରପାଇ ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ମହାନଦୀରେ ଖୋଜାଖୋଜି କରିଥିଲେ ହେଁ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇନାହାନ୍ତି। ପରେ ଓଡ୍ରାଫ ଦଳ ପହଞ୍ଚି ରାତିରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା। ଏହ ଘଟଣାରେ ରେଙ୍ଗାଲି ପୁଲିସ ଦୁଇ ନାଉରିଆ ବବୁଲୁ ଭୋଇ ଓ ଡଙ୍ଗା ମାଲିକ ଜିତୁ କାଲୋକୁ ଗିରଫ କରିଛି।

ଘଟଣାସ୍ଥଳରେ ଝାରସୁଗୁଡ଼ା ଜିଲ୍ଲାପାଳ ଅବୋଲି ସୁନିଲ ନରୱଣେ, ଏସପି ପରମାର ସ୍ମିଥ ପୁରୋଷତ୍ତମ ଦାସ, ଏସଡ଼ିପିଓ ଚିନ୍ତାମଣୀ ପ୍ରଧାନ, ଛତିଶଗଡ଼ ରାୟଗଡ଼ ଜିଲ୍ଲାପାଳ କାର୍ତ୍ତିକେୟ ଗୋୟଲ, ଏସପି ଦିବ୍ୟାଙ୍ଗ ପଟେଲଙ୍କ ସହିତ ସଶସ୍ତ୍ର ପୁଲିସ ବାହିନୀ ଶରଧାରେ ପହଞ୍ଚି ତଦାରଖ କରିଛନ୍ତି। ସମ୍ବଲପୁର ପୁଲିସ ଆଇଜି ହିମାଂଶ ଶେଖର ଲାଲ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ଖବର ପାଇ ଅମ୍ବାଭୋନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଙ୍କର ବାଗ, ଥାନା ଏଏସଆଇ ସତ୍ୟାନନ୍ଦ ଭୋଇ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ଘଟଣାସ୍ଥଳକୁ ବିଜେଡି ନେତା ସୁବ୍ରତ ସିଂ, ଲିଙ୍ଗ ଗୁରୁ, ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ, ଖେଟବ୍ରତ ସାହୁ ପ୍ରମୁଖ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ।

### ଶୋକବ୍ୟକ୍ତ କଲେ...

ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣାସ୍ଥଳରେ ଆରଡ଼ିସି, ଝାରସୁଗୁଡା ଜିଲ୍ଲାପାଳ ଓ ଏସ୍‌ପି ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି। ଉଦ୍ଧାର କାର୍ଯ୍ୟରେ ସମନ୍ୱୟ ପାଇଁ ମୁଖ୍ୟମନ୍ତ୍ରୀ ମୁଖ୍ୟ ଶାସନ ସଚିବ ଓ ଏସ୍‌ଆରସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିଖୋଜ ମାନଙ୍କୁ ଉଦ୍ଧାର କରିବାପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫ ଜଣ ସ୍କୁବା ଡାଇଭର୍, ୨ ଟି ସର୍ଚ୍ଚ କ୍ୟାମେରା ବିମାନ ଯୋଗେ ଝାରସୁଗୁଡା ପଠାଯାଇଛି। ସୂଚନାଯୋଗ୍ୟ ଯେ ନୌକାରେ ଥିବା ସମସ୍ତ ଯାତ୍ରୀ ଛତିଶଗଡ଼ ଖରସେନି ଅଞ୍ଚଳର ବୋଲି ସୂଚନା ମିଳିଛି।

### ଘରେ ପଶି...

ଆଜି ଜୟଦେବ ସାନବଜାରସ୍ଥିତ ନିଜ ବାସଭବନରେ ଶୋଇଥିବା ବେଳେ ମାନସ ଏକ ଧାରୁଆ ଅସ୍ତ୍ରରେ ଜୟଦେବଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜୟଦେବଙ୍କୁ ଯାଜପୁର ମେଡିକାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ମାନସ ଯାଜପୁର ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ଏ ନେଇ ମୃତକଙ୍କ ପରିବାର ପକ୍ଷରୁ ଯାଜପୁର ଥାନାରେ ଅଭିଯୋଗ କରାଯାଇଥିଲା। ଯାଜପୁର ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି।

### 'ବିଦ୍ରୋହ ଭଉଁରି'ରେ...

ବହୁ କର୍ମୀ ଓ ନେତା ରାଜ୍ୟ ସଭାପତି ମନମୋହନ ସାମଲ ଓ ତାଙ୍କ ସହଯୋଗୀଙ୍କୁ କାଠଗଡ଼ାକୁ ଟାଣିଛନ୍ତି।

ସାନଖେମୁଣ୍ଡିର ବିଜେପି ଅଶାୟୀପ୍ରାର୍ଥୀ ପ୍ରଦୀପ ପତ୍ରୀ କହିଛନ୍ତି ଯେ ବିଜେପି ସଭାପତିଙ୍କ ଦୁଇ ସହଯୋଗୀ ତାଙ୍କୁ ୫୦ ଲକ୍ଷ ଟଙ୍କା ମାଗିଥିଲେ। କିନ୍ତୁ ସେ ଏହି ଟଙ୍କା ଦେବାକୁ ଅସମର୍ଥ ହେବାରୁ ତାଙ୍କ ଟିକଟ କାଟି ଅନ୍ୟ ଜଣଙ୍କୁ ସେଠାରୁ ଟିକଟ ଦିଆଯାଇଛି। ଶ୍ରୀ ପତ୍ରୀଙ୍କ ଏଭଳି ଅଭିଯୋଗ ପରେ ଆଜି ରାଜ୍ୟ ବିଜେପି ପାର୍ଟି ଅଫିସ୍ ଉଠିଛି ପଡିଛି। ଶତାଧିକ କର୍ମୀଙ୍କୁ ନେଇ ଶ୍ରୀ ପତ୍ରୀ ହୋହଲ୍ଲା କରିଛନ୍ତି। ଗତକାଲି କାକଟପୁର ବିଜେପି କର୍ମୀଙ୍କ ଦ୍ୱାରା ପାର୍ଟି ଅଫିସ ରଣକ୍ଷେତ୍ର ପାଲଟିଥିଲା। ଆଜି ଗଞ୍ଜାମ ନେତାଙ୍କ ଗର୍ଜନରେ ବିଜେପି କାର୍ଯ୍ୟାଳୟ ପ୍ରକମ୍ପିତ ହୋଇଛି। ଆଜି ସାନଖେମୁଣ୍ଡିର ନେତା ବଡ଼ ବିଦ୍ରୋହ କରି ସେମାନଙ୍କ ଶକ୍ତି ପ୍ରଦର୍ଶନ କରିଛନ୍ତି। ଉତ୍ତମ ପାଣିଗ୍ରାହୀଙ୍କ ଟିକଟ କାଟିବାକୁ ସେମାନେ ଦାବି କରିଛନ୍ତି।

ସେହିପରି ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ମଧ୍ୟ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଭାରତୀୟ ଜନତା ପାର୍ଟି ସଞ୍ଜଲି ମୁର୍ମୁଙ୍କୁ ସେଠାରୁ ବିଧାନସଭା ପ୍ରାର୍ଥୀ କରିଛି। ହେଲେ ତାଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରିଛନ୍ତି ପାର୍ଟିର ବହୁ ନେତା ଓ କର୍ମୀ। ବାରିପଦାର ଏକ ଘରୋଇ ପାନ୍ଥନିବାସରେ ମେଳି ହୋଇ ଲଢ଼େଇ କରିବାକୁ ପ୍ରସ୍ତୁତ ହୋଇଛନ୍ତି ବିଜେପି କର୍ମୀ। ରାଜ୍ୟ ନେତୃତ୍ୱଙ୍କୁ ପ୍ରାର୍ଥୀ ପରିବର୍ତ୍ତନ ପାଇଁ ଦାବି ଜଣାଇବାକୁ ନକ୍ସା ପ୍ରସ୍ତୁତ କରିଛନ୍ତି। ବାଙ୍ଗିରିପୋଷି ବିଧାନସଭା ପ୍ରାର୍ଥୀ ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ଦଳର ନେତାମାନେ ଅଭିଯୋଗ କରିଛନ୍ତି। ଏହି ପ୍ରତିବାଦ ସଭାରେ ପୂର୍ବତନ ସାଂସଦ ଲକ୍ଷଣ ଟୁଡୁ, ବିଜେପିର ବରିଷ୍ଠ କର୍ମକର୍ତ୍ତା ତଥା ରାଜ୍ୟ ସମ୍ପାଦକ ଫାଗୁ ହେମ୍ବ୍ରମ, ଶାମାଖୁଣ୍ଟା, କୁଳିଅଣା ଓ ବାଙ୍ଗିରିପୋଷି ବ୍ଲକର ବିଜେପିର ସାଙ୍ଗଠନିକ କର୍ମକର୍ତ୍ତା ଓ ନିର୍ବାଚିତ ଲୋକପ୍ରତିନିଧି ଯୋଗଦାନ ବିଜେପି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଆଗାମୀ ଦିନରେ ବିଜେପି ପାଇଁ ବଡ଼ ଆହ୍ୱାନ ସୃଷ୍ଟି ହେବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ପଟାମୁଣ୍ଡାଇ ବିଜେପିରେ ବି ସୃଷ୍ଟି ହୋଇଛି ଅସନ୍ତୋଷର ଘୂର୍ଣ୍ଣି। ଲଳିତଙ୍କ ପ୍ରାର୍ଥିତ୍ୱକୁ ଦଳର ନେତାମାନେ ବିରୋଧ କରିଛନ୍ତି। ବିଜେପିର ସତ୍ତା ହଜାଇ ଦେବାକୁ ଚେତାବନୀ ଦେଇଛନ୍ତି। କେତେବେଳେ ଧସ୍ତାଧସ୍ତି ତ କେତେବେଳେ ରକ୍ତାକ୍ତ ଯୁଦ୍ଧ। ପ୍ରାର୍ଥୀ ଘୋଷଣା ପରେ ବିଜେପି ବନାମ ବିଜେପି ଯୁଦ୍ଧ ଚାଲିଛି। ନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ବିଦ୍ରୋହୀଙ୍କ ହଙ୍ଗାମା ରାଜ୍ୟର ଶୀର୍ଷ ନେତୃତ୍ୱଙ୍କ ନିଦ ହଜାଇ ଦେଇଛି। ପ୍ରଶ୍ନ ଉଠୁଛି ଏବେ ବିଜେପି କାହା ସହ ଲଢିବ। ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ନା ନିଜ ଦଳର କର୍ମୀଙ୍କ ସହ ?

**NOTICE**

The Partnership firm bearing Regn No. 935/16 Dt. 15.11.2016 in the name & style M/S OM SRI SAI FILLING STATION situated At/Po/Ps:- Tarbha, Dist:-Subarnapur Pin:- 767016, Odisha is hereby dissolved w.e.f. 01.04.2024 i.e. the date of execution of the dissolution deed. (1) Ipsita Sahu & (2) Satish Kumar Sahu are the outgoing partners.
Ipsita Sahu Satish Ku Sahu
Partner.

**AFFIDAVIT**

I, Ramakanta Swain, resident of plot no.12/1350, Mahaveer nagar, Botanda, Sundarpada, Ps- Airfield, Dist- Khurda, Pin- 751002, Odisha declared by this affidavit no. 305, dated- 12.04.24 that my father's name Jayaram Swain actual and correct name as written in my all documents. But in my passport my father's name has been inadvertentlymentioned as **JAIRAM SWAIN**. So both are the same and one person is my father.

**Lost Certificate**

I, **Sitansu Das**, S/o Ramachandra Das, resident of Sinduria (Mahanti Sahi), PS/Dist- Nayagarh, Pin-752069 have lost my original B.Tech Certificate **(Regd. No.1321360093, No. D09170123118,** Academic Year **2015-16** in somewhere.

ସକାଳ
THE SAKALA



## ଅଂଶୁଘାତ ମୃତ୍ୟୁ ଅଭିଯୋଗ

**ଯୋଡା,୧୯।୪(ସମିସ):** ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ କୁଟାରିପୋଷି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଆକସ୍ମିକ ମୃତ୍ୟୁ ଘଟିଥିବା ପୁଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ବ୍ୟକ୍ତି ଜଣକ ହେଲେ ଉକ୍ତ ଗ୍ରାମର ଟଙ୍କଧର ମହାନ୍ତ(୪୫)। ସେ ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ଦୈନିକ ସେ ବାଇକ୍ ଯୋଗେ ଶୁକୃଳି ଅଞ୍ଚଳରେ କାମ କରି ଘରକୁ ଫେରନ୍ତି। ଗୁରୁବାର ମଧ ସେହିପରି ଯାଇ ଅପରାହ୍ନରେ ଘରକୁ ଫେରି ଖାଇ ପିଇ ଘରେ ବସିଥିଲେ। ତେବେ ହଠାତ୍ ସେ ତଳେ ପଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଚମ୍ପୁଆ ସ୍ଥିତ ଡାକ୍ତରଖାନାକୁ ନେଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବିଲେଇପଦା ଫାଣ୍ଡିରେ ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ ୧୬/୨୪ ରୁଜୁ ହୋଇଛି। ପ୍ରବଳ ଖରାରେ ଦୈନିକ ଯା'ଆସ କରୁଥିବାରୁ ପରିବାର ଲୋକେ ଏହା ଅଂଶୁଘାତ ଜନିତ ମୃତ୍ୟୁ ବୋଲି ସନ୍ଦେହ କରିଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ଏହା ଜଣାପଡ଼ିବ ବୋଲି ଫାଣ୍ଡି ଅଧିକାରୀ ସୁରେଶ କୁମାର ସାହୁ ସୂଚନା ଦେଇଛନ୍ତି। କିଛିଦିନ ହେବ ଯୋଡାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି। ଏପରିକି ପାରଦ ୪୦ ଉପରେ ରହୁଛି। ଦିନ ୧୦ଟା ହେଲେ ରାସ୍ତାଘାଟ ଶୂନଶାନ ହୋଇପଡୁଛି।

## ଥଣ୍ଡା ପାନୀୟ ଜଳ ବଣ୍ଟନ



ହାଟଡ଼ିହୀ/ସୋସୋ,୧୯।୪(ସମିସ): ପ୍ରଚଣ୍ଡ ଖରା ସାଙ୍ଗକୁ ତତଲା ଝାଞ୍ଜିପବନ ଲୋକଙ୍କୁ କଲବଲ କରୁଛି। ଏହି ସମୟରେ ବାଟରେ ଯା'ଆସ କରୁଥିବା ପଥଚାରୀମାନଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ଚଣ୍ଡିଆବିରଞ୍ଚିପୁର ଛକରେ ଖୋଲିଛି ଥଣ୍ଡା ପାନୀୟ ଜଳ ବିତରଣ କେନ୍ଦ୍ର। ରାମନବମୀ ଠାରୁ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଅଧ୍ୟକ୍ଷ ଉଦୟନାଥ କରଙ୍କ ସଂଯୋଜନାରେ ଆସନ୍ତା ରଥଯାତ୍ରା ଯାଏଁ ଏହି ପାନୀୟଜଳ ବଣ୍ଟନ ବ୍ୟବସ୍ଥା ଚାଲୁରହିବ ବୋଲି ସୂଚନା ମିଳିଛି। ସକାଳ ସମୟରୁ ଖରାର ତାତି ଅସହ୍ୟ ହେଉଥିବାରୁ ପ୍ରତିଦିନ ସକାଳ ଆଠଟାରୁ ଅପରାହ୍ନ ଚାରିଟା ଯାଏଁ ଥଣ୍ଡା ପାନୀୟଜଳ ବଣ୍ଟନ କରାଯିବ ବୋଲି ଅଧ୍ୟକ୍ଷ ଉଦୟନାଥ କର କହିଛନ୍ତି। ଏହି କାର୍ଯ୍ୟରେ ଶିକ୍ଷକ ସୁଦୀପ୍ତ ଦାଶ, କର୍ମଚାରୀ ସରୋଜ ସେଠୀ ଓ ଶ୍ୟାମସୁନ୍ଦର ନାୟକ ସହଯୋଗ କରିଛନ୍ତି।

## ହୁହୁ ହୋଇ ଜଳୁଛି ଶୁଖିଲା ଶାଳ ଗଛ



**ତୁରୁମୁଙ୍ଗା,୧୯।୪(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଖଜୁରୀଡିହା ବେଗନା ରାସ୍ତାର ଖଜୁରୀଡିହା ଛକର ନିକଟ ରାସ୍ତାକଡ଼ରେ ଥିବା ଏକ ଶୁଖିଲା ଶାଳ ଗଛର ମଧ୍ୟ ଭାଗ ଶୁକ୍ରବାର ସନ୍ଧ୍ୟାରେ ହୁହୁ ହୋଇ ଜଳୁଥିବା ଦେଖିବାକୁ ମିଳିଛି। ନିଆଁ ଲାଗିବା କାରଣ ଜଣା ପଡି ନଥିବା ବେଳେ ପ୍ରଚଣ୍ଡ ରୌଦ୍ରତାପ କାରଣରୁ ଗଛରେ ନିଆଁ ଲାଗିଥିବା ଆଲୋଚନା ହେଉଛି। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟ ଜାରି ରଖିଛନ୍ତି।

## ଚମ୍ପୁଆ ବ୍ଲକରେ ବୁଥ ସ୍ତରୀୟ ବୈଠକ



**ତୁରୁମୁଙ୍ଗା,୧୯।୪(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀର ଚମ୍ପୁଆ ବ୍ଲକ ଜାଲି ଏବଂ ଭୁଇଁପୁର ପଞ୍ଚାୟତରେ ଶୁକ୍ରବାର ପାଟଣା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଚାର କରିବା ସହ ବୁଥସ୍ତରୀୟ ବୈଠକ କରିଛନ୍ତି। ଜଗନ୍ନାଥ ନାଏକ ଭୁଦପଶି ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀ ପାରମ୍ପରିକ ଚାଙ୍ଗୁ ବାଦ୍ୟରେ ଭବ୍ୟ ସ୍ୱାଗତ କରିଥିଲେ ଏହାପରେ ଏକ ସଭା କରାଯାଇ ଲୋକଙ୍କୁ ଭୋଟ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କାର୍ଯ୍ୟକର୍ତ୍ତା ଭାଗୀରଥି ଦାଶ, ଚମ୍ପୁଆ ବ୍ଲକ ପର୍ଯ୍ୟବେକ୍ଷକ ଯଦୁମଣି ବାରିକ, ଭିକାରୀ ମୁଣ୍ଡା, କେଶବ ମହାନ୍ତ, ଶ୍ରୀକାନ୍ତ ଦାସ, ବିରେନ୍ଦ୍ର ମହାନ୍ତ, କିଶୋର ବେହେରାଙ୍କ ସମେତ କର୍ମକର୍ତ୍ତା ଓ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଗୋରୁ ବୋଝେଇ ଟ୍ରକ୍ ଜବତ

# ୫୨ ଗୋରୁ ଉଦ୍ଧାର; ଜଣେ ଗିରଫ

ତେଲକୋଇ,୧୯।୪(ସମିସ)




ତେଲକୋଇ ଥାନା ୪୯ ନମ୍ବର ଜାତୀୟ ରାଜପଥ ଜନସନ୍‌ପୁର୍ ଛକରୁ ତେଲକୋଇ ପୁଲିସ ଏକ ଗୋରୁ ବୋଝେଇ ଟ୍ରକ୍‌କୁ ଜବତ କରିବା ସହିତ ଜଣଙ୍କୁ ଗିରଫ କରିଛି। ଜବତ ଗାଡିରୁ ୫୨ଟି ଗୋରୁ ଉଦ୍ଧାର ହୋଇଛି। ଗିରଫ ଅଭିଯୁକ୍ତ ହେଲା ପଶ୍ଚିମବଙ୍ଗ ରାଜ୍ୟ ଖଡ଼ଗପୁର ଅଞ୍ଚଳର ସେକ୍ ରଜକ ଅଲ୍ଲୀ (୪୫)। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି। ତେବେ ପୁଲିସ ସୂଚନା ଅନୁସାରେ, ଗୁରୁବାର ରାତିରେ ପୁଲିସ ଜାତୀୟ ରାଜପଥ ଓ ଆଖପାଖ ଅଞ୍ଚଳରେ ପାଟ୍ରୋଲିଂରେ ଯାଇଥିବା ବେଳେ (ଡବ୍ଲୁବି ୧୩-୬୩୫୩) ନମ୍ବର ବିଶିଷ୍ଟ ଟ୍ରକରେ ବେଆଇନ ଗୋରୁ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇଥିଲା। ଖବର ମୁତାବକ ପୁଲିସ ୪୯ ନମ୍ବର ଜାତୀୟ ରାଜପଥର ଜନସନ୍‌ପୁର ଛକରେ ଯାନବାହନ ଯାଞ୍ଚ ଆରମ୍ଭ କରିଥିଲା। ଯାଞ୍ଚ ବେଳେ ସଂପୃକ୍ତ ଗୋରୁ ବୋଝେଇ ଗାଡ଼ି ଧରା ପଡ଼ିଥିଲା। ପୁଲିସକୁ ଦେଖି ଗାଡ଼ିରେ ଥିବା ଗୋମାଫିଆ ଓ କେତେକ ସହଯୋଗୀ ଫେରାର ହୋଇଯାଇଥିବା ବେଳେ ଗାଡି ଚାଳକ ପୁଲିସ ପଞ୍ଝାରେ ରହି ଯାଇଥିଲା। ପୁଲିସ ସଙ୍ଗେ ସଙ୍ଗେ ଗାଡ଼ିକୁ ଜବତ କରିବା ସହିତ ଚାଳକକୁ ଗିରଫ କରିଥିଲା। ଜବତ ଗାଡ଼ିକୁ ଥାନାକୁ ଆଣିବା ସହିତ ଗିରଫ ଅଭିଯୁକ୍ତକୁ ଗୋଚାଲାଣ ସମ୍ବନ୍ଧରେ ପଚରା ଉଚୁରା କରିଥିଲା। ବରଗଡ଼ ଜିଲ୍ଲା ସୋହେଲା ଅଞ୍ଚଳରୁ ଗୋ ବୋଝେଇ ହୋଇ ପଶ୍ଚିମବଙ୍ଗ ଜାମସଲା ଅଞ୍ଚଳକୁ ଗୋଚାଲାଣ ହେଉଥିବା ପୁଲିସ ଜାଣିବାକୁ ପାଇଥିଲା। ଏହି ଘଟଣାରେ ଗୋମାଫିଆଙ୍କ ସମେତ ଆହୁରି ଅନେକ ସହଯୋଗୀ ସାମିଲ ଥିବା ବେଳେ ସେମାନେ ଅତି ଚତୁରତାର ସହିତ ଖସି ଯାଇଛନ୍ତି। ପୁଲିସ କେବଳ ଗାଡ଼ିଚାଳକକୁ ଗିରଫ କରିଛି। ଉଦ୍ଧାର ଗୋରୁ ଗୁଡ଼ିକୁ ଗୋଶାଳାରେ ଛଡ଼ାଯିବ ବୋଲି ପୁଲିସ ସୂଚନା ଦେଇଛି। ତେଲକୋଇ ଥାନା ଅଧିକାରୀ ସରୋଜ କାନ୍ତ ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ଚଢଉ କରି ଏହି ସଫଳତା ହାସଲ କରିଛନ୍ତି।

## ଅସହାୟଙ୍କ ସେବାରେ ପ୍ରିୟଙ୍କା

**ଆନନ୍ଦପୁର,୧୯।୪(ସମିସ):** ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ପ୍ରତ୍ୟେକ ଦିନ ରୋଗୀ ମାନଙ୍କର ରକ୍ତ ଆବଶ୍ୟକ ହେଉଥିବା ସମୟରେ ମା' ମଙ୍ଗଳା ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ସବୁବେଳେ ନିଜ ଜୀବନକୁ ବିପଦରେ ପକାଇ ଗରିବ ଅସହାୟ ଲୋକମାନଙ୍କ ପାଇଁ ରକ୍ତ ଦେବାକୁ ଆଗେଇ ଆସୁଛନ୍ତି। ଆଜି ମଧ ଏହି ସଂଗଠନର ସକ୍ରିୟ ସଦସ୍ୟା ପ୍ରିୟଙ୍କା ଖୁଣ୍ଟିଆ ସୋସିଆଲ ମିଡ଼ିଆରୁ ଖବର ପାଇବା ପରେ ଏତେ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ମା'ମଙ୍ଗଳା ସ୍ୱେଚ୍ଛାସେବୀ ସଂଗଠନର ପ୍ରତିଷ୍ଠାତାଙ୍କ ପରାମର୍ଶ କ୍ରମେ ଆନନ୍ଦପୁର ମେଡ଼ିକାଲରେ ଜଣେ ଗୁରୁତର ଗର୍ଭବତୀ ମହିଳାଙ୍କର ରକ୍ତ ଆବଶ୍ୟକ ଥିବା ଦେଖି ଗୋଟିଏ 'ଏ +' ଗ୍ରୁପର ରକ୍ତ ଦାନ କରି ମହିଳାଙ୍କର ମୂଲ୍ୟବାନ ଜୀବନ ବଞ୍ଚାଇଛନ୍ତି। ସେ ଅଦ୍ୟାବଧି ପନ୍ଦର ଥର ବିଭିନ୍ନ ଚିକିତ୍ସାଳୟରେ ଅସହାୟ ଲୋକମାନଙ୍କ ପାଇଁ ରକ୍ତଦାନ କରି ନାରୀଜାତି ପାଇଁ ଉଦାହରଣ ସାଜିଛନ୍ତି। ଜୀବନ ଥିବା ଯାଏ ଗରିବ ଅସହାୟ ଲୋକଙ୍କ ପାଇଁ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଭଳି ପ୍ରୟାସ ପାଇଁ ମେଡିକାଲରେ ରୋଗୀଙ୍କ ପରିଚିତ ବ୍ୟକ୍ତି ଏବଂ ଜନ ସାଧାରଣ ଓ ମେଡ଼ିକାଲ କର୍ମଚାରୀ ତାଙ୍କୁ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଛନ୍ତି।



### ୧୫ ଦିନ ହେବ ଆକ୍ୱାଗାର୍ଡ ମେସିନ ଅଚଳ

## ବସ୍‌ଷ୍ଟାଣ୍ଡରେ ହନ୍ତସନ୍ତ ହେଉଛନ୍ତି ଯାତ୍ରୀ




**ଆନନ୍ଦପୁର,୧୯।୪(ସମିସ):** ଗତ ପ୍ରାୟ ୧୫ ଦିନ ହେବ ଘସିପୁରା ନୂତନ ବସଷ୍ଟାଣ୍ଡ ପରିସରରେ ପିଇବା ପାଣିର ଘୋର ଅଭାବ ପରିଲକ୍ଷିତ ହୋଇଛି। ବସ୍‌ଷ୍ଟାଣ୍ଡ ଯାତ୍ରୀ ପ୍ରତିକ୍ଷାଳୟ ନିକଟରେ ଲାଗିଥିବା ଆକ୍ୱାଗାର୍ଡ, ଫ୍ରିଜର ଅଚଳ ହୋଇପଡିଥିବାରୁ ପିଇବା ପାଣି ପାଇଁ ଯାତ୍ରୀମାନେ ନାହିଁ ନଥିବା ହୀନସ୍ତା ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବସ୍‌ଷ୍ଟାଣ୍ଡ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ କେନ୍ଦୁଝର ଜିଲ୍ଲା ପରିବହନ ବିଭାଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ସମସ୍ୟାର ସମାଧାନ ହୋଇପାରିନାହିଁ। ଗ୍ରୀଷ୍ମ ପ୍ରବାହ ଯୋଗୁ ଅସହ୍ୟ ତାତିରେ ବସ୍‌ରେ ଆସୁଥିବା ଯାତ୍ରୀମାନେ ପିଇବା ପାଣି ପାଇଁ ବସ୍‌ଷ୍ଟାଣ୍ଡସ୍ଥିତ ଯାତ୍ରୀ ପ୍ରତିକ୍ଷାଳୟକୁ ଆସୁଥିଲେ ମଧ ମେସିନ ଅଚଳ ଯୋଗୁ ପିଇବା ପାଣି ମିଳୁନଥିବାରୁ ଯାତ୍ରୀମାନେ ଛଟପଟ ହେଉଥିବା ପରିଲକ୍ଷିତ ହୋଇଛି। ଏନେଇ ରାଜ୍ୟ ସଡ଼କ ପରିବହନ କେନ୍ଦୁଝର ଜିଲ୍ଲା ଅଧିକାରୀ ଗୌରବ ଜେନାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏହି ଥଣ୍ଡା ପାଣି ମେସିନ ଲଗାଇଥିବା କମ୍ପାନୀକୁ ସୂଚନା ଦିଆଯାଇଛି। ଖୁବ୍ ଶୀଘ୍ର ଏହାର ମରାମତି କରିବା ଦିଗରେ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି।

### ବୀରଗୋବିନ୍ଦପୁର ଲୁଟ୍ ଘଟଣା

## ଜଣେ ଗିରଫ; ଦେଶୀ ବନ୍ଧୁକ ଜବତ

**ଆନନ୍ଦପୁର,୧୯।୪(ସମିସ):** ୨୦ନଂ ଜାତୀୟ ରାଜପଥର ବୀରଗୋବିନ୍ଦପୁର ନିକଟରେ ସ୍କୁଟିରେ ଆସୁଥିବା ଏକ ଦମ୍ପତ୍ତିଙ୍କୁ ଲୁଟ୍‌ପାଟ କରିବା ଘଟଣାରେ ଘସିପୁରା ଥାନା ଅଧିକାରୀ ସୁନିଲ କୁମାର କର ଆଜି ଅଭିଯୁକ୍ତଙ୍କ ମଧ୍ୟରୁ ଜଣକୁ ଗିରଫ କରିବା ସହିତ ଗୋଟିଏ ଦେଶୀ ବନ୍ଧୁକ ଜବତ କରିଥିବା ଜଣାଯାଇଛି। ଗିରଫ ଅଭିଯୁକ୍ତ ବାମେବାରୀ ଥାନା ଅନ୍ତର୍ଗତ ମୁଛୁରିଆ ଅଞ୍ଚଳର ତନୁ ଧୀବରଙ୍କ ପୁଅ ଚଉଧୁରୀ ଧୀବର(୨୪) ବୋଲି ଜଣାଯାଇଛି। ମିଳିଥିବା ସୂଚନାନୁଯାୟୀ, ଗତ ୨୯ ତାରିଖ ଦିନ ପ୍ରାୟ ୧୨ ଟା ୩୦ ମିନିଟ ସମୟରେ ଢେଙ୍କିକୋଟ ଅଞ୍ଚଳର ନିଗମ ପ୍ରସାଦ ସାହୁ ଓ ତାଙ୍କ ସ୍ତ୍ରୀ ଲଛମାରାଣୀ ସାହୁ ସ୍କୁଟି ଯୋଗେ ଆନନ୍ଦପୁର ବ୍ଲକର ଟୋଲଙ୍କପଡା ଗ୍ରାମର ବନ୍ଧୁ ଘରକୁ ଯାଉଥିବା ବେଳେ ଏଭଳି ଅଘଟଣ ଘଟିଛି। ପୂର୍ବରୁ ଜଗିରହିଥିବା ଦୁର୍ବୃତ୍ତମାନେ ଏକ କଳାରଙ୍ଗର ପଲସର ବାଇକରେ ଦମ୍ପତିଙ୍କୁ ପିଛା କରି ଧକା ଦେଇଥିଲେ। ଦୁର୍ବୃତ୍ତ ମାନେ ୨ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରି ତଳେ ପଡିଯାଇଥିବା ଦମ୍ପତିଙ୍କୁ ଭୟଭୀତ କରିଥିଲେ। ପରେ ମହିଳାଙ୍କ ଠାରୁ ସୁନାହାର, ମଙ୍ଗଳସୂତ୍ର ଓ କାନଫୁଲ ଲୁଟିନେଇ ଫେରାର ହୋଇଯାଇଥିଲେ। ଖବର ପାଇ ଘସିପୁରା ଥାନା ଅଧିକାରୀ ସୁନିଲ କୁମାର କର ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ପରେ ୨୦ ନଂ ଜାତୀୟ ରାଜପଥର ବିଭିନ୍ନ ଥାନା ଓ ଟୋଲଗେଟ୍‌କୁ ସୂଚନା ଦେଇ ହୁଲିଆ ଜାରି କରିଥିଲେ। ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା ଘସିପୁରା ପୁଲିସ ସହିତ ବିଭିନ୍ନ ସନ୍ଦିଗ୍ଧଙ୍କ ଗତିବିଧି ଉପରେ ନଜର ଲଗାଇଥିବାରୁ ପୁଲିସକୁ ଆଜି ଏକ ବଡ ସଫଳତା ମିଳିଥିବା ଜଣାଯାଇଛି।

### କାଳବୈଶାଖୀ ଉଜାଡ଼ିଦେଲା

## ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ଦାବି



**ରାମଚନ୍ଦ୍ରପୁର,୧୯ ।୪(ସମିସ):** ଗତ ୧୬ ତାରିଖ ଅପରାହ୍ନରେ ଘଟିଥିବା କାଳବୈଶାଖୀ ପ୍ରଭାବରେ ଘସିପୁରା ବ୍ଲକ ନଣ୍ଡାବର ଗାଁରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ସେଥିରୁ ବର୍ତ୍ତିପାରିନାହିଁ ଗାଁରେ ଥିବା ସର୍ବପୁରାତନ ଗାଦୀଗୋସେଇ ପୀଠ ( ଭାଗବତ ଟୁଙ୍ଗି)। ଅଦିନିଆଁ ଝଡ଼ ବର୍ଷା ଏବଂ ପବନରେ ଘରର ଛାଳଛପର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଘର ସାରା ବର୍ଷା ପାଣି ପଶିଯାଇଛି। ଫଳରେ ଭାଗବତ ଟୁଙ୍ଗି ମଧରେ ଥିବା ଅନେକ ନଥିପତ୍ର ସହ ସାମଗ୍ରୀ ନଷ୍ଟ ହୋଇଛି। ଫଳରେ ସ୍ଥାନୀୟ ଅଞ୍ଚଳର ସର୍ବପୁରାତନ ପୋଥି ମଠ ତଥା ଭାଗବତ ଟୁଙ୍ଗି (ଗାଦି ଗୋସେଇଁ ପିଠ) ନିଶ୍ଚିନ୍ନ ହେବାକୁ ବସିଲାଣି। ଜିଲ୍ଲା ସଂସ୍କୃତି ବିଭାଗ ତଥା ପ୍ରଶାସନିକ ସ୍ତରରେ ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରାଯିବା ସହ ମଠରେ ଥିବା ତାଳ ପତ୍ର ପୋଥିର ସୁରକ୍ଷା ଦିଗରେ ଯତ୍ନବାନ ହେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

## ବଡ଼ଦାଣ୍ଡରେ ଖୋଲିଲା ଜଳଛତ୍ର କେନ୍ଦ୍ର



**ଆନନ୍ଦପୁର,୧୯।୪(ସମିସ):** ଆନନ୍ଦପୁର ପୌରପାଳିକା ପକ୍ଷରୁ ବିଭିନ୍ନ ୱାର୍ଡରେ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଆଜି ୬ନଂ ୱାର୍ଡ ପକ୍ଷରୁ ବଡଦାଣ୍ଡଠାରେ ଏକ ଜଳଛତ୍ର କେନ୍ଦ୍ର ଆରମ୍ଭ ହୋଇଛି। ସ୍ଥାନୀୟ ଯୁବ ଗୋଷ୍ଠୀ ଓ ସମାଜସେବୀ ସତ୍ୟବ୍ରତ ରାମ୍‌ଙ୍କ ତତ୍ତ୍ୱାବଧାନରେ କାଉନସିଲର ମଣିଲତା ରାମ୍ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ଜଳଛତ୍ର କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ପରେ ଏହି କେନ୍ଦ୍ରରୁ ବାଟୋଇ ଓ ପଥଚାରୀମାନଙ୍କୁ ଥଣ୍ଡାପାଣି, ଟଙ୍କ ତୋରାଣୀ, ଦହିବରା, ମିଠା, ପଇଡପାଣି ଓ ବେଲପଣା ବିତରଣ କରାଯାଇଥିଲା। ଏହି ଅବସରରେ ଜଳଛତ୍ର କେନ୍ଦ୍ରରେ ଉପସ୍ଥିତ ଥିବା ଦୁଇ ଜଣ ଦିବ୍ୟାଙ୍ଗଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୌରପାଳିକାର ପରିମଳ ଅଧିକାରୀ ଭାଗୀରଥି ଦାଶ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରମାକାନ୍ତ ମିଶ୍ର, ବିନୋଦ ବିହାରୀ ପଣ୍ଡା, ବାବୁ ମିଶ୍ର, କୁକୁଲି ପଣ୍ଡା, ତୋଫାନ ବାରିକ, ବାମନ ତ୍ରିପାଠୀ, ମନୋଜ ଦାସ, ସଂଜୟ ସିଂ, ଲିଟୁ ମିଶ୍ର, କୁନି ମିଶ୍ର, କାହ୍ନା ମିଶ୍ର, ତ୍ରିଲୋଚନ ମିଶ୍ର, କିଶୋର କୁମାର ମିଶ୍ର, ଅଜୟ ହୋତା, ପଦୁ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## କାଳବୈଶାଖୀ ପ୍ରଭାବରେ କ୍ଷତିଗ୍ରସ୍ତଙ୍କ ନିକଟରେ ପହଞ୍ଚିଲା ପ୍ରଶାସନ

**ରାମଚନ୍ଦ୍ରପୁର,୧୯ ।୪(ସମିସ):** କାଳବୈଶାଖି ତାଣ୍ଡବରେ ଘସିପୁରା ବ୍ଲକ ଅନ୍ତର୍ଗତ ପୁରୁଣାବାନ୍ଧଗୋଡା ପଞ୍ଚାୟତ ନଣ୍ଡାବର ଗ୍ରାମର ଅନେକ ଗରିବ ଲୋକଙ୍କ ଚାଳଛପର ଉଡିଯାଇଥିବା ବେଳେ ବଡବଡ ଗଛ ଉପୁଡି ୬ଟି ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡିଥିବା ଦେଖିବାକୁ ମିଳିଥିଲା। କାଳବୈଶାଖି ପ୍ରଭାବରେ ଗ୍ରାମର ଅନେକ ବ୍ୟକ୍ତିଙ୍କ କ୍ଷୟକ୍ଷତି ହୋଇଛି। ଘଟଣାର ତହି ପରଦିନ ସକାଳୁ ଖବର ପାଇ ସମାଜସେବୀ ଶମ୍ଭୁନାଥ ରାଉତ ନଣ୍ଡାବର ଗ୍ରାମରେ ପହଞ୍ଚି ଘରକୁ ଘର ବୁଲି କ୍ଷତିଗ୍ରସ୍ତ ପରିବାରଙ୍କ ସହ ଆଲୋଚନା କରିଥିଲେ। କ୍ଷତିଗ୍ରସ୍ତ ପରିବାରଙ୍କୁ କିପରି ଯଥାଶୀଘ୍ର ସହାୟତା ମିଳିପାରିବ ସେଥିନେଇ ଘସିପୁରା ତହସିଲଦାର ନିଳକଣ୍ଠ ବେହେରାଙ୍କ ସହ କଥା ହୋଇଥିଲେ। ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯିବା ଫଳରେ ଅନେକ ସ୍ଥାନରେ ତା'ର ଛିଣ୍ଡି ଯାଇଥିବାରୁ ୨୪ ଘଣ୍ଟା ଧରି ବିଦ୍ୟୁତ ସରବରାହ ବନ୍ଦ ରହିଥିବାରୁ ପାଇପ ଯୋଗେ ମିଳୁଥିବା ପାନୀୟ ଜଳଯୋଗାଣ ଠପ ହୋଇଯାଇଥିଲା। ପରେ ସ୍ଥାନୀୟ ଅଳତି ରାଜସ୍ୱ ନୀରିକ୍ଷକ ନଣ୍ଡାବର ଗାଁରେ ପହଞ୍ଚି ଘରଘର ବୁଲି କ୍ଷୟକ୍ଷତି ଆକଳନ କରି ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ନଣ୍ଡାବର ଗ୍ରାମର ନନ୍ଦକିଶୋର ଜେନା, ବିପ୍ରବର ଜେନା, ଅଧିକାରୀ ଜେନା, ବିଶ୍ୱନାଥ ଜେନା, ନନ୍ଦ ଜେନା, ପଦ୍ମଲୋଚନ ଜେନା, ବାଙ୍କୁ ଜେନା, ପ୍ରମୋଦ ଜେନା, ପହଲି ଜେନା, ଭରତ ପାତ୍ର, ସନାତନ ପାତ୍ର, ରମେଶ ମହାରଣା, ସଂଜୟ ଜେନା, ଗଙ୍ଗାଧର ଜେନା, ଭାଲୁ ଜେନା, ସାଧୁଚରଣ ପେରେଇ, ଭାଲୁ ପେରେଇ, ଯୋଗେନ୍ଦ୍ର ପେରେଇ, ବିମ୍ବାଧର ପେରେଇ, ଶୁକଦେବ ଜେନା, ରଞ୍ଜନ ଜେନା, କାଳନ୍ଦି ଜେନା, ସନ୍ତୋଷ ଜେନା, ଶାନ୍ତି ଜେନା ସମେତ ୫୦ରୁ ଉର୍ଦ୍ଧ୍ୱ କ୍ଷତିଗ୍ରସ୍ତ ପରିବାର ତୁରନ୍ତ କ୍ଷତିପୂରଣ ମିଳିବା ଆଶାରେ ପ୍ରଶାସନ ନିକଟରେ ଗୁହାରୀ କରିଛନ୍ତି।

# ନବମ, ଦଶମ ଛାତ୍ରଛାତ୍ରୀଙ୍କୁ ମିଳୁନି ମଧ୍ୟାହ୍ନ ଭୋଜନ

ସୋସୋ,୧୯।୪(ସମିସ)

ହାଟଡିହୀ ବ୍ଲକର ମୁକୁନ୍ଦଚରଣ ବିଦ୍ୟାପୀଠ ନନ୍ଦିପଦା ହାଟ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଓ ସ୍କୁଲ ପରିଚାଳନା କମିଟି ମଧ୍ୟରେ ବିବାଦ ତୁଟୁ ନଥିବାରୁ ସ୍କୁଲରେ ମଧ୍ୟାହ୍ନ ଭୋଜନ ବନ୍ଦ ହୋଇଯାଇଛି।

ସୂଚନା ଅନୁଯାୟୀ ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ତ୍ରିପାଠୀ ବିଦ୍ୟାଳୟର ପୁରୁଣା ସାମଗ୍ରୀ ଓ ପରିସରରେ ଥିବା ଗଛ ବିକ୍ରି କରିଥିଲେ ହେଁ ତାର ହିସାବ ବିଦ୍ୟାଳୟ କମିଟି ଓ ମୋ ସ୍କୁଲ ଅଭିଯାନ କମିଟିକୁ ଦେଇନଥିଲେ। ଏନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ପ୍ରଧାନ ଶିକ୍ଷକ ଏଥିପ୍ରତି ଆଦୌ ଗୁରୁତ୍ୱ ନଦେଇ ସମୟ ଗଡ଼ାଇ ଚାଲିଥିଲେ। ଏହାକୁ ନେଇ କମିଟି ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେ ହିସାବ ଦେବା ପରିବର୍ତ୍ତେ ଦୀର୍ଘ ଦିନ ହେବ ଛୁଟିରେ ରହିଥିବାରୁ ବିଦ୍ୟାଳୟରେ ଅଚଳାବସ୍ଥା ଦେଖାଦେଇଛି। ଅନ୍ୟପକ୍ଷରେ ପ୍ରଧାନ ଶିକ୍ଷକ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରି କମିଟିକୁ ଦୋଷାରୋପ କରି ପ୍ରଶାସନକୁ ମିଥ୍ୟା ସୂଚନା ଦେଇ ବୁଲୁଛନ୍ତି। କିଛିଦିନ ତଳେ ବ୍ଲକ ଶିକ୍ଷା ଅଧିକାରୀ ତଦନ୍ତ ପାଇଁ ଯାଇଥିବା ବେଳେ ସ୍କୁଲ କମିଟି ସଦସ୍ୟମାନେ ପ୍ରଧାନ ଶିକ୍ଷକଙ୍କୁ ଦେଇ ସ୍କୁଲ ସ୍ଥିତିରେ ସୁଧାର ଆଣିବାକୁ ଦାବି କରିଥିଲେ। ମୁଖ୍ୟତଃ ସେହି ପ୍ରଧାନ ଶିକ୍ଷକ ଆସିବାକୁ ସେମାନେ ଦାବି କରୁଥିବା ବେଳେ ପ୍ରଧାନ ଶିକ୍ଷକ ତାଙ୍କର ଛୁଟି ପୁନର୍ବାର ବଢାଇ ଦେଇଥିବାରୁ ସମାଧାନର କୌଣସି ବାଟ ବାହାରି ନ ପାରିବାରୁ ବ୍ଲକ ଶିକ୍ଷାଧିକାରୀ ଫେରିଆସିଥିଲେ। ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ କେଉଁ ପରିସ୍ଥିତରେ ଏଭଳି ବିବାଦ ଘଟୁଛି ଜିଲ୍ଲା ଶିକ୍ଷାଧିକାରୀ ଏହାର ତଦନ୍ତ କରି ସମାଧାନ ନ କରିବା ସନ୍ଦେହ ସୃଷ୍ଟି କରିଛି। ଅଭିଯୋଗର ତଦନ୍ତ କରିବା ସହିତ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ସ୍କୁଲ କମିଟି ସଭାପତି ଦିଲୀପ କୁମାର ଘୋଷ, ପରିଚାଳନା କମିଟି ସଭାପତି ପ୍ରଦୀପ ସାହୁ, ସଦସ୍ୟ ଲୋକନାଥ ଜେନା, ସସ୍ମିତା ବାରିକ, ଅଭିମନ୍ୟୁ ଦାସ, ଲୋକନାଥ ନାୟକ, ସତ୍ୟବ୍ରତ ପଣ୍ଡା, ପ୍ରଭାସ ପାଣିଗ୍ରାହୀ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ 'ସେମାନେ ମୋତେ ସ୍କୁଲ ଯିବାକୁ ବିରୋଧ କରୁଛନ୍ତି। ମୁଁ ଯିବି କିପରି?'ବୋଲି ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଏନେଇ ବିଇଓ ଓମକାର ଅନ୍ୱେଷଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ବୁଝାସୁଝା କରି ମଧ୍ୟାହ୍ନ ଭୋଜନ ଚଳାଇବାକୁ ଚେଷ୍ଟା କରିଥିଲୁ; କିନ୍ତୁ ସମ୍ଭବ ହେଲାନାହିଁ। ତେଣୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦେଇଛୁ। ବିଦ୍ୟାଳୟ କମିଟିର ସଭାପତି କୁହନ୍ତି ପ୍ରଧାନଶିକ୍ଷକ ବିଦ୍ୟାଳୟକୁ ନଆସି ବିଦ୍ୟାଳୟକୁ ଛାଡିଲେ ନାହିଁ ଅଭିଯୋଗ ଭିତ୍ତିହିନ। ହିସାବ ଦେବାକୁ ପଡିବ ବୋଲି ପ୍ରଶାସନ ନିକଟରେ ମିଥ୍ୟା ଅଭିଯୋଗ କରି ଭ୍ରମ ସୃଷ୍ଟି କରୁଥିବା ସେ କହିଛନ୍ତି।

ଶୁଳିଆପଦା ହାଜତ ମୃତ୍ୟୁ ଘଟଣା

# ମୟୂରଭଞ୍ଜ ଏସ୍‌ପିଙ୍କୁ ଜାତୀୟ ମାନବାଧିକାର କମିଶନଙ୍କ ଫାଇନାଲ ରିମାଇଣ୍ଡର ପ୍ରଦାନ

ବାରିପଦା, ୧୯।୪(ସମିସ): ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଜାତୀୟ ମାନବାଧିକାର କମିଶନ ଶୁଳିଆପଦା ଥାନାର ଅଭିଯୁକ୍ତ ରଜ ପାଣିପାତ୍ରର ମୃତ୍ୟୁ ଉପରେ କାର୍ଯ୍ୟାନୁଷ୍ଠାନ ବିବରଣୀ ଉପରେ ଚୂଡ଼ାନ୍ତ ଅନୁସ୍ମାରକ (ଫାଇନାଲ ରିମାଇଣ୍ଡର) ପ୍ରଦାନ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନାର ଧାଡିକା ପଞ୍ଚାୟତ ସରଡିହା ଗ୍ରାମର ସ୍ୱର୍ଗତ ରଜ ପାଣିପାତ୍ରଙ୍କୁ ୨୦୨୩ ଜାନୁଆରୀ ୧୭ ତାରିଖରେ ତତ୍କାଳୀନ ଶୁଳିଆପଦା ଥାନାଧୀକାରୀଣୀ ପଦ୍ମାଳୟା ପ୍ରଧାନଙ୍କ ସମୟରେ ପୁଲିସ ଥାନାକୁ ଉଠାଇ ଆଣି ଥାର୍ଡ ଡିଗ୍ରୀ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ଅଧିକ ନିର୍ଯାତନା ଦେବା ଓ ଜୀବନରେ ମାରିଦେବାର ଧମକ ଦେଇ ତିନିଦିନ ପରେ ଅର୍ଥାତ ୨୦ ତାରିଖରେ ରାତି ଅଧରେ ଘରଠାରୁ ଦୂରକୁ କେଉଁଆଡ଼େ ଛାଡି ଦେଇଥିଲେ। ରଜ ଅତ୍ୟନ୍ତ ଭୟଭୀତ ହୋଇ ନିଜ ସ୍ତ୍ରୀକୁ ସବୁ କଥା କହିବା ସହ ଓ ନିଜକୁ ଆତଙ୍କିତ ମନେ କରୁଥିଲେ। ସେ ମାନସିକ ଭାରସାମ୍ୟ ହରାଇ ଘରୁ ତହିଁ ପରଦିନ ୨୧ତାରିଖରେ ପଳାଇ ଯାଇଥିଲା। ୨୨ତାରିଖରେ ତାଙ୍କର ମୃତଦେହ ଏକ ଗଛରେ ଝୁଲୁଥିବା ଅବସ୍ଥାରେ ମିଳିଥିଲା। ତେଣୁ ମୃତକ ରଜଙ୍କ ସ୍ତ୍ରୀ କନ୍ଦି ଦୁଇ ନାବାଳକ ପୁତ୍ର, ଏକ କନ୍ୟା ଓ ପରିବାରବର୍ଗଙ୍କୁ ସାଥିରେ ନେଇ୨୭ତାରିଖ ଦିନ ତତ୍କାଳୀନ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଏକ ନିରପେକ୍ଷ ତଦନ୍ତ ସହିତ ସ୍ୱାମୀଙ୍କ ମୃତ୍ୟୁ ପାଇଁ ଦୋଷୀ ବ୍ୟକ୍ତିଙ୍କ ବିରୁଦ୍ଧରେ ଉଚିତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ୨୮ ତାରିଖରେ ଓଡ଼ିଶାର ବିଶିଷ୍ଟ ମାନବାଧିକାର କର୍ମୀ, ଅଖଣ୍ଡ ଜାତୀୟ ମାନବାଧିକାର କମିଶନ ନୂଆଦିଲ୍ଲୀଙ୍କ ନିକଟରେ ଅଭିଯୋଗ କରିଥିଲେ।

ଅଭିଯୋଗ ଅଧାରରେ ଜାତୀୟ ମାନବାଧିକାର କମିଶନ ୨୦୨୩ ଫେବୃଆରୀ ୨୭ ତାରିଖରେ ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ୬ ସପ୍ତାହ ମଧ୍ୟରେ ଘଟଣାର ଉପରେ ଅନୁସନ୍ଧାନ ମୂଳକ ବିଶଦ ବିବରଣୀ ମାଗିଥିଲେ। ମାତ୍ର ଜିଲ୍ଲା ଆରକ୍ଷୀ ଅଧିକ୍ଷକ କେବଳ ରଜ ପାଣିପାତ୍ରଙ୍କ ଶବ ବ୍ୟବଚ୍ଛେଦ ବିବରଣୀ ତାଙ୍କ ନିକଟକୁ ପଠାଇଥଲେ। ତେବେ ରଜଙ୍କୁ ଥାନା ହାଜତରେ ଅନ୍ୟାୟ ଭାବରେ ଅଟକ ରଖି ନିର୍ଯାତନା ଦେବା, ପରେ ତାଙ୍କର ମୃତ୍ୟୁ ହେବା କିମ୍ବା ତାଙ୍କ ସ୍ତ୍ରୀଙ୍କ ଆବେଦନ ଉପରେ କୌଣସି ଅନୁସନ୍ଧାନର ବିବରଣୀ ପ୍ରଦାନ କରି ନ ଥିଲେ। ଏଣୁ ଜାତୀୟ ମାନବାଧିକାର କମିଶନ ଗୁରୁବାର ୧୮ ତାରିଖରେ ଏହି ଘଟଣାକୁ ଗୁରୁତ୍ୱର ସହ ବିଚାରକରି ଆସନ୍ତା ୪ ସପ୍ତାହ ଅର୍ଥାତ ମଇ ୨୭ତାରିଖ ସୁଦ୍ଧା ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅତିରିକ୍ତ ତଥ୍ୟ ଦାଖଲ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଫାଇନାଲ ରିମାଇଣ୍ଡର ପଠାଇଛନ୍ତି। ତତସହିତ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଅବଗତି ନିମନ୍ତେ ମଧ୍ୟ ଜଣାଇଛନ୍ତି।

# ଅସ୍ଥାୟୀ ପଞ୍ଚାୟତ ଘରେ ତାଲା

ଠାକୁରମୁଣ୍ଡା, ୧୯।୪(ସମିସ): ଠାକୁରମୁଣ୍ଡା ବ୍ଲକରେ ୨୦୧୬ ରେ ନୂତନ ଗ୍ରାମପଞ୍ଚାୟତ ଘୋଷଣା ସମୟରୁ ଧାତିକିଡ଼ିହା ଗ୍ରାମପଞ୍ଚାୟତ ଏଯାବତ ବିବାଦ ଘେରରେ ରହିଛି। ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାପନକୁ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମୋକଦ୍ଦମା ଚାଲିବା ଫଳରେ ହୋଇପାରୁନି କାର୍ଯ୍ୟାଳୟ। ୨୦୧୭ ମସିହାରୁ ଧାତିକିଡ଼ିହା ପ୍ରାଥମିକ ବିଦ୍ୟାଳୟର ଗୋଟିଏ ଶ୍ରେଣୀ ଗୃହରେ କାର୍ଯ୍ୟାଳୟ ଚାଲି ଆସୁଛି। ରାଜ୍ୟ ରାଜପଥ ୫୩ ନିକଟ ଗ୍ରାମ ଗୋଡ଼ଭଙ୍ଗା ଗ୍ରାମରେ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାପନ ଦାବି ନେଇ ହାଇକୋର୍ଟ କରିଛନ୍ତି ଗ୍ରାମବାସୀ। ଏଣେ ପଞ୍ଚାୟତ ଚାଲିବା ନେଇ ସମସ୍ୟା ଲାଗି ରହିଛି। ବାରମ୍ବାର ନୂତନ କାର୍ଯ୍ୟାଳୟ ସ୍ଥାପନ ପାଇଁ ଧାତିକିଡ଼ିହା ଗ୍ରାମବାସୀ ଦାବି କରି ଆସୁଛନ୍ତି। ମୋକଦ୍ଦମା ଚାଲିଥିବାରୁ ପ୍ରଶାସନ ହାତବାନ୍ଧି ବସିଛି। ଗତ ମାର୍ଚ୍ଚ ୬ ତାରିଖରେ ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ଧାତିକିଡ଼ିହା ଗ୍ରାମବାସୀ ବ୍ଲକ ଆସି ଆନ୍ଦୋଳନ କରିଥିଲେ। ନୂଆ ଆସିଥିବା ବିଡିଓ ସ୍ୱପ୍ନେଶ୍ୱର ବେହେରା ୭ ଦିନ ସମୟ ମାଗିଥିଲେ ମଧ୍ୟ କେଶ ବିଚାରଧୀନ ଥିବାରୁ ନାଚାର। ଏପରି ସ୍ଥିତିରେ ଉତ୍‌କ୍ଷିପ୍ତ ମହିଳା ଗତ ମାର୍ଚ୍ଚ ୧୯ ତାରିଖରେ ଅସ୍ଥାୟୀ ଗୃହରେ ତାଲା ପକାଇଛନ୍ତି। ଫଳରେ ଘରଘର ବୁଲି ପିଇଓ ଭତ୍ତା ବାଣ୍ଟୁଛନ୍ତି ଏବଂ ସରପଞ୍ଚ ବିଡିଓଙ୍କ ମାଧ୍ୟମରେ ଜିଲ୍ଲାପାଳଙ୍କୁ ଗତ ମାର୍ଚ୍ଚ ୨୧ ତାରିଖରେ ଚିଠି ଲେଖିଛନ୍ତି। ମାତ୍ର ତାଲା ଖୋଲା ଯାଇ ପାରୁନାହିଁ। ସରପଞ୍ଚ ଏବଂ ପିଇଓ ଥାନାର ଆଶ୍ରୟ ନେଇ ନଥିବା ଜଣାପଡୁଛି। କେବଳ ପ୍ରଶାସନକୁ ଚିଠି ଲେଖି କାମ ସାରିଦେଇଛନ୍ତି। ଏଣେ ଜନସାଧାରଣ ପାଉ ନାହାନ୍ତି ପଞ୍ଚାୟତ ସେବା।




## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବହଳଦା, ୧୯।୪(ସମିସ): ବହଳଦା ବ୍ଲକ କାର୍ଯ୍ୟାଳୟ ନିକଟ ଘାଗରା ସାହିର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ଥାନା ଅନ୍ତର୍ଗତ କାଙ୍କି ପଞ୍ଚାୟତ ଘାଗରା ସାହିର ସ୍ୱର୍ଗତ ମଧୁ ମାଝୀଙ୍କ ପୁଅ ବାଉରୀ ମାଝୀ (୨୯)। ତାଙ୍କ ଝୁଲନ୍ତା ମୃତଦେହ ଘର ପଛ ପଟେ ଥିବା କାଠିଆ ଡୁଙ୍ଗୁରି(ହୁଡ଼ି)ରୁ ମିଳିଛି। ବୁଧବାର ସକାଳୁ ପତ୍ନୀଙ୍କ ସହ କୌଣସି କାରଣରୁ ଝଗଡ଼ା କରି ଘରୁ କୁଆଡ଼େ ଯାଇଥିଲେ। ଘରଲୋକେ ତାଙ୍କୁ ଖୋଜାଖୋଜି କରି ମଧ୍ୟ ପାଇ ନ ଥିଲେ। ଶୁକ୍ରବାର ସକାଳେ ଦୁର୍ଗନ୍ଧ ହେବାରୁ ଗାଁ ଲୋକ ଦେଖିବା ବେଳକୁ ଯୁବକ ଜଣକ ବେକରେ ଫାଶି ଦେଇ ଝୁଲୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପରେ ବଳହଦା ଥାନା ଆଇଆଇସି ବିରେନ୍ଦ୍ର ରାଉତ, ଏଏସଆଇ ଦେବଦତ୍ତ ମହାନ୍ତ, ହାବିଲଦାର ପ୍ରଣୟ ବଲ୍ଲଭ ମଣ୍ଡଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ଆତ୍ମହତ୍ୟା ବୋଲି ପୁଲିସ କହିଛି ପ୍ରାଥମିକ ତଦନ୍ତ ପରେ ଏକ ଅପମୃତ୍ୟୁ ମାମାଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ପଠାଇଥିବା ଆଇଆଇସି ଶ୍ରୀରାଉତ ସୂଚନା ଦେଇଛନ୍ତି।

## ଗଛ ପଡ଼ିଯିବାରୁ ଯୁବକଙ୍କ ମୃତ୍ୟୁ

ସାରସକଣା/ଜାମଶୋଳା, ୧୯।୪(ସମିସ): ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅଞ୍ଚଳରେ ଗଛ ପଡ଼ିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଝାରପୋଖରିଆ ଥାନା ଅଧୀନ ଜାମକୁଣ୍ଡା ଗ୍ରାମର ସ୍ୱର୍ଗତଃ ପିଥ ହାଁସଦାଙ୍କ ପୁଅ ଭଦରାଇ ହାଁସଦା। ସେ ନିଜ ଘରବାଡ଼ିରେ ଥିବା ଗଛକୁ କାଟୁଥିବା ବେଳେ ତାହା ତାଙ୍କ ଉପରେ ପଡ଼ିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଝାରପୋଖରିଆ ପୁଲିସ ଘଟଣାସ୍ଥଳକୁ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ପିଆରଏମ ମେଡିକାଲ କଲେଜକୁ ପଠାଇ ଦିଆଯାଇଛି। ଏନେଇ ଝାରପୋଖରିଆ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ତଦନ୍ତ ଅଧିକାରୀ ପ୍ରକାଶ କରିଛନ୍ତି।

# ନୋଟପାହାଡ଼ ଜଙ୍ଗଲରେ ନିଆଁ; ଏକର ଏକର ଜଙ୍ଗଲ ନଷ୍ଟ



ଠାକୁରମୁଣ୍ଡା, ୧୯।୪(ସମିସ): ଶିମିଳିପାଳ ଜୈବମଣ୍ଡଳ ଅନ୍ତର୍ଗତ ଶରତଘାଟି ନୋଟପାହାଡ଼ ଜଙ୍ଗଲରେ ନିଆଁ ଲାଗିଯିବାରୁ ଏକରଏକର ଜଙ୍ଗଲ ଜଳୁଛି। କପ୍ତିପଦା ରେଞ୍ଜ ଅଞ୍ଚଳରେ ଥିବା ଠାକୁରମୁଣ୍ଡା-ଶରତ ଘାଟି ରାସ୍ତାର ପାହାଡ଼ ଜଙ୍ଗଲରେ ଏହି ନିଆଁ ଦିନ ବେଳୁ ଲାଗିଛି। ମନୁଷ୍ୟକୃତ ଏହି ନିଆଁକୁ ବନ ବିଭାଗ ଚେଷ୍ଟାକରି ମଧ୍ୟ ଆୟତ୍ତ କରି ପାରିନାହିଁ। ପାହାଡିଆ ଅଞ୍ଚଳରେ ଲାଗିଥିବା ଏହି ନିଆଁ ଧୀରେଧୀରେ ଜଙ୍ଗଲରେ ବ୍ୟାପିବାରେ ଲାଗିଛି। ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ବର୍ଷା ନହେବାରୁ ଜଙ୍ଗଲରେ ପଡ଼ିଥିବା ଶୁଖିଲା ପତ୍ର ନିଆଁକୁ ଅଧିକ ବ୍ୟାପକ କରିଛି। ନିଆଁକୁ ଆୟତ୍ତ ନ କଲେ ନୋଟପାହାଡ଼ରେ ନିଆଁ ସମ୍ପୂର୍ଣ୍ଣ ଅଞ୍ଚଳକୁ ବ୍ୟାପୀ ଯିବାର ସମ୍ଭାବନା ଦେଖାଯାଇଛି।

# ସହିଦ ଭଗୀରଥ ମହାନ୍ତିଙ୍କ ସ୍ମୃତିଚାରଣ ସଭା

କପ୍ତିପଦା, ୧୯।୪(ସମିସ): କପ୍ତିପଦା ବ୍ଲକ ଧୂମକ୍ଷେତ ଗ୍ରାମର ଭଗୀରଥ ମହାନ୍ତି ଭାରତୀୟ ସେନାରେ ଦୀର୍ଘ ୨୦ ବର୍ଷ ଦେଶସେବାରେ ନିଜକୁ ଉତ୍ସର୍ଗ କରି ଶେଷରେ ଦେଶମାତୃକାର ସେବାରେ ସହିଦ ହୋଇଥିଲେ। ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ଶ୍ରୀ ମହାନ୍ତି ପ୍ରତିବର୍ଷ ବାସନ୍ତୀ ପୂଜାରେ ଛୁଟିରେ ଆସି ମା'ଙ୍କ ପୂଜାର୍ଚ୍ଚନାରେ ସକ୍ରିୟ ଅଂଶଗ୍ରହଣ କରି ସାଙ୍ଗସାଥିଙ୍କ ସହ ଛୁଟି ବିତାଉଥିଲେ। ସେହି କଥାକୁ ମନେ ପକାଇ ଗ୍ରାମର ଉଦୀୟମାନ ଯୁବକ ଶିକ୍ଷକ ଚନ୍ଦନେଶ୍ୱର ମହାନ୍ତି ସହିଦ ମହାନ୍ତିଙ୍କ 'ସ୍ମୃତିଚାରଣସଭା' ଗ୍ରାମର ଆବାଳବୃଦ୍ଧବନିତାଙ୍କୁ ନେଇ ବାସନ୍ତୀ ପଡ଼ିଆସ୍ଥିତ ମା'ଙ୍କ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ କରାଇଥିଲେ। ସଭାରେ ଅବସରପ୍ରାପ୍ତ ଶିକ୍ଷକ ଶତ୍ରୁଘ୍ନ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସଭାରେ ଭାରତୀୟ ସେନା ବିଭାଗରୁ ଅବସର ନେଇଥିବା ବିଭିନ୍ନ ଅଞ୍ଚଳରୁ ବହୁ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। କପ୍ତିପଦା ବ୍ଲକ ଶିକ୍ଷାଧିକାରୀ ଦୀପକ କୁମାର ମିଶ୍ର, ପ୍ରମୋଦ କୁମାର ମହାନ୍ତି, ରବୀନ୍ଦ୍ର ପଣ୍ଡା, କୃପାସିନ୍ଧୁ ପାତ୍ର, ଶ୍ରୀ ଶଙ୍ଖୁଆ ସେନାଜୀବନରେ କିଛି ଅଭୁଲାସ୍ମୃତି ଏବଂ ଦେଶମାତୃକାର ସେବା ଓ ସହୀଦ ଭଗୀରଥଙ୍କ ଜିବନଚର୍ଯ୍ୟା ଉପରେ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବର୍ଷିୟାନ ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର, ନିରଞ୍ଜନ ପରିଡ଼ା, ଶିକ୍ଷକ ରାଜକିଶୋର ବେହେରା ଓ ସହିଦଙ୍କ ବାପା ଗଦାଧର ମହାନ୍ତି ଉପସ୍ଥିତ ଥିଲେ। ଶିକ୍ଷକ ଚନ୍ଦନେଶ୍ୱର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।



## ଟ୍ରାକ୍ଟର ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

କୁଆମରା, ୧୯।୪(ସମିସ): ଉଦଳା-ବାରିପଦା ୧୯ ନମ୍ବର ରାଜ୍ୟ ରାଜପଥ ଟିଟିଆ ନିକଟରେ ଗୁରୁବାର ରାତିରେ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ପଛରେ ବସିଥିବା ଅନ୍ୟ ଜଣେ ଯୁବକ ଅବସ୍ଥା ଗୁରୁତର ରହିଛି। ବାଇକ ଯୋଗେ ଦୁଇ ଜଣ ଯୁବକ ବାରିପଦାରୁ ଉଦଳା ଯାଉଥିବା ବେଳେ ବିପରୀତ ଦିଗରୁ ଚିପସ୍ ବୋଝେଇ ଏକ ନମ୍ବର ବିହୀନ ଟ୍ରାକ୍ଟର ବାଇକକୁ ଧକ୍କା ଦେଇଥିଲା। ଫଳରେ ବାଇକ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବାଇକ୍ ପଛରେ ବସିଥିବା ଅନ୍ୟ ଯୁବକ ଜଣକ ଛିଟିକି ପଡ଼ିବା ସହ ତାଙ୍କ ଅବସ୍ଥା ଘୁରୁତର ହେବାରୁ ତାଙ୍କୁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ମୃତ ଯୁବକ ଜଣଙ୍କ ହେଲେ ସୋନା ମୁର୍ମୁ (୨୮) ଘର ବାରିପଦା ଅଞ୍ଚଳର ବୋଲି ପର୍ସରୁ ମିଳିଥିବା ଠିକଣାରୁ ପୁଲିସ ପକ୍ଷରୁ ଜାଣିବାକୁ ମିଳିଛି। ତେବେ ସଠିକ ସୂଚନା ଜଣାପଡ଼ି ନାହିଁ। ଖବର ପାଇ ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## କାର୍ ଦୁର୍ଘଟଣାରେ ଦୁଇ ଯୁବକ ଗୁରୁତର

ମୋରଡ଼ା, ୧୯।୪(ସମିସ): ମୟୂରଭଞ୍ଜ ଜିଲ୍ଲାର ସଦର ଥାନା ଅନ୍ତର୍ଗତ ୬୧ନମ୍ବର ରାଜ୍ୟ ରାଜପଥର ନିଟୁଆପଦା-ଭାଲିଆଡ଼ିହା ମଝିରେ କାର୍ ଦୁର୍ଘଟଣା ଘଟିଛି। ସୂଚନାଯୋଗ୍ୟ ଯେ ଏକ କାରରେ ଦୁଇ ଜଣ ଯୁବକ ବାରିପଦାରୁ ଚିତ୍ରଡ଼ା ଆଡକୁ ଦ୍ରୁତ ଗତିରେ ଆସୁଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତା ପାଖରେ ଥିବା ଏକ ବିଶାଳ ଗଛକୁ ଧକ୍କା ଦେଇଥିଲେ। ଯାହାଫଳରେ ଘଟଣାସ୍ଥଳରେ ଦୁଇ ଯୁବକଙ୍କ ଅବସ୍ଥା ଗୁରୁତର ହୋଇଥିବା ବେଳେ କାରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତେବେ ଗୁରୁତର ଯୁବକ ଦ୍ୱୟ ହେଲେ ବାଲେଶ୍ୱର ନୀଳଗିରି ଥାନା ଅନ୍ତର୍ଗତ ଜାମୁରଡ଼ିହା ଗ୍ରାମର ସୁମନ୍ତ ପଲେଇ ଏବଂ ଖଣ୍ଟାସଡ଼ା ଥାନା ଅନ୍ତର୍ଗତ ଝିରିତଲ ଗ୍ରାମର କେଦାରନାଥ କବି। ତେବେ ଗ୍ରାମବାସୀମାନେ ୧୦୮ ଆମ୍ବୁଲାନ୍ସ ଯୋଗେ ଦୁଇ ଯୁବକଙ୍କୁ କିସାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରି ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାରିପଦା ପିଆରଏମ ମେଡିକାଲ କଲେଜ, ହସ୍ପିଟାଲକୁ ସ୍ଥାନାନ୍ତରିତ କରିଥିଲେ।

## ଇତିହାସ ବିଭାଗର ବିଦାୟକାଳୀନ ସମ୍ବର୍ଦ୍ଧନା




କୁଳିଅଣା, ୧୯।୪(ସମିସ): ବାଇଗଣବାଡ଼ିଆ ସ୍ଥିତ ବିବି ମହାବିଦ୍ୟାଳୟର ଇତିହାସ ବିଭାଗର ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅଧ୍ୟକ୍ଷା ଡ.ଅଳକା ମଞ୍ଜରୀ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ଭୂୟାଁ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉଚ୍ଚଶିକ୍ଷା ପାଇଁ କିପରି ଅଗ୍ରଗତି କରିବେ ସେ ନେଇ ମାର୍ଗଦର୍ଶନ କରାଇଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ପ୍ରମୋଦ କୁମାର ବଶା, ଅଧ୍ୟାପକ ଶୁଭ୍ରାଂଶୁ କୁମାର ଗିରି ଓ ଅଧ୍ୟାପିକା ସୁଭଦ୍ରା ଦଳେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସେମାନଙ୍କର ଉନ୍ନତି କାମନା କରି ବକ୍ତବ୍ୟ ରଖିଥିଲେ।

## କପ୍ତିପଦା ବ୍ଲକ୍‌ରେ ୧୦ଟି ଗୋଲାପି ମତଦାନ କେନ୍ଦ୍ର

କପ୍ତିପଦା, ୧୯।୪(ସମିସ): ଉଦଳା ନିର୍ବାଚନମଣ୍ଡଳୀ ୩୧ ଏସ୍‌ଟି ସଂରକ୍ଷିତ ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀମାନଙ୍କ ପ୍ରଚାର ନିର୍ବାଚନର ଉଷ୍ମତା ସୃଷ୍ଟି କରିଛି। ନିର୍ବାଚନକୁ ଶୃଙ୍ଖଳିତ କରିବା ପାଇଁ ପୁଲିସ ମଧ୍ୟ ସକ୍ରିୟ ହୋଇଉଠିଛି। ବିଡିଓ ସିଦ୍ଧେଶ୍ୱର ନାୟକ ମଧ୍ୟ ବୁଥ ପରିଦର୍ଶନ କରି ବିଭିନ୍ନ ବ୍ୟବସ୍ଥା କରୁଥିବା ଜଣାପଡ଼ିଛି। ଆସନ୍ତା ଜୁନ ୪ତାରିଖରେ ଉଦଳା ନିର୍ବାଚନମଣ୍ଡଳୀ କପ୍ତିପଦା ବ୍ଲକର ୧୭ଟି ପଞ୍ଚାୟତର ୭୨ହଜାର ୫ଜଣ ଭୋଟର ନିଜର ମତ ସାବ୍ୟସ୍ତ କରିବେ। ଏଥିପାଇଁ ବିଭିନ୍ନ ବିଦ୍ୟାଳୟରେ ୮୮ଟି ବୁଥ୍ କରାଯାଉଥିବା ସୂଚନା ମିଳିଛି। ସେଗୁଡ଼ିକ ମଧ୍ୟରେ ୧୦ଟି ଗୋଲାପୀ ମତଦାନ କେନ୍ଦ୍ର ରହିଛି। ଇକୋପୁଲିଂ ବୁଥ୍ ୪ଟି ଥିବାବେଳ ମାଙ୍କିଡ଼ିଆ, ଲୋଧା, ଖଡ଼ିଆ ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ୪ଟି ବୁଥ୍ କରାଯାଇଥିବା ଜଣାପଡ଼ିଛି। ସେହିଭଳି କରଞ୍ଜିଆ ୩୦ ଏସ୍‌ଟି ସଂରକ୍ଷିତ କପ୍ତିପଦା ବ୍ଲକର ୯ଟି ପଞ୍ଚାୟତରେ ମେ ୨୫ତାରିଖରେ ମତଦାନ କରାଯିବ। ଏଥିରେ ମୋଟ ୩୩ ହଜାର ୪୮୩ଜଣ ମତଦାନ କରିବେ ବୋଲି ଜଣା ପଡ଼ିଛି। ଗ୍ରୀଷ୍ମପ୍ରବାହକୁ ଆଖରେ ରଖି ମତଦାତାଙ୍କ ପାଇଁ ପ୍ରତି ବୁଥ୍‌ରେ ଉତ୍ତମମାନର ପ୍ରତିରକ୍ଷା ବ୍ୟବସ୍ଥା ଓ ପାନୀୟଜଳ ବ୍ୟବସ୍ଥା କରାଯିବା ପାଇଁ ବହୁମତ ପ୍ରକାଶ ପାଇଛି।

# ଚିଠିଲେଖି ସଚେତନତା ବାଣ୍ଟିଲେ ଯୁକ୍ତ ତିନି ବିଦ୍ୟାର୍ଥୀ

ରାଇରଙ୍ଗପୁର, ୧୯।୪(ସମିସ): ଜାମଦା ବ୍ଲକର ଯୁକ୍ତ ତିନି କଳା ଆଞ୍ଚଳିକ ଡିଗ୍ରୀ ତାଳଗାଁ କଲେଜରେ ପ୍ରଶାସନ ପକ୍ଷରୁ ଦେବାଶିଷ ପଣ୍ଡା, ସିପି ବୁଦ୍ଧଦେବ ବସା, ଏଇଇ ସନତ କୁମାର ରାଉତ, ସିଆରସିସି ନିରଞ୍ଜନ ଗୋପ ଯୋଗଦେଇଥିଲେ। ନେଇ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ୨୦୦୫ ମସିହା ଜାନୁଆରୀ ମାସ ପୂର୍ବରୁ ଯେଉଁମାନେ ଜନ୍ମ ଗ୍ରହଣ କରିଥିବେ ସେମାନେ ୬ ନମ୍ବର ଫର୍ମ ପୂରଣ କରି ନିଜ ଗ୍ରାମ ବା ସହରରେ ଭୋଟର ତାଲିକାରେ ନାମଯୋଗ କରିପାରିବେ। ଭୋଟର କାର୍ଡର ଗୁରୁତ୍ୱ ଓ ଭୋଟଦାନର ମହତ ଉଦ୍ଦେଶ୍ୟ ନେଇ ଅଧିକାରୀମାନେ ମତ ରଖିଥିଲେ। କଲେଜର ବିଦ୍ୟାର୍ଥୀଙ୍କର ଅଭିଭାବକ ନିକଟକୁ ପୋଷ୍ଟ କାର୍ଡରେ ଆସନ୍ତା ନିର୍ବାଚନରେ ମତଦାନ ପ୍ରଦାନ କରିବା ପ୍ରସଙ୍ଗରେ ସଚେତନତା ଉପରେ ଚିଠି ଲେଖିବା, କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ଅଧିକାରୀମାନେ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଭୋଟର ତାଲିକାରେ ନାମଯୋଗ ପାଇଁ ସଚେତନ କରାଇଥିଲେ। କଲେଜ ପରିସରରେ ଅନୁଷ୍ଠିତ ଭୋଟର ସଚେତନତା କାର୍ଯ୍ୟକ୍ରମରେ ଜାମଦା ବିଡିଓ ନିର୍ବାଚନ କାର୍ଯ୍ୟକ୍ରମ ସହ ସମ୍ପୃକ୍ତ ଅଧିକାରୀଗଣ ଉପସ୍ଥିତ ରହି ଆସନ୍ତା ନିର୍ବାଚନ ପାଇଁ ଭୋଟର ତାଲିକାରେ ନାମଯୋଗ, ମତଦାନ କରିବା ବିଷୟ



# ମତଦାତାଙ୍କ ଦାୟିତ୍ୱ ଓ ପ୍ରତ୍ୟେକଟି ଭୋଟର ଗୁରୁତ୍ୱ ସମ୍ବନ୍ଧରେ ସଚେତନତା

ରାଇରଙ୍ଗପୁର, ୧୯।୪(ସମିସ): ଭାରତୀୟ ନିର୍ବାଚନ କମିଶନଙ୍କ ବ୍ୟବସ୍ଥିତ ଭୋଟରଙ୍କ ଶିକ୍ଷା ଏବଂ ନିର୍ବାଚନରେ ଅଂଶଗ୍ରହଣ କାର୍ଯ୍ୟକ୍ରମକୁ ସୁଦୂରପ୍ରସାରୀ ଏବଂ ଫଳପ୍ରସୂ କରିବା ପାଇଁ ମୟୁରଭଞ୍ଜ ଜିଲ୍ଲାରେ ଅଭିନବ ପ୍ରୟାସ କରାଯାଉଛି। ସାଧାରଣ ଜନତା ତଥା ସମସ୍ତ ବର୍ଗର ମତଦାତା ବିଶେଷ କରି ଆଗାମୀ ନିର୍ବାଚନରେ ପ୍ରଥମ ଥର ପାଇଁ ମତଦାନ କରିବାକୁ ଯାଉଥିବା ଯୁବ ଭୋଟରମାନଙ୍କୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ ପୂର୍ବକ ସାମ୍ବିଧାନିକ ମୌଳିକ ମତଦାନ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଉତ୍ସାହିତ କରିବା ଏବଂ ସୁଦୃଢ଼ ଗଣତନ୍ତ୍ର ପ୍ରତିଷ୍ଠା ନିମନ୍ତେ ନିର୍ବାଚନରେ ମତଦାତାଙ୍କ ଦାୟିତ୍ୱ ଓ ପ୍ରତ୍ୟେକଟି ଭୋଟର ଗୁରୁତ୍ୱ ସମ୍ବନ୍ଧରେ ଏକ ସଚେତନତା କାର୍ଯ୍ୟକ୍ରମ ଗୋରୁମୋହିଷାଣୀ ସାପ୍ତାହିକ ହାଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲପାଳ ଦୌଲତ ଚନ୍ଦ୍ରକାର, ବାମନଘାଟି ଉପଜିଲ୍ଲାପାଳ ସରୋଜ କୁମାର ଦାଶ, ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଓ ରାଇରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ନାରାୟଣୀ ପ୍ରିୟଦର୍ଶିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଲୋକମାନଙ୍କ ମଧ୍ୟରେ ଏହା କିପରି ସୁଦୂରପ୍ରସାରୀ ହୋଇପାରିବ ଯଦ୍ୱାରା ନିର୍ବାଚନରେ ମତଦାତାଙ୍କ ଅଂଶଗ୍ରହଣ ଅଧିକରୁ ଅଧିକ ହେବ ସେ ସମ୍ବନ୍ଧରେ ବାର୍ତ୍ତାପ୍ରଦାନ କରିଥିଲେ। ସାଧାରଣ ଜନତା ତଥା ସମସ୍ତ ବର୍ଗର ଭୋଟରମାନଙ୍କ ସମାଗମକୁ ଦୃଷ୍ଟିରେ ରଖି ସାପ୍ତାହିକ ହାଟ ପରିସର ଠାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ଭୋଟରମାନଙ୍କୁ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଶିକ୍ଷା ଦେବା ସହ ମତଦାତାଙ୍କ ମତଦାନର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଉପସ୍ଥିତ ସାଧାରଣ ଜନତାଙ୍କୁ ସରଳ ଭାବେ ବୁଝାଇ ଦିଆଯାଇଥିଲା। ମତଦାତାଙ୍କୁ ସହଜ ଓ ସରଳ ବୋଧଗମ୍ୟ ପାଇଁ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ମାଧ୍ୟମରେ ମଧ୍ୟ ଭୋଟର ସଚେତନତା ସୃଷ୍ଟି କରାଯାଇଥିଲା। ମତଦାତାମାନେ କିପରି ଅଧିକରୁ ଅଧିକ ସଂଖ୍ୟାରେ ନିର୍ବାଚନରେ ଅଂଶଗ୍ରହଣ କରି ସେମାନଙ୍କ ସାମ୍ବିଧାନିକ ମୌଳିକ ମତଦାନ ଅଧିକାରକୁ ବ୍ୟବସ୍ଥିତ ଢଙ୍ଗରେ ସାବ୍ୟସ୍ତ କରିବେ ସେ ବିଷୟରେ ପରାମର୍ଶ ଦିଆଯାଇଥିଲା। ଗଣତନ୍ତ୍ରର ଏହି ମହାନ ପର୍ବରେ ସାମିଲ ହୋଇ ନିଜନିଜ ସାମ୍ବିଧାନିକ ମୌଳିକ ଅଧିକାରକୁ ସୁଚାରୁ ସମ୍ପାଦନ କରିବା ପାଇଁ ନିବେଦନ କରାଯାଇଥିଲା। ପରେ ଗୋରୁମୋହିସାଣି ସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଅନୁଷ୍ଠିତ ଭୋଟର ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀବାସର ୯୨ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନେ ଭବିଷ୍ୟତର ଉନ୍ନତି ତଥା ଦେଶରେ ସୁଦୃଢ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ରଚନାତ୍ମକ ଢଙ୍ଗରେ ପୋଷ୍ଟ କାର୍ଡରେ ଚିଠି ଲେଖି ଆଗାମୀ ନିର୍ବାଚନରେ ନିଶ୍ଚିତ ଭୋଟ ଦାନ କରିବା ପାଇଁ ନିଜନିଜ ପିତାମାତା ଓ ଗୁରୁଜନମାନଙ୍କୁ ଅନୁରୋଧ କରିଥିଲେ।



### ଅଭିଯୋଗ ସତ୍ତ୍ୱେ ତଦନ୍ତ କରୁନି ପ୍ରାଣିଧନ ବିଭାଗ

# କୋଡ଼ପଡ଼ା କୁକୁଡ଼ା ଫାର୍ମକୁ ନେଇ ତେଜୁଛି ବିବାଦ

ଆନନ୍ଦପୁର,୧୯।୪(ସମିସ)

ଆନନ୍ଦପୁର ବ୍ଲକ ଅନ୍ତର୍ଗତ କୋଡ଼ପଡ଼ା ଗ୍ରାମରେ ଜନବସତି ଓ ବିଦ୍ୟାଳୟ ନିକଟରେ କୁକୁଡ଼ା ଫାର୍ମ କରିବା ଘଟଣାରେ ଅଞ୍ଚଳବାସୀ ଆନନ୍ଦପୁର ପ୍ରାଣିଧନ ଚିକିତ୍ସା ବିଭାଗର କର୍ତ୍ତୃପକ୍ଷଙ୍କ ଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ତଦନ୍ତ କରାଯାଉନଥିବାରୁ ଏହାକୁ ନେଇ ବିବାଦ ଉଗ୍ରରୂପ ଧାରଣ କରିଛି। ଦୈନନ୍ଦିନ ଜୀବନଯାତ୍ରା ଓ ସାଧାରଣ ଚାଲିଚଳଣ ଉପରେ କୁକୁଡା ଫାର୍ମର କୁପ୍ରଭାବ ପଡୁଥିବାରୁ ଏନେଇ ଅଞ୍ଚଳବାସୀ ପ୍ରଶାସନିକ ସ୍ତରରେ ପ୍ରତିବାଦ କରିଛନ୍ତି। ତେବେ କୁକୁଡା ଫାର୍ମର ବର୍ଜ୍ୟବସ୍ତୁ ଓ ପୂତିଗନ୍ଧମୟ ପରିବେଶ ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରୁଥିବାରୁ ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ଏଦିଗରେ ଉଚିତ ପଦକ୍ଷେପ ନେବା ଜରୁରୀ ହୋଇପଡିଛି। ସୂଚନାଯୋଗ୍ୟ ଯେ, କୋଡ଼ପଡ଼ାରେ କୁକୁଡା ଫାର୍ମକୁ ବିରୋଧ କରି



କେତେକ ମହିଳା ପଞ୍ଚାୟତ କାର୍ଯ୍ୟାଳୟ ଘେରଉ କରି ସରପଞ୍ଚଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଇତି ମଧ୍ୟରେ ୭ ଦିନ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ମହିଳାମାନେ ପଞ୍ଚାୟତ କାର୍ଯ୍ୟାଳୟ ଘେରଉ କରିବାକୁ ସଜବାଜ ହେଉଥିବା ଜଣାଯାଇଛି। ଅଭିଯୋଗ ଅନୁଯାୟୀ, ଜନବସତି, ବିଦ୍ୟାଳୟ, ବ୍ୟାଙ୍କ, ଦୋକାନବଜାର ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଥିବା କେନ୍ଦ୍ର ସ୍ଥଳରେ ଏହି କୁକୁଡ଼ା ଫାର୍ମ କରାଯାଇଥିବାରୁ ଏହି ଅଞ୍ଚଳ ପ୍ରଦୂଷିତ ହୋଇପଡିଛି। ଏହାର ଦୁର୍ଗନ୍ଧରେ ସାଧାରଣ ଲୋକେ ଅତିଷ୍ଠ ହୋଇପଡିଥିବା ବେଳେ ବିଦ୍ୟାଳୟ ନିକଟରେ ଏହା ଥିବାରୁ ଛାତ୍ରଛାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। କୋଡପଡା ସମେତ ଆଖପାଖ ଅଞ୍ଚଳରୁ ଦୋକାନ ବଜାରକୁ ଆସୁଥିବା ଜନସାଧାରଣ ଦୁର୍ଗନ୍ଧ ଯୋଗୁ ପ୍ରତିକ୍ରିୟା ପ୍ରକାଶ କରିଥିବା ବେଳେ ବଜାରରେ ଥିବା ଦୋକାନୀ ଓ ବ୍ୟବସାୟୀମାନେ ଅଣନିଃଶ୍ୱାସୀ ହୋଇପଡିଲେଣି। ଅଞ୍ଚଳବାସୀଙ୍କ ବିରୋଧ ସତ୍ତ୍ୱେ କୁକୁଡ଼ା ଫାର୍ମ କରାଯାଇଥିବାରୁ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏହାକୁ ନେଇ ଉପୁଜିଥିବା ଅସନ୍ତୋଷରୁ ବିବାଦ ଉପୁଜୁଥିବା ଜଣାଯାଇଛି।

## ଅଗ୍ନିକାଣ୍ଡରେ ଜଳିଗଲା ୪ ବଖରା



**ହାଟଡ଼ିହୀ/ସୋସୋ,୧୯।୪(ସମିସ):** ହାଟଡ଼ିହୀ ବ୍ଲକ୍ ନନ୍ଦିପଦା ଥାନା ଅଁରା ପଞ୍ଚାୟତ ବେଲବନ୍ଧ ଗ୍ରାମ ୧୧ନଂ ୱାଡର୍‌ର ବାଇଧର ବେହେରାଙ୍କ ପୁଅ କଳାକାର ବେହେରାଙ୍କ ଘରେ ଆଜି ଦିବା ପ୍ରାୟ ୨ଟା ସମୟରେ ଅଗ୍ନିକାଣ୍ଡ ଘଟି ୪ବଖରା ଜଳିଯାଇଛି। ବିଦ୍ୟୁତ୍ ଜନିତ ଦୁର୍ଘଟଣା ଯୋଗୁଁ ହଠାତ୍ ଅଗ୍ନିକାଣ୍ଡ ଘଟିଥିବା ନେଇ ପରିବାର ଲୋକେ ଅନୁମାନ କରି କହିଛନ୍ତି। ତେବେ ଅଗ୍ନିକାଣ୍ଡର ସଠିକ୍ କାରଣ ସ୍ପଷ୍ଟ ଜଣାପଡ଼ିନି। ବାୟୁମଣ୍ଡଳର ତାପମାତ୍ରା ସହ ନିଆଁର ପ୍ରକୋପ ଅସହ୍ୟ ଯୋଗୁଁ ପରିବାର ଏବଂ ଗ୍ରାମବାସୀଙ୍କ ପକ୍ଷେ ନିଆଁ ଲିଭାଇବା ଅଣାୟତ୍ତ ହୋଇଥିଲା। ଖବର ପାଇ ହାଟଡିହୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଏଭଳି ଭୟାବହ ଅଗ୍ନିକାଣ୍ଡରେ କଳାକାର ବେହେରାଙ୍କ ଅନେକ ଘରୋଇ ସରଞ୍ଜାମ ନିଆଁରେ ପୋଡ଼ି ନଷ୍ଟ ହୋଇଥିବା ଜଣାଯାଇଛି। ସ୍ଥାନୀୟ ପ୍ରଶାସନ କ୍ଷୟକ୍ଷତି ଆକଳନ କରି ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ସହ ଗ୍ରାମବାସୀ ଦାବି କରିଛନ୍ତି।

## ବିଏନ୍ ହାଇସ୍କୁଲରେ ବାଳିକା ଶିକ୍ଷା ଆରମ୍ଭ

**ଆନନ୍ଦପୁର, ୧୯।୪(ସମିସ):** ଆନନ୍ଦପୁର ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରୁ ପ୍ରଥମ ଥର ପାଇଁ ବାଳିକାମାନଙ୍କ ନାମ ଲେଖା ଶୁଭାରମ୍ଭ ହୋଇଛି। ୧୯୪୫ ମସିହାରୁ ପ୍ରତିଷ୍ଠା ହୋଇଥିବା ଏହି ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟରେ କେବଳ ଛାତ୍ରମାନଙ୍କୁ ନେଇ ଅଧ୍ୟାପନା ଚାଲିଥିଲା। ତେବେ ରାଜ୍ୟ ସରକାର ଶିକ୍ଷାନୀତିରେ ପରିବର୍ତ୍ତନ ଆଣିବା ପରେ ଚଳିତ ବର୍ଷ ଶିକ୍ଷା ବିଭାଗ ପକ୍ଷରୁ ଉକ୍ତ ବିଦ୍ୟାଳୟରେ ବାଳିକାମାନଙ୍କ ନାମଲେଖା ପାଇଁ ସୁଯୋଗ ସୃଷ୍ଟି କରାଯାଇଛି। ବାଳିକାମାନଙ୍କ ନିମନ୍ତେ ନାମ ଲେଖାଇବା ପାଇଁ ନିର୍ଦ୍ଦେଶ ମିଳିବାରୁ ବିଦ୍ୟାଳୟ ପକ୍ଷରୁ ବାଳିକାମାନଙ୍କ ନିମନ୍ତେ ପ୍ରବେଶିକା ପରୀକ୍ଷା ଉଚ୍ଛେଦ, ନାମଲେଖା ଶୁଳ୍କ ଛାଡ଼, ବର୍ଷସାରା ନିଃଶୁଳ୍କ ଶିକ୍ଷାଦାନ, ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବାଳିକାଙ୍କୁ ସ୍କୁଲ ବ୍ୟାଗ୍ ଉପହାର ସହ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓମ୍‌କାର ଅନ୍ୱେଶ ପ୍ରକାଶ କରିଛନ୍ତି। ଆନନ୍ଦପୁର ଉପଖଣ୍ଡର ଏହି ସର୍ବପୁରାତନ ଶିକ୍ଷାନୁଷ୍ଠାନରେ ବାଳିକାମାନଙ୍କ ଶିକ୍ଷା ଆରମ୍ଭ ହୋଇଥିବାରୁ ବିଭିନ୍ନ ମହଲରେ ଆନନ୍ଦ ପ୍ରକାଶ ପାଇଛି।

## ୨୭ରେ ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନ

**ଢେଙ୍କିକୋଟ, ୧୯।୪ (ସମିସ):** ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାକୁ ନେଇ ଗଠିତ ପୂରାତନ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ଉତ୍ତର ଓଡିଶା ସାହିତ୍ୟ ସଂସ୍କୃତି ସମ୍ମେଳନର ୪୮ ତମ ବାର୍ଷିକ ସମାରୋହ କେନ୍ଦୁଝର ଜିଲ୍ଲାର ୨୦ ନଂ ଜାତୀୟ ରାଜପଥ ସଂଲଗ୍ନ ଘଟଗାଁ ବ୍ଲକ ଅନ୍ତର୍ଗତ ପିପିଲିଆ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ଯାଉଥିବା ସଂଗଠନର ସାଧାରଣ ସମ୍ପାଦକ ସାହିତ୍ୟିକ ଡକ୍ଟର ଭାଗବତ ଲେଙ୍କା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏପ୍ରିଲ ୨୭ ଅପରାହ୍ନରେ ଉଦ୍‌ଘାଟନ ସମାରୋହ ଓ ସନ୍ଧ୍ୟାରେ ଆଲୋଚନାଚକ୍ର ସହ ୨୮ ତାରିଖ ରବିବାର ପୂର୍ବାହ୍ନ ୯ ଟାରୁ କବିତା ପାଠୋତ୍ସବ ଓ ଅପରାହ୍ନରେ ଉଦଯାପନ ତଥା ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛ। କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ବିବରଣୀ ସମ୍ପର୍କରେ ସୂଚନା ପାଇଁ ସଂଗଠନ ସଭାପତି ନୃସିଂହନାଥ ସିଂହ ଏବଂ ସମ୍ପାଦକ ଡକ୍ଟର ଲେଙ୍କା ଯୋଗାଯୋଗ କରାଯିବାକୁ କୁହାଯାଇଛି।

## ସ୍ୱାସ୍ଥ୍ୟକର୍ମୀଙ୍କ ପରଲୋକ



**ଆନନ୍ଦପୁର,୧୯।୪(ସମିସ):** ସ୍ଥାନୀୟ ମଦନପୁର ପଞ୍ଚାୟତ ବାଙ୍କିଡି ଗ୍ରାମର ମହିଳା ସ୍ୱାସ୍ଥ୍ୟକର୍ମୀ ଦୟାମୟୀ ମିଶ୍ରଙ୍କର ଆଜି ୫୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଗତ ଦୁଇଦିନ ତଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ ଚିକିତ୍ସାଧୀନ ଅବସ୍ଥାରେ ବିୟୋଗ ହୋଇଛି। ସେ ତୋରାଣୀପୋଖରୀସ୍ଥିତ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ଆଦିତ୍ୟ ମୋହନ ମିଶ୍ରଙ୍କ ପତ୍ନୀ ଅଟନ୍ତି। ତାଙ୍କ ପାର୍ଥୀବ ଶରୀର ବାଙ୍କିଡିସ୍ଥିତ ବାସଭବନରେ ପହଞ୍ଚିବା ପରେ ଆଖପାଖ ଅଞ୍ଚଳର ବହୁମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁ ସମୟରେ ତାଙ୍କ ପୁଅ, ପୁତୁରା, ବୋହୂ, ପରିବାର ସଦସ୍ୟ ଉପସ୍ଥିତ ଥିଲେ। ପରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କେତେକ କର୍ମଚାରୀଙ୍କ ସମେତ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ରହି ଶେଷଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

### ବଢ଼ିଚାଲିଛି ତାପମାତ୍ରା

## ସାଧାରଣ ଜୀବନଯାତ୍ରା ପ୍ରଭାବିତ

**କେନ୍ଦୁଝର,୧୯।୪(ସମିସ):** କେନ୍ଦୁଝର ଜିଲ୍ଲାରେ ଗତ ୫ଦିନ ହେବ ତାପମାତ୍ରା ବୃଦ୍ଧିପାଇ ଚାଲିଥିବା ବେଳେ ତାପମାତ୍ରାକୁ ନେଇ ୟେଲୋ ୱାର୍ଣ୍ଣି ଜାରି କରାଯାଇଛି। ପ୍ରବଳ ତାପମାତ୍ରା କାରଣରୁ ଜିଲ୍ଲାରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ସକାଳ ୯ଟା ପରେ ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଜଳାଶ୍ରୟରେ ପାଣି କମିକମି ଚାଲିଥିବା ବେଳେ ଆଉ ଅଳ୍ପଦିନ ମଧ୍ୟରେ ବର୍ଷା ନହେଲେ ପରିସ୍ଥିତି ଆହୁରି ଖରାପ ହେବ ବୋଲି ଆଶଙ୍କା ରହିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ଗତ ୧୫ ତାରିଖରେ କେନ୍ଦୁଝରର ସର୍ବାଧିକ ତାପମାତ୍ରା ୩୯.୦ ଡିଗ୍ରୀ ସେଲସିୟସ ଥିଲା। ୧୬ ତାରିଖରେ ତାପମାତ୍ରା ବୃଦ୍ଧିହୋଇ ୪୦ ଡିଗ୍ରୀ ସେଲସିୟସ ହୋଇଥିଲା। ୧୭ ତାରିଖରେ ତାପମାତ୍ରା ପୁଣି ବୃଦ୍ଧିପାଇ ୪୦.୨ ଡିଗ୍ରୀ ହୋଇଥିଲା। ୧୮ ତାରିଖ ଗୁରୁବାର ସର୍ବାଧିକ ତାପମାତ୍ରା ୪୦.୯ ହୋଇଥିବାବେଳେ ୧୯ ତାରିଖରେ ତାପମାତ୍ରା ଆହୁରି ବୃଦ୍ଧିହୋଇ ୪୨.୨ ଡିଗ୍ରୀ ସେଲସିୟସ ଛୁଇଁଛି।

## ବଡ଼ଦାଣ୍ଡରେ ମା' ବାସନ୍ତୀ ଦେବୀଙ୍କ ପୂଜା ଉତ୍ସବ

**ଆନନ୍ଦପୁର,୧୯।୪(ସମିସ):** ଆନନ୍ଦପୁର ବଡଦାଣ୍ଡସ୍ଥିତ ଲକ୍ଷ୍ମୀନାରାୟଣପୁର ଶାସନ ମଣ୍ଡପଠାରେ ସାର୍ବଜନୀନ ମା'ବାସନ୍ତୀ ଦୂର୍ଗାପୂଜା ଗତ ରବିବାରଠାରୁ ମହା ସମାରୋହରେ ଆରମ୍ଭ ହୋଇ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯୋଗୁ ଭକ୍ତଙ୍କ ସମାଗମ ଲାଗିରହିଛି। ସାର୍ବଜନୀନ ମା' ବାସନ୍ତୀ ଦୂର୍ଗାପୂଜା ଗତ ୨୦୧୪ ମସିହାରୁ ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ୧୧ତମ ପୂଜା ଉତ୍ସବ ଆଡମ୍ବର ସହକାରେ ପାଳିତ ହୋଇଛି। ମା'ଙ୍କ ପୂଜାମଣ୍ଡପରେ ସୁସଜ୍ଜିତ ତୋରଣ କରାଯାଇଥିବା ବେଳେ ପୂଜା ମଣ୍ଡପରେ ରଙ୍ଗବେରଙ୍ଗର ଆଲୋକମାଳା ଯୋଗୁ ବେଶ୍ ଆକର୍ଷଣୀୟ ହୋଇଛି ମା'ଙ୍କୁ ଦର୍ଶନ କରିବା ପାଇଁ ଆଖପାଖରୁ ଶ୍ରଦ୍ଧାଳୁମାନେ ଆସୁଥିବା ବେଳେ ବିଶେଷ କରି ମହିଳା ବ୍ରତଧାରୀମାନଙ୍କ ପ୍ରତିଦିନ ସନ୍ଧ୍ୟା ଆଳତି ସମୟରେ ଭିଡ ପରିଲକ୍ଷିତ ହୋଇଛି। କମିଟିର ସଦସ୍ୟ ମୋହନ ଗୋପାଳ ଶତପଥି, ସୁଦର୍ଶନ ମିଶ୍ର, ସ୍ନେହାଶିଷ ପଣ୍ଡା, ତନୁଶ୍ ମିଶ୍ର, ରଜନୀକାନ୍ତ ମିଶ୍ର, କହ୍ନେଇ ମିଶ୍ର, ଶାନ୍ତନୁ ମିଶ୍ର, ବୁବୁଲୁ ରାମ୍ ପ୍ରମୁଖ ପୂଜାକାର୍ଯ୍ୟକୁ ପରିଚାଳନା କରୁଛନ୍ତି।

## ଡହଡହ ଖରା; ଖୋଲୁନି ଜଳଛତ୍ର

**ତେଲକୋଇ,୧୯।୪(ସମିସ):** ତେଲକୋଇ ବ୍ଲକ ମୁଖ୍ୟାଳୟକୁ ଦୈନନ୍ଦିନ ଶତାଧିକ ସଂଖ୍ୟାରେ ଲୋକମାନେ ସରକାରୀ କାର୍ଯ୍ୟାଳୟମାନଙ୍କୁ ବିଭିନ୍ନ କାର୍ଯ୍ୟରେ ଯିବା ଆସିବା କରିଥାନ୍ତି। ବର୍ତ୍ତମାନ ଖରାର ତାତି ବଢିଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। କିନ୍ତୁ ଅଦ୍ୟାବଧି ଜଳଛତ୍ର ଖୋଲାଯାଇ ପାରିଲାନାହିଁ। ସାଧାରଣ ଲୋକେ ପାଣି ଟୋପେ ପାଇଁ ଡହଳ ବିକଳ ହେଉଛନ୍ତି। ବ୍ଲକ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବା ପରିତାପର



ବିଷୟ ହୋଇଛି। ଅନ୍ୟ ପକ୍ଷରେ ଆଗକୁ ନିର୍ବାଚନ ରହିଥିବା ବେଳେ ମୁଖ୍ୟାଳୟ ସହ ବିଭିନ୍ନ ଛକ ନିକଟରେ ଜନଗହଳିର ମାତ୍ରା ବୃଦ୍ଧି ପାଉଥିବା ବେଳେ ପାନୀୟ ଜଳର ବ୍ୟବସ୍ଥା ନଥିବା ନେଇ କୌଣସି ରାଜନେତା ତଥା କୁଜି ନେତା ମାନେ ମଧ୍ୟ ପ୍ରାସାସନିକ ସ୍ତରରେ ଆଲୋଚନା କରି କାର୍ଯ୍ୟକାରୀ କରିବା ପାଇଁ ଇଚ୍ଛାଶକ୍ତି ନଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭିନ୍ନ ପଞ୍ଚାୟତରେ ସ୍ୱୟଂ ସହାୟକ ଗୋଷ୍ଠୀ ରହିଥିଲେ ମଧ୍ୟ କୌଣସି ପ୍ରକାର ପାନୀୟ ଜଳ ବ୍ୟବସ୍ଥା ହେଉ ନ ଥିବା ଦେଖିବାକୁ ମିଳିଛି।

## ମା' ତାରିଣୀଙ୍କ ପୀଠରେ ବାର୍ଷିକୀ ପୂଜା ଉତ୍ସବ

**ହାଟଡିହୀ,୧୯।୪(ସମିସ):** ହାଟଡିହୀସ୍ଥିତ ମା' ତାରିଣୀଙ୍କ ମନ୍ଦିରରେ ଅଷ୍ଟମ ବାର୍ଷିକୀ ପୂଜା ଉତ୍ସବ ପାଳିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟିର ସଭାପତି ଘନଶ୍ୟାମ ପହି, ସମ୍ପାଦକ ସଦାଶିବ ଚକ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାତଃ ସମୟରେ ଜଳକଳଙ୍ଗ ଗାଁ ପୋଖରୀରୁ ଜଳପୂର୍ଣ୍ଣ କଳସ ଅଣାଯାଇ ଘଟସ୍ଥାପନା କରାଯାଇଥିଲା। ମା'ଙ୍କ



ଦେହୁରୀ ଗଣନାଥ ସାମଲ ଓ ତାଙ୍କ ପତ୍ନୀ ମେନକା ସାମଲ ଠାକୁରାଣୀଙ୍କ ମାଜଣା ଠାରୁ ପ୍ରାତଃ ପୂଜା କରିଥିଲେ। ପଣ୍ଡିତ ବାବାଜୀ ତ୍ରିପାଠୀ, ନରେନ୍ଦ୍ର ପଣ୍ଡା ଓ ଉମାକାନ୍ତ ପଣ୍ଡାଙ୍କ ଦ୍ୱାରା ପୂଜାର୍ଚ୍ଚନା ସହ ଚଣ୍ଡୀପାଠ ଓ ହୋମଯଜ୍ଞ ସମ୍ପନ୍ନ ହୋଇଥିଲା। ଏଥିରେ ବଳରାମ ମଲ୍ଲିକ ଓ ତାଙ୍କ ପତ୍ନୀ ତୁଳସୀ ମଲ୍ଲିକ ସଂକଳ୍ପ କରିଥିଲେ। ମା'ଙ୍କ ସନ୍ଧ୍ୟାଆଳତୀ ପରେ ଭଜନ ସନ୍ଧ୍ୟା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକୁ ନୃସିଂହ ଚରଣ ସେଠୀ, ସୁଦାମ ଚରଣ ନାୟକ, ରମାନାଥ ମଲ୍ଲିକ, ପିତାମ୍ବର ମଲ୍ଲିକ, ଶଙ୍କର୍ଷଣ ଓଝା, ଅନାଥ ଜେନା, ପଦ୍ମନାଭ ମାଝୀ, ଯୁଧିଷ୍ଠିର ନାୟକ, ଗୌରହରି ନାୟକ, ସନ୍ତୋଷ ମଲ୍ଲିକ, ମାନସ ରଞ୍ଜନ ନାୟକ, ରବିନ୍ଦ୍ର ଜେନା, ଚିତ୍ତରଞ୍ଜନ ପହି, ଗୋଲକ ବିହାରୀ ନାୟକ ପ୍ରମୁଖ ପରିଚାଳନା କରିଥିଲା ବେଳେ ଗୋପାଳ ଜେନା, ଗୌରାଙ୍ଗ ଜେନା, ସୁବାସ ନାୟକ, ଶାନ୍ତନୁ ନାୟକ, ଜିତେନ୍ଦ୍ର ପହି, ଉପେନ୍ଦ୍ର ଜେନା, ଜଳଧର ପହି, ସନ୍ତୋଷ ଚକ୍ର, ଅନାଦି ପହି, ଆଦିକନ୍ଦ ପହି, ଯତିନ୍ଦ୍ର ଜେନା, ବୃନ୍ଦାବନ ଓଝା, ବୁଦ୍ଧଦେବ ଜେନା, ରୂପନାରାୟଣ ଦାଶ, ହରେକୃଷ୍ଣ ପଣ୍ଡା, ଧବଳ ପଟ୍ଟନାୟକ, ରାଧୁ ପାତ୍ର, ବ୍ରହ୍ମାନନ୍ଦ ପାତ୍ର, ଭାଗୀରଥି ସେଠୀ, ଗୌରକୃଷ୍ଣ ନାୟକ, ରବିନ୍ଦ୍ର ମହାପାତ୍ର, କାର୍ତ୍ତିକ ପୃଷ୍ଟି, ଭଗବାନ୍ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ପଢ଼ିଆରୀପଲ୍ଲୀରେ ଆଦିବାସୀ ଆବାସିକ ବିଦ୍ୟାଳୟ ଖୋଲିବାକୁ ଦାବି

**ସୋସୋ,୧୯।୪(ସମିସ):** ପଢିଆରିପଲ୍ଲି ପଞ୍ଚାୟତରେ ଥିବା ବିଭିନ୍ନ ବିଦ୍ୟାଳୟର ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଆବାସିକ ବିଦ୍ୟାଳୟ ଖୋଲିବାକୁ ଦାବି ହୋଇଛି। ଏହି ପଞ୍ଚାୟତର ପଢିଆରୀପଲ୍ଲି ପଞ୍ଚାୟତ ହାଇସ୍କୁଲ ବଣିଆପଙ୍କ, ପଢିଆରୀପଲ୍ଲି ନୋଡାଲ, ବଣିଆପଙ୍କ ନୋଡାଲ, ପଢିଆରୀପଲ୍ଲି ଅନ୍ଧାରି ସାହି, ଆତୁରିକଣା ସ୍କୁଲ, ମଢେଇସାହି ସ୍କୁଲ, ଜଡାବାଙ୍କ ସ୍କୁଲ, ମହୁଲପଙ୍କା ସ୍କୁଲ, କୁରାଡିଘସା ସ୍କୁଲ, କାହାଳିଗଡିଆ ସ୍କୁଲ, ଝୁଣାବାଡି ସ୍କୁଲ ଆଦି ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟ ଗୁଡିକ ହିସାବ କଲେ ଶହଶହ ଆଦିବାସୀ ଛାତ୍ରୀ ଓ ଆଦିବାସ ଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି। ପଞ୍ଚାୟତଟି ଆଦିବାସୀ ବହୁଳ ପଞ୍ଚାୟତ ହୋଇଥିବାରୁ ଏଠାରେ ଆଦିବାସୀ ଆବାସିକ ବିଦ୍ୟାଳୟ ନାହିଁ। ଜିଲ୍ଲା ପ୍ରଶାସନ ଏଥିପ୍ରତି ସମୀକ୍ଷା କରିବା ସହିତ ଆଦିବାସୀ ଛାତ୍ରଛାତ୍ରୀଙ୍କର ସଂଖ୍ୟା ନିରୁପଣ କରି ପଞ୍ଚାୟତ ସ୍ତରରେ ଏକ ଆଦିବାସୀ ଆବାସିକ ବିଦ୍ୟାଳୟ ଖୋଲାଯାଇପାରିଲେ ଆଦିବାସୀ ଛାତ୍ରଛାତ୍ରୀଙ୍କ ଏହାର ସୁବିଧା ପାଇ ଉଚ୍ଚ ଶିକ୍ଷା ପାଇପାରନ୍ତେ ବୋଲି କୁହାଯାଉଛି। ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେଇ ଏକ ଆଦିବାସୀ ଆବାସିକ ଖୋଲିବାକୁ ସରପଞ୍ଚ ଆଜିତ କୁମାର ରାଉତ, ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ରାଉତ, ପୂର୍ବତନ ସରପଞ୍ଚ ବିଷ୍ଣୁପଦ ନାୟକ, ପୂର୍ବତନ ସରପଞ୍ଚ ହରିବଲ୍ଲଭ ନାଇକ, ପୂର୍ବତନ ସରପଞ୍ଚ ହାଡି ବନ୍ଧୁ ଦେହୁରୀ, ପ୍ରାକ୍ତନ ବିଇଓ ସୁରଥ କୁମାର ସାହୁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଏସିବି ଫାଉଣ୍ଡେସନର ପ୍ରତିଷ୍ଠାତା ଅଲେଖ ଚନ୍ଦ୍ର ବେହେରା, ଶରତ ନାୟକ, ଶରତ ଗିରି, ବଳରାମ ଗିରି ଗୋଲଖ ରାଉତ, ଆନନ୍ଦ ରାଉତ, ପରେଶ ରାଉତ, ମାର୍କଣ୍ଡ ସାହୁ ପ୍ରମୁଖ ପଞ୍ଚାୟତବାସୀ ଓ ଅଭିଭାବକ ଦାବି କରିଛନ୍ତି।

## ମଙ୍ଗଳା ମନ୍ଦିର ପ୍ରତିଷ୍ଠାରେ ଯୋଗଦେଲେ ବିଧାୟକ

**ଘସିପୁରା,୧୯ ।୪(ସମିସ):** ଘସିପୁରା ବ୍ଲକ କେଶଦୁରାପାଳ ପଞ୍ଚାୟତର କୁରାଳ ସାହିରେ ମା' ମଙ୍ଗଳାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଘସିପୁରା ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ପରେ କେଶଦୁରପାଳ ଗ୍ରାମରେ ବୁଲିବା ସମୟରେ ଦୀର୍ଘ ଦିନ ହେବ ପାନୀୟ ଜଳ ଅଭାବ ଥିବାରୁ ସମସ୍ୟାର ସମାଧାନ ନିମନ୍ତେ ସ୍ଥାନୀୟ ସରପଞ୍ଚ ଏବଂ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଆସନ୍ତା କାଲିଠାରୁ ପଞ୍ଚାୟତ ପକ୍ଷରୁ ଟ୍ୟାଙ୍କର ଯୋଗେ କେଶଦୁରାପାଳ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।



### ଆନନ୍ଦପୁର ପୁଲିସ ପ୍ରଶାସନ ଓ ଅବକାରୀ ବିଭାଗ ଜଲକା

# ଅଫ୍‌ସପ୍ ପରିସରରେ ଠିପିଖୋଲା କାରବାର

**ଆନନ୍ଦପୁର,୧୯।୪(ସମିସ):** ରାଜ୍ୟ ସରକାର ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନରେ ମଦ ବିକ୍ରିକୁ ନେଇ କଟକଣା ଜାରି କରିଥିଲେ ମଧ୍ୟ ସ୍ୱୀକୃତି ପ୍ରାପ୍ତ ସରକାରୀ ବିଦେଶୀ ମଦ ଦୋକାନ ଏହି ନୀତିନିୟମକୁ ମାନୁନଥିବାରୁ ଅପ୍ରୀତିକର ପରିସ୍ଥିତି ଏବଂ ସାମାଜିକ ବିଶୃଙ୍ଖଳା ଏକ ନୀତିଦିନିଆ ଘଟଣାରେ ପରିଣତ ହେଲାଣି। ଆନନ୍ଦପୁର ଉପଖଣ୍ଡରେ ଥିବା ବିଦେଶୀ ମଦ ଦୋକାନ ଗୁଡିକୁ ଅଫସପ୍‌ର ସ୍ୱୀକୃତି ଦିଆଯାଇଥିବା ବେଳେ ମଦ ଦୋକାନ ପରିସରରେ ଠିପି ଖୋଲା କାରବାର ଯୋଗୁ ଅବକାରୀ ବିଭାଗର କଟକଣା ଲଗାମଛଡା ହୋଇପଡିଛି। ଏହି କାରବାର ଦିନ ତମାମ ଚାଲିଥିବା ବେଳେ ସଞ୍ଜ ନଇଁଲେ ବିଦେଶୀ ମଦ ଦୋକାନ ପରିସରରେ ଠିପି ଖୋଲା କାରବାରର ପସରା



ସାମାଜିକ ଶୃଙ୍ଖଳାକୁ ବ୍ୟାହତ କରୁଥିବା ଅଭିଯୋଗ ହୋଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ଧରପଗଡ ହେଉନଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଅବକାରୀ ବିଭାଗ ଏହି କାରବାର ଉପରେ ନୀତିପ୍ରତିଦିନ ନଜର ରଖିବା ସହିତ ଉପଯୁକ୍ତ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ଅନେକାଂଶରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଯାହାର ପ୍ରତିଫଳନ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଅଞ୍ଚଳରେ। ପ୍ରଶାସନର କଟକଣା ଏବଂ ଅବକାରୀ ବିଭାଗର ଲଗାମ ସତ୍ତ୍ୱେ ଆନନ୍ଦପୁର ଅଞ୍ଚଳରେ ବିଦେଶୀ ମଦ ବିକ୍ରି କରିବାକୁ ସ୍ୱତନ୍ତ୍ର ଆଇନ ଥିବା ବେଳେ ଅଫସପ୍ ଗୁଡିକ ଏବେ ଅନସପ୍‌ର ଭ୍ରମ ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଓ ପ୍ରଶାସନିକ କଟକଣାକୁ ଆନନ୍ଦପୁର ଅଞ୍ଚଳର ବିଦେଶୀ ମଦ ଦୋକାନ ଗୁଡିକ ମାନୁନଥିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏନେଇ ଆନନ୍ଦପୁର ଅବକାରୀ ଥାନା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏହାର ତଦନ୍ତ କରାଯାଇ ଉଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

### ● ଅସହ୍ୟ ତାତିରେ ଠିଆହୋଇ ରହୁଛନ୍ତି ହିତାଧିକାରୀ

# ଆହାର କେନ୍ଦ୍ର ସମୟରେ ପରିବର୍ତ୍ତନ ଦାବି

ଆନନ୍ଦପୁର,୧୯।୪(ସମିସ)



ଅସହ୍ୟ ତାତି, ପ୍ରବଳ ଗୁଳୁଗୁଳି ଓ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶ୍ରମିକ ନିୟୋଜିତ ନିର୍ମାଣ କାର୍ଯ୍ୟର ସମୟ ଉପରେ କଟକଣା ଜାରି କରିବା ଏବଂ ବିଦ୍ୟାଳୟ ଗୁଡିକୁ ଛୁଟି କରିଦେଇଥିବା ବେଳେ ଆହାର କେନ୍ଦ୍ର ଦିନ ୧୧ ଘଟିକା ପର୍ଯ୍ୟନ୍ତ ଖୋଲୁ ନଥିବାରୁ ହିତାଧିକାରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ସୁଲଭ ମୂଲ୍ୟରେ ଖୋଲାଯାଇଥିବା ଏହି ଆହାର କେନ୍ଦ୍ର ଖୋଲିବା ସମୟ ଦିନ ୧୧ ଘଟିକା ନିର୍ଦ୍ଧାରଣ କରାଯାଇଥିବା ବେଳେ ଅସହ୍ୟ ତାତି ଯୋଗୁ ଏହାର ସମୟ ପରିବର୍ତ୍ତନ କରିବାକୁ ଆହାର କେନ୍ଦ୍ରରେ ଉପସ୍ଥିତ ଥିବା କେତେକ ହିତାଧିକାରୀ ଦାବି କରିଥିଲେ। ଏନେଇ ଆନନ୍ଦପୁର ପୌରନିର୍ବାହୀ ଅଧିକାରୀ ଦେବବ୍ରତ ବଳଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଜିଲ୍ଲା ପ୍ରଶାସନ ଅନୁମତି କ୍ରମେ ଏହି ସମୟ ପରିବର୍ତ୍ତନ କରିବାକୁ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି। ତେବେ ପ୍ରତିଦିନ ୫ଶହରୁ ଊର୍ଦ୍ଧ୍ୱର୍ ହିତାଧିକାରୀ ଭୋଜନ କରୁଥିବା ଦୃଷ୍ଟିରୁ ସେମାନଙ୍କ ସୁବିଧା ପାଇଁ ସମୟ ପରିବର୍ତ୍ତନ କରିବା ଜରୁରୀ ହୋଇପଡିଛି।


## ଚର୍ଚ୍ଚାରେ ନୋଟା ଭୋଟ୍

# ରାଜନୈତିକ ଦଳଙ୍କୁ ବନାଉଛି ଉତ୍ତରଦାୟୀ

ସୁପ୍ରିମକୋର୍ଟଙ୍କ ୨୦୧୩ର ନିର୍ଦ୍ଦେଶ ପରେ ନିର୍ବାଚନରେ ନୋଟା (ଉପରୋକ୍ତ ମଧ୍ୟରୁ କେହିନୁହେଁ) ଭୋଟ୍‌ର ବ୍ୟବହାର ଆରମ୍ଭ ହୋଇଥିଲା। ଯଦି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କୌଣସି ପ୍ରାର୍ଥୀ ଭୋଟରଙ୍କୁ ଯୋଗ୍ୟ ନ ଲାଗନ୍ତି ତେବେ ସେ ନୋଟାକୁ ନିଜର ଭୋଟ ଦେଇପାରିବେ। ନାଗରିକଙ୍କୁ ଅସନ୍ତୋଷ ପ୍ରକାଶ କରିବାର ସୁଯୋଗ ଦେବା ପାଇଁ ନୋଟାର ଆରମ୍ଭ ହୋଇଥିଲା। ସର୍ବପ୍ରଥମେ ୨୦୧୩ରେ ଏହାକୁ ବ୍ୟବହାର କରାଯାଇଥିଲା। ପ୍ରଥମେ ୫ ରାଜ୍ୟର ବିଧାନସଭା ନିର୍ବାଚନରେ ନାଗରିକଙ୍କୁ ଏହାର ବ୍ୟବହାର କରିବା ପାଇଁ ସୁଯୋଗ ଦିଆଯାଇଥିଲା। ପରେ ସମସ୍ତ ବିଧାନସଭା ଏବଂ ଲୋକସଭା କ୍ଷେତ୍ରର ଭୋଟରଙ୍କୁ ଏହି ବିକଳ୍ପ ମିଳିଥିଲା।

ସୁପ୍ରିମକୋର୍ଟ ୨୦୦୪ର ଏକ ଆବେଦନର ଶୁଣାଣି କରି ୨୦୧୩ ସେପ୍ଟେମ୍ବର ୨୭ରେ ନୋଟା ବିକଳ୍ପ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭୋଟ ଦେବାର ଅଧିକାରରେ ଭୋଟ ନ ଦେବାର ଅଧିକାର ମଧ୍ୟ ସାମିଲ ରହିଛି ବୋଲି କୋର୍ଟ କହିଥିଲେ। ସୂଚନାଯୋଗ୍ୟ ଯେ ବିଶ୍ୱର ୧୪ ତମ ଦେଶ ଭାବେ ଭାରତ ଏହି ବିକଳ୍ପ ପ୍ରଦାନ କରୁଛି। ନୋଟା ରାଜନୈତିକ ଦଳଙ୍କୁ ଉତ୍ତରଦାୟୀ ବନାଉଛି। ଏହା ଉତ୍ତମ ପ୍ରାର୍ଥୀ ଚୟନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ। ଯଦି ଦଳଗୁଡିକ କ୍ରମାଗତ ଭାବେ ଅଯୋଗ୍ୟ ପ୍ରାର୍ଥୀଙ୍କୁ ମୈଦାନଙ୍କୁ ଓହ୍ଲାନ୍ତି ତେବେ ନୋଟା ବିକଳ୍ପ ଚୟନ କରି ଭୋଟର ଏହାକୁ ବିରୋଧ କରିପାରିବେ। ଭାରତୀୟ ନିର୍ବାଚନ କମିଶନ ୨୦୧୩ ଅକ୍ଟୋବର ୧୧ରେ ଏଭିଏମ ଏବଂ ବାଲାଟ ପେପରରେ ନୋଟା ବିକଳ୍ପ ଉପଲବ୍ଧ କରାଇ ଥିଲେ। ଏହା ପ୍ରାର୍ଥୀଙ୍କ ତାଲିକାର ଶେଷ ଧାଡ଼ିରେ ଥାଏ। ୨୦୧୩ରେ ପ୍ରଥମ ଥର ପାଇଁ ଛତିଶଗଡ଼, ମିଜୋରାମ, ମଧ୍ୟପ୍ରଦେଶ ଏବଂ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏହାକୁ ବ୍ୟବହାର କରାଯାଇଥିଲା।

- ଅସନ୍ତୁଷ୍ଟ ଭୋଟରଙ୍କ ସନ୍ତୋଷଜନକ ବିକଳ୍ପ
- ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ହୋଇଥିଲା ଆରମ୍ଭ
- ୨୦୧୩ ନିର୍ବାଚନରେ ପ୍ରଥମେ ଆପଣା ଯାଇଥିଲା
- ବିଶ୍ୱର ୧୪ତମ ରାଷ୍ଟ୍ର ଭାବେ ବିକଳ୍ପ ଦେଉଛି ଭାରତ




### ନୋଟାକୁ ଅଧିକ ଭୋଟ ମିଳିଲେ କ'ଣ ହେବ



ଅନ୍ୟ ଭୋଟ ପରି ନୋଟା ଭୋଟକୁ ମଧ୍ୟ ଗଣା ଯାଇଥାଏ। ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ ନୋଟା ଭୋଟକୁ ନାକଟ ଭୋଟ୍ ଶ୍ରେଣୀରେ ରଖାଯାଇଥାଏ। ଯଦି ନୋଟାକୁ ଶହେ ପ୍ରତିଶତ ଭୋଟ ଯାଏ ତେବେ ସେଠାରେ ପୁଣିଥରେ ନିର୍ବାଚନ କରାଯାଇଥାଏ। କିନ୍ତୁ ଯଦି ଜଣେ ପ୍ରାର୍ଥୀ ଗୋଟିଏ ଭୋଟ ପାଆନ୍ତି ଏବଂ ଅନ୍ୟ ସବୁ ଭୋଟ ନୋଟାକୁ ଯାଇଥାଏ ତେବେ ସେହି ପ୍ରାର୍ଥୀଙ୍କୁ ବିଜୟୀ ଧରା ଯାଇଥାଏ। ୨୦୧୯ ଲୋକସଭା ନିର୍ବାଚନରେ ନୋଟାର ଭୋଟ ଶେୟାର ୧.୦୬ ପ୍ରତିଶତ ଥିଲା। ମାତ୍ର ବିହାରରେ ସର୍ବାଧିକ ୨.୦ ପ୍ରତିଶତ ଭୋଟ ନୋଟାକୁ ମିଳିଥିଲା। ନାଗାଲାଣ୍ଡରେ ଏହି ବିକଳ୍ପକୁ ସବୁଠାରୁ କମ୍ ବ୍ୟବହାର କରାଯାଇଥିଲା। ଏଠାରେ ନୋଟାର ଭୋଟ ସେୟାର ୦.୨୦ ପ୍ରତିଶତ ଥିଲା। ୨୦୧୯ରେ ୬୫, ୨୨, ୭୭୨ ଭୋଟ ନୋଟାକୁ ମିଳିଥିଲା।

## ପ୍ରଥମ ପର୍ଯ୍ୟାୟ ମତଦାନ

# ଭୋଟ ଦେଲେ ବିଶ୍ୱର ସବୁଠୁ ଗେଡ଼ି ମହିଳା



ବିଶ୍ୱର ସବୁଠୁ ଗେଡ଼ି ମହିଳା ଜ୍ୟୋତି ଆମଜି ଆଜି ନାଗପୁରର ଏକ ଭୋଟ କେନ୍ଦ୍ରରେ ମତଦାନ କରିଛନ୍ତି। ଭୋଟ ଦେଇସାରି ସେ ଭୋଟ ଦେବାକୁ ଘରୁ ବାହାରିବା ପାଇଁ ସମସ୍ତ ଭୋଟରଙ୍କୁ କହିଛନ୍ତି। ସେ ପୁଣି କହିଛନ୍ତି, ଭୋଟ ଦେଇଥିବାରୁ ସେ ଖୁସୀ। ଭୋଟ ଦେବା ଆମ ଦାୟିତ୍ୱ, ଆମେ ବହୁ ସଂଖ୍ୟାରେ ଭୋଟ କେନ୍ଦ୍ରକୁ ପହଞ୍ଚି ଭୋଟ ଦେବା ଉଚିତ। ୧୯୯୩ ଡିସେମ୍ବର ୧୬ରେ ନାଗପୁରରେ ଜ୍ୟୋତିଙ୍କ ଜନ୍ମ। ତାଙ୍କ ଉଚ୍ଚତା ହେଉଛି ମାତ୍ର ୬୨.୮ ସିଏମ୍ ବା ୨୪.୭ ଇଞ୍ଚ। ଗିନିଜ ୱାର୍ଲଡ ରେର୍କଡ ଅନୁଯାୟୀ ସେ ହେଉଛନ୍ତି ବିଶ୍ୱର ସବୁଠାରୁ ଗେଡ଼ି ମହିଳା। ନାଗପୁରରେ କେନ୍ଦ୍ର ମନ୍ତ୍ରୀ ନିତିନ ଗଡ଼କରୀ ହେଉଛନ୍ତି ବିଜେପି ପ୍ରାର୍ଥୀ। ତାଙ୍କ ବିପକ୍ଷରେ ବିକାଶ ଥାକରେଙ୍କୁ ପ୍ରାର୍ଥୀ କରିଛି କଂଗ୍ରେସ। ଥାକରେ ହେଉଛନ୍ତି ନାଗପୁର ଦକ୍ଷିଣ ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ। ୨୦୧୯ ଲୋକସଭା ନିର୍ବାଚନରେ ଗଡ଼କରୀ ମୋଟ ଭୋଟର ୫୫.୭% ପାଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ନାନା ପୋଟେଲଙ୍କୁ ୨ଲକ୍ଷ ୧୬ ହଜାର ୯ଖଣ୍ଡର ଭୋଟ ବ୍ୟବଧାନରେ ହରାଇଥିଲେ। ୨୦୧୪ ଲୋକସଭା ନିର୍ବାନରେ ମଧ୍ୟ ଗଡ଼କରୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ବିଳାସ ମୁତେମୱାରଙ୍କୁ ୨ଲକ୍ଷ ୮୪ ହଜାର ୮୨୮ ଖଣ୍ଡର ଭୋଟ ବ୍ୟବଧାନରେ ହରାଇଥିଲେ। ମହାରାଷ୍ଟ୍ରର ମୋଟ ଲୋକସଭା ଆସନ ସଂଖ୍ୟା ହେଉଛି ୪୮। ୨୦୧୯ରେ ଅବିଭାଜିତ ଶିବସେନା ସହ ମେଣ୍ଟ କରି ବିଜେପି ରାଜ୍ୟର ୨୫ ଲୋକସଭା ଆସନରେ ପ୍ରାର୍ଥୀ ଦେଇ ସେଥିରୁ ୨୩ଟିରେ ଜିତିଥିଲା।

● କନୌଜ ଆସନକୁ ନେଇ ଛକାପଞ୍ଝା

## ଅଖିଳେଶଙ୍କୁ ଘାରିଛି ବିଦ୍ରୋହ ଭୟ



ଲୋକସଭା ନିର୍ବାଚନ ପାଇଁ ମତଦାନ ଆରମ୍ଭ ହୋଇଗଲାଣି। ମାତ୍ର ଏ ପର୍ଯ୍ୟନ୍ତ ଅଖିଳେଶ ଯାଦବଙ୍କ ନେତୃତ୍ୱାଧୀନ ସମାଜବାଦୀ ପାର୍ଟି (ଏସ୍‌ପି) କନୌଜ ଆସନରୁ ପ୍ରାର୍ଥୀ ଘୋଷଣା କରିନାହିଁ। ଏହି ହାଇପ୍ରୋଫାଇଲ ଆସନକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏଠାରୁ ଅଖିଳେଶ ମୈଦାନକୁ ଓହ୍ଲାଇବେକି ନାହିଁ ଚର୍ଚ୍ଚା ହେଉଛି। ତେବେ ଜଣେ ଏସପି ନେତା କହିଛନ୍ତି ଯେ ଏସ୍‌ପି ମୁଖିଆ ଏହି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଖୁବଶୀଘ୍ର ଏହାର ଘୋଷଣା କରାଯିବ। ସୂଚନା ଅନୁଯାୟୀ ଦଳରେ ବିଦ୍ରୋହ ଆଶଙ୍କା କରି ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରାଯାଇନାହିଁ। ଘୋଷଣା ପରେ ଦଳ ଭାଙ୍ଗିଯିବାର ବିପଦ ରହିଛି। ନେତା ବିଜେପିରେ ସାମିଲ ହେବାର ମଧ୍ୟ ସମ୍ଭାବନା ଅଛି। ଏଭଳି ଆଶଙ୍କା ମଧ୍ୟରେ ଅଖିଳେଶ ଗୁରୁବାର କନୌଜରେ ପହଞ୍ଚି ଥିଲେ। ସେ ଦଳୀୟ କାର୍ଯ୍ୟାଳୟରେ ବୁଥ୍ ପ୍ରଭାରୀ ଏବଂ ଅଞ୍ଚଳ ପ୍ରଭାରୀଙ୍କ ସହ କଥା ହୋଇଥିଲେ। ଏହି ସମୟରେ ତାଲଗ୍ରାମର ପୂର୍ବତନ ଅଧ୍ୟକ୍ଷ ଦିନେଶ ଯାଦବ, ଧର୍ମେନ୍ଦ୍ର ଯାଦବ ବିଜେପିକୁ ଯାଇଥିବା କହିଥିଲେ। ପୂରଜନ ଜିଲ୍ଲା ପଞ୍ଚାୟତ ଅଧ୍ୟକ୍ଷ ଶିକ୍ଷା କଟିୟାରଙ୍କ ସ୍ୱାମୀ ଏସ୍‌ପି ନେତା ସଞ୍ଜୁ କଟିଆର ମଧ୍ୟ ବିଜେପିରେ ସାମିଲ ହୋଇସାରିଛନ୍ତି ବୋଲି କହିଥିଲେ। ଦଳୀୟ ନେତାଙ୍କ କଥା ଶୁଣି ଅଖିଳେଶ ଭାବୁକ ହୋଇଯାଇଥିଲେ। ତାଙ୍କ ଘରେ ବିବାହ ହେଉନାହିଁ ଯେ ସମସ୍ତଙ୍କୁ ମନାଇବାକୁ ଯିବେ ବୋଲି କହିଥିଲେ। ଏହି ନିର୍ବାଚନ ଏକ ଆନ୍ଦୋଳନ। ସେ କାହାକୁ ତଡ଼ି ନାହାନ୍ତି। ଯିଏ ଆସୁଛି ତାଙ୍କୁ ସ୍ୱାଗତ ଏବଂ ଯେଉଁମାନେ ପଳାଇଲେ ସେମାନେ ସୁବିଧାବାଦୀ ଥିଲେ। ସୁଯୋଗର ଲାଭ ନେଇ ଚାଲିଗଲେ ବୋଲି ଅଖିଳେଶ କହିଥିଲେ। ଏହା ପୂର୍ବରୁ ଏସ୍‌ପି ଜିଲ୍ଲାଧ୍ୟକ୍ଷ କହିଥିଲେ ଯେ ଅଖିଳେଶ କନୌଜରୁ ଲଢ଼ିବେ। ଏହା ପରେ ଅଖିଳେଶ ଜିଲ୍ଲା ଗସ୍ତ କରିବାରୁ ଚର୍ଚ୍ଚାକୁ ଖୋରାକ ମିଳିଥିଲା। ପ୍ରାର୍ଥୀ ଘୋଷଣା କରିବା ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ ଯେ ରାଜନୀତିରେ ଥିବା ପର୍ଯ୍ୟନ୍ତ କନୌଜରେ ରହିବେ। ନିର୍ବାଚନ ଚିହ୍ନ ସାଇକଲ ରହିଛି ଏବଂ ସେ ଏଠାରେ ମଧ୍ୟ ଅଛନ୍ତି। କନୌଜ ଏସ୍‌ପି ଗଡ଼ ରହିଆସିଛି। ସେ ଖୁବଶୀଘ୍ର ପ୍ରାର୍ଥୀ ଘୋଷଣା କରିବେ।

● ଦକ୍ଷିଣ ଦିଲ୍ଲୀ ଲୋକସଭା ଆସନ

## ବିରୋଧୀ ମେଣ୍ଟ-ବିଜେପି ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା

ରାଜଧାନୀର ଦକ୍ଷିଣ ଦିଲ୍ଲୀ ଲୋକସଭା କ୍ଷେତ୍ର ଦେଶର ହାଇ ଭୋଲ୍‌ଟେଜ ଆସନ ମଧ୍ୟରୁ ଅନ୍ୟତମ। ୨୦୧୧ର ଜନଗଣନା ଅନୁଯାୟୀ ଏଠାରେ ପ୍ରାୟ ୨୭ ଲକ୍ଷ ୩୩ ହଜାର ୭୫୨ ଲୋକ ରହୁଛନ୍ତି। ଏହା କେନ୍ଦ୍ରଶାସିତ ଅଞ୍ଚଳର ସର୍ବାଧିକ ଜନବହୁଳ କ୍ଷେତ୍ର ମଧ୍ୟରୁ ଅନ୍ୟତମ। ଏଠାରେ ପ୍ରତି ବର୍ଗ କିମିରେ ୧୦, ୯୩୫ ଲୋକ ରହୁଛନ୍ତି। ନିର୍ବାଚନ କମିଶନଙ୍କ ତଥ୍ୟ ଅନୁଯାୟୀ ଦକ୍ଷିଣ ଦିଲ୍ଲୀ ଲୋକସଭା କ୍ଷେତ୍ରରେ ମୋଟ ୧୫, ୪୨, ୪୧୨ ଭୋଟର ଅଛନ୍ତି। ଏମାନଙ୍କ ମଧ୍ୟରୁ ୮, ୯୧, ୧୫୬ ପୁରୁଷ ଏବଂ ୬, ୫୧, ୨୫୬ ମହିଳା ଅଛନ୍ତି।



ଏହି ସଂସଦୀୟ କ୍ଷେତ୍ର ଅଧିନରେ ୧୦ ବିଧାନସଭା ଆସନ ରହିଛି। ଏଥିରେ ବିଜବାସନ, ପାଲମ, ମହରୌଲି, ଛତରପୁର, ଦେବଲି, ଆମ୍ବେଦକର ନଗର, ସଙ୍ଗମ ବିହାର, କାଲକା ଜୀ, ତୁଗଲକାବାଦ ଏବଂ ବଦରପୁର ସାମିଲ ରହିଛି। ଏହା ମଧ୍ୟରୁ କେବଳ ବଦରପୁର ବିଜେପି ପାଖରେ ରହିଛି। ବାକି ୯ଟି ଆମ ଆଦମୀ ପାର୍ଟି (ଆପ୍) କବ୍ଜାରେ ରହିଛି। ୧୯୬୭ରେ ପ୍ରଥମ ଥର ପାଇଁ ଦକ୍ଷିଣ ଦିଲ୍ଲୀ ଲୋକସଭା ଆସନରେ ମତଦାନ ହୋଇଥିଲା। ସେବେଠାରୁ ଏ ପର୍ଯ୍ୟନ୍ତ ୧୫ ଥର ନିର୍ବାଚନ ହେଲାଣି। ଏଥିରୁ ୯ ଥର ବିଜେପି ବିଜୟୀ ହୋଇଛି। ୫ ଥର କଂଗ୍ରେସ ଏବଂ ଥରୁଟିଏ ଜନତା ପାର୍ଟି ବିଜୟର ସ୍ୱାଦ ଚାଖିଛି। ୨୦୧୪ରୁ ଦକ୍ଷିଣ ଦିଲ୍ଲୀ ଲୋକସଭା ଆସନ ବିଜେପି କବ୍ଜାରେ ରହିଛି। ରମେଶ ବିଧୁଡ଼ି ଏଠାରୁ ୨୦୧୪ ଏବଂ ୨୦୧୯ରେ ସାଂସଦ ନିର୍ବାଚିତ ହୋଇଥିଲେ।




ଗତ ନିର୍ବାଚନରେ ବିଧୁଡ଼ି ଆପ୍‌ର ରାଘବ ଚଢ଼ାଙ୍କୁ ୩, ୬୭, ୦୪୩ ଭୋଟରେ ପରାସ୍ତ କରିଥିଲେ। ଏଥିରେ ବିଧୁଡ଼ିଙ୍କୁ ୬, ୮୭, ୦୧୪ ଏବଂ ରାଘବଙ୍କୁ ୩, ୧୯, ୯୭୧ ଭୋଟ ମିଳିଥିଲା। ସେହିପରି ୨୦୧୪ରେ ବିଧୁଡ଼ି ଆପ୍‌ର କର୍ଣ୍ଣେଲ ଦେବିନ୍ଦର ସେହରାୱତଙ୍କୁ ଲକ୍ଷେ ୭ ହଜାର ଭୋଟରେ ହରାଇ ଥିଲେ। ଏହି ନିର୍ବାଚନରେ ସେହରାୱତଙ୍କୁ ୩, ୯୦, ୯୮୦ ଏବଂ ବିଧୁଡ଼ିଙ୍କୁ ୪, ୯୭, ୯୮୦ ଭୋଟ ମିଳିଥିଲା। ମାତ୍ର ଚଳିତ ଥର ବିଜେପି ଏବଂ ଆପ୍ ଉଭୟେ ପ୍ରାର୍ଥୀ ବଦଳାଇ ଦେଇଛନ୍ତି। ବିଜେପି ବିଧାୟକ ରାମବୀର ସିଂହ ବିଧୁଡ଼ି ଏବଂ ଆପ୍ କଂଗ୍ରେସ ମେଣ୍ଟ ବିଧାୟକ ସହିରାମ ପହଲୱାନଙ୍କୁ ପ୍ରାର୍ଥୀ କରିଛି। ଉଭୟଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବ। ଏଥିରେ ଉଭୟ ନେତା ବିଜୟୀ ହେବେ ବୋଲି ଆଶା ରଖିଛନ୍ତି। ବିଜେପି ଦିଲ୍ଲୀର ସମସ୍ତ ୭ ଲୋକସଭା ଆସନ ଜିତିବ ବୋଲି ବିଧୁଡ଼ି କହିଛନ୍ତି। ସେହିପରି ଆପ୍ ଏବଂ କଂଗ୍ରେସ ଏହି ଦଳକୁ ପରାସ୍ତ କରିବା ପାଇଁ ସରକାର ଚଳାଇଥିବା କଲ୍ୟାଣମୂଳକ ଯୋଜନାକୁ ଆଧାର କରୁଛନ୍ତି। ଦରଦାମ ବୃଦ୍ଧି, କେଜ୍ରିୱାଲଙ୍କ ଗିରଫ ଆଦିକୁ ନେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରୁଛନ୍ତି। ଏଠାରୁ ପହଲୱାନ ଜିତିବେ ବୋଲି ଆଶାବାଦୀ ଅଛନ୍ତି।

### ଥରେ ଲୋକସଭା ନିର୍ବାଚନ ଲଢ଼ିଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ

## ଦକ୍ଷିଣ ଦିଲ୍ଲୀରୁ ହୋଇଥିଲେ ପରାଜିତ



ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଦୀର୍ଘ ୩୩ ବର୍ଷର ରାଜ୍ୟସଭା କାର୍ଯ୍ୟକାଳ ଶେଷ ହୋଇସାରିଛି। ସେ ୧୯୯୧ରେ ପ୍ରଥମ ଥର ପାଇଁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ମାତ୍ର ସେ ଥରୁଟିଏ ଲୋକସଭା ନିର୍ବାଚନରେ ନିଜ ଭାଗ୍ୟ ପରୀକ୍ଷା କରିଥିଲେ। କିନ୍ତୁ ସେ ଏଥିରେ ପରାଜୟବରଣ କରିଥିଲେ। ଏ ବିଷୟରେ ଅନେକ ଜାଣିନାହାନ୍ତି। ଏହି ନିର୍ବାଚନ ତାଙ୍କ ପାଇଁ କେମିତି ରହିଥିଲା ସେ ବିଷୟରେ ନିମ୍ନରେ ସମ୍ୟକ ସୂଚନା ଦିଆଗଲା। ଦକ୍ଷିଣ ଦିଲ୍ଲୀ ଲୋକସଭା ଆସନକୁ ରାଜଧାନୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆସନ ଧରାଯାଇଥାଏ। ଏହି ଆସନ ଜିତି ଅନେକ ନେତା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ମାତ୍ର ମନମୋନହ ସିଂହ ଏଠାରୁ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ସେ ୧୯୯୯ରେ ଏଠାରୁ ନିର୍ବାଚନ ଲଢ଼ିଥିଲେ। ସେତେବେଳେ ବିଜେପିର ପ୍ରଫେସର ବିଜୟ କୁମାର ମଲହୋତ୍ରା ତାଙ୍କୁ ୩୦ ହଜାର ଭୋଟରେ ହରାଇ ଥିଲେ। ମଲହୋତ୍ରାଙ୍କୁ ୨, ୬୧, ୨୩୦ ଏବଂ କଂଗ୍ରେସ ପ୍ରାର୍ଥୀ ଶ୍ରୀ ସିଂହଙ୍କୁ ୨, ୩୧, ୨୩୧ ଭୋଟ ମିଳିଥିଲା। ସ୍ୱାଧୀନ ପ୍ରାର୍ଥୀ ମହମ୍ମଦ ସରିଫ ମାତ୍ର ୨, ୮୪୬ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ବିଜୟ କୁମାରଙ୍କ ମତଦାନ ହାର ୨୧.୫୧ ପ୍ରତିଶତ, ମନମୋହନ ସିଂହଙ୍କ ୧୯.୦୪ ପ୍ରତିଶତ ଏବଂ ମହମ୍ମଦ ସରିଫଙ୍କ ୦.୨୩ ପ୍ରତିଶତ ଥିଲା। ଏହି ନିର୍ବାଚନରେ ମୋଟ ୧୨ ଜଣ ପ୍ରାର୍ଥୀ ମୈଦାନକୁ ଓହ୍ଲାଇ ଥିଲେ। ଏମାନଙ୍କ ମଧ୍ୟରେ ୮ ସ୍ୱାଧୀନ ପ୍ରାର୍ଥୀ ମହମ୍ମଦ ସରିଫ, ବେଦ ପ୍ରକାଶ, ଦିନେଶ ଜୈନ, ଘନଶ୍ୟାମ ଦାସ, ଜନିସ ଦରବାରୀ, ଯୋଗୀନ୍ଦର ସିଂହ, ଅଶୋକ କୁମାର ଏବଂ ଖୈରାତି ଲାଲ ସାମିଲ ଥିଲେ।

## ମହିଳାଙ୍କ ରାଜନୈତିକ ଯାତ୍ରା

# ସର୍ବାଧିକ ଭୋଟ ପାଇଥିବା ୧୦ ସାଂସଦ

ନିର୍ବାଚନରେ ମହିଳା ପ୍ରାର୍ଥୀଙ୍କ ଅଂଶଗ୍ରହଣକୁ ନେଇ ଏବେ ବି ସ୍ଥିତି ଅନୁକୂଳ ନାହିଁ। କିନ୍ତୁ ଓଡ଼ିଶା ଭଳି ରାଜ୍ୟରେ ମହିଳାଙ୍କ ପ୍ରତିନିଧିତ୍ୱ ଅନ୍ୟ ରାଜ୍ୟ ଏବଂ ରାଷ୍ଟ୍ରୀୟସ୍ତର ତୁଳନାରେ ଅଧିକ ରହିଛି। ତେବେ ପ୍ରଥମ ନିର୍ବାଚନରୁ ଏ ପର୍ଯ୍ୟନ୍ତ ଜାରି ଯାତ୍ରାକୁ ଦେଖିଲେ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି। ପ୍ରଥମ ନିର୍ବାଚନରେ ମାତ୍ର ୨୪ ମହିଳା ସାଂସଦ ନିର୍ବାଚିତ ହୋଇଥିବାବେଳେ ୨୦୧୯ରେ ସର୍ବାଧିକ ୭୮ରେ ମହିଳା ଲୋକସଭାକୁ ଯାଇଥିଲେ। ଲୋକସଭାର ମୋଟ ଆସନ ତୁଳନାରେ ଏହା ମାତ୍ର ୧୪.୪ ପ୍ରତିଶତ। ତେଣୁ ଏ ଦିଗରେ ଆହୁରି ଅନେକ ପ୍ରୟାସ କରାଯିବାର ଆବଶ୍ୟକତା ରହିଛି। ମାତ୍ର ଏପରି ଅନେକ ମହିଳା ସାଂସଦ ଅଛନ୍ତି ଯେଉଁମାନେ ରେକର୍ଡ ବିଜୟ ହାସଲ କରି ବଡ଼ ବାର୍ତ୍ତା ଦେଇଛନ୍ତି। ରାଜନୀତିରେ ମହିଳାଙ୍କ ପାଇଁ ସମ୍ଭବନା କମ୍ ନାହିଁ ବୋଲି ପ୍ରମାଣିତ କରିଦେଇଛନ୍ତି। ନିମ୍ନରେ ଏଭଳି ୧୦ ମହିଳାଙ୍କ ବିଷୟରେ ସୂଚନା ଦିଆଗଲା। ଏମାନେ ସବୁଠାରୁ ଅଧିକ ଭୋଟରେ ବିଜୟୀ ହୋଇଛନ୍ତି।

ମହିଳା ସାଂସଦ ଭାବେ କ୍ୱିନ ଓଜା ରେକର୍ଡ କରିଛନ୍ତି। ସର୍ବାଧିକ ଭୋଟ ହାସଲ କରିବାର କୃତିତ୍ୱ ତାଙ୍କ ନାମରେ ରହିଛି। ସେ ୨୦୧୯ ଲୋକସଭା ନିର୍ବାଚନରେ ଆସାମର ରାଜଧାନୀ ଗୌହାଟୀରୁ ବିଜେପି ଟିକଟରେ ନିର୍ବାଚନ ଲଢ଼ିଥିଲେ। ସେ ୧୦ ଲକ୍ଷ ୮ ହଜାର ୯୩୬ ଭୋଟ ହାସଲ କରିଥିଲେ। ସେହିପରି ସର୍ବାଧିକ ଭୋଟ ପାଇଥିବା ମହିଳା ସାଂସଦଙ୍କ ତାଲିକାରେ ବିଜେପିର ବରିଷ୍ଠ ନେତା ଗୋପୀନାଥ ମୁଣ୍ଡେଙ୍କ ଝିଅ ପ୍ରିତମ ମୁଣ୍ଡେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ମହାରାଷ୍ଟ୍ରର ବିଦ୍ ଆସନରୁ ୨୦୧୪ରେ ନିର୍ବାଚନ ଲଢ଼ି ୯ ଲକ୍ଷ ୨୨ ହଜାର ୪୧୬ ଭୋଟ ପାଇଥିଲେ। ଏହା ପଛକୁ ରଞ୍ଜନବେନ ଭଟ୍ଟ ତୃତୀୟ ସ୍ଥାନରେ ରହିଛନ୍ତି। ସେ ୨୦୧୯ ଲୋକସଭା ନିର୍ବାଚନରେ ଗୁଜରାଟର ବଡୋଦରା ଆସନରୁ ୮, ୮୩, ୭୧୮ ଭୋଟ ପାଇଥିଲେ। ବିଜେପି ପ୍ରାର୍ଥୀ ପ୍ରଜ୍ଞା ସିଂହ ଠାକୁର ୨୦୧୯ରେ ବିଜେପି ଟିକଟରୁ ଭୋପାଳରୁ ନିର୍ବାଚନ ଲଢ଼ିଥିଲେ। ସେ ୮, ୬୬, ୪୮୨ ଭୋଟ ପାଇ ବୃହତ ବିଜୟ ହାସଲ କରିଥିଲେ। ସେ ଚତୁର୍ଥ ମହିଳା ସାଂସଦ ଭାବେ ସର୍ବାଧିକ ଭୋଟ ପାଇଥିଲେ। ଏହା ବ୍ୟତୀତ ରାଜସ୍ଥାନ ରାଜସମନ୍ଦ ଆସନର ବିଜେପି ପ୍ରାର୍ଥୀ ଦୀୟା କୁମାରୀ ୨୦୧୯ରେ ୮, ୬୩, ୦୩୯ ଭୋଟ ପାଇଥିଲେ। ଦୀୟାଙ୍କ ପଛକୁ ପୂର୍ବତନ ବାଚସ୍ପତି ସୁମିତ୍ରା ମହାଜନ ଷଷ୍ଠ ସ୍ଥାନରେ ଅଛନ୍ତି। ସେ ୨୦୧୪ରେ ଇନ୍ଦୋରରୁ ନିର୍ବାଚନ ଲଢ଼ି ୮, ୫୪, ୯୭୨ ଭୋଟ ପାଇଥିଲେ। ୨୦୧୯ ଲୋକସଭା ନିର୍ବାଚନରେ ବିଜେପିର ଦର୍ଶନା ଜରଦୋଶ ଗୁଜରାଟ ସୁରଟ ଆସନରୁ ନିର୍ବାଚନ ଲଢ଼ିଥିଲେ। ସେ ଏଠାରୁ ୭, ୯୫, ୬୫୧ ଭୋଟ ପାଇଥିଲେ। ସେ ସର୍ବାଧିକ ଭୋଟ ପାଇଥିବା ମହିଳାଙ୍କ ତାଲିକାରେ ସପ୍ତମ ସ୍ଥାନରେ ଅଛନ୍ତି। ତାଙ୍କ ପଛକୁ ଟିଏମ୍‌ସିର ପୂର୍ବତନ ସାଂସଦ ତଥା ଅଭିନେତ୍ରୀ ନୁସରତ ଜହାଁ ରହିଛନ୍ତି। ସେ ସେ ୨୦୧୯ରେ ବସିରହାଟରୁ ନିର୍ବାଚନ ଲଢ଼ି ୭, ୮୨, ୦୭୮ ଭୋଟ ପାଇଥିଲେ। ଅନ୍ୟ ଜଣେ ଟିଏମ୍‌ସି ପ୍ରାର୍ଥୀ ସଜଦା ଅହମଦ ପଶ୍ଚିମବଙ୍ଗର ଉଲୁବେରିୟା ଆସନରୁ ୨୦୧୮ ଉପ-ନିର୍ବାଚନ ଲଢ଼ିଥିଲେ। ଏଠାରୁ ତାଙ୍କୁ ୭, ୬୭, ୫୫୬ ଭୋଟ ମିଳିଥିଲା। ଏହି ତାଲିକାର ଦଶମ ସ୍ଥାନରେ ବିଜୋୟା ଚକ୍ରବର୍ତ୍ତୀ ଅଛନ୍ତି। ସେ ୨୦୧୪ରେ ଆସାମ ଗୌହାଟୀ ୭, ୬୪, ୯୮୫ ଭୋଟ ପାଇଥିଲେ।












ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

ଆଜି ଆସିଥିଲେ

# କାଳଜୟୀ କଥାଶିଳ୍ପୀ
# ଗୋପୀନାଥ ମହାନ୍ତି



ପଦ୍ମଭୂଷଣ ଗୋପୀନାଥ ମହାନ୍ତି ଆଧୁନିକ ଓଡ଼ିଆ ଉପନ୍ୟାସର ଯୁଗସ୍ରଷ୍ଟା । ଉପନ୍ୟାସ ସହିତ କବିତା, ଗଳ୍ପ, ଜୀବନୀ, ଆତ୍ମଜୀବନୀ, ନାଟକ ଓ ଅନୁବାଦରେ ମଧ୍ୟ ତାଙ୍କର ଥିଲା ଅଭୂତପୂର୍ବ ଦକ୍ଷତା । ତାଙ୍କ ଲେଖାରେ ଓଡ଼ିଆ ଚଳଣି, ପାହାଡ଼ି ଜୀବନର କାହାଣୀ, ସାଧାରଣ ମଣିଷର ଭାଷା ଆଦିର ବ୍ୟବହାର ଦେଖିବାକୁ ମିଳିଥାଏ । ଫକୀରମୋହନଙ୍କ ପରେ, ମୁଖ୍ୟତଃ, କଥାଶିଳ୍ପୀ ଭାବରେ ମଣିଷ ମନଗହୀରର ନିରବ ଗୁଞ୍ଜରଣ ଏବଂ ଅତିଚେତନ ଓ ଅବଚେତନର ସକଳ ବ୍ୟଞ୍ଜନାକୁ ଜୀବନ୍ତ ଓଡ଼ିଆ ତୁଣ୍ଡଭାଷାରେ ପ୍ରକାଶ କରିବାର ନିଟୋଳ ଦକ୍ଷତା ତାଙ୍କର ଥିଲା । ଜ୍ଞାନପୀଠ ପୁରସ୍କାର ପାଇବାରେ ସେ ପ୍ରଥମ ଓଡ଼ିଆ ଔପନ୍ୟାସିକ ଥିଲେ । ୧୯୧୪ ମସିହା ଆଜିର ଦିନରେ କଟକ ଜିଲ୍ଲାର ମହାନଦୀ କୂଳର ଏକ ଛୋଟିଆ ଗ୍ରାମ ନାଗବଳିରେ ଗୋପୀନାଥଙ୍କର ଜନ୍ମ ହୋଇଥିଲା । ବିଚକ୍ଷଣ ପ୍ରତିଭାସମ୍ପନ୍ନ ଗୋପୀନାଥଙ୍କର ପିଲାଦିନରୁ ସାହିତ୍ୟ ପ୍ରତି ରୁଚି ଥିଲା । ସେ ମାତ୍ର ୨୯ ବର୍ଷ ବୟସରେ 'ପରଜା' ରଚନା କରି ସାହିତ୍ୟ ଜଗତରେ ଆଲୋଡ଼ନ ସୃଷ୍ଟି କରିଥିଲେ । ୧୯୩୬ରେ ପାଟନା ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ସ୍ନାତକୋତ୍ତର ଶେଷ କଲାପରେ ଗୋପୀନାଥ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ । ୧୯୪୦ରେ ତାଙ୍କର ନିଯୁକ୍ତି ହୁଏ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ । ସେଠାରେ ସେ କନ୍ଧ, କୁଇ, ସଉରା, ପରଜା ସମ୍ପ୍ରଦାୟର ଭାଷା ଓ ସଂସ୍କୃତି ସଂସ୍ପର୍ଶରେ ଆସନ୍ତି । ଆଦିବାସୀ ଜୀବନ ଆଧାରିତ 'ଦାଦିବୁଢ଼ା', 'ପରଜା', 'ଅମୃତର ସନ୍ତାନ' ଆଦି ଉପନ୍ୟାସ ରଚନା କରି ସେ କେବଳ ଯଶସ୍ୱୀ ହୋଇନାହାନ୍ତି; ଆଦିବାସୀ ଜୀବନ ଓ ସମାଜର ନିଛକ, ମାର୍ମିକ, ଦୁର୍ଲଭ ଚିତ୍ରକୁ ପାଠକଙ୍କ ସହ ପରିଚିତ କରାଇଛନ୍ତି । ତାଙ୍କ ଲେଖନୀରେ ସୃଷ୍ଟି ହୋଇଛି 'ହରିଜନ', 'ଦାନାପାଣି', 'ଲୟବିଳୟ', 'ମାଟିମଟାଳ' ଆଦି କାଳଜୟୀ ଉପନ୍ୟାସ । 'ଛାଇ ଆଲୁଅ', 'ଉଡ଼ନ୍ତା ଖଇ', 'ଶରଶଯ୍ୟା' ଆଦି ଗଳ୍ପ ସଂକଳନ, 'ଧୂଳିମାଟିର ସନ୍ଥ', 'ଉତ୍କଳମଣି' ଆଦି ଜୀବନୀ ଏବଂ 'ସ୍ରୋତସ୍ୱତୀ' ଆତ୍ମଜୀବନୀ ରଚନା କରି ସେ ସାହିତ୍ୟର ପ୍ରମୁଖ ବିଭାଗରେ ଛାଡ଼ିଯାଇଛନ୍ତି ବଳିଷ୍ଠ ସ୍ୱାକ୍ଷର । ଜୀବନକାଳ ମଧ୍ୟରେ ସେ ୨୪ଟି ଉପନ୍ୟାସ, ୧୦ଟି କ୍ଷୁଦ୍ରଗଳ୍ପ, ୩ଟି ନାଟକ, ୨ଟି ଆତ୍ମଜୀବନୀ, ୨ଟି ନିବନ୍ଧ, କନ୍ଧ, ସଉରା, ଗଡ଼ବାଙ୍କ ଭାଷା ଉପରେ ୫ଟି ବହି ଲେଖିଥିଲେ । ଏହାବାଦ୍ ସେ ଲିଓ ଟଲଷ୍ଟୟଙ୍କ ଉପନ୍ୟାସ "ୱାର୍ ଆଣ୍ଡ ପିସ୍" ଓ ରବୀନ୍ଦ୍ର ନାଥ ଟାଗୋରଙ୍କ ଉପନ୍ୟାସ "ଯୋଗାଯୋଗ"କୁ ଓଡ଼ିଆରେ ଅନୁବାଦ କରିଥିଲେ । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଜ୍ଞାନପୀଠ ପୁରସ୍କାର, ପଦ୍ମଭୂଷଣ ଆଦି ଅନେକ ଜାତୀୟ ପୁରସ୍କାର ସମ୍ମାନିତ ଏହି ବିରଳ ପ୍ରତିଭାଙ୍କୁ ୧୯୭୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡିଲିଟ୍ ଉପାଧି ମିଳିଥିଲା । ୭୭ ବର୍ଷ ବୟସରେ ୨୦ ଅଗଷ୍ଟ, ୧୯୯୧ରେ ଏହି ମହାନ୍ ସାହିତ୍ୟିକଙ୍କର ପରଲୋକ ଘଟିଥିଲା ।

## 'ଭୁଲଭୁଲୈୟା-୩'
# ମାଧୁରୀ-ବିଦ୍ୟାଙ୍କ ଡ୍ୟାନ୍ସ ଟକ୍କର



ଅନୀସ୍ ବଜ୍ମୀ ତାଙ୍କର ଆଗାମୀ ଫିଲ୍ମ 'ଭୁଲଭୁଲୈୟା-୩'ର ସୁଟିଂରେ ବ୍ୟସ୍ତ ଅଛନ୍ତି । କାର୍ତ୍ତିକ୍ ଆର୍ୟନ୍ ଓ ତୃପ୍ତି ଦିମ୍ରି ଏଥିରେ ଲିଡ୍ ରୋଲରେ ନଜର ଆସିବେ । ୨୦୦୭ ରେ ରିଲିଜ୍ ହୋଇଥିବା ଏହି ଫିଲ୍ମର ପ୍ରଥମ ପାର୍ଟରେ 'ମଞ୍ଜୁଲିକା' ଭୂମିକାରେ ଅଭିନୟ କରିଥିବା ବିଦ୍ୟା ବାଲାନ୍ ମଧ୍ୟ ଏହାର ତୃତୀୟ ପାର୍ଟରେ ଅଭିନୟ କରୁଛନ୍ତି । ମାଧୁରୀ ଦୀକ୍ଷିତ ମଧ୍ୟ ଏଥିରେ ଦେଖାଯିବେ । ଇତିମଧ୍ୟରେ ପ୍ରଯୋଜକ ଭୂଷଣ କୁମାର ଓ ତାଙ୍କ ଟିମ୍ ମାଧୁରୀ ଓ ବିଦ୍ୟାଙ୍କ ମଧ୍ୟରେ ଏକ ଡ୍ୟାନ୍ସ ଫେସ୍ ଅଫ୍ କରିବା ପାଇଁ ଯୋଜନା କରିଛନ୍ତି । 'ଭୁଲଭୁଲୈୟା' ଫ୍ରାଞ୍ଚାଇଜ୍‌ର ସୁପରହିଟ୍ ଗୀତ 'ଆମି ଜେ ତୋମାର' ଗୀତରେ ଏହି ଦୁଇ ଅଭିନେତ୍ରୀ ପରସ୍ପରକୁ କଡ଼ା ଟକ୍କର ଦେବେ । ଏହାପୂର୍ବରୁ ମାଧୁରୀ 'ଦେବଦାସ' ଫିଲ୍ମରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ସହ 'ଡୋଲାରେ ଡୋଲାରେ' ଗୀତରେ ଏକାଠି ନାଚିଥିଲେ । ତେବେ ଏହି ଗୀତର ସୁଟିଂ ଆସନ୍ତା ମାସରେ ହେବ ବୋଲି ଜଣାପଡ଼ିଛି । ଏଥିରେ ଏହି ଦୁଇ ଅଭିନେତ୍ରୀଙ୍କ ସହ କାର୍ତ୍ତିକ୍ ଆର୍ୟନ୍ ମଧ୍ୟ ନଜର ଆସିବେ । ନିକଟରେ କୋଲାକାତାରେ କାର୍ତ୍ତିକ୍ ଫିଲ୍ମର ସୁଟିଂ ଆରମ୍ଭ କରିଥିଲେ । କାର୍ତ୍ତିକ୍‌ଙ୍କ ସୁଟିଂ ବେଳର ଫଟୋ ଓ ଭିଡିଓଗୁଡ଼ିକ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହୋଇଥିଲା । ଫିଲ୍ମଟି ଚଳିତବର୍ଷ ଦୀପାବଳି ଅବସରରେ ରିଲିଜ୍ ହେବ ।



# ବଳକା ଖାଅ, ଟଙ୍କା ବଞ୍ଚାଅ
## ଆପ୍ ରୋକୁଛି ଖାଦ୍ୟ ଅପଚୟ

ସାଧାରଣତଃ ଲୋକମାନେ ଅର୍ଥ ସଞ୍ଚୟ କରିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରନ୍ତି । ସେଥିପାଇଁ ଅଧିକାଂଶ ଲୋକ ଖର୍ଚ୍ଚ କାଟ୍ ଉପରେ ଗୁରୁତ୍ୱ ଦିଅନ୍ତି । ତେବେ ଅର୍ଥ ସଞ୍ଚୟ କରିବା ପାଇଁ କେହି କେବେ ବଳକା ଖାଦ୍ୟ ଖାଇବା କଥା ଚିନ୍ତା କରି ନ ଥିବେ । ନ୍ୟୁୟର୍କ ନିବାସୀ ହାନି ମହମୁଦଙ୍କ ସଉକ ହେଉଛି କିଛି ଏହିଭଳି । ସେ ଖାଦ୍ୟପ୍ରେମୀ ହୋଇଥିଲେ ହେଁ ସ୍ୱାଦିଷ୍ଟ ଖାଦ୍ୟ ଉପରେ ଟଙ୍କା ଖର୍ଚ୍ଚ କରିବାକୁ ଭଲପାଆନ୍ତି ନାହିଁ । ଅବଶ୍ୟ ସୁସ୍ୱାଦୁ ଖାଦ୍ୟ ଖାଇ ସେ ଏହାମାଧ୍ୟମରେ ଲକ୍ଷାଧିକ ଟଙ୍କା ସଞ୍ଚୟ କରିସାରିଲେଣି । ମହମୁଦ ବଡ଼ ବଡ଼ ରେସ୍ତୋରାଁରେ ଖାଦ୍ୟ ଖାଇବାର ନିଆରା ବାଟ ବାଛିଛନ୍ତି । ସେ ହୋଟେଲରେ ଖାଦ୍ୟ ଅର୍ଡର ଦେଇ ଖାଇବା ପରିବର୍ତ୍ତେ ବଳକା ଖାଦ୍ୟ ଖାଉଥିବା କହିଛନ୍ତି । ତେବେ ଏହାର ଅର୍ଥ ନୁହେଁ, ସେ ହୋଟେଲରେ ଅଇଁଠା ଖାଦ୍ୟ ଖାଆନ୍ତି । ୩୨ ବର୍ଷୀୟ ମହମୁଦ ଏଥିପାଇଁ 'ଠୁଗୁଡ୍‌ଟୁଗୋ' ନାମକ ଆପ୍‌ର ସାହାଯ୍ୟ ନେଇଥାନ୍ତି । ଏହି ଆପ୍‌ରେ ନାମୀଦାମୀ ହୋଟେଲର ବଳକା ଖାଦ୍ୟକୁ କମ୍ ଟଙ୍କାରେ ପ୍ରଦାନ କରାଯାଏ । ପବ୍ଲିକ୍ ହେଲଥ୍ ସର୍ଭିସ୍ ସେକ୍ଟରରେ କାମ କରୁଥିବା ମହମୁଦ ଏହାକୁ ଆପଣାଇ ଖାଦ୍ୟ ବାବଦରେ ସେ ବହୁତ କମ୍ ଅର୍ଥ ଖର୍ଚ୍ଚ କରିଥିବା କହିଛନ୍ତି । ଏପରିକି ସେ ଏହି ଉପାୟରେ ଦୁଇ ବର୍ଷ ମଧ୍ୟରେ ଦେଢ଼ ଲକ୍ଷ ଟଙ୍କା ସଞ୍ଚୟ କରିସାରିଲେଣି । ଅନ୍ୟପଟେ ଏହି ଆପ୍ ଏଭଳି କରି ଖାଦ୍ୟ ନଷ୍ଟକୁ ରୋକିବା ଦିଗରେ କାର୍ଯ୍ୟ କରୁଛି । ଏହି ଆପ୍ ଯୋଗୁ କମ୍ ଟଙ୍କାରେ ସ୍ୱାଦିଷ୍ଟ ଖାଦ୍ୟ ଖାଇବାକୁ ଚାହୁଁଥିବା ଲୋକ ଉପକୃତ ହୋଇପାରିଛନ୍ତି ।

## ଆଜିର ଇତିହାସ

- ୧୯୩୯ - ଆଡଲଫ୍ ହିଟଲର୍‌ଙ୍କ ୫୦ତମ ଜନ୍ମ ଦିବସକୁ ଜର୍ମାନରେ ରାଷ୍ଟ୍ରୀୟ ଦିବସ ଭାବେ ପାଳନ କରାଗଲା ।
- ୧୯୨୦-ଆଲବାମା ଓ ମିସିସିପିରେ ଆସିଥିବା ତୋଫାନ ଯୋଗୁଁ ୨୧୨ ଲୋକଙ୍କ ମୃତ୍ୟୁ ।
- ୧୯୭୧- ଭାରତ ପ୍ରଥମ ଟେଷ୍ଟ କ୍ରିକେଟ୍ ମ୍ୟାଚ୍ ଜିତିଲା ।
- ୨୦୧୧- ଭାରତୀୟ ମହାକାଶ ଅନୁସନ୍ଧାନ ସଂଗଠନ(ଇସ୍ରୋ) ପିଏସ୍ଏଲ୍‌ଭି ଦ୍ୱାରା ତିନୋଟି ଉପଗ୍ରହକୁ ମହାକାଶରେ ସଫଳତା ପୂର୍ବକ ଅବସ୍ଥାପିତ କଲା ।
- ୨୦୧୨- ଭାରତ 'ଅଗ୍ନି-୫' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା କରି ଭାରତ, ଚୀନ୍ ସହ ସମକକ୍ଷ ହୋଇଗଲା ବୋଲି ଆମେରିକା ଗଣମାଧ୍ୟମ ପ୍ରକାଶ କରିଥିଲା ।

**ମେଷ:** ଦିନଟି ଭଲରେ କଟିବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ବନ୍ଧୁଙ୍କ ସହାୟତା ମିଳିବ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ନକାରାତ୍ମକ ଚିନ୍ତା ଦୂର ହେବ ।

**ବୃଷ:** ଯାତ୍ରାଯୋଗ ଅଛି । ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ । ନିବେଶରୁ ଦୂରେଇ ରୁହନ୍ତୁ । କୌଣସି ଶୁଭ ଖବର ମିଳିବ । ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ ।

**ମିଥୁନ:** ଯାନବାହନ କିଣିବେ । ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ । ମନ ପ୍ରସନ୍ନ ରହିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ । ବିବାହରେ ସମସ୍ୟା ଆସିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ସିଂହ:** ଚାକିରିରେ ସଫଳତା ମିଳିବ । ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ । ଜୀବନସାଥୀଙ୍କ ସହଯୋଗ ମିଳିବ । ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ପୂଜାପାଠ ଆୟୋଜନ କରିବେ । ଅଟକିଥିବା କାର୍ଯ୍ୟ ପୂରା ହେବ । ଆୟର ନୂଆ ଅବସର ପ୍ରାପ୍ତ ହେବ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିବ । ରାଜନୀତିରେ ସଫଳତା ମିଳିବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ । ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ବ୍ୟବସାୟରେ ଲାଭ ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ପୈତୃକ ସମ୍ପତ୍ତିରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟା ସମାଧାନ ହେବ । ଯାନବାହନ କ୍ରୟର ଯୋଗ ଅଛି ।

**ମୀନ:** ରାଜନୀତିରେ ଯୋଗଦେବେ । ଜୀବନସାଥୀଙ୍କୁ ମନକଥା କହିବେ । ଇଚ୍ଛା ପୂରଣ ହେବ । ନୂଆ ଚାକିରି ମିଳିବ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାମୁକ୍ତ ରହିବେ ।




# ତିନି ସାଙ୍ଗ କଥାହେଲେ



କୁଞ୍ଜ ବିହାରୀ ସାହୁ

କୁନା, କୁନି, ଟିକି କଥା ହେଉଥିଲେ
ପିଣ୍ଡାରେ ବସି,
କି ଖରା ହେଉଛି ଆକାଶରୁ ନିଆଁ
ପଡ଼ୁଛି ଖସି ।
ଚାହିଁ ହେଉନାହିଁ ଖରାକୁ ଟିକିଏ
ବାହାରେ ରହି,
ମୁଣ୍ଡ ଝାଇଁମାରେ ଦେହ ତାତିଯାଏ
ହେଉନି ସହି ।
ବାପା କହୁଥିଲେ ନ ଥିଲା କେଉଁଠି
ଏମିତି ଖରା,
ବୋଉ କହୁଥିଲା ଦେଖିନି କେବେ ସେ
ତତଲା ଧରା ।
ଭାଇ କହିଦେଲା - ନାହିଁ ଗଛ ଗୋଟେ
ରାସ୍ତା ଦି ପାଖେ,
ରାସ୍ତାକୁ ଓସାର କରିବା ପାଇଁକି
କାଟିଲେ ଲୋକେ ।
ଘର ପାଇଁ କାଠ ଦରକାର ବୋଲି
ନେଲେଣି ବୋହି,
ଲୁଚେଇ ଲୁଚେଇ ଘର ବାରିପଟେ
ଦେଲେଣି ଥୋଇ ।
କୁନା, କୁନି, ଟିକି ଭାବିଲେ ଏଥର
ହୋଇଣ ସାଥୀ,
ଗଛ ଚାରା ଆଣି ପୋତି ପକାଇବା
ପାହିଲେ ରାତି ।
ରାତି ପାହିଗଲା ତିନି ସାଙ୍ଗ ମିଶି
ପୋତିଲେ ଚାରା,
ଖତ-ପାଣି ଦେଇ ଯତନ କରିଲେ
ବଗିଚା ସାରା ।

ପାତ୍ରପଡ଼ା, ଭୁବନେଶ୍ୱର
ମୋ-୭୦୦୮୧୪୨୦୪୦

# ଚଇତି ରାଣୀ




ସନ୍ତୋଷ କୁମାର ଅଦାବର

ଚଇତ ମାସରେ ଚଇତି ରାଣୀ
ପ୍ରକୃତି ରାଇଜେ ହସୁଛି ପୁଣି ।
ନାଲି ଟୁକୁ ଟୁକୁ ଦେହ ତାହାର
ଝୁମ୍ପା ଝୁମ୍ପା ଫୁଟି ଗଛେ ସୁନ୍ଦର ।
ଚଇତି ରାଣୀ ସେ ପଳାଶ ଫୁଲ
ବରଷକେ ଆସେ ଗୋଟିଏ ଥର ।
ତା' ବାସ ନ ଥିଲେ ହେଲା କଅଣ
ସୁନ୍ଦର ରୂପ ତା' ମୋହୁଛି ମନ ।
ଟାଇଁ ଟାଇଁ ଖରା ବଢ଼ଇ ଯେତେ
ତା' ଚାରୁ ମୁହଁ ଝଟକଇ ସେତେ ।
ପତର ଶୁଖିକି ଝଡ଼େ ଏ କାଳେ
ପ୍ରକୃତି ସୁନ୍ଦର ପଳାଶ ଫୁଲେ ।

ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

# ମନୋବଳ ବୃଦ୍ଧି



ରମେଶ ଚନ୍ଦ୍ର ଦାଶ

ମନୋଜ ରାଜଦରବାରରେ ଚାକିରି ପାଇବା ପରେ ତା'ର ଖୁସି କହିଲେ ନ ସରେ । ସେ ଧରାକୁ ସରା ମଣିଲା । ରାଜା ତା' ଦ୍ୱାରା କରାଉଥିବା ଜନହିତୈଷୀ କାମଗୁଡ଼ିକୁ ସେ ନିଜେ କରାଉଛି ବୋଲି କହିଲା । ଯେଉଁ କାମଗୁଡ଼ିକ ଲୋକମାନଙ୍କ ବିରୋଧୀ ହେଲା ତାକୁ ରାଜା କରାଉଛନ୍ତି ବୋଲି ନିଜର ବଡ଼ପଣିଆ ଚାରିଆଡ଼େ ଦେଖାଇଲା । ତାକୁ କେହି କିଛି କହିଲେ; ରାଜାଙ୍କୁ କହି ଦଣ୍ଡିତ କରାଇବାର ଧମକ ଦେଲା । ଏହାଫଳରେ ସାଧାରଣ ଲୋକମାନେ ଅତିଷ୍ଠ ହୋଇପଡ଼ିଲେ । ସେମାନେ କିନ୍ତୁ ରାଜାଙ୍କୁ ଏକଥା ଜଣାଇପାରିଲେ ନାହିଁ ।

ଗୁପ୍ତଚରମାନଙ୍କ ଠାରୁ ଏ ଖବର ପାଇଲେ ମଧ୍ୟ ରାଜା କିଛି କରିପାରିଲେ ନାହିଁ । ଏଥିପାଇଁ ଲୋକମାନଙ୍କ ପାଖରୁ ତାଙ୍କ ନିକଟରେ ଅଭିଯୋଗ ପହଞ୍ଚିବା ଦରକାର । ମନୋଜ ସଦାବେଳେ ରାଜା କିଛି ଜାଣିନାହାନ୍ତି ବୋଲି କହେ । ରାଜା ଦିନେ ମନୋଜକୁ ପାଖକୁ ଡାକି ଏପରି ନ କରିବାକୁ ବୁଝାଇଲେ । ସେ କିନ୍ତୁ ବୁଝିଲା ନାହିଁ । ବରଂ ସେ ଭାବିଲା- ରାଜା ତାକୁ ଭୟ କରୁଛନ୍ତି । ସେ ତେଣୁ ରାଜାଙ୍କ ବିରୋଧରେ ଅଧିକରୁ ଅଧିକ କହିଲା । ହଠାତ୍ ଦିନେ ରାଜା ଅନ୍ତର୍ଦ୍ଧାନ ହୋଇଗଲେ । ଏ ଖବର ମନୋଜ ଜାଣିବା ପରେ କହିଲା, "ମୋ ଭୟରେ ରାଜା କେଉଁଆଡ଼େ ପଳାଇଛନ୍ତି ।" କିଛିଦିନ ପରେ ପୁଣି ରାଜା ଉପସ୍ଥିତ ହେଲେ । ସେତେବେଳେ ମନୋଜ କହିଲା, "ମୁଁ ରାଜାଙ୍କୁ ଖୋଜି ଆଣିଲି ।"

ଯେଉଁଦିନ ରାଜା ଆସିଲେ ତା'ପରଦିନ ସୁରେଶ ନାମରେ ଜଣେ ଯୁବକ ମନୋଜ ବିରୋଧରେ ଅଭିଯୋଗ କଲା । ମନୋଜ ଶୁଣୁଶୁଣୁ ତାକୁ ମାରିବାକୁ ବାହାରିଲା । ସୁରେଶ ପଛକୁ ଅନେକ ଲୋକ ଥିଲେ । ସେମାନେ ସମସ୍ତେ ଏକାଠି ହୋଇ ବାହାରିବାରୁ ମନୋଜ ଅଧିକ କିଛି କହିବାକୁ ସାହସ କଲା ନାହିଁ । ସେହି ଯୁବକ ଜଣକର ସମସ୍ତ ଅଭିଯୋଗକୁ ରାଜା ଲିପିବଦ୍ଧ କରି ମନୋଜକୁ ଡକାଇ ପଠାଇଲେ । ମନୋଜ ଯାଉନଥିଲା । ତାକୁ ଜବରଦସ୍ତ ସୈନ୍ୟମାନେ ନେଇଗଲେ । ସେ ଅନ୍ୟ ଉପାୟ ନ ଦେଖି ରାଜାଙ୍କ ଆଗରେ ସବୁ ସତକଥା କହିଗଲା । ନିଜର କ୍ଷମତା ବାହାରେ କାମ କରୁଥିବାରୁ ରାଜା ତାକୁ ଚାକିରିରୁ ବାହାର କରିଦେଲେ । ଯେଉଁମାନଙ୍କଠାରୁ ସେ କିଛି ଠକି ନେଇଥିଲା, ସେମାନଙ୍କୁ ସବୁ ଫେରାଇଲା । ରାଜା ଯେଉଁ କେତେଦିନ ଅନ୍ତର୍ଦ୍ଧାନ ହୋଇଥିଲେ, ସେତକ ଦିନ ଛଦ୍ମବେଶରେ ଲୋକମାନଙ୍କ ମନୋବଳ ବୃଦ୍ଧି କରିବାରେ ଲାଗିଥିଲେ ।

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ
ମୋ-୯୭୭୬୨୩୮୫୨୨

- ବସନ୍ତର ଅନ୍ତେ ଆସଇ ସିଏ
ନଈ ପୋଖରୀକୁ ଶୁଖେଇ ଦିଏ
ତା' ପରଶେ ଧରା ହୁଏ ତପତ
ମନ ଖୋଜେ ଖାଲି ପଖାଳ ଭାତ
ଦହି ବେଲପଣା ତୋଷଇ ମନ
ଋତୁଟିଏ ସିଏ, କୁହ ତା' ନାମ ।
ଉତ୍ତର-ଗ୍ରୀଷ୍ମ ଋତୁ

- ଉପର ସବୁଜ ଭିତର ନାଲି
ଖରାଦିନେ ତା'ର ଆଦର ଭାରି
ଲମ୍ବା ଅବା ଗୋଲାକାର ଶରୀର
ତା'ଦେହରେ ଥାଏ ଜଳ ପ୍ରଚୁର
ଫାଳ କରି ତାକୁ ଖାଆନ୍ତି ଜନେ
ସୁଆଦରେ ସିଏ ମନକୁ କିଣେ
ଏବେ କୁହ ସେଇ ଫଳର ନାମ
ଯିଏ କହିଦେବ ଚତୁର ଜାଣ ।
ଉତ୍ତର-ତରଭୁଜ



- ଗ୍ରୀଷ୍ମଋତୁ ଯେବେ ଧରାକୁ ଆସେ
ହାଟ ବଜାରରେ ଦୋକାନ ବସେ
ଦହି ଚିନି କାଜୁ କୋରା ନଡ଼ିଆ
ପାଟିକୁ ଲାଗଇ ଭାରି ବଢ଼ିଆ
ଗିଲାସରେ ଦିଏ ଦୋକାନୀ ଭାଇ
ପିଇଲେ ତାହାକୁ ଶୋଷ ମେଣ୍ଟଇ
ତା'ସହ ବରଫ ମିଶଇ ଜାଣ
ଏବେ କହିଦିଅ ତାହାରି ନାମ ।
ଉତ୍ତର-ସର୍ବତ୍

- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ସକାଳ ଶିଶୁ କୁଇଜ୍-୧୧୫

(୧) ଜାପାନର ମୁଦ୍ରାକୁ କ'ଣ କୁହାଯାଏ?
ଉତ୍ତର : ______

(୨) ପ୍ରତିହାର ରାଜବଂଶର ରାଜଧାନୀ କେଉଁଠାରେ ଥିଲା?
ଉତ୍ତର : ______

(୩) ଶିଙ୍ଗ କାମ ପାଇଁ ଓଡ଼ିଶାର କେଉଁ ସ୍ଥାନ ପ୍ରସିଦ୍ଧ?
ଉତ୍ତର : ______

(୪) ଭାରତର ବୃହତ୍ତମ କେନ୍ଦ୍ରଶାସିତ ଅଞ୍ଚଳର ନାମ କ'ଣ?
ଉତ୍ତର : ______



(୫) ପ୍ରଥମ ଭାରତୀୟ ମହିଳା ମହାକାଶଚାରୀ କିଏ?
ଉତ୍ତର : ______

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

ଗତ ସପ୍ତାହର କୁଇଜ୍ ବିଜେତା
- ଦେବାଶିଷ କର, ଆଙ୍କପଦା, ଭଦ୍ରକ
- ଶ୍ୱେତଲୀନା ପଟ୍ଟନାୟକ, ଭବାନୀପାଟଣା
- ସ୍ୱରିତ ଉପାଧ୍ୟାୟ, ସୁନ୍ଦରଗଡ଼


ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯




ମୀନାକ୍ଷୀ ସିଂ
ଅଷ୍ଟମ ଶ୍ରେଣୀ
ବିବେକାନନ୍ଦ ଶିକ୍ଷା କେନ୍ଦ୍ର
ବିସିପୁର, ମୟୂରଭଞ୍ଜ


ସାଇ ଶିବେଶ ବେହେରା
ପଞ୍ଚମ ଶ୍ରେଣୀ
କାରମେଲ୍ ସ୍କୁଲ
ରାଉରକେଲା


ଶ୍ରେୟା ଶ୍ରାଘବୀ ମିଶ୍ର
ଅଷ୍ଟମ ଶ୍ରେଣୀ
ବିଜେଇଏମ୍ ସ୍କୁଲ୍
ଭୁବନେଶ୍ୱର


ସୌରଭ ରଞ୍ଜନ କର
ଷଷ୍ଠ ଶ୍ରେଣୀ
ସରସ୍ୱତୀ ବିଦ୍ୟା ମନ୍ଦିର
କଲେଜ ଛକ, କଟକ

# ରାହୁଲଙ୍କ ଅବସୋସ

ନୂଆଦିଲ୍ଲୀ, ୧୯ ।୪(ଏଜେନ୍ସି)

କ୍ରିକେଟ କ୍ୟାଲେଣ୍ଡରରେ ୨୦୨୩ ନଭେମ୍ବର ୧୯ ତାରିଖକୁ ଭାରତୀୟ ପ୍ରଶଂସକ ଓ କ୍ରିକେଟରମାନେ କେବେବି ଭୁଲି ପାରିବେ ନାହିଁ। ଏହି ଦିନ କୋଟି କୋଟି ଭାରତୀୟ ପ୍ରଶଂସକଙ୍କ ହୃଦୟ ଭାଙ୍ଗିଥିଲା। ଏହି ତାରିଖରେ ଭାରତରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ରେ ଭାରତ ୬ ୱିକେଟରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ଏଥିସହ ଭାରତର ତୃତୀୟ ବିଶ୍ୱକପ୍ ଟାଇଟଲ ହାସଲ ସ୍ୱପ୍ନ ଧୂଳିସାତ୍ ହୋଇଥିଲା। ଏହି ବିପର୍ଯ୍ୟୟକୁ ମନେ ପକାଇ ଭାରତୀୟ ମଧ୍ୟକ୍ରମ ବ୍ୟାଟର ଲୋକେଶ ରାହୁଲ ନିଜର ଅବସୋସ ଜାହିର କରିଛନ୍ତି।

ଟସ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ୫୦ ଓଭରରେ ୨୪୦ ରନକରି ଅଲଆଉଟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ୪୩ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ରାହୁଲ ୫ ନଂରେ ବ୍ୟାଟିଂ କରିବାକୁ ଆସି ୧୦୭ଟି ବଲ୍ ଖେଳି ଗୋଟିଏ ଚୌକା ସହ ୬୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ତାଙ୍କର ଏହି ଧିମା ପାଳି ଭାରତ ପରାଜୟର ମୁଖ୍ୟ କାରଣ ବୋଲି କେତେକ ମତ ଦେଇଥିଲେ। ଯଦି ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରିଥାନ୍ତି ତେବେ ୩୦ରୁ ୪୦ ଅଧିକ ରନ ସଂଗୃହିତ ହୋଇଥାନ୍ତା ଓ ବିଶ୍ୱକପ୍ ଟ୍ରଫି ଆମ ହାତରେ ଥାନ୍ତା ବୋଲି ରାହୁଲ ଅବସୋସ ଜାହିର କରି କହିଛନ୍ତି। ଭାରତ ବିଶ୍ୱକପ୍‌ରେ କ୍ରମାଗତ ୧୦ଟି ମ୍ୟାଚ୍ ଜିତିବା ପରେ ଫାଇନାଲରେ ହିଁ ପରାସ୍ତ ହୋଇଥିଲା। ଭାରତ ଚାପକୁ ନିୟନ୍ତ୍ରଣ କରିପାରି ନଥିଲା ବୋଲି ସେତେବେଳେ କ୍ରିକେଟ ପଣ୍ଡିତମାନେ ମତ ଦେଇଥିଲେ। ରାହୁଲ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ମିଚେଲ ଷ୍ଟାର୍କଙ୍କ ବଲ୍‌ରେ ୱିକେଟକିପର ଜୋଶ ଇଂଲିଶଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ।



# ୩୬୦ ଡିଗ୍ରୀ ବ୍ୟାଟର୍ ଆଶୁତୋଷ

ନୂଆଦିଲ୍ଲୀ, ୧୯ ।୪(ଏଜେନ୍ସି)

ଭାରତୀୟ କ୍ରିକେଟରେ ଆଉ ଜଣେ ୩୬୦ ଡିଗ୍ରୀ ବ୍ୟାଟର ଲୋକ ଲୋଚନକୁ ଆସିଛନ୍ତି। ଅର୍ଥାତ ଭାରତୀୟ ଦଳକୁ ମିଳିଛି ଆଉ ଜଣେ ସୂର୍ଯ୍ୟ କୁମାର ଯାଦବ। ଏହି ବ୍ୟାଟର ଜଣ ହେଉଛନ୍ତି ପଞ୍ଜାବ କିଙ୍ଗ୍‌ସର ଆଶୁତୋଷ ଶର୍ମା। ଗୁରୁବାର ମୁମ୍ବାଇ ଇଣ୍ଡିଆନ୍ସ ଓ ପଞ୍ଜାବ କିଙ୍ଗସ ମଧ୍ୟରେ ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୩୩ତମ ମ୍ୟାଚ୍‌ରେ ଆଶୁତୋଷ ନିଜର ଅସାଧାରଣ ବ୍ୟାଟିଂ କୌଶଳର ନମୁନା ପ୍ରଦର୍ଶନ କରି ମୁମ୍ବାଇଠାରୁ ମ୍ୟାଚ୍ ଛଡାଇ ନେବାର ସ୍ଥିତି ସୃଷ୍ଟି କରିଥିଲେ। ପଡ଼ିଆର ଚତୁଃଦିଗକୁ ସଟ୍ ଖେଳି ସେ ମୁମ୍ବାଇ ଶିବିରରେ ଆତଙ୍କ ଖେଳାଇ ଦେଇଥିଲେ। ଏହି ମ୍ୟାଚ୍‌ରେ ପଞ୍ଜାବ ମାତ୍ର ୯ ରନରେ ପରାସ୍ତ ହୋଇଥିଲା। ସେ ଆଉ କିଛି ସମୟ କ୍ରିଜ୍‌ରେ ତିଷ୍ଠି ରହିଥିଲେ ପଞ୍ଜାବକୁ ବିଜୟୀ କରାଇବାରେ ସଫଳ ହୋଇଥାନ୍ତେ। ସେ ୮ ନଂ ସ୍ଥାନରେ ବ୍ୟାଟିଂ କରିବାକୁ ଆସି ମାତ୍ର ୨୮ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ଓ ୭ ଛକା ସହ ଦ୍ରୁତ ୬୧ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ଦଳ ହାରିଯାଇଥିଲେ ମଧ୍ୟ ଆଶୁତୋଷଙ୍କ ବିସ୍ଫୋରକ ବ୍ୟାଟିଂ ପ୍ରଶଂସକଙ୍କ ହୃଦୟ ଜିତିଛି। ଏବେ ବିଶ୍ୱର ଶ୍ରେଷ୍ଠ ଦ୍ରୁତ ବୋଲର ବିବେଚିତ ହେଉଥିବା ଯଶପ୍ରୀତ ବୁମ୍‌ରାଙ୍କ ୟର୍କରକୁ ସୁଇପ୍ କରି ଛକା ମାରି ନିଜ ଅସାଧାରଣ କୌଶଳ ଓ ସାହସର ପରିଚୟ ଦେଇଛନ୍ତି। ଆଇପିଏଲରେ ସେ ଅନ୍ୟତମ ଶ୍ରେଷ୍ଠ ଆବିଷ୍କାର ସାବ୍ୟସ୍ତ ହୋଇଛନ୍ତି। ଏହି ବିସ୍ଫୋରକ ପାଳି ଖେଳିବା ପରେ ସେ ରାତାରାତି ତାରକା ବନିଯାଇଛନ୍ତି।

୨୦୨୪ ଖେଳାଳି ନୀଲାମିରେ ମାତ୍ର ୨୦ ଲକ୍ଷ ଟଙ୍କାରେ ସେ ପଞ୍ଜାବ ଦଳରେ ସାମିଲ ହୋଇଥିଲେ। ୨୫ ବର୍ଷୀୟ ଆଶୁତୋଷ ମଧ୍ୟପ୍ରଦେଶର ରତଲାମରେ ଜନ୍ମ ଗ୍ରହଣ କରିଥିଲେ। ସେ ମଧ ପ୍ରଦେଶର ୧୬ ଓ ୧୯ ବର୍ଷରୁ କମ୍ ଦଳ ପାଇଁ ପ୍ରତିନିଧିତ୍ୱ କରିଛନ୍ତି। ଜଣେ ବ୍ୟାଟିଂ ଅଲରାଉଣ୍ଡର ଭାବେ ସେ ନିଜର ପ୍ରତିଭା ପ୍ରମାଣିତ କରିଛନ୍ତି। ୧୦ ବର୍ଷ ବୟସରେ କ୍ରିକେଟ ଖେଳିବାକୁ ସେ ଇନ୍ଦୋର ଚାଲିଆସିଥିଲେ। ସୀମିତ ସମ୍ବଳ କାରଣରୁ ତାଙ୍କୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା। ସେ ବଲ୍ ବୟ ଓ ଅମ୍ପାୟାର ଭାବେ କାର୍ଯ୍ୟ କରି ନିଜ ଖର୍ଚ୍ଚ ତୁଲାଉଥିଲେ। ୨୦୨୨ରେ ସେ ରେଲୱାଇ ପାଇଁ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ଏପର୍ଯ୍ୟନ୍ତ ସେ ୪ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୩୮.୨୮ ହାରରେ ୨୬୮ ରନ ସଂଗ୍ରହ କରିଥିଲେ। ଏଥିରେ ତାଙ୍କର ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ସାମିଲ ରହିଛି। ସେହିପରି ସେ ୭ଟି ଲିଷ୍ଟ ଏ' ମ୍ୟାଚ୍ ଖେଳି ୫୬ ରନ ସଂଗ୍ରହ କରିଛନ୍ତି। ୧୯ଟି ଟି-୨୦ ମ୍ୟାଚ୍ ଖେଳି ସେ ୫୭୫ ରନ ସଂଗ୍ରହ କରିଛନ୍ତି ଓ ଏଥିରେ ତାଙ୍କର ୫ଟି ଅର୍ଦ୍ଧଶତକ ସାମିଲ ରହିଛି।



### ଛକା ମାରିବାରେ ସିଦ୍ଧହସ୍ତ

ଆଶୁତୋଷ ଛକା ମାରିବାରେ ସିଦ୍ଧହସ୍ତ। କ୍ୟାରିୟରର ପ୍ରଥମ ୧୮ଟି ଟି-୨୦ ପାଳିରେ ୪୩ଟି ଛକା ମାରିଛନ୍ତି। ଅର୍ଥାତ୍ ମ୍ୟାଚ ପ୍ରତି ସେ ୨.୩୮ଟି ଛକା ମାରିଛନ୍ତି। ସେ ଚଳିତ ଆଇପିଏଲରେ ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳିଛନ୍ତି। ଗୁଜରାଟ ଟାଇଟାନ୍ସ ବିପକ୍ଷରେ ସେ ୧୭ ବଲରୁ ୩୧, ସନ ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ୧୫ ବଲରୁ ଅପରାଜିତ ୩୩, ରାଜସ୍ଥାନ ରୟାଲ୍ସ ବିପକ୍ଷରେ ୧୬ ବଲରୁ ୩୧ ରନ ସଂଗ୍ରହ କରିଥିଲେ। ପ୍ରତ୍ୟେକ ପାଳିରେ ତାଙ୍କ ବ୍ୟାଟରୁ ଏକାଧିକ ଛକା ଦେଖିବାକୁ ମିଳିଥାଏ।

### ଭାଙ୍ଗିଥିଲେ ଯୁବରାଜଙ୍କ ରେକର୍ଡ

ଗତ ବର୍ଷ ସୟଦ ମୁସ୍ତାକ ଅଲି ଟି-୨୦ ଟ୍ରଫିରେ ସେ ଭାରତୀୟ ପୂର୍ବତନ ବ୍ୟାଟର ଯୁବରାଜ ସିଂଙ୍କ ରେକର୍ଡ ଭାଙ୍ଗିଥିଲେ। ସେ ମାତ୍ର ୧୧ଟି ବଲର ସାମ୍ନା କରି ୫୦ ରନର ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳି ଯୁବରାଜଙ୍କୁ ପଛରେ ପକାଇଥିଲେ ଓ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିଜର ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ସେ ପଞ୍ଜାବ ଅଧିନାୟକ ଶିଖର ଧାୱନ ଓ ପ୍ରଶିକ୍ଷକ ସଞ୍ଜୟ ବାଙ୍ଗରଙ୍କୁ ଶ୍ରେୟ ଦେଇଛନ୍ତି।

■ ଇତିହାସ ରଚିଲେ ୬ ବର୍ଷୀୟା ତକ୍ଷବୀ

# ସ୍କେଟିଂରେ ସ୍ଥାପନ କଲେ ବିଶ୍ୱ ରେକର୍ଡ



ନୂଆଦିଲ୍ଲୀ, ୧୯ ।୪(ଏଜେନ୍ସି): ମାତ୍ର ୬ ବର୍ଷ ବୟସରେ ତକ୍ଷବୀ ବଧାନୀ ସ୍କେଟିଂରେ ବିଶ୍ୱ ରେକର୍ଡ ସ୍ଥାପନ କରି ଇତିହାସ ସୃଷ୍ଟି କରିଛନ୍ତି। ସେ ୨୫ ମିଟରରୁ ୧୬ ସେଣ୍ଟି ମିଟର ପର୍ଯ୍ୟନ୍ତ ସବୁଠାରୁ କମ୍ ଲିମ୍ବୋ ସ୍କେଟିଂରେ ରେକର୍ଡ ସୃଷ୍ଟି କରିଛନ୍ତି। ସେ ଲିଏଷ୍ଟ ଲିମ୍ବୋ ସ୍କେଟିଂରେ ୨୫ ମିଟରରୁ ଅଧିକରେ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ଏଥିସହ ସେ ନିଜ ପାଇଁ ଓ ସାରା ଦେଶ ଲାଗି ଗୌରବ ଆଣିଦେଇଛନ୍ତି। ଗିନିଜ ବୁକ୍ ତକ୍ଷବୀ ସ୍କେଟିଂ କରୁଥିବାର ଭିଡିଓ ନିଜ ଏକ୍ସ ତଥା ଟୁଇଟର ଏକାଉଣ୍ଟରେ ସେୟାର କରିଛି। ତକ୍ଷବୀ ଗୁଜରାଟର ଅହମ୍ମଦାବାଦରେ ରହୁଛନ୍ତି। ଗତ ମାର୍ଚ୍ଚ ୧୦ରେ ସେ ଏହି ରେକର୍ଡ ନିଜ ନାମରେ କରିଥିଲେ। ତାଙ୍କ ପୂର୍ବରୁ ପୁଣେର ମନସ୍ୱୀ ବିଶାଳଙ୍କ ନାମରେ ଏହି ରେକର୍ଡ ଲିପିବଦ୍ଧ ଥିଲା। ଗୋଡ଼ରେ ରୋଲର ସ୍କେଟ୍ସ ପିନ୍ଧି ଲମ୍ବା ଲମ୍ବା ବାଡି ତଳେ ଭୂଇଁ ସହିତ ଲାଗି କରିଯିବା ପ୍ରକ୍ରିୟାକୁ ଲିମ୍ବୋ ସ୍କେଟିଂ କୁହାଯାଇଥାଏ।

ଚର୍ଚ୍ଚାରେ ଆଉ ଜଣେ ମହିଳା କ୍ରିକେଟର୍

# ସମଲିଙ୍ଗୀ ପାର୍ଟନର୍ ମୋନିକାଙ୍କ ସହ ଗାର୍ଡନରଙ୍କ ନିର୍ବନ୍ଧ

ସିଡ୍‌ନୀ, ୧୯ ।୪ (ଏଜେନ୍ସି)

ବିଶ୍ୱର ଆଉ ଜଣେ ତାରକା ମହିଳା କ୍ରିକେଟର୍ ସମଲିଙ୍ଗୀ ବିବାହ କରିବାକୁ ଯାଉଛନ୍ତି। ସେ ହେଲେ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳର ଅଲ୍‌ରାଉଣ୍ଡର ଆସଲେ ଗାର୍ଡନର। ୨୭ ବର୍ଷୀୟା ଗାର୍ଡନର ଓ ତାଙ୍କର ବହୁଦିନର ବାନ୍ଧବୀ ମୋନିକା ରାଇଟ୍‌ଙ୍କ ମଧ୍ୟରେ ଶୁକ୍ରବାର 'ରିଙ୍ଗ୍ ସେରେମୋନି' (ନିର୍ବନ୍ଧ) ଅନୁଷ୍ଠିତ ହୋଇଯାଇଛି। ଅଷ୍ଟ୍ରେଲିଆ ଟି-୨୦ ବିଶ୍ୱକପ୍ ଦଳର ସଦସ୍ୟା ଗାର୍ଡନର ଏହି ଖୁସି ମୁହୂର୍ତ୍ତର ଫଟୋଗୁଡ଼ିକୁ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ଯେଉଁଥିରେ ଉଭୟ ପରସ୍ପରକୁ ଆଲିଙ୍ଗନ କରିଥିବାର ଦେଖିବାକୁ ମିଳିଛି। ସେହିଭଳି ଆଉ ଏକ ଫଟୋରେ ଉଭୟ ନିର୍ବନ୍ଧ ମୁଦିକୁ ପ୍ରଦର୍ଶିତ କରିଛନ୍ତି। ଏହି ଖବର ପ୍ରସାରିତ ହେବାପରେ ଗାର୍ଡନରଙ୍କୁ କ୍ରିକେଟ୍ ଜଗତରୁ ଶୁଭେଚ୍ଛାରୁ ସୁଅ ଛୁଟିବାରେ ଲାଗିଛି। ଇଂଲଣ୍ଡ ମହିଳା ବ୍ୟାଟର୍ ସୋଫି ଡଙ୍କଲୀ, ଅଷ୍ଟ୍ରେଲିଆର ମେଘନା ସ୍କଟ୍, ଆଲାନ କିଙ୍ଗ୍ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

ଉଲ୍ଲେଖଯୋଗ୍ୟ, ଗାର୍ଡନର ପୂର୍ବରୁ ସାଥୀ ଅଷ୍ଟ୍ରେଲିଆ ମହିଳା କ୍ରିକେଟର୍ ବ୍ରିଗେଟ୍ ପାଟରସନଙ୍କ ସହ ସମ୍ପର୍କରେ ଥିଲେ। କିନ୍ତୁ ୨୦୨୧ରେ ଉଭୟ ଅଲଗା ହୋଇଯାଇଥିଲେ। ଏହାପରଠାରୁ ଗାର୍ଡନର ମୋନିକାଙ୍କ ସହ ଡେଟିଂ ଆରମ୍ଭ କରିଥିଲେ। ପୂର୍ବରୁ ବିଶ୍ୱର ଅନେକ ମହିଳା କ୍ରିକେଟର୍ ସମଲିଙ୍ଗୀ ବିବାହ କରି ଚର୍ଚ୍ଚାରେ ରହିଛନ୍ତି। ସେମାନେ ହେଲେ ଅଷ୍ଟ୍ରେଲିଆର ରାଚେଲ ହେନ୍ସ-ଲେହ ପୋଉଲଟନ, ଇଂଲଣ୍ଡର ଡାନି ୱେଟ୍-ଜର୍ଜିଆ ହେଗଡେ, ଇଂଲଣ୍ଡର ସାରା ଟେଲର-ଡାଏନା ମେନ ଯୋଡ଼ି।



# ନଗେଲ୍ସମ୍ୟାନ୍ ୨୦୨୬ ବିଶ୍ୱକପ୍ ପର୍ଯ୍ୟନ୍ତ ଜର୍ମାନୀ ପ୍ରଶିକ୍ଷକ ରହିବେ



ବର୍ଲିନ, ୧୯ ।୪(ଏଜେନ୍ସି): ଜର୍ମାନୀ ଜାତୀୟ ଫୁଟବଲ ଦଳ ମୁଖ୍ୟ ପ୍ରଶିକ୍ଷକ ଜୁଲିଆନ ନଗେଲ୍ସମ୍ୟାନଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ସେ ଆଗାମୀ ୨୦୨୬ ଫିଫା ବିଶ୍ୱକପ୍ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ ବୋଲି ଶୁକ୍ରବାର ଜର୍ମାନ ଫୁଟବଲ ଆସୋସିଏସନ ତରଫରୁ ସୂଚନା ଦିଆଯାଇଛି। ଆଗାମୀ ଜୁନ୍ ଓ ଜୁଲାଇରେ ଜର୍ମାନୀ ୨୦୨୪ ୟୁରୋପିଆନ ଚାମ୍ପିଅନସିପ୍ ବା ୟୁରୋକପ୍ ଆୟୋଜନ କରିବା ନେଇ ଘୋଷଣା ହେବାର କେତେ ସପ୍ତାହ ମଧ୍ୟରେ ନଗେଲ୍ସମ୍ୟାନଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ୨୦୨୬ ବିଶ୍ୱକପ୍ ଏଥର ଉତ୍ତର ଆମେରିକା ମହାଦେଶର ମେକ୍ସିକୋ, ଆମେରିକା ଓ କାନାଡ଼ାରେ ଆୟୋଜନ ହେବ। କାର୍ଯ୍ୟକାଳ ବୃଦ୍ଧି ହେବା ପରେ ୩୬ ବର୍ଷୀୟ ନଗେଲ୍ସମ୍ୟାନ ଖୁସି ଜାହିର କରିଛନ୍ତି। ଜର୍ମାନୀ ୨୦୨୨ କତାର ବିଶ୍ୱକପ୍‌ରେ ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଥିଲା। କିନ୍ତୁ ଦଳ ଏଥର ଘରୋଇ ପରିବେଶରୁ ଫାଇଦା ଉଠାଇ ୨୦୨୪ ୟୁରୋକପ୍‌ରେ ଦମ ଦେଖାଇବାକୁ ପ୍ରତୀକ୍ଷା କରିଛି। ଜୁନ୍ ୧୪ରୁ ୟୁରୋକପ୍ ଆରମ୍ଭ ହେବ। ସ୍କଟଲାଣ୍ଡ ବିପକ୍ଷରେ ମ୍ୟାଚ୍ ଖେଳି ଜର୍ମାନୀ ଅଭିଯାନ ଆରମ୍ଭ କରିବ।

# ଏସିଆନ୍ କାନୋଇଂ ସ୍ପ୍ରିଣ୍ଟରେ ମେଘାଙ୍କୁ କାଂସ୍ୟ



ଟୋକିଓ, ୧୯ ।୪ (ଏଜେନ୍ସି): ଟୋକିଓରେ ଚାଲିଥିବା ଏସିଆନ କାନୋଇଂ ସ୍ପ୍ରିଣ୍ଟ ଚାମ୍ପିଅନସିପ୍‌ରେ ଭାରତର ମେଘନା ପ୍ରଦୀପ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ମହିଳା ସି-୧ ୫୦୦ ମିଟର ରେସରେ ଏହି ସଫଳତା ପାଇଛନ୍ତି। ମେଘନା ଏହି ଦୂରତାକୁ ୨ ମିନିଟ୍ ୨୮.୦୨୭ ସେକେଣ୍ଡରେ ଶେଷ କରି ୩ୟ ସ୍ଥାନରେ ରହିଥିଲେ। ଭିଏତ୍‌ନାମର ଦୀପ୍ ହୋଉଙ୍ଗ (୨ ମିନିଟ୍ ୧୮.୧୭୮ ସେକେଣ୍ଡ) ଓ କାଜାଖସ୍ତାନର ଉଲ୍ୟାନ କିସେଲଭା (୨ ମିନିଟ୍ ୨୬.୬୪୫ ସେକେଣ୍ଡ) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ତେବେ ପୁରୁଷ ସି-୨ ୫୦୦ ମିଟର ଫାଇନାଲରେ ଭାରତୀୟ ଯୋଡ଼ି ଅର୍ଜୁନ ସିଂ ଓ ସୁନିଲ ସିଂ ୬ଷ୍ଠ ସ୍ଥାନରେ ରହି ପଦକରୁ ବଞ୍ଚିତ ହୋଇଛନ୍ତି।

# ଏପ୍ରିଲ ଶେଷରେ ନୂଆ ମୁଖ୍ୟ ପ୍ରଶିକ୍ଷକ ନାମ ଘୋଷଣା କରିବ ପିସିବି

କରାଚୀ, ୧୯ ।୪(ଏଜେନ୍ସି): ଖୁବଶୀଘ୍ର ପାକିସ୍ତାନ କ୍ରିକେଟ ଦଳର ନୂଆ ମୁଖ୍ୟ ପ୍ରଶିକ୍ଷକଙ୍କ ନାମ ଘୋଷଣା କରାଯିବ। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଶୁକ୍ରବାର ଏ ନେଇ ସୂଚନା ଦେଇଛି। ପ୍ରଶିକ୍ଷକ ପଦ ପାଇଁ ଦକ୍ଷିଣ ଆଫ୍ରିକା ପୂର୍ବତନ ଅଧିନାୟକ ତଥା ବ୍ୟାଟର ଗ୍ୟାରୀ କିଷ୍ଟର୍ଣ୍ଣ, ଅଷ୍ଟ୍ରେଲିଆ ପୂର୍ବତନ ଦ୍ରୁତ ବୋଲର ଜାସନ ଗିଲେସ୍ପି ଆବେଦନ କରିଛନ୍ତି। ଏହି ପଦ ଦୌଡ଼ରେ କିଷ୍ଟର୍ଣ୍ଣ ଓ ଗିଲେସ୍ପ ଆଗରେ ରହିଛନ୍ତି। ଏବେ ପିସିବି ଜଣେ ଦୀର୍ଘକାଳିନ ପ୍ରଶିକ୍ଷକ ନିଯୁକ୍ତି କରିବାକୁ ଚାହୁଁଛି ବୋଲି ବୋର୍ଡ ଅଧ୍ୟକ୍ଷ ମୋହସିନ ନକ୍‌ବି କହିଛନ୍ତି। ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ ହେଉଛି ଏପ୍ରିଲ ୨୦। ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ପାଇଁ ଆଝାର ମାହମୁଦ୍‌ଙ୍କୁ ମୁଖ୍ୟ କୋଚର ଦାୟିତ୍ୱ ପ୍ରଦାନ କରାଯାଇଛି।

ଭାଗ୍ୟଶାଳୀ ବିଜେତାଙ୍କୁ ମିଳିବ ଜର୍ସି

# ଆଜିଠୁ କିଟ୍‌ରେ ଆଇପିଏଲ୍ ଫ୍ୟାନ୍ ପାର୍କ



ଭୁବନେଶ୍ୱର, ୧୯ ।୪ (ସମିସ): ଆଇପିଏଲ୍‌ର ଚଳିତ ସପ୍ତଦଶ ସଂସ୍କରଣ ଚତୁର୍ଥ ସପ୍ତାହରେ ପାଦ ଥାପିଛି। ଏହି ଅବସରରେ ବଡ଼ ସ୍କ୍ରିନରେ ଏକାଧିକ ଦର୍ଶକଙ୍କ ମଧ୍ୟରେ ମ୍ୟାଚକୁ ଉପଭୋଗ କରିବା ଲାଗି ଆଇପିଏଲ୍ ପକ୍ଷରୁ ଦେଶର ୫୦ଟି ବିଭିନ୍ନ ସହରରେ 'ଫ୍ୟାନ ପାର୍କ' ବ୍ୟବସ୍ଥା କରାଯାଇଛି। ଏହିକ୍ରମରେ ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା କ୍ରିକେଟ୍ ଷ୍ଟାଡିୟମରେ ଶନିବାର ଓ ରବିବାର ଖେଳାଯିବାକୁ ଆଇପିଏଲ୍‌ର ୩ଟି ମ୍ୟାଚ୍ ଲାଗି ଫ୍ୟାନ ପାର୍କ ବ୍ୟବସ୍ଥା ହୋଇଛି। ୩୨ ଗୁଣା ୧୮ ଇଞ୍ଚ ଏଲ୍‌ଇଡି ସ୍କ୍ରିନରେ ମ୍ୟାଚର ସିଧା ପ୍ରସାରଣକୁ ଦର୍ଶକ ଉପଭୋଗ କରିବେ। ଏଥିଲାଗି କୌଣସି ପ୍ରବେଶିକା ଦେୟ ନାହିଁ। ସେହିଭଳି ପ୍ରତି ମ୍ୟାଚର ଭାଗ୍ୟଶାଳୀ ବିଜେତାଙ୍କୁ ବିଭିନ୍ନ ଦଳର ଜର୍ସି ଉପହାର ପ୍ରଦାନ କରାଯିବ। ଯେଉଁଥିରେ ପ୍ରତି ଦଳର ସମସ୍ତ ଖେଳାଳିଙ୍କ ଦସ୍ତଖତ ରହିଥିବ ବୋଲି ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିସିସିଆଇ ଅଧିକାରୀ ପ୍ରଶାନ୍ତ ମହାନ୍ତି ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାସ କହିଛନ୍ତି। ଚଳିତ ସିଜନରେ କିଟ୍ ଦେଶର ୨୪ତମ ସହର ଭାବେ ଆଇପିଏଲ୍ 'ଫ୍ୟାନ ପାର୍କ'ର ସୁଯୋଗ ପାଇଛି।

ଶନିବାର ସନ୍ଧ୍ୟା ୭ଟା ୩୦ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ସନରାଇଜର୍ସ ହାଇଦ୍ରାବାଦ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ। ସେହିଭଳି ରବିବାର କୋଲକାତା ନାଇଟ୍ ରାଇଡର୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଅପରାହ୍ନ ୩ଟା ୩୦) ଏବଂ ଗୁଜରାଟ ଟାଇଟାନ୍ସ ଓ ପଞ୍ଜାବ କିଙ୍ଗସ (ସନ୍ଧ୍ୟା ୭ଟା ୩୦) ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହେବ।

କ୍ୟାଣ୍ଡିଡେଟ୍ସ ଚେସ୍ ଆଉ ୨ ରାଉଣ୍ଡ ଖେଳ ବାକି

# ଆବାସୋଭଙ୍କୁ ହରାଇ ଯୁଗ୍ମ ଶୀର୍ଷରେ ଗୁକେଶ

ଟରଣ୍ଟୋ, ୧୯।୪(ଏଜେନ୍ସି)

ଆଜରବୈଜାନର ନିଜାତ୍ ଆବାସୋଭ୍‌ଙ୍କୁ ହରାଇ ଭାରତର ଯୁବ ଗ୍ରାଣ୍ଡ ମାଷ୍ଟର ଡି ଗୁକେଶ ଏଠାରେ ଚାଲିଥିବା କ୍ୟାଣ୍ଡିଡେଟ ଚେସ୍ ଟୁର୍ଣ୍ଣାମେଣ୍ଟରେ ପୁଣିଥରେ ଶୀର୍ଷସ୍ଥାନକୁ ଫେରିଛନ୍ତି। ଆଲୀରେଜା ଫିରୋଉଜାଙ୍କୁ ହରାଇ ହିକାରୁ ନାକାମୁରା ଓ ଭାରତୀୟ ଖେଳାଳି ଆର୍ ପ୍ରଜ୍ଞାନନ୍ଦାଙ୍କ ସହ ମ୍ୟାଚ୍ ଡ୍ର ରଖି ରୁଷର ଇଆନ ନେପୋମନିଆଚଚି ସମାନ ୭.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। କିନ୍ତୁ ବୁକୋଲଜ୍‌ରେ ନେପୋମନିଆଚଚି ପ୍ରଥମ, ନାକାମୁରା ଦ୍ୱିତୀୟ ଓ ଗୁକେଶ ତୃତୀୟ ସ୍ଥାନରେ ରହିଛନ୍ତି। ଭାରତୀୟ ଖେଳାଳି ବିଦିତ ଗୁଜରାଟୀଙ୍କୁ ହରାଇ ଫାବିଆନୋ କାରୁଆନୋ ୭ ପଏଣ୍ଟ ସହ ଟାଇଟଲ ଦୌଡ଼ରେ ସାମିଲ ହୋଇଛନ୍ତି। ଏହି ପ୍ରତିଯୋଗିତାର ଖେଳ ଆଉ ୨ ରାଉଣ୍ଡ ବାକି ରହିଛି। ଏହା ଫଳରେ ରୁଷର ନେପୋମନିଆଚଚିଙ୍କ ବୁକୋଲଜ୍ ଭଲ ଥିବାରୁ ତାଙ୍କର ଟାଇଟଲ ଜିତିବା ଆଶା ଦୃଢ଼ୀଭୂତ ହୋଇଛି। କାଲି ରାତିରେ ଖେଳାଯିବାକୁ ଥିବା ୧୩ତମ ରାଉଣ୍ଡ ମ୍ୟାଚରେ ନେପୋମନିଆଚଚିଙ୍କ ସହ ନାକାମୁରା, କାରୁଆନୋଙ୍କ ସହ ପ୍ରଜ୍ଞାନନ୍ଦ, ଗୁଜରାଟୀଙ୍କ ସହ ଆବାସୋଭ୍ ଏବଂ ଗୁକେଶଙ୍କ ସହ ଫିରୋଉଜାଙ୍କର ମୁକାବିଲା ହେବ। ମିଳିତ ପ୍ରଥମ ସ୍ଥାନରେ ଥିବା ୩ ଖେଳାଳିଙ୍କ ମଧ୍ୟରୁ ଯେଉଁ ଖେଳାଳି ବାକିଥିବା ଦୁଇ ରାଉଣ୍ଡ ଖେଳରୁ ଗୋଟିଏ ବିଜୟ ହାସଲ କଲେ ଟାଇଟଲ ଜିତିବା ସହଜ ହେବ। ୧୪ମ ତଥା ଶେଷ ରାଉଣ୍ଡରେ ନାକାମୁରାଙ୍କ ସହ ଗୁକେଶ, ଫିରୋଉଜାଙ୍କ ସହ ଗୁଜରାଟୀ, ଆବାସୋଭ୍‌ଙ୍କ ସହ ପ୍ରଜ୍ଞାନନ୍ଦ ଓ କାରୁଆନୋଙ୍କ ନେପୋମନିଆଚଚିଙ୍କର ମୁକାବିଲା ହେବ।



ମହିଳା ବିଭାଗରେ କେବଳ ଭାରତର ଆର୍ ବୈଶାଳୀ ବିଜୟୀ ହୋଇଛନ୍ତି। ଆନ୍ନା ମାଜିଚୁକଙ୍କୁ ସେ ସହଜରେ ପରାସ୍ତ କରିଛନ୍ତି। ୧୨ତମ ରାଉଣ୍ଡ ଶେଷରେ ସେ ୫.୫ ପଏଣ୍ଟ ପାଇ ଷଷ୍ଠ ସ୍ଥାନରେ ରହିଛନ୍ତି। ଅନ୍ୟ ସବୁ ମ୍ୟାଚ୍ ଡ୍ର ରହିଥିଲାବେଳେ ଚୀନ୍‌ର ଦୁଇ ଖେଳାଳି ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ସେମାନଙ୍କ ମଧ୍ୟରୁ ତାନ୍ ଝୋଙ୍ଗୟି ୮ ପଏଣ୍ଟ ପାଇ ପ୍ରଥମ ଓ ଲେଇ ଟିଙ୍ଗଜୀ ୭.୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏମାନଙ୍କ ପଛକୁ ୩ଜଣ ୬ ପଏଣ୍ଟ ସଂଗ୍ରହ କରିଛନ୍ତି। ସେମାନଙ୍କ ମଧ୍ୟରୁ କାଟେରିନା ଲାଗ୍ନୋ ତୃତୀୟ, କୋନେରୁ ହମ୍ପି ଚତୁର୍ଥ ଓ ଆଲେକଜାଣ୍ଡ୍ରା ଗୋର୍‌ୟାଚକିନା ପଞ୍ଚମ ସ୍ଥାନରେ ରହିଛନ୍ତି। ପୁରୁଷ ଖେଳାଳିଙ୍କ ଭଳି ଭାରତୀୟ ମହିଳା ଖେଳାଳିମାନେ ଏତେ ଭଲ ଖେଳ ପ୍ରଦର୍ଶନ କରିପାରି ନାହାନ୍ତି।

## କ୍ୱିଣ୍ଟନ ଡି କକ୍, ଲୋକେଶ ରାହୁଲଙ୍କ ଦମ୍‌ଦାର ବ୍ୟାଟିଂ

# ସୁପର୍ କିଙ୍ଗ୍‌ସକୁ ହରାଇଲା ସୁପର୍ ଜାଏଣ୍ଟସ

ଲକ୍ଷ୍ନୌ, ୧୯।୪(ଏଜେନ୍ସି)

ଦୁଇ ଓପନର କ୍ୱିଣ୍ଟନ ଡି କକ୍ (୫୪) ଓ ଅଧିନାୟକ ଲୋକେଶ ରାହୁଲ (୮୨)ଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଆଇପିଏଲ୍‌ର ୩୪ତମ ଲିଗ୍ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ୮ ୱିକେଟରେ ଚେନ୍ନାଇ ସୁପର କିଙ୍ଗ୍‌ସକୁ ପରାସ୍ତ କରିଛି। ରବୀନ୍ଦ୍ର ଜାଡେଜାଙ୍କ ଅପରାଜିତ ୫୭ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ସୁପର କିଙ୍ଗ୍‌ସ ୬ ୱିକେଟରେ ୧୭୬ ରନ୍ କରିଥିଲା। ଜବାବରେ ସୁପର ଜାଏଣ୍ଟସ ୧୯ ଓଭରରେ ମାତ୍ର ୨ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଦୁଇ ଓପନର ଅର୍ଦ୍ଧଶତକ ହାସଲ କରିବା ସହ ପ୍ରଥମ ୱିକେଟରୁ ୧୫ ଓଭରରେ ୧୩୪ ରନ୍ ଉଠାଇ ଦଳର ବିଜୟ ରାସ୍ତା ପରିଷ୍କାର କରିଦେଇଥିଲେ। ଡି କକ୍ ୪୩ ବଲ୍‌ରେ ୫ ଚୌକା ଓ ୧ ଛକା ସହ ୫୪ ଏବଂ ରାହୁଲ ୫୩ ବଲ୍‌ରୁ ୯ ଚୌକା ଓ ୩ଛକା ସହ ୮୨ ରନ୍ କରିଥିଲେ। ନିକୋଲସ ପୂରନ ୧୨ ବଲ୍‌ରୁ ଅପରାଜିତ ୨୩ ରନ୍ କରିଥିଲେ। ଏହି ବିଜୟ ପରେ ପଏଣ୍ଟ ସାରଣୀରେ ଲକ୍ଷ୍ନୌ ୪ର୍ଥ ବିଜୟ ସହ ୫ମ ଓ ଚେନ୍ନାଇ ତୃତୀୟ ପରାଜୟ ସହ ତୃତୀୟ ସ୍ଥାନ ବଜାୟ ରଖିଛନ୍ତି।

### ମୋଇନ୍, ଧୋନି ସମ୍ମାନ ରଖିଲେ

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ସୁପର କିଙ୍ଗ୍ ଦ୍ୱିତୀୟ ଓଭରର ପ୍ରଥମ ବଲ୍‌ରେ ତାରକା ଖେଳାଳି ରାଚିନ ରବୀନ୍ଦ୍ର (୦)ଙ୍କୁ ହରାଇଥିଲା। ଆଜିଙ୍କ୍ୟ ରାହାଣେ ଦ୍ୱିତୀୟ ୱିକେଟରେ ଋତୁରାଜ ଗାଏକୱାଡଙ୍କ ସହ ୧୯ ବଲ୍‌ରୁ ୨୯ ଓ ତୃତୀୟ ୱିକେଟରେ ରବୀନ୍ଦ୍ର ଜାଡେଜାଙ୍କ ସହ ୨୩ ବଲ୍‌ରୁ ୩୫ ରନ୍ ଉଠାଇ ପାଳି ସଜାଡ଼ିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଦଳୀୟ ସ୍କୋର ୮୭ରେ ପହଞ୍ଚିଲାବେଳକୁ ଚଳିତବର୍ଷର ସଫଳ ବ୍ୟାଟର ଶିବମ ଦୁବେ (୩)ଙ୍କ ସହ ୪ଜଣ ଖେଳାଳି ପାଭିଲିୟନ ଫେରିଯାଇଥିଲେ। ରାହାଣେ ୨୪ ବଲ୍‌ରେ ୩୬ ଓ ଗାଏକ୍‌ୱାଡ ୧୩ ବଲରୁ ୧୭ ରନ୍ କରିଥିଲେ। ଦଳ ବ୍ୟାଟିଂ ବିପର୍ଯ୍ୟର ସମ୍ମୁଖୀନ ହେବା ଯୋଗୁ ସମୀର ରିଜ୍‌ଭୀଙ୍କୁ ଇମ୍ପାକ୍ଟ ଖେଳାଳି ଭାବେ ଅଣାଯାଇଥିଲା। କିନ୍ତୁ ସେ ମଧ ବେଶି ସମୟ ତିଷ୍ଠି ନ ଥିଲେ। ମାତ୍ର ୧ ରନ୍ କରିବା ପରେ କ୍ରୁନାଲ ପାଣ୍ଡ୍ୟାଙ୍କ ଦ୍ୱାରା ଆଉଟ ହୋଇଥିଲେ। ୧୩ତମ ଓଭରର ଦ୍ୱିତୀୟ ବଲ୍ ସୁଦ୍ଧା ଚେନ୍ନାଇ ୯୦ ରନ୍‌ରେ ୫ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ଗୋଟିଏ ପଟେ ଜାଡେଜା ରହିଥିଲାବେଳେ ଶେଷ ଦୁଇ ବ୍ୟାଟର ମୋଇନ୍ ଖାନ୍ ଓ ମହେନ୍ଦ୍ର ସିଂ ଧୋନି ବିସ୍ଫୋରକ ବ୍ୟାଟିଂ କରି ଦଳର ସମ୍ମାନ ରକ୍ଷା କରିଥିଲେ। ମୋଇନ୍ ଅଲ୍ଲୀ ୨୦ବଲ୍‌ରୁ ୩ ଛକା ସହ ୩୦ ଓ ଧୋନି ମାତ୍ର ୯ ବଲ୍‌ରୁ ୩ ଚୌକା ଓ ୨ ଛକା ସହ ଅପରାଜିତ ୨୮ ରନ୍ କରିଥିଲେ। ରବି ବିଷ୍ଣୋଇଙ୍କ ଗୋଟିଏ ଓଭରରେ ମୋଇନ ୩ଟି ଛକା ମାରିବା ସହ ୫ମ ବଲ୍‌ରେ ଆଉଟ ହୋଇଥିଲେ। ଏମାନଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ ଦଳ ଶେଷ ୪ ଓଭରରେ ୬୩ ରନ୍ ସଂଗ୍ରହ କରିଥିଲା। ଅନ୍ୟପକ୍ଷରେ ଜାଡେଜା ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେ ୪୦ଟି ବଲ୍ ଖେଳି ୫ ଚୌକା ଓ ୧ ଛକା ସହାୟତାରେ ୫୭ ରନ୍ କରିଥିଲେ। ଲକ୍ଷ୍ନୌ ପକ୍ଷରୁ ପ୍ରଥମ ୧୩ ଓଭର ବୋଲରଙ୍କ ନିୟନ୍ତ୍ରଣରେ ରହିଥିଲା। କିନ୍ତୁ ଏହାପରେ ବ୍ୟାଟରଙ୍କ ପ୍ରାଧାନ୍ୟ ବଢ଼ିଥିଲା। କ୍ରୁନାଲ ପାଣ୍ଡ୍ୟା ସର୍ବାଧିକ ୨ଟି ୱିକେଟ ପାଇଥିଲେ। ମୋହସିନ ଖାନ୍, ଯଶ ଠାକୁର, ରବି ବିଷ୍ଣୋଇ ଓ ମାର୍କସ ଷ୍ଟୋଇନିସ୍‌ଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।





**ଆଇପିଏଲ୍-୧୭**
**ଆଜିର ମ୍ୟାଚ୍**
**ଦିଲ୍ଲୀ-ହାଇଦ୍ରାବାଦ୍**
ସ୍ଥାନ- ଦିଲ୍ଲୀ, ସମୟ- ରାତି ୭.୩୦
- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

## ପାଣ୍ଡ୍ୟାଙ୍କ ଉପରେ ୧୨ ଲକ୍ଷ ଟଙ୍କା ଜରିମାନା



ମୁଲ୍ଲାନପୁର, ୧୯।୪(ଏଜେନ୍ସି): ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ୧୨ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ଏଠାରେ ଗୁରୁବାର ଅନୁଷ୍ଠିତ ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍‌ରେ ମୁମ୍ବାଇ ଧିମା ବୋଲିଂ କରିବା କାରଣରୁ ପାଣ୍ଡ୍ୟାଙ୍କୁ ଦଣ୍ଡିତ କରାଯାଇଛି ବୋଲି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ତରଫରୁ କୁହାଯାଇଛି। ଏହି ମ୍ୟାଚ୍‌ରେ ପଞ୍ଜାବ ଜବରଦସ୍ତ ଲଢ଼େଇ କରିଥିଲେ ମଧ ମାତ୍ର ୯ ରନ ପାଇଁ ପରାସ୍ତ ହୋଇଥିଲା। ମୁମ୍ବାଇ ପ୍ରଥମଥର ପାଇଁ ଏଭଳି ତ୍ରୁଟି କରିଥିବାରୁ ଅଧିକ ପରିମାଣରେ ଦଣ୍ଡିତ କରାଯାଇ ନାହିଁ ବୋଲି କୁହାଯାଇଛି। ଯଦି ମୁମ୍ବାଇ ଦଳ ପୁଣି ଥରେ ଏଭଳି ତ୍ରୁଟି କରେ ତେବେ ଦଣ୍ଡର ପରିମାଣ ଅଧିକ ହୋଇପାରେ।

## ଧୋନିଙ୍କ ଲାଗି ଟିକଟ କଳାବଜାରୀ

ଲକ୍ଷ୍ନୌ, ୧୯।୪(ଏଜେନ୍ସି): ଚେନ୍ନାଇ ସୁପର କିଙ୍ଗସ ଅଭିଜ୍ଞ ବ୍ୟାଟର ତଥା ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ପାଇଁ ଶୁକ୍ରବାର ଅନୁଷ୍ଠିତ ଆଇପିଏଲ ମ୍ୟାଚ୍‌ରେ ବ୍ୟାପକ ଭାବେ ଟିକଟ କଳାବଜାରୀ ହୋଇଛି। ସ୍ଥାନୀୟ ଏକନା ଷ୍ଟାଡିୟମରେ ଲିଗ୍‌ର ଏହି ୩୪ତମ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ଓ ଚେନ୍ନାଇ ପରସ୍ପରକୁ ଭେଟିଥିଲେ। ଧୋନିଙ୍କର ଏହା ଶେଷ ଆଇପିଏଲ ବୋଲି ମନେ କରାଯାଉଛି। ଫଳରେ ନିଜ ପସନ୍ଦର କ୍ରିକେଟରଙ୍କୁ ସବୁ ପ୍ରଶଂସକ ଦେଖିବାକୁ ଚାହାନ୍ତି। ପୁଣି ଧୋନିଙ୍କ ଲୋକପ୍ରିୟତା ଆଦୌ କମ୍ ହୋଇ ନଥିବାରୁ ପ୍ରଶଂସକଙ୍କ ମଧ୍ୟରେ ଟିକଟ ପାଇବା ଲାଗି ପ୍ରବଳ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ମ୍ୟାଚ୍‌ର ୩ ଦିନ ପୂର୍ବରୁ ସବୁ ଟିକେଟ ବିକ୍ରି ସରିଥିଲା। ଫଳରେ ଟିକଟ କଳାବଜାରୀ ହୋଇଥିଲା। ଦଲାଲମାନେ ନକଲି ମେଲ ଆଇଡି ଦ୍ୱାରା ବ୍ଲାକରେ ଟିକଟ କ୍ରୟ କରିଥିଲେ। ୧୬୦୦ ଟଙ୍କା ମୂଲ୍ୟର ଟିକଟକୁ ସେମାନେ ୩ ହଜାର ଓ ୨୫୦୦ ଟଙ୍କା ମୂଲ୍ୟର ଟିକଟକୁ ୫୦୦୦ ଟଙ୍କାରେ ବିକ୍ରି କରୁଛନ୍ତି। ପ୍ରଶଂସକମାନେ ମଧ ବିନା ଦ୍ୱିଧାରେ ବ୍ଲାକରେ ଟିକଟ କ୍ରୟ କରିବାକୁ ପଛାଇ ନଥିଲେ।

## ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୭ | ୬ | ୧ | ୧୨ | +୦.୬୭୭ |
| କୋଲକାତା | ୬ | ୪ | ୨ | ୮ | +୧.୩୯୯ |
| ଚେନ୍ନାଇ | ୭ | ୪ | ୩ | ୮ | +୦.୫୨୯ |
| ହାଇଦ୍ରାବାଦ | ୬ | ୪ | ୨ | ୮ | +୦.୫୦୨ |
| ଲକ୍ଷ୍ନୌ | ୭ | ୪ | ୩ | ୮ | +୦.୧୨୩ |
| ଦିଲ୍ଲୀ | ୭ | ୩ | ୪ | ୬ | -୦.୦୭୪ |
| ମୁମ୍ବାଇ | ୭ | ୩ | ୪ | ୬ | -୦.୧୩୩ |
| ଗୁଜରାଟ | ୭ | ୩ | ୪ | ୬ | -୧.୩୦୩ |
| ପଞ୍ଜାବ | ୭ | ୨ | ୫ | ୪ | -୦.୨୫୧ |
| ବେଙ୍ଗାଲୁରୁ | ୭ | ୧ | ୬ | ୨ | -୧.୧୮୫ |

## ୨୦ତମ ଓଭରରେ ଧୋନିଙ୍କ କମାଲ୍

ଲକ୍ଷ୍ନୌ, ୧୯।୪ (ଏଜେନ୍ସି)

ମହେନ୍ଦ୍ର ସିଂ ଧୋନି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ମ୍ୟାଚ୍ ଫିନିଶର୍ ଭାବେ ପରିଚିତ ଧୋନି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଅନେକଥର ଅନ୍ତିମ ଓଭରରେ ଦଳକୁ ରୋମାଞ୍ଚକ ବିଜୟ ଭେଟି ଦେଇସାରିଛନ୍ତି। ଚଳିତ ଆଇପିଏଲର ଅନ୍ତିମ ତଥା ୨୦ତମ ଓଭରରେ ମଧ ଧୋନି ବୋଲରଙ୍କୁ ବେଶ୍ ଧୁଲେଇ କରିଛନ୍ତି। ଆଇପିଏଲ୍ ଇତିହାସ ଉପରେ ନଜର ପକାଇଲେ ଧୋନି ଆଜି ପର୍ଯ୍ୟନ୍ତ ଏହି ଲିଗ୍‌ର ୨୦ତମ ଓଭରରେ ୩୧୩ ବଲ୍ ଖେଳି ସାରିଛନ୍ତି। ଏଥିରେ ସେ ୨୪୬.୬୪ ଷ୍ଟ୍ରାଇକରେଟ୍‌ରେ ୭୭୨ ରନ ସଂଗ୍ରହ କରିଛନ୍ତି। ଧୋନି ସାମ୍ନା କରିଥିବା ଏହି ୩୧୩ ବଲରୁ ୫୩ଟି ଚୌକା ଓ ୬୫ଟି ଛକା ଦେଖିବାକୁ ମିଳିଛି। ଅପରପକ୍ଷରେ ଯଦି ଚଳିତ ଆଇପିଏଲ୍-୧୭ର ୨୦ତମ ଓଭରକୁ ନଜର ପକାଇବା ତେବେ ଧୋନି ୧୬ ବଲରୁ ୫୭ ରନ କରିଛନ୍ତି। ଏହା ମଧରେ ସେ ୪ ଚୌକା ଓ ୬ ଛକା ମାରିଛନ୍ତି।

## ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ କୁସ୍ତି | ଦୀପକ, ସୁଜିତଙ୍କୁ ସୁଯୋଗ ଦିଆଗଲାନି



ବିସ୍‌କେକ୍, ୧୯।୪(ଏଜେନ୍ସି): କ୍ରମାଗତ ଦ୍ୱିତୀୟ ଦିନରେ ଭାରତର ଅଲିମ୍ପିକ୍ ପ୍ରତ୍ୟାଶୀଙ୍କୁ ଝଟ୍‌କା ଲାଗିଛି। ଗତକାଲି ଆଘାତ ଜନିତ କାରଣରୁ ଆଥ୍‌ଲେଟ ଶ୍ରୀଶଙ୍କର ପ୍ୟାରିସ୍ ଅଲିମ୍ପିକ୍ସରୁ ବାଦ୍ ପଡ଼ିଥିଲେ। ସେହିପରି ଭାରତର ଦୁଇ ପଦକ ଆଶାୟୀ ଦୀପକ ପୁନିଆ ଓ ସୁଜିତ କାଲକଲଙ୍କୁ ଏଠାରେ ଆରମ୍ଭ ହୋଇଥିବା ଏସିଆନ୍ ଅଲିମ୍ପିକ୍ କ୍ୱାଲିଫାୟରରେ ବିଳମ୍ବରେ ପହଞ୍ଚିଥିବାରୁ ଭାଗ ନେବାକୁ ସୁଯୋଗ ଦିଆଗଲାନାହିଁ। ଯାହା ଫଳରେ ଅତିକମ୍‌ରେ ପ୍ୟାରିସ୍ ଟିକଟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଅବଶ୍ୟ ଏମାନଙ୍କ ଲାଗି ପ୍ୟାରିସ୍ ଯିବାକୁ ଆଉ ଗୋଟିଏ ସୁଯୋଗ ରହିଛି। ତାହା ହେଉଛି ଆସନ୍ତାମାସ ହେବାକୁ ଥିବା ବିଶ୍ୱ କ୍ୱାଲିଫାୟର୍ସ। ଏଥିରେ ସଫଳ ହେଲେ ଉଭୟ ଖେଳାଳିଙ୍କୁ ଅଲିମ୍ପିକ୍ ଟିକଟ ମିଳିବ।

ସୂଚନାଯୋଗ୍ୟ ପ୍ରବଳ ବର୍ଷା ହେବାରୁ ଦୀପକ ଓ ସୁଜିତଙ୍କ ସହ ସେମାନଙ୍କ କୋଚ୍ ଦୁବାଇରେ ଅଟକିରହିଥିଲେ। ମଙ୍ଗଳବାରଠାରୁ ଦୁବାଇ ଏୟାରପୋର୍ଟରେ ଏମାନେ ଥିଲେ। ଏସିଆନ ଅଲିମ୍ପିକ୍ କ୍ୱାଲିଫାୟର୍ସ ଆୟୋଜନ କରୁଥିବା ବିସ୍‌କେକ୍ ସହରରେ ପ୍ରତିଯୋଗୀଙ୍କ ଓଜନ ମାପ କରାଯିବା ସମୟରେ ଉଭୟ ପ୍ରତିଯୋଗୀ ସେମାନଙ୍କ ସପୋର୍ଟ ଷ୍ଟାଫ୍ ସହ ପହଞ୍ଚିଥିଲେ। କିନ୍ତୁ ଆୟୋଜକମାନେ ଏହି ପ୍ରତିଯୋଗିତାରେ ଭାଗ ନେବାକୁ ସୁଯୋଗ ଦେଲେ ନାହିଁ। ଯାହା ଫଳରେ ଏଭଳି ଅବସ୍ଥା ସୃଷ୍ଟି ହୋଇଛି।

ଫୋଗଟଙ୍କ ଲାଗି ସୁଯୋଗ: ଏହି ପ୍ରତିଯୋଗିତାରେ ୪ଜଣ ମହିଳା କୁସ୍ତିଯୋଦ୍ଧା ମଧ ପ୍ୟାରିସ୍ ଟିକଟ ଲାଗି ଆଶାୟୀ ଅଛନ୍ତି। ସେମାନଙ୍କ ମଧ୍ୟରେ ବିବାଦୀୟ ବିନେଶ ଫୋଗଟ ମଧ ରହିଛନ୍ତି। କୁସ୍ତି ମହାସଂଘ ସହ ତାଙ୍କର ଭଲ ସମ୍ପର୍କ ନ ଥିବାରୁ ସେ ତାଙ୍କ ପ୍ରିୟ ଓଜନ କାଟାଗୋରୀର ୫୩କେଜିରୁ କମାଇ ୫୦ କେଜିରେ ଭାଗ ନେଉଛନ୍ତି। ଏହି କାଟାଗୋରୀରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଦୁର୍ବଳ ରହିଛନ୍ତି। ଏଣୁ ତାଙ୍କ ନିକଟରେ ପ୍ୟାରିସ୍ ଯିବାର ଯଥେଷ୍ଟ ସମ୍ଭାବନା ରହିଛି।

■ ଷ୍ଟଟ୍‌ଗାର୍ଟ ଓପନ୍ ଡବ୍ଲ୍ୟୁଟିଏ

## ସାବାଲେଙ୍କାଙ୍କ ବିପର୍ଯ୍ୟୟ

ଷ୍ଟର୍ଟଗାର୍ଟ, ୧୯।୪(ଏଜେନ୍ସି): ଏଠାରେ ଚାଲିଥିବା ଷ୍ଟର୍ଟଗାର୍ଟ ଓପନ୍ ଡବ୍ଲ୍ୟୁଟିଏ ଟୁର୍ଣ୍ଣାମେଣ୍ଟରେ କାଜାଖସ୍ତାନର ଏଲିନା ରିବାକିନା ଏକକ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଚତୁର୍ଥ ସିଡ୍ ମାନ୍ୟତା ପାଇଥିବା ରିବାକିନା ୬-୩, ୫-୭, ୬-୩ ସେଟ୍‌ରେ ଇଟାଲୀର ଜାସ୍‌ମିନ ପାଓଲିନିଙ୍କୁ ପରାସ୍ତ କରି ସେମି ଟିକଟ ହାସଲ କରିଛନ୍ତି। କିନ୍ତୁ ବେଲାରୁଷ ତାରକା ଖେଳାଳି ଅରିନା ସାବାଲେଙ୍କା ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି। ଅନ୍ୟଏକ କ୍ୱାର୍ଟର ଫାଇନାଲରେ ଷଷ୍ଠ ସିଡ୍ ମାନ୍ୟତା ପାଇଥିବା ଚେକ୍ ଗଣରାଜ୍ୟର ମାର୍କେଟା ଭୋଣ୍ଡ୍ରୋଲଶୋଭା ୩-୬, ୬-୩, ୭-୫ ସେଟ୍‌ରେ ଦ୍ୱିତୀୟ ସିଡ୍ ଖେଳାଳି ସାବାଲେଙ୍କାଙ୍କୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇବା ସହ ସେମିକୁ ଉଠିଛନ୍ତି। ସେହିପରି ବାକି ଦୁଇଟି କ୍ୱାର୍ଟର ଫାଇନାଲରେ ଟପ୍ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ ଓ ବ୍ରିଟେନର ଇମା ରାଡୁକାନୁ ଏବଂ ତୃତୀୟ ସିଡ୍ ଆମେରିକାର କୋକୋ ଗଫ୍ ଓ ୟୁକ୍ରେନର ମାର୍ତା କୋଷ୍ଟିକ ପରସ୍ପରକୁ ଭେଟିବେ।

## ବିଏମ୍‌ଡବ୍ଲ୍ୟୁ ଓପନ୍ ଫାଇନାଲରେ ଭାମ୍ବ୍ରୀ

ମ୍ୟୁନିକ, ୧୯।୪ (ଏଜେନ୍ସି): ଭାରତୀୟ ଟେନିସ ତାରକା ୟୁକି ଭାମ୍ବ୍ରୀ ଜର୍ମାନୀରେ ଚାଲିଥିବା ବିଏମ୍‌ଡବ୍ଲ୍ୟୁ ଓପନ୍‌ର ପୁରୁଷ ଯୁଗଳ ଫାଇନାଲରେ ପ୍ରବେଶ କରିଛନ୍ତି। ଫ୍ରାନ୍ସର ଆଲବାନୋ ଓଲିଭେଟ୍ଟିଙ୍କୁ ସାଥୀ କରି ଖେଳୁଥିବା ଭାମ୍ବ୍ରୀ ଶୁକ୍ରବାର ସେମିଫାଇନାଲ ମୁକାବିଲାରେ ୬-୧, ୬-୭, ୧୦-୭ ସେଟ୍‌ରେ ଅଷ୍ଟ୍ରିଆ ଯୋଡ଼ି ଆଲେକ୍ସଜାଣ୍ଡର ଏର୍ଲର ଓ ଲୁକାସ ମିଏଲ୍ଲରଙ୍କୁ ପରାସ୍ତ କରିଥିଲେ। ପୂର୍ବରୁ କ୍ୱାର୍ଟର ଫାଇନାଲରେ ଏହି ଇଣ୍ଡୋ-ଫ୍ରାନ୍ସ ଯୋଡ଼ି ୬-୩, ୬-୩ ସିଧାସଳଖ ସେଟ୍‌ରେ ଇଭାନ କିଙ୍ଗ୍ ଓ ରବର୍ଟ ଗାଲୱେ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଫାଇନାଲରେ ପ୍ରବେଶ ସହ ଭାମ୍ବ୍ରୀଙ୍କ ପ୍ୟାରିସ ଅଲିମ୍ପିକ୍ସ ଯୋଗ୍ୟତା ଆହୁରି ସୁଦୃଢ଼ ହୋଇଛି।

**ଇଣ୍ଡିଆନ ସୁପର ଲିଗ୍**

# ପ୍ରଥମଥର ସେମିରେ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୧୯।୪(ସମିସ)

ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ର ଚଳିତ ୧୦ମ ସଂସ୍କରଣରେ ଓଡ଼ିଶା ଏଫ୍‌ସି ତୃତୀୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ସ୍ଥାନୀୟ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ପ୍ଲେ- ଅଫ୍ ମୁକାବିଲାରେ ଓଡ଼ିଶା ଅତିରିକ୍ତ ଟାଇମ୍‌ରେ ୨-୧ ଗୋଲରେ କେରଳା ବ୍ଲାଷ୍ଟର୍ସ ଏଫ୍‌ସିକୁ ପରାସ୍ତ କରି ପ୍ରଥମଥର ପାଇଁ ସେମିଫାଇନାଲରେ ପ୍ରବେଶ କରିଛି। ଏଥସହ ଘରୋଇ ଗ୍ରାଉଣ୍ଡରେ ଓଡ଼ିଶା ତା’ର ଅପରାଜେୟ ଧାରାକୁ ବଜାୟ ରଖିବାରେ ସକ୍ଷମ ହୋଇଛି। ଗୋଟିଏ ଗୋଲ ବ୍ୟବଧାନରେ ପଛରେ ପଡ଼ିଥିଲେ ମଧ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଓଡ଼ିଶା କେରଳାଠାରୁ ମ୍ୟାଚ ଛଡାଇ ନେଇଥିଲା। ଶନିବାର ଗୋଆ ଫଟୋର୍ଡା ଷ୍ଟାଡିୟମରେ ଦ୍ୱିତୀୟ ପ୍ଲେ-ଅଫ୍ ମୁକାବିଲାରେ ଏଫ୍‌ସି ଗୋଆ ଓ ଚେନ୍ନାଇନ ଏଫ୍‌ସି ପରସ୍ପରକୁ ଭେଟିବେ। ଓଡ଼ିଶା ସେମିରେ ଏବେ ଲିଗ୍ ଶିଲ୍ଡ ବିଜେତା ମୋହନବାଗାନକୁ ଭେଟିବ।

ରୋମାଞ୍ଚକ ଏହି ପ୍ଲେ- ଅଫ୍ ମ୍ୟାଚ୍‌ରେ ଲିଥୁଆନିଆ ଷ୍ଟ୍ରାଇକର ଫେଡୋର ସେରନିକ ୬୭ତମ ମିନିଟ୍‌ରେ ଏକ ଚମତ୍କାର ଫିଲ୍ଡ ଗୋଲ ଦେଇ କେରଳାକୁ ଅଗ୍ରଣୀ କରାଇଥିଲେ। ଫଳରେ ଷ୍ଟାଡିୟମରେ ଉପସ୍ଥିତ ଘରୋଇ ଦର୍ଶକ ନିରାଶ ହୋଇଥିଲେ। କିନ୍ତୁ ଏହା ପୂର୍ବରୁ ପ୍ରଥମାର୍ଦ୍ଧରେ ଦୁଇ ଦଳ ମଧ୍ୟରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ଉଭୟ ଦଳ କେତୋଟି ସୁଯୋଗ ପାଇଥିଲେ ମଧ ଗୋଲ ଦେଇପାରି ନଥିଲେ। ବ୍ରାଜିଲ ଷ୍ଟ୍ରାଇକର ଡିଏଗୋ ମୌରିସିଓ ୮୭ତମ ମିନିଟ୍‌ରେ ମିଳିଥିବା ଏକ ପାସ୍‌କୁ ଗୋଲରେ ପରିଣତ କରି ମ୍ୟାଚ୍ ୧-୧ ଗୋଲ ବରାବର ସ୍ଥିତିକୁ ଆଣିଥିଲେ। ଏହାପରେ ମ୍ୟାଚ୍‌ରେ ଉତ୍କଣ୍ଠା ବଢ଼ିଥିଲା। ଇଞ୍ଜୁରୀ ଟାଇମ ବାବଦରେ ୭ ମିନିଟ୍ ଖେଳ ହୋଇଥିଲେ ମଧ ଆଉ ଗୋଲ ସମ୍ଭବ ହୋଇ ନଥିଲା ଓ ମ୍ୟାଚ୍ ଅମୀମାଂସିତ ରହିଥିଲା। ଫଳରେ ମ୍ୟାଚ୍ ଅତିରିକ୍ତ ସମୟକୁ ଯାଇଥିଲା। ଅତିରିକ୍ତ ସମୟର ୮ମ ମିନିଟ୍‌ରେ ମିଜୋରାମ୍‌ର ଆଇଜାକ୍ ଭନାଲାଲରୁଆତଫେଲା ଗୋଲ ଦେଇ ଓଡ଼ିଶାକୁ ୨-୧ରେ ଅଗ୍ରଣୀ କରାଇଥିଲେ। ସାରା ମ୍ୟାଚ୍‌ରେ କଡ଼ା ସଂଘର୍ଷ ଓ ରୋମାଞ୍ଚ ଦେଖିବାକୁ ମିଳିଥିଲା।



ସାରା ମ୍ୟାଚ୍‌ରେ କିନ୍ତୁ ଓଡ଼ିଶା ପ୍ରଭାବ ବିସ୍ତାର କରି ଖେଳିଥିଲା। ଘରୋଇ ପରିବେଶ ଓ ଦର୍ଶକଙ୍କ ସମର୍ଥନ ଓଡ଼ିଶା ପାଇ ସୁବିଧାଜନକ ସ୍ଥିତି ସୃଷ୍ଟି କରିଥିଲା। ଓଡ଼ିଶା ଖେଳାଳିମାନେ ଅପେକ୍ଷାକୃତ ଅଧିକ ସମୟ ବଲ୍‌କୁ ନିଜ ଅକ୍ତିଆରରେ ରଖିଥିଲେ। ପାସ ଦେବାରେ ମଧ ଓଡ଼ିଶା ଯଥେଷ୍ଟ ଆଗରେ ରହିଥିଲା। ନିର୍ଭୁଲ ପାସ ଦେବାରେ କେରଳା ସାମାନ୍ୟ ପଛରେ ରହିଥିଲା। ସଟ୍‌ରେ ଓଡ଼ିଶା ଆଗରେ ରହିଥିଲେ ମଧ ଗୋଲ ପୋଷ୍ଟକୁ ସଟ୍ ମାରିବାରେ କେରଳ ଖେଳାଳି ସାମାନ୍ୟ ଆଗରେ ରହିଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର